# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୩/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, June 13/2019 | ★★★★★★

୪୫ଶ ଭାଗ ୧୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ‘୮୩’ରେ ଦୀପିକା ପାଦୁକୋନ

ଚଳଚ୍ଚିତ୍ର ‘୮୩’ରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ନିଆଯାଇଛି। ଏହି ଚଳଚ୍ଚିତ୍ରରେ ସେ ସ୍ୱାମୀ ରଣବୀର ସିଂଙ୍କ ସହ ଅଭିନୟ କରିବେ।

୦୭

୧୮

## ୱାର୍ନରଙ୍କ ଶତକରେ ଅଷ୍ଟ୍ରେଲିଆ ବିଜୟୀ

ଡେଭିଡ ୱାର୍ନରଙ୍କ ଶତକ ସହାୟତାରେ ଅଷ୍ଟ୍ରେଲିଆ ଆଇସିସି ବିଶ୍ୱକପ୍‌ର ବୁଧବାର ମ୍ୟାଚ୍‌ରେ ପାକିସ୍ତାନକୁ ପରାସ୍ତ କରିଛି ।








# ୪୨ ଡିଗ୍ରୀ ଖରାରେ ଦୌଡ଼ାଇଲେ

## ମହିଳା ଅଫିସରଙ୍କ ସମେତ ୨୪ରୁ ଊର୍ଦ୍ଧ୍ୱ ଅଚେତ

- ଆମ୍ବୁଲାନ୍ସ ଡ୍ରାଇଭର ନ ଥିଲେ, ସ୍କୁଟିରେ ବୁହାହେଲେ
- ଲାଗିଲା ଅକ୍ସିଜେନ, ସାଲାଇନ୍; ଚାପା ଉତ୍ତେଜନା

**ଭୁବନେଶ୍ୱର,୧୨ା୬(ବ୍ୟୁରୋ)** ଚନ୍ଦକାସ୍ଥିତ ଏସ୍ଓଜି ଟ୍ରେନିଂ ସେଣ୍ଟରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ୪୨.୪ ଡିଗ୍ରୀ ଖରାରେ ଟ୍ରେନିଂ ଚାଲିଥିଲାବେଳେ ଜଣେ ମହିଳା ପୋଲିସ ଅଫିସରଙ୍କ ସମେତ ୨୪ରୁ ଊର୍ଦ୍ଧ୍ୱ ଅଚେତ ହୋଇପଡିଥିଲେ। ଆମ୍ବୁଲାନ୍ସ ବଦଳରେ ସେମାନଙ୍କୁ ସ୍କୁଟିରେ ବୋହି ଟ୍ରେନିଂ ସେଣ୍ଟର ପରିସର ହସ୍ପିଟାଲକୁ ଅଣାଯାଇଥିଲା। ତୁରନ୍ତ ଅକ୍ସିଜେନ ଓ ସାଲାଇନ୍ ଲଗାଯାଇ ଚିକିତ୍ସା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଉପରିସ୍ଥ ଅଧିକାରୀଙ୍କୁ ଦାୟୀ କରି ଅସୁସ୍ଥ ଟ୍ରେନି ଯବାନ ଓ ପୋଲିସ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଚନ୍ଦକାସ୍ଥିତ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍ଓଜି) ଟ୍ରେନିଂ ସେଣ୍ଟରରେ ସକାଳ ସାଢ଼େ ୫ଟାରୁ ସାଢ଼େ ୯ଟା ଓ ଅପରାହ୍ନ ସାଢ଼େ ୩ଟାରୁ ସାଢ଼େ ୬ଟା ରେଗୁଲାର ଟ୍ରେନିଂ ହୁଏ। ୫ କେଜି ଓଜନର ବନ୍ଧୁକ ଓ ୧୦ କେଜି ଓଜନର ସାମଗ୍ରୀ ଥିବା ବ୍ୟାଗ୍ କାନ୍ଧ ଓ ପିଠିରେ ଲଦି ଟ୍ରେନିଂ ନେବାକୁ ପଡେ। ପୂର୍ବରୁ ସମସ୍ତ ଯବାନ ଓ ମାଓବାଦୀ ଅଞ୍ଚଳରେ କାର୍ଯ୍ୟରତ ପୋଲିସ ଅଫିସରଙ୍କୁ ଏହି ଟ୍ରେନିଂ ଦିଆଯାଇଥାଏ। ଏବେ ସମସ୍ତ ପୋଲିସ ଅଧିକାରୀଙ୍କ ପାଇଁ ଏସ୍ଓଜି ଟ୍ରେନିଂ ବାଧ୍ୟତାମୂଳକ କରାଯାଇଛି। ବୁଧବାର ସକାଳେ ରେଗୁଲାର ଟ୍ରେନିଂ ପରେ ସ୍ୱତନ୍ତ୍ର ଟ୍ରେନିଂ ଆରମ୍ଭ ହୋଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍ଓଜି ଯବାନ, ୭ଜଣ ଡିଏସ୍‌ପି ର୍ୟାଙ୍କ୍‌ର ମହିଳା ପୋଲିସ ଅଧିକାରୀ ଓ ୩୦ଜଣ ପୋଲିସ ଏସ୍ଆଇ ଥିଲେ। ବୁଧବାର ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୨.୪ ଡିଗ୍ରୀ ରହିଥିଲାବେଳେ ସକାଳ ୯ଟାରୁ ପ୍ରବଳ ତାତି ଅନୁଭୂତ ହୋଇଥିଲା। ସ୍ୱତନ୍ତ୍ର ଟ୍ରେନିଂ ବେଳକୁ ତାପମାତ୍ରା ଆହୁରି ବଢ଼ିଯାଇଥିଲା। ଝାଞ୍ଜିରେ ମୁହଁ ପୋଡ଼ିଗଲା ଭଳି ଲାଗୁଥିଲା। ଦୌଡୁଥିବାବେଳେ ପ୍ରଥମେ କେତେଜଣ ଅସୁସ୍ଥ ଅନୁଭବ କରୁଥିବା ନେଇ ଟ୍ରେନିଂ ଅଫିସରଙ୍କୁ ଜଣାଇଥିଲେ। ହେଲେ ଉପରିସ୍ଥ ଅଫିସର କିଛି ନ ଶୁଣି ଦୌଡ଼ିବାକୁ କହିଥିଲେ। ☞ପୃଷ୍ଠା-୪



ଡ୍ରାଇଭର ନଥିବାରୁ ଆମ୍ବୁଲାନ୍ସ ଅକାମୀ: ଅସୁସ୍ଥଙ୍କୁ ଦୁଇଚକିଆ ଯାନରେ ଡାକ୍ତରଖାନା ନିଆଯାଉଛି।

## ଏସ୍ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା

- ଏନ୍ଏଚ୍ଆର୍‌ସି, ଥାନାରେ ଏସ୍ଆଇଙ୍କ ଅଭିଯୋଗ
- ଦୁର୍ନୀତି ନେଇ ମୁହଁ ଖୋଲିଲେ ଅନ୍ୟ କେତେଜଣ ଯବାନ

**ଭୁବନେଶ୍ୱର,୧୨ା୬(ବ୍ୟୁରୋ)** ଚନ୍ଦକାସ୍ଥିତ ଏସ୍ଓଜି ଟ୍ରେନିଂ ସେଣ୍ଟରରେ ଦିଆଯାଉଛି ନିର୍ଯାତନା। ଅଭିଯୋଗ କଲେ ମିଳୁଛି ଚାକିରି ନେଇଯିବାର ଧମକ। ଏଠାରେ ଟ୍ରେନିଂ ନେଉଥିବା ପୋଲିସ ଏସ୍ଆଇ ବିଶ୍ୱଜିତ୍ ବେହେରା ଟ୍ରେନିଂ କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଆଣିଛନ୍ତି ଏପରି ଅଭିଯୋଗ। ଏନେଇ ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି) ଓ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍‌ସି)ଙ୍କ ନିକଟକୁ ଅଭିଯୋଗ ପଠାଇଛନ୍ତି। ଥାନାରେ ବିଶ୍ୱଜିତ୍ କରିଥିବା ଅଭିଯୋଗ ଅନୁସାରେ, ସେ କେନ୍ଦୁଝର ଜିଲା ଘଟଗାଁ ଥାନାର ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE | 12.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

ଅଣ୍ଡା ଓ ହୃଦ୍‌ରୋଗ

**ଆଜିର ମନ୍ତବ୍ୟ**

“ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ଅସ୍ତ୍ର ତ୍ୟାଗ କରି ଆଲୋଚନାର ଟେବୁଲକୁ ଆସିବା ଉଚିତ।

-ସତ୍ୟପାଳ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

# ବାର୍ କାଉନ୍‌ସିଲ ଅଧ୍ୟକ୍ଷାଙ୍କୁ ହତ୍ୟା

## କୋର୍ଟ ଭିତରେ କାଣ୍ଡ ଭିଆଇବା ପରେ ନିଜକୁ ଗୁଳି କଲେ ସହକର୍ମୀ ଓକିଲ

**ଆଗ୍ରା,୧୨ା୬ (ପି.ଟି./ଆଇଏଏନ୍ଏସ୍)** ଉତ୍ତରପ୍ରଦେଶର ତାଜନଗରୀ ଆଗ୍ରାରେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ରାଜ୍ୟ ବାର୍ କାଉନ୍‌ସିଲର ପ୍ରଥମ ମହିଳା ଅଧ୍ୟକ୍ଷ ଦରବେଶ ଯାଦବଙ୍କୁ ଏକ କୋର୍ଟ ପରିସରରେ ଜଣେ ଆଇନଜୀବୀ ଗୁଳିକରି ହତ୍ୟା କରିଛନ୍ତି। ଏହି କାଣ୍ଡ ଭିଆଇବା ପରେ ଅଭିଯୁକ୍ତ ମନୀଷ୍ ଶର୍ମା ନିଜେ ନିଜକୁ ଗୁଳିକରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏଟା ନିବାସୀ ଦରବେଶ ଯାଦବ ଦୁଇଦିନ ତଳେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବାର୍ କାଉନ୍‌ସିଲ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ବୁଧବାର ତାଙ୍କୁ ଆଗ୍ରା ସିଭିଲ କୋର୍ଟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ବିଜୟ ଶୋଭାଯାତ୍ରା କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ସେ ବରିଷ୍ଠ ଓକିଲ ଅରବିନ୍ଦ କୁମାର ମିଶ୍ରଙ୍କ ଚାମ୍ବରକୁ ସମର୍ଥନ ପାଇଁ ଧନ୍ୟବାଦ ଦେବାକୁ ଯାଇଥିଲେ। ଦରବେଶଙ୍କ ଘନିଷ୍ଠ ସହଯୋଗୀ ମନୀଷ୍ ଶର୍ମା ମଧ୍ୟ ସେଠାକୁ ଯାଇଥିଲେ। କୌଣସି କଥାକୁ ନେଇ ଦରବେଶ ଓ ମନୀଷଙ୍କ ମଧ୍ୟରେ ବିବାଦ ହୋଇଥିଲା। ମନୀଷ ଏଥିରେ ଉତ୍ତ୍ୟକ୍ତ ହୋଇ ନିଜ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଖୁବ୍ ନିକଟରୁ ☞ପୃଷ୍ଠା-୪



ଦରବେଶ ଯାଦବ












INSTITUTE OF ENTREPRENEURSHIP DEVELOPMENT, ODISHA
*An Institute of*
MSME Department, Govt. of Odisha

**Admission Notice for 2019-20**

**IMBA**

Integrated Master in Business Administration-5Yrs
*(Affiliated to Utkal University)*

QUALITY EDUCATION IN GOVT. INSTITUTE
AFFORDABLE COURSE FEES ₹ 25,000/- per Annum (First 3 yrs BBA module), ₹ 60,000/- per Annum (For last 2 yrs MBA module)

Eligibility : 10+2 (Arts/Science/Commerce/Diploma program) from a recognized Board/University with minimum 45% mark for admission into First Year of IMBA.

For Lateral Entry into 4th Year (MBA Module of IMBA), Students having passed 3year BBA from any recognized University with atleast 50% marks in aggregate can apply.

Application form is available at the Institute or can be downloaded from Institutes website www.iedodisha.nic.in. The filled in application can be submitted alongwith DD for ₹ 500/- (₹ 200/- for SC/ ST candidates) in favour of IED Odisha IMBA payable at Bhubaneswar on or before 27.06.2019 (Thursday).

123, Sect-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609, 2587176, Mob. 9437036346, 7978120939



“ଇସ୍‌ଲାମାବାଦ ପାକିସ୍ତାନରେ ଆତଙ୍କବାଦର ମୂଳୋତ୍ପାଟନ ନ କରିବା ଯାଏ ଭାରତ ସହ ଉଚ୍ଚସ୍ତରୀୟ ବୈଠକର କିଛି ସୁଫଳ ମିଳିବ ନାହିଁ।

-ହୁସେନ୍ ହକ୍କାନି, ଆମେରିକାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରଦୂତ

## ସଂକ୍ଷେପରେ

### ସନ୍ ୱେଇଡୋଙ୍ଗ୍ ଚାଇନା ରାଷ୍ଟ୍ରଦୂତ



ବେଜିଂ,୧୨।୬(ପି.ଟି.): ବରିଷ୍ଠ କୂଟନୀତିଜ୍ଞ ସନ୍ ୱେଇଡୋଙ୍ଗ୍‌ଙ୍କୁ ଚାଇନା ଭାରତରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦେଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିବାବେଳେ ତାଙ୍କ ସହ ଦକ୍ଷିଣ ଏସିଆ ବ୍ୟାପାର ବିଶେଷଜ୍ଞ ୱେଇଡୋଙ୍ଗ୍ ଘନିଷ୍ଠ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ପାକିସ୍ତାନ ରାଷ୍ଟ୍ରଦୂତ ଥିବା ୱେଇଡୋଙ୍ଗ୍ ସମ୍ପ୍ରତି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ନୀତି ଓ ଯୋଜନା ବିଭାଗ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ବହିର୍ବ୍ୟାପାର ଉପମନ୍ତ୍ରୀ ଭାବେ ନିକଟରେ ନିଯୁକ୍ତି ପାଇଥିବା ଲୁଓ ଝାଓହୁଇଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବେ।

### ବନ୍ଧୁକ ଦେଖାଇ ଦୁଇ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର

ମୁଜାଫରନଗର,୧୨।୬(ପି.ଟି.)-: ଉତ୍ତରପ୍ରଦେଶର କାସେରୱା ଗ୍ରାମରେ ଦୁଇଜଣ ନାବାଳିକା ଭଉଣୀଙ୍କୁ ବନ୍ଧୁକ ଦେଖାଇ ବଳାତ୍କାର କରାଯାଇଛି। ଜଣକର ବୟସ ୧୩ ଓ ଅନ୍ୟ ଜଣକ ୧୫ ବର୍ଷର। ଆଖୁଚାଷ କରାଯାଇଥିବା ଏକ ଜମିକୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟେ ତାଙ୍କ ମା’ଙ୍କୁ ଭେଟିବା ପାଇଁ ଯାଇଥିବାବେଳେ ୪ ଯୁବକ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଚିତ୍କାର କଲେ ଗୁଳି କରି ହତ୍ୟାକରିବା ପାଇଁ ଧମକ ଦେବା ପରେ ସେମାନେ ଦୁହିଁଙ୍କୁ ଗଣବଳାତ୍କାର କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### ଛାତ୍ରଙ୍କୁ ପିଟି ମାରିଦେଲେ ସହପାଠୀ: ୫ ଗିରଫ

ଦେଓରିଆ(ୟୁପି),୧୨।୬(ଆଇଏଏନ୍‌ଏସ୍): ଉତ୍ତରପ୍ରଦେଶର ଦେଓରିଆ ଜିଲାର ମାଲୋବର ଗ୍ରାମରେ ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀମାନେ ନିର୍ଘୃମ୍ ପିଟିବା ସହ ବାଇକ ମଡାଇ ମାରିଦେଇଛନ୍ତି। ଏହି ଘଟଣାରେ ପୋଲିସ ୫ ଛାତ୍ରଙ୍କୁ ଗିରଫ କରିଛି। ମୃତ ଛାତ୍ର ରଞ୍ଜିତ ସିଂକୁ ତା’ର ସହପାଠୀମାନେ ଉଲଗ୍ନ କରି ରଡ୍‌ରେ ପିଟୁଥିବା ମୋବାଇଲ ଫୋନ ଫୁଟେଜ୍‌ରୁ ଦେଖିବାକୁ ମିଳିଛି। କୋଚିଂ କ୍ଲାସ୍‌ରେ ଆଗ ଧାଡ଼ିରେ ବସିବାକୁ ନେଇ ରଞ୍ଜିତ ସହ ସହପାଠୀମାନଙ୍କ ବଚସା ହୋଇଥିଲା। ସେମାନେ ରଞ୍ଜିତକୁ ଉକ୍ତ ବିଲ୍ଡିଂରୁ ଠେଲିଦେବା ସହ ରଡ୍ ଓ ଲାଠିରେ ମାଡ ମାରିଥିଲେ। ସେ ସଂଜ୍ଞାହୀନ ହୋଇ ପଡିଯିବାରୁ ଆକ୍ରମଣକାରୀମାନେ ତାଙ୍କ ଉପରେ ବାଇକ ମଡାଇ ମାରିଦେଇଥିଲେ ବୋଲି ପୋଲିସ କହିଛି। ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ତିନି ତଲାକ୍ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୬(ଆଇଏଏନ୍‌ଏସ୍): ସଂସଦର ଆଗାମୀ ଅଧିବେଶନରେ ସରକାର ତିନି ତଲାକ୍ ବିଲ୍ ଆଣିବେ। ଏଥିରେ ଏକକାଳୀନ ତିନି ତଲାକ୍ ପାଇଁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନା ଦଣ୍ଡ ବ୍ୟବସ୍ଥା ରହିଛି। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍, ୨୦୧୯କୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି।

### ଶ୍ରୀଲଙ୍କା ଆତ୍ମଘାତୀଙ୍କ ଫେସ୍‌ବୁକ୍ ଫ୍ରେଣ୍ଡ୍ ଗିରଫ

ନୂଆଦିଲ୍ଲୀ,୧୨।୬(ପି.ଟି.): ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ବୁଧବାର ତାମିଲନାଡୁର କୋଏମ୍ବାଟୁରସ୍ଥିତ ୭ ସ୍ଥାନରେ ତଲାସି ପରେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମହମ୍ମଦ ଆଜାରୁଦ୍ଦିନଙ୍କୁ ଗିରଫ କରାଯାଇଛି। ୩୨ ବର୍ଷୀୟ ଆଜାରୁଦ୍ଦିନ ହେଉଛନ୍ତି ଶ୍ରୀଲଙ୍କା ଆତ୍ମଘାତୀ ବିସ୍ଫୋରଣକାରୀ ଜହରାନ ହାସିମଙ୍କ ଫେସ୍‌ବୁକ୍ ଫ୍ରେଣ୍ଡ। ତଲାସି ବେଳେ ଏନ୍‌ଆଇଏ ଅଧିକାରୀମାନେ କେତେକ ଆପତ୍ତିଜନକ ସାମଗ୍ରୀ ଓ ଦସ୍ତାବିଜ ଜବତ କରିଛନ୍ତି। ଏପ୍ରିଲ ୨୧ରେ ଶ୍ରୀଲଙ୍କାର ୮ଟି ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରାଯାଇଥିଲା। ୨୫୮ ନିହତ ଓ ୫୦୦ ଆହତ ହୋଇଥିବା ଏହି ଆକ୍ରମଣ ପାଇଁ ଆଇଏସ୍ ନିଜକୁ ଦାୟୀ କରିଥିଲା।

## ସିଆର୍‌ପିଏଫ୍ ଉପରେ ଆତଙ୍କବାଦୀ ଆକ୍ରମଣ

# ୫ ଯବାନ ଶହୀଦ

ଶ୍ରୀନଗର,୧୨।୬

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ସୁରକ୍ଷା ବଳ ଉପରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଛନ୍ତି। ଆତଙ୍କବାଦୀଙ୍କ ଗୁଳି ଓ ଗ୍ରେନେଡ୍ ମାଡ଼ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୫ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ୨ ଆହତ ହୋଇଛନ୍ତି। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି।

ଅନନ୍ତନାଗର କେ.ପି. ରୋଡ୍‌ରେ ସିଆର୍‌ପିଏଫ୍‌ର ଏକ ପାଟ୍ରୋଲିଂ ଟିମ୍ ଯାଉଥିବାବେଳେ ସନ୍ଧ୍ୟା ୫ଟା ୧୫ରେ ଜେଇଏମ୍ ଆତଙ୍କବାଦୀମାନେ ଏହାକୁ ଟାର୍ଗେଟ କରିଛନ୍ତି। ୩ ଆତଙ୍କବାଦୀ ଅଟୋମେଟିକ୍ ରାଇଫଲରେ ଘନଘନ ଗୁଳିବର୍ଷା ସହ ସେମାନଙ୍କ ଉପରକୁ ଗ୍ରେନେଡ୍ ମାଡ଼ କରିଥିଲେ। ଏଥିରେ ଗୁରୁତର ଆହତ ୫ ଯବାନଙ୍କୁ ହସ୍ପିଟାଲକୁ



ଆକ୍ରମଣସ୍ଥଳରେ ମୁତୟନ ସୁରକ୍ଷା ବଳ।

ନିଆଯାଇଥିଲା। ସେଠାରେ ସେମାନେ ଶହୀଦ ହୋଇଛନ୍ତି। ଅନନ୍ତନାଗ ଥାନାର ଏସ୍‌ଏଚ୍‌ଓ ଅର୍ଶଦ ଅହମ୍ମଦଙ୍କ ସମେତ ଆଉ ଜଣେ ପୋଲିସ କର୍ମୀ ଆହତ ହୋଇଛନ୍ତି। ସେମାନଙ୍କୁ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

- ଜଣେ ଆତଙ୍କବାଦୀ ନିହତ
- ନିଜକୁ ଦାୟୀ କଲା ଆଝାର ସହଯୋଗୀଙ୍କ ସଙ୍ଗଠନ

ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ନିକଟରୁ ଏକ ଏକେ୪୭ ଜବତ ହୋଇଛି। ସିଆର୍‌ପିଏଫ୍‌ର ୧୧୬ତମ ବାଟାଲିୟନ୍ ଓ ରାଜ୍ୟ ପୋଲିସ ଯବାନମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଛନ୍ତି। ଆକ୍ରମଣର କିଛିସମୟ ପରେ ପାକିସ୍ତାନର ମୁସ୍ତାକ୍ ଅହମ୍ମଦ ଜର୍ଗାରଙ୍କ ନେତୃତ୍ୱାଧୀନ ଏକ ଆତଙ୍କବାଦୀ ସଙ୍ଗଠନ ଏଥିପାଇଁ ନିଜକୁ ଦାୟୀ କରିଛି। ମୁସ୍ତାକ୍ ହେଉଛନ୍ତି ୧୯୯୯ରେ କାନ୍ଦାହାରରେ ଇଣ୍ଡିଆନ୍ ଏୟାରଲାଇନ୍ସ ଆଇସି-୮୧୪ ବିମାନ ଅପହରଣ ପରେ ଭାରତ ପକ୍ଷରୁ ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କ ସହ ମୁକ୍ତ ହୋଇଥିବା ଜଣେ ଆତଙ୍କବାଦୀ। କେ.ପି. ରୋଡ୍‌ର ଯେଉଁ ସ୍ଥାନରେ ଆକ୍ରମଣ କରାଯାଇଛି, ସେଠାରୁ ଅମରନାଥ ଗୁମ୍ଫା ଅଭିମୁଖେ ଯାତ୍ରା କରାଯାଏ। ଅମରନାଥ ଯାତ୍ରା ଜୁଲାଇ ୧ରେ ଆରମ୍ଭ ହେବାକୁ ଥିବାବେଳେ ଏହି ଆକ୍ରମଣ ଯାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଗୁଜରାଟସ୍ଥିତ ଆରବ ସାଗର ଉପକୂଳ ବେରାବଲରେ ସାମୁଦ୍ରିକ ଝଡ଼ ‘ବାୟୁ’ ଛୁଇଁବାର ଅବ୍ୟବହିତ ପୂର୍ବରୁ ଖୁବ୍ ଜୋର୍‌ରେ ପବନ ବହିବା ସାଙ୍ଗକୁ ଜୁଆର ମାଡ଼ିଆସିଛି।

## ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ୬ ମାସ ବଢ଼ିଲା

ନୂଆଦିଲ୍ଲୀ,୧୨।୬

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଆଉ ୬ ମାସ ବଢ଼ାଇବା ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଏହା ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ୨୦୧୮ ଜୁନ୍ ୨୦ରୁ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଓ ଡିସେମ୍ବରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆସି ନ ଥିବାରୁ ଏହାକୁ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଅନୁମୋଦନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ୱୀକୃତି ପରେ ଏହା କାର୍ଯ୍ୟକାରୀ ହେବ।

## ଜୁଲାଇ ୧୫ରେ ଚନ୍ଦ୍ରୟାନ-୨

ବେଙ୍ଗାଲୁରୁ,୧୨।୬(ପି.ଟି.)

ଜୁଲାଇ ୧୫ରେ ଭାରତ ତାହାର ଦ୍ୱିତୀୟ ଚନ୍ଦ୍ର ମିଶନ ‘ଚନ୍ଦ୍ରୟାନ-୨’ ଲଞ୍ଚ କରିବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ପେସ୍‌ପୋର୍ଟରୁ ଏହା ଉତ୍କ୍ଷେପଣ ହୋଇ ସେପ୍ଟେମ୍ବର ୬ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ବୁଧବାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ଜୁଲାଇ ୧୫ ରାତି ୨ଟା ୫୧ ମିନିଟରେ ଉତ୍କ୍ଷେପଣ ହେବାକୁ ଥିବା ୩,୮୯୦ କିଲୋଗ୍ରାମ ଓଜନ ବିଶିଷ୍ଟ ଚନ୍ଦ୍ରୟାନ-୨ରେ ଅର୍ବିଟର, ଲ୍ୟାଣ୍ଡର (ବିକ୍ରମ) ଏବଂ ରୋଭର(ପ୍ରଜ୍ଞାନ) ରହିଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ କହିଛନ୍ତି। ଏହି ଦ୍ୱିତୀୟ ଚନ୍ଦ୍ର ମିଶନରେ ଖର୍ଚ୍ଚ ହେବ ୯୭୮ କୋଟି ଟଙ୍କା। ସେଥିରୁ ୩୭୫ କୋଟି ଟଙ୍କା



### ଖର୍ଚ୍ଚ ହେବ ୯୭୮ କୋଟି

ହେଭି ରକେଟ ଜିଏସ୍‌ଏଲ୍‌ଭି-ମାର୍କ୩ରେ ଖର୍ଚ୍ଚ ହେବ। ମିଶନରେ ମୋଟ ୧୪ଟି ପ୍ଲେଲୋଡ୍ ରହିଛି। ସେଥିରୁ ଅର୍ବିଟରରେ ୮ଟି,ଲ୍ୟାଣ୍ଡରରେ ୪ ଏବଂ ରୋଭରରେ ୨ଟି ପ୍ଲେଲୋଡ ରହିଛି। ଅର୍ବିଟର ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ ହେବାକୁ ଥିବାବେଳେ ଲ୍ୟାଣ୍ଡର(ବିକ୍ରମ) ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିବ।

## କଂଗ୍ରେସ କୋର୍ କମିଟି ଭାଙ୍ଗିଲା

ନୂଆଦିଲ୍ଲୀ,୧୨।୬(ଆଇଏଏନ୍‌ଏସ୍)

ରାହୁଲ ଗାନ୍ଧୀ କଂଗ୍ରେସ ଦଳର ଅଧ୍ୟକ୍ଷ ରହିବେ ବୋଲି ଦଳ ପକ୍ଷରୁ ବୁଧବାର କୁହାଯାଇଛି। ଲୋକ ସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳର କୋର୍ କମିଟିକୁ ଭାଙ୍ଗିଦିଆଯାଇଛି। ବୁଧବାର କୋର୍ କମିଟି ସଦସ୍ୟମାନଙ୍କ ବୈଠକରେ ଝାଡଖଣ୍ଡ, ମହାରାଷ୍ଟ୍ର, ହରିୟାଣା ଏବଂ ଜମ୍ମୁ-କଶ୍ମୀରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ରାହୁଲ ଦଳର ଅଧ୍ୟକ୍ଷ ଥିଲେ, ଅଛନ୍ତି ଓ ରହିବେ ବୋଲି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କଂଗ୍ରେସ ମୁଖପାତ୍ର ରଣଦୀପ୍ ସିଂ ସୁର୍ଜେୱାଲା କହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନରେ ଦଳର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡିବା ପାଇଁ ରାହୁଲ ଇଚ୍ଛା ପ୍ରକାଶ କରିଥିଲେ। କୋର୍ କମିଟି ବୈଠକରେ ମଧ୍ୟ ସେ ଯୋଗ ଦେଇନାହାନ୍ତି। ଏପରିକି ତାଙ୍କ ମାଆ ତଥା ୟୁପିଏ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ନିଜ ନିର୍ବାଚନ ମଣ୍ଡଳୀ ରାଏବରେଲି ଗସ୍ତରେ ଯାଇଥିବାରୁ ସେ ମଧ୍ୟ କୋର୍ କମିଟି ବୈଠକରେ ଯୋଗଦେଇ ନ ଥିଲେ। ବୁଧବାରର ବୈଠକରେ ବରିଷ୍ଠ ନେତା ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଏ.କେ. ଆଣ୍ଟୋନୀ ଅଧ୍ୟକ୍ଷତା କରିଥିଲେ।



### ରାହୁଲ ଦଳ ଅଧ୍ୟକ୍ଷ ରହିବେ

ଲୋକ ସଭା ନିର୍ବାଚନରେ ଦଳର ପରାଜୟ ଲାଗି ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ଚାହିଁଥିଲେ ହେଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲା। ନିର୍ବାଚନ ପୂର୍ବରୁ ଗଠନ ହୋଇଥିବା ସମସ୍ତ କମିଟିର କାର୍ଯ୍ୟକାଳ ଫଳାଫଳ ବାହାରିବା ସହ ଶେଷ ହୋଇଯାଇଛି। ଏବେ ଦଳରେ କୌଣସି କୋର୍ ଗ୍ରୁପ୍ ନାହିଁ ବୋଲି ସୁର୍ଜେୱାଲା କହିଛନ୍ତି। ପୂର୍ବ କୋର୍ ଗ୍ରୁପ୍‌ର ସଦସ୍ୟମାନେ ବୁଧବାର ଅଣଆନୁଷ୍ଠାନିକ ବୈଠକ କରି ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି।

## ଆଧାର ସଂଶୋଧନ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୬

AADHAR

### ପରିଚୟ ପ୍ରମାଣ ଭାବେ ବ୍ୟବହାର କରାଯାଇପାରିବ

ଆସନ୍ତା ୧୭ରୁ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାବେଳେ ସେଥିରେ ଆଧାର ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୧୯ ଆଗତ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସି ଆଧାର ସଂଶୋଧନ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ସଂଶୋଧନ ବଳରେ ଜଣେ ସ୍ୱେଚ୍ଛାକୃତ ଭାବେ ଚାହିଁଲେ ଆଧାରକୁ ବ୍ୟାଙ୍କ, ଟେଲିକମ୍ କମ୍ପାନୀ ଭଳି ଘରୋଇ ସଂସ୍ଥାରେ ପରିଚୟପତ୍ର ଭାବେ ବ୍ୟବହାର କରିପାରିବେ। ବିଲ୍ ଆଇନରେ ପରିଣତ ହେଲେ ସରକାର ଆଣିଥିବା ଅଧ୍ୟାଦେଶ ସ୍ଥାନରେ ଏହା କାର୍ଯ୍ୟକାରୀ ହେବ। ଏଥିସହିତ ସଂଶୋଧିତ ବିଲ୍ ଅନୁଯାୟୀ ଜଣେ ପିଲା ଚାହିଁଲେ ୧୮ ବର୍ଷ ବୟସରେ ଆଧାର ବ୍ୟବସ୍ଥାରୁ ଓହରିଯାଇପାରିବ। ଗତ ମାର୍ଚ୍ଚ ୨ରେ ସରକାର ଆଣିଥିବା ଅଧ୍ୟାଦେଶର ସମସ୍ତ ପ୍ରସ୍ତାବ ନୂଆ ବିଲ୍‌ରେ ରହିଛି। ବର୍ତ୍ତମାନ ଆଧାର ଆଇନରେ ରହିଥିବା ଧାରା ୫୭, ଯାହା ଘରୋଇ ସଂସ୍ଥାରେ ଆଧାର ବ୍ୟବହାରକୁ ବାରଣ କରୁଛି, ତାହାକୁ ଉଚ୍ଛେଦ କରାଯିବା ପ୍ରସ୍ତାବ ରହିଛି।

## ଭାଜପାରେ ମିଶିବେ ଗୋଆର ୧୦ କଂଗ୍ରେସ ବିଧାୟକ

ପଣଜୀ, ୧୨।୬(ପି.ଟି.)

ଗୋଆ କଂଗ୍ରେସର ୧୦ ଜଣ ବିଧାୟକ ଭାଜପା ସହ ମିଶିବାକୁ ଆଗ୍ରହୀ ଥିବା ପ୍ରଦେଶ ଭାଜପା ମୁଖ୍ୟ ବିନୟ ତେନ୍ଦୁଲ୍‌କର ପ୍ରକାଶ କରିଛନ୍ତି। ତେବେ ବିଧାନସଭାରେ ଭାଜପା ସଂଖ୍ୟାଗରିଷ୍ଠ ଥିବାରୁ ସେମାନଙ୍କୁ ଗ୍ରହଣ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଆମେ ଆମ ସହଯୋଗୀଙ୍କୁ ନେଇ ପୂରା କାର୍ଯ୍ୟକାଳ ଶେଷ କରିବାକୁ ସକ୍ଷମ। ତେଣୁ କଂଗ୍ରେସ ବିଧାୟକଙ୍କୁ ଆମେ ଦଳରେ ନେଲୁନାହିଁ ବୋଲି ତେନ୍ଦୁଲ୍‌କର୍ କହିଛନ୍ତି।

## ଆଉ ୬ ମାସ ଭାଜପା ମଙ୍ଗ ସମ୍ଭାଳିବେ ଶାହ

ନୂଆଦିଲ୍ଲୀ,୧୨।୬

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଭାଜପା ଅଧ୍ୟକ୍ଷ ପଦରେ ଆଉ ଅନ୍ତତଃ ୬ ମାସ ରହିବା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଦଳର ସାଂଗଠନିକ ନିର୍ବାଚନ ହୋଇ ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯିବ। ଏହି ନିର୍ବାଚନ କେବେ ହେବ ତାହା ଦଳର ରାଜ୍ୟ ସଭାପତିମାନଙ୍କ ବୈଠକ ବସି ଖୁବ୍‌ଶୀଘ୍ର ସ୍ଥିର କରାଯିବ ବୋଲି ଏକ ସୂତ୍ରରୁ ଜଣାପଡିଛି। ଗୁରୁବାର ଶାହ ଦଳର ସମସ୍ତ ରାଜ୍ୟ ସଭାପତି ଏବଂ ସାଧାରଣ ସମ୍ପାଦକମାନଙ୍କୁ ଭେଟି ସାଂଗଠନିକ



ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବେ ବୋଲି କୁହାଯାଉଛି। ଏହି ବୈଠକରେ ଦଳର ସଭ୍ୟ ସଂଗ୍ରହ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ଅଧ୍ୟକ୍ଷ ନିର୍ବାଚନ ଅକ୍ଟୋବର-ନଭେମ୍ବରରେ ହୋଇପାରେ ବୋଲି ଭାଜପାର ଜଣେ ନେତା କହିଛନ୍ତି।

## ପାକିସ୍ତାନ ଉପରେ ଉଡ଼ିବନି ପ୍ରଧାନମନ୍ତ୍ରୀଙ୍କ ବିମାନ

ନୂଆଦିଲ୍ଲୀ,୧୨।୬(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗଦେବା ଲାଗି ଗୁରୁବାର କିର୍‌ଗିଜସ୍ଥାନ ରାଜଧାନୀ ବିଶ୍‌କେକ୍ ଯିବାକୁ ଥିବାବେଳେ ତାଙ୍କ ବିମାନ ପାକିସ୍ତାନ ଉପରେ ଉଡିପାରିବନି। ସେ ଓମାନ, ଇରାନ ଏବଂ କେତେକ କେନ୍ଦ୍ରୀୟ ଏସିଆ ଦେଶ ଅତିକ୍ରମ କରି ବିଶ୍‌କେକ୍‌ରେ ପହଞ୍ଚିବେ। ମୋଦିଙ୍କ ବିମାନକୁ ପାକିସ୍ତାନ ଆକାଶରେ ଉଡାଣ ପାଇଁ ଅନୁମତି ଦେବାକୁ ଭାରତ ଇସ୍‌ଲାମାବାଦକୁ ଅନୁରୋଧ କରିଥିଲା। ତେବେ ପାକ୍ କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇନାହାନ୍ତି।

## ମୁକୁଳିଲେ ପ୍ରଶାନ୍ତ କନୋଜିଆ

ଲକ୍ଷ୍ନୌ,୧୨।୬

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଦିନକ ପରେ ଲକ୍ଷ୍ନୌ ଜେଲରୁ ମୁକୁଳିଛନ୍ତି ଖବରଦାତା ପ୍ରଶାନ୍ତ କନୋଜିଆ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟିଂ କରି ଜେଲ ଯାଇଥିବା ପ୍ରଶାନ୍ତଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଯୋଗୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜେଲରେ ୪ ରାତି ବିତାଇଥିବା ପ୍ରଶାନ୍ତ ବୁଧବାର ୨୦ ହଜାର ଟଙ୍କାର ଦୁଇ ଜାମିନଦାର




ଓ ସମ ପରିମାଣର ବ୍ୟକ୍ତିଗତ ବଣ୍ଡରେ ମୁକୁଳିଛନ୍ତି। ଲକ୍ଷ୍ନୌସ୍ଥିତ ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ ପ୍ରଶାନ୍ତଙ୍କୁ ଜାମିନ ପ୍ରଦାନ କରି ଜେଲକୁ ରିଲିଜ୍ ଅର୍ଡର ପଠାଇଦେଇଥିଲେ।

## କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରାବେଳେ ହିଂସା

# ପୋଲିସ-ଭାଜପା କର୍ମୀ ଖଣ୍ଡଯୁଦ୍ଧ

କୋଲକାତା,୧୨।୬

କୋଲକାତାରେ ବୁଧବାର ଭାଜପାର ବିକ୍ଷୋଭ ଶୋଭାଯାତ୍ରା ହିଂସାତ୍ମକ ରୂପ ନେଇଛି। ଭଜପା କର୍ମୀମାନେ ରାଜ୍ୟ ପୋଲିସ ମୁଖ୍ୟାଳୟ ଲାଲ୍‌ବଜାର ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ବିକ୍ଷୋଭକାରୀଙ୍କୁ ଅଟକିବାକୁ ବାରମ୍ବାର ଅନୁରୋଧ କରି ବିଫଳ ହେବା ପରେ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ଏବଂ ପାଣି ମାଡ଼ କରିଥିଲା। ଭାଜପା କର୍ମୀମାନେ ପୋଲିସ ଉପରକୁ ଢେଲା ଓ ପାଣି ବୋତଲ ମାଡ଼ କରିଥିଲେ। କେତେଜଣ ଭାଜପା କର୍ମୀ ସେଠାରେ ଧାରଣାରେ ବସି ରହିବା ଦେଖାଯାଇଥିଲା।

ନିର୍ବାଚନ ପରେ କୋଲକାତାର ବିଭିନ୍ନ ସ୍ଥାନରେ ଉତ୍ତେଜନା ବୃଦ୍ଧିପାଉଥିବାରୁ ପରିସ୍ଥିତିକୁ ଶାନ୍ତ କରିବା ଲାଗି ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀ



ଭାଜପାର ଶୋଭାଯାତ୍ରାକୁ ପୋଲିସ ବାଧା ଦେବାରୁ କର୍ମୀମାନେ ଧାରଣାରେ ବସିଛନ୍ତି।

ଗୁରୁବାର ରାଜ୍ୟର ୪ ପ୍ରମୁଖ ଦଳର ନେତୃବୃନ୍ଦଙ୍କ ବୈଠକ ଡାକିଛନ୍ତି। ଶାସକ ତୃଣମୂଳ କଂଗ୍ରେସ, ଭାଜପା, ସିପିଏମ୍ ଏବଂ କଂଗ୍ରେସ ଦଳର ପ୍ରତିନିଧିମାନେ ଉକ୍ତ ବୈଠକରେ ଯୋଗଦେବେ।

ଶନିବାର ବଶିରହାଟ ଅଞ୍ଚଳରେ ଦୁଇଜଣ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଗତ କିଛି ସପ୍ତାହ ହେଲା ଲାଗିରହିଥିବା ସଂଘର୍ଷରେ ଅନେକ କର୍ମୀଙ୍କ ମୃତ୍ୟୁ ହେଲାଣି । ଏହାର ପ୍ରତିବାଦରେ ଭାଜପା ଆଜି ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଏଥିରେ ଭାଜପାର ସମସ୍ତ ୧୮ ଜଣ ନବନିର୍ବାଚିତ ଏମ୍‌ପି, ଦଳର ରାଜ୍ୟ ସଭାପତି ଦିଲୀପ ଘୋଷ ଏବଂ

### ସର୍ବଦଳୀୟ ବୈଠକ ଡାକିଲେ ରାଜ୍ୟପାଳ

ରାଜ୍ୟ ପ୍ରଭାରୀ କୈଳାସ ବିଜୟବର୍ଗୀୟ, ମୁକୁଲ ରୟ ପ୍ରମୁଖ ଯୋଗ ଦେଇଥିଲେ। କର୍ମୀମାନେ ବାରିକେଡ୍ ଭାଙ୍ଗିବା ସମ୍ଭାବନା ଥିବାରୁ ଏହାର ମୁକାବିଲା ପାଇଁ ସକାଳୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାଜ୍ୟର ସ୍ଥିତିକୁ ନେଇ କେନ୍ଦ୍ର ସରକାର ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଡଭାଇଜରୀ ଜାରି କରିଥିଲା। ତା ପରଦିନ ରାଜ୍ୟପାଳ ତ୍ରିପାଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟି ରାଜ୍ୟ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। କେନ୍ଦ୍ର ସରକାର ଦଙ୍ଗା ସୃଷ୍ଟିକରିବା ସହ ତାଙ୍କ ସରକାରକୁ ଭାଙ୍ଗିଦେବା ଲାଗି ଉଦ୍ୟମ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।

# ମାଡ଼ି ଆସୁଛି 'ବାୟୁ'

## ସହାୟତା ଲୋଡ଼ିଲା ଗୁଜରାଟ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଗତ ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ଦୁର୍ଦ୍ଦଶା ଭୋଗିଛି ଓଡିଶା। ଏଥିଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ତେବେ ଓଡିଶା ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ଧନଜୀବନ ହାନିକୁ ଅନେକାଂଶରେ ରୋକାଯାଇ ପାରିଛି। ରାଜ୍ୟ ସରକାରଙ୍କ ବାତ୍ୟା ପ୍ରସ୍ତୁତିକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଥିଲା। ଆରବ ସାଗରରେ ଆଉ ଏକ ବାତ୍ୟା 'ବାୟୁ' ଗୁଜରାଟ ଉପକୂଳ ଆଡକୁ ମାଡି ଆସୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହି ସାମୁଦ୍ରିକ ଝଡ ଗୁଜରାଟ ଉପକୂଳରେ ମାଡ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ବାତ୍ୟା ପ୍ରକୋପରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଗୁଜରାଟ ସରକାର ଓଡିଶା ସରକାରଙ୍କ ସହାୟତା ଲୋଡିଛନ୍ତି। ବାତ୍ୟା ମୁକାବିଲା ପାଇଁ କି ପ୍ରକାର ପୂର୍ବ ପ୍ରସ୍ତୁତି କରିଥିଲେ ସେ ନେଇ ଗୁଜରାଟ ମୁଖ୍ୟ ଶାସନ ସଚିବ ଜଗଦୀପ ନାରାୟଣ ସିଂ ଓଡିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସହିତ ଟେଲିଫୋନରେ କଥା ହୋଇଛନ୍ତି। ବୁଧବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ପାଢୀ କହିଛନ୍ତି ଯେ ଗୁଜରାଟ ତଟ ଆଡକୁ ବାତ୍ୟା 'ବାୟୁ' ଆସୁଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ଗୁଜରାଟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଗୁଜରାଟ ମୁଖ୍ୟ ଶାସନ ସଚିବ ବାତ୍ୟା ପ୍ରସ୍ତୁତି ନେଇ ଓଡିଶା ଆପଣାଇଥିବା ପ୍ରସ୍ତୁତି ବିଷୟରେ କଥା ହୋଇଛନ୍ତି। ବାତ୍ୟା ମୁକାବିଲା ନେଇ ସହାୟତା କରିବାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଓଡିଶା ସରକାରଙ୍କ ପକ୍ଷରୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଗତ ୨୦ ବର୍ଷ ଭିତରେ ଓଡିଶା ମହାବାତ୍ୟାଠାରୁ ଆରମ୍ଭ କରି ଫାଇଲିନ୍, ହୁଡ୍‌ହୁଡ, ତିତ୍‌ଲି ଏବଂ ଫନୀ ଭଳି ବାତ୍ୟାର ସମ୍ମୁଖୀନ ହୋଇଛି। ବାତ୍ୟା ପୂର୍ବରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ଏବଂ ପୁନରୁଦ୍ଧାର ଓ ଥଇଥାନ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ସରକାରୀ ଅଧିକାରୀମାନେ ଓଡିଶା ସରକାରଙ୍କ ସହ ବାତ୍ୟା ମୁକାବିଲା ନେଇ ବାରମ୍ବାର ଯୋଗାଯୋଗରେ ଅଛନ୍ତି। ଫନୀ ସମୟରେ ଓଡିଶା ସରକାର ବିପର୍ଯ୍ୟୟ ପରିଚାଳନା କରିବାକୁ କେଉଁ ସବୁ ପଦ୍ଧତି ଅବଲମ୍ବନ କରିଥିଲେ ସେ ନେଇ ଅଧିକାରୀମାନେ ଆଲୋଚନା କରିଛନ୍ତି। ବାତ୍ୟା ଫନୀ ପରବର୍ତ୍ତୀ ରିଲିଫ ଓ ପୁନରୁଦ୍ଧାର ପାଇଁ ଗୁଜରାଟ ସରକାର ଓଡିଶାକୁ ୫ କୋଟି ଟଙ୍କାର ସହାୟତା ଦେଇଥିଲେ।

■ ଆକାଶରୁ ଅଗ୍ନିବର୍ଷା, ସିଝୁଛି ଓଡ଼ିଶା

# ୪୫ ଡିଗ୍ରୀ ଟପିଲା ୬ ସହର

ଭୁବନେଶ୍ୱର,୧୨।୬(ବ୍ୟୁରୋ)

## ଆଉ ୩ ଦିନ କଲବଲ କରିବ ତାତି

ଓଃ କି ତାତି। ବାହାରେ ଘଡିଏ ରହି ହେଉ ନାହିଁ। ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ଦେହ ମୁହଁ ଜଳି ପୋଡି ଯାଉଛି। ପଥଚାରୀଙ୍କ ମୁହଁରୁ ଏମିତି ଶବ୍ଦ ଆପଣା ଛାଏଁ ବାହାରି ଆସୁଛି। ପ୍ରଚଣ୍ଡ ଗ୍ରୀଷ୍ମରେ ଆଉଟୁ ପାଉଟୁ ହେଉଛି ସାରା ରାଜ୍ୟ। ମଣିଷ ଠାରୁ ଆରମ୍ଭ କରି ପଶୁ ପକ୍ଷୀ ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହେଉଛନ୍ତି। ପାରଦ ଉପରମୁହାଁ ହେଉଥିବାରୁ ବେଳକୁ ବେଳ ପରିବେଶ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ସକାଳ ୭ଟା ହେବା ମାତ୍ରେ ମାଡି ଆସୁଛି ଭୟଙ୍କର ଖରା। ସଞ୍ଜ ନଇଁବା ଯାଏ ସୂର୍ଯ୍ୟଙ୍କ ପ୍ରକୋପରୁ ମିଳୁନି ନିସ୍ତାର। ଖରା ଚାଲିଗଲେ ମଧ୍ୟ ପରିବେଶ ଉତ୍ତପ୍ତ ରହୁଛି। ବୁଧବାର ରାଜ୍ୟର ୧୫ଟି ସହରର ପାରଦ ଝାଇଁ ଝାଇଁ କରି ପକାଇଛି। ସେସବୁ ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିବା ବେଳେ ୬ଟି ସହର ତାତି ୪୫ ଡିଗ୍ରୀ ସେଲସିୟସ ଉପରକୁ ଚାଲି ଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୫.୩, ହୀରାକୁଦ ୪୫.୨, ସୋନପୁର ୪୫.୨, ଝାରସୁଗୁଡା ୪୫, ଟିଟିଲାଗଡ ୪୫, ସୁନ୍ଦରଗଡ ୪୪.୫, ଅନୁଗୋଳ ୪୩.୯, ମାଲକାନଗିରି ୪୨.୬, ବଲାଙ୍ଗୀର ୪୨.୫, ଭବାନୀପାଟଣା ୪୧.୮, କେନ୍ଦୁଝର ୪୦.୯, ଚାନ୍ଦବାଲି ୪୦.୮ ଏବଂ କଟକରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଭୁବନେଶ୍ୱର ସବୁଠୁ ତତଲା ସହରରେ ପରିଣତ ହୋଇଛି। ଏଠାରେ ପାରଦ ୪୨.୪ ଡିଗ୍ରୀକୁ ଛୁଇଁଛି। ଦିନ ତମାମ ସହର ପ୍ରଚଣ୍ଡ ଗ୍ରୀଷ୍ମ ବଳୟ ମଧ୍ୟରେ ରହିଥିଲା। ରାସ୍ତାଘାଟ ଶୂନ୍‌ଶାନ ହୋଇ ଯାଇଥିଲା। ସହରରେ ସତେଯେମିତି ଲୁ ବହୁଥିଲା। କେବଳ ଗ୍ରୀଷ୍ମ ନୁହେଁ ଗୁଳୁଗୁଳି ମଧ୍ୟ ଜନଜୀବନକୁ ବେହାଲ କରିଛି। ଆଦ୍ରତା ୮୦ ପ୍ରତିଶତ ଉପରେ ରହୁଥିବାରୁ ଦେହମୁଣ୍ଡରୁ ଗମ୍‌ଗମ୍ ହୋଇ ଝାଳ ବୋହୁଛି। ପ୍ରଚଣ୍ଡ ଗ୍ରୀଷ୍ମ ଆହୁରି ୩ ଦିନ କଲବଲ କରିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହି ଜିଲାଗୁଡିକ ହେଲା ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା ଏବଂ ଭଦ୍ରକ। ଏହି ସମୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡା, ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

# କଟକ ସହର: ବର୍ଷାଜଳ ନିଷ୍କାସନ ଉପରେ ଗୁରୁତ୍ୱ

## ପ୍ରତି ଘରକୁ ମିଳିବ ଡଷ୍ଟବିନ୍

**ଭୁବନେଶ୍ୱର,୧୨।୬(ବ୍ୟୁରୋ):** କଟକ ସହରରେ ବର୍ଷାଦିନେ ଜଳ ନିଷ୍କାସନର ସୁପରିଚାଳନା ଉପରେ ରାଜ୍ୟ ପ୍ରଶାସନ ଗୁରୁତ୍ୱ ଦେଇଛି। ଏ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ବର୍ଷାଦିନେ କଟକ ସହରର ଖାଲୁଆ ଅଞ୍ଚଳରେ ଯେପରି ଜଳ ଜମା ହୋଇ ନ ରୁହେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ବର୍ଷା ଆସିବା ପୂର୍ବରୁ ନାଳନର୍ଦ୍ଦମା ସଫେଇ କାର୍ଯ୍ୟ ସାରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)କୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କଟକ ସହରର ପ୍ରତି ଘରକୁ ଅଳିଆ ଜମା କରିବା ପାଇଁ ଡଷ୍ଟବିନ୍ ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ବାକି ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ଯଥାଶୀଘ୍ର ସାରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାମୁଦ୍ରିକ ଝଡ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପ୍ରକଳ୍ପର ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସହରରେ ବାକିଥିବା ଜାଇକା, ରେଲ୍‌ୱେ, ଜଙ୍ଗଲ, ଜଳସମ୍ପଦ ଭିତ୍ତିଭୂମି କାର୍ଯ୍ୟ ତୁରନ୍ତ ସାରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

# ଦୁଇବର୍ଷରେ ରାଜ୍ୟରେ ଦୂରହେବ ଡାକ୍ତର ସମସ୍ୟା: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ରାଜ୍ୟରେ ଆଉ ଦେଖାଦେବ ନାହିଁ ଡାକ୍ତର ସମସ୍ୟା। ଆବଶ୍ୟକଠାରୁ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଆଗାମୀ ଦୁଇ ବର୍ଷରେ ଓଡ଼ିଶାରେ ଆବଶ୍ୟକ ତୁଳନାରେ ଅଧିକ ଡାକ୍ତର ଉପଲବ୍ଧ ହେବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ବୁଧବାର ସଚିବାଳୟଠାରେ ଦପ୍ତର ପ୍ରବେଶ ସମୟରେ ମନ୍ତ୍ରୀ କହିଥିଲେ, ମେଡିକାଲ କଲେଜଗୁଡ଼ିକରୁ ଅଧିକ ସଂଖ୍ୟାରେ ଡାକ୍ତର ଉତ୍ତୀର୍ଣ୍ଣ ହେବାକୁ ଯାଉଛନ୍ତି। ତେଣୁ ଆଗାମୀ ଦିନରେ ରାଜ୍ୟର କୌଣସି ଚିକିତ୍ସାଳୟରେ ଆଉ ଡାକ୍ତରଙ୍କ ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟସେବା ସବୁବେଳେ ଏକ ବଡ଼ ଆହ୍ୱାନ। ସମସ୍ତ ପ୍ରକାର ପରିସ୍ଥିତିରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସଚିବାଳୟ ମନ୍ତ୍ରୀ କରିଡରର ଦ୍ୱିତୀୟ ମହଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ପ୍ରକୋଷ୍ଠ ମିଳିଥିବା ବେଳେ ବୁଧବାର ପୂର୍ବାହ୍ନରେ ସେ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦପ୍ତର କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ଛୋଟିଆ ପୂଜାପାଠର ଆୟୋଜନ ହୋଇଥିଲା।

# ରଜ ପରେ ଯୁକ୍ତ୨ କଳା, ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ରଜ ପରେ ଯୁକ୍ତ୨ କଳା ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ। ଆସନ୍ତା ୧୭ କିମ୍ବା ୧୮ତାରିଖରେ ରେଜଲ୍ଟ ବାହାରିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୩ତାରିଖରେ ଚଳିତବର୍ଷର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ୯ କଲେଜର ରେଜଲ୍ଟ ଶୂନ ରହିଥିବା ବେଳେ ୨୯ କଲେଜରେ ଶହେ ପ୍ରତିଶତ ରେଜଲ୍ଟ ହୋଇଥିଲା। ଚଳିତବର୍ଷ ପାସ୍ ହାର ୭୨.୩୩ ପ୍ରତିଶତ ରହିଛି, ଯାହାକି ଗତବର୍ଷ ତୁଳନାରେ ୪.୭୫% କମ୍। ତେବେ କଳା ଓ ବାଣିଜ୍ୟରେ ଫଳାଫଳ କ'ଣ ହେବ, ତାହାକୁ ନେଇ ସମସ୍ତଙ୍କ ଅପେକ୍ଷା।

# 'ସୁପରସୋନିକ୍ ସ୍କିଡ୍ ଫ୍ଲାଇଟ୍' ଉଡ଼ାଣର ପରୀକ୍ଷଣ

ବାଲେଶ୍ୱର ଅଫିସ,୧୨।୬



ସୁପରସୋନିକ୍ ସ୍କିଡ୍ ଫ୍ଲାଇଟ୍।

ଭଦ୍ରକ ଜିଲା ଧାମରା ନିକଟ ବଙ୍ଗୋପସାଗର ଅବଦୁଲ କଲାମ ଦ୍ୱୀପରେ ଥିବା ୪ ନମ୍ବର ଲଞ୍ଚପ୍ୟାଡରୁ ବୁଧବାର ପୂର୍ବାହ୍ନ ୧୧ଟା ୧୨ ମିନିଟ୍‌ରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମାନବବିହୀନ 'ହାଇପରସୋନିକ୍ ଟେକ୍ନୋଲୋଜି ଡେମନ୍‌ଷ୍ଟ୍ରେଶନ ଭେଇକିଲ'ର ଉଡାଣ ପରୀକ୍ଷଣ କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଭେଇକିଲ ପରୀକ୍ଷଣ କାର୍ଯ୍ୟ ସଫଳ ହୋଇଥିବା ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ଟେଷ୍ଟ ରେଞ୍ଜ (ଆଇଟିଆର) ପକ୍ଷରୁ ସୂଚନା ଦିଆଯାଇଛି। ଏହା ଜରିଆରେ ଏଣିକି ଭାରତ ଆକାଶ ମାର୍ଗରେ ଦୂରଗାମୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ଉତ୍‌କ୍ଷେପଣ କରିପାରିବ। ସୁପରସୋନିକ୍ ସ୍କିଡ୍ ଫ୍ଲାଇଟ୍ ସାହାଯ୍ୟରେ ଅତି କମ୍ ଖର୍ଚ୍ଚରେ ମହାକାଶକୁ ଉପଗ୍ରହ ପଠାଯାଇ ପାରିବ। ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ହାଇପରସୋନିକ୍ ଏୟାରକ୍ରାଫ୍ଟରେ ଦୁଇଟି ସ୍କ୍ରାମ୍ ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି। ଶବ୍ଦ ଗତିଠାରୁ ଏହା ୪ଗୁଣ ଅଧିକ କ୍ଷିପ୍ର ବେଗରେ ଯାଇପାରିବ। ୫.୬ ମିଟର ଲମ୍ବ ଓ ୩.୭ ମିଟର ଆୟତନ ବିଶିଷ୍ଟ ଏହି ସୁପରସୋନିକ୍ ଭେଇକିଲ୍ ୧ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଉଭୟ ଅଣୁ ଓ ପାରମାଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ସମୁଦ୍ର ପତ୍ତନଠାରୁ ୩୨.୫ କି.ମି. ଉଚ୍ଚରେ ଏହା ଶତ୍ରୁ ପକ୍ଷର ସମସ୍ତ କ୍ଷେପଣାସ୍ତ୍ରକୁ ଟାର୍ଗେଟ୍ କରିବାରେ ସଫଳ ହେବ। ବୁଧବାର ଏହି ପରୀକ୍ଷଣ ବେଳେ ଭାରତୀୟ ପ୍ରତିରକ୍ଷା ବିଭାଗର ସଚିବଙ୍କ ସହ ବହୁ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଉପସ୍ଥିତ ଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଅର୍ମନ୍‌ଜୀତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫୋକସ୍ ପାହ୍ୟା ଦାବିକୁ ନେଇ ରାଜନୀତି

- **କଂଗ୍ରେସର ସମର୍ଥନ**
- **ଭାଜପାର ବିରୋଧ**

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟା ଫନୀ ପ୍ରଭାବିତ ଓଡିଶାକୁ ଫୋକସ୍ ରାଜ୍ୟର ମାନ୍ୟତା ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସାକ୍ଷାତ ବେଳେ ଦାବି କରିଛନ୍ତି। ବିଜେଡି ସରକାର ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ଦାବିକରି ଆସୁଥିଲେ। ଫୋକସ୍ ରାଜ୍ୟ ମାନ୍ୟତା ଦାବି କରିବା ନେଇ ବିରୋଧୀ ଦଳଗୁଡିକ ପକ୍ଷରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ଏହାକୁ ସମର୍ଥନ କରିଥିବାବେଳେ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଫୋକସ୍ ରାଜ୍ୟ ଦାବିକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଏହି ଦାବି ଯୁକ୍ତିଯୁକ୍ତ। ନବୀନଙ୍କ ଦାବିକୁ ମୁଁ ପୂର୍ଣ୍ଣ ସମର୍ଥନ କରୁଛି। ଓଡିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଏହି ଦାବି ଯଥାର୍ଥ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ନବୀନ ଯେତେବେଳେ କେନ୍ଦ୍ର ମନ୍ତ୍ରୀ ଥିଲେ ଓ ଭାଜପା ସହିତ ମିଶି ଶାସନ କରୁଥିଲେ ସେତେବେଳେ ମଧ୍ୟ ଏହି ଦାବି ଉଠାଯାଇ ପାରିଥାଆନ୍ତା। ସେ କାହିଁକି ଏହି ଦାବି ଉଠାଇ ନ ଥିଲେ ତାହାର ଜବାବ ଦେବା ଦରକାର ବୋଲି ନରସିଂହ କହିଛନ୍ତି। ଏହାର ଭୌଗୋଳିକ ଅବସ୍ଥିତି ଯୋଗୁ ଓଡିଶା ବାରମ୍ବାର ପ୍ରାକୃତିକ ବିପତ୍ତି ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଓଡିଶାକୁ ସ୍ପେଶାଲ ଫୋକସ୍ ଷ୍ଟେଟ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ତେବେ ଭାଜପା ଏହାକୁ ନାଟକବାଜି ବୋଲି କହିଛି। ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ଆସୁଥିବା ବିଜେଡି ଏବେ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ପାହ୍ୟା ଦାବି କରୁଛି। ଏହା ବିଜେଡିର ଆଉ ଏକ ଡ୍ରାମା ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଜେଡି ସରକାର ରାଜ୍ୟର ବିକାଶ ପ୍ରତି ଧ୍ୟାନ ଦେବା ଦରକାର। ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ କେନ୍ଦ୍ରୀୟ ଯୋଜନାଗୁଡିକୁ ରାଜ୍ୟରେ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜେଡି ସରକାର ଯେଉଁ ଫୋକସ୍ ପାହ୍ୟା ଦାବି କରୁଛି ସେମିତି କିଛି ବାସ୍ତବରେ ନାହିଁ। ଫନୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ଅବହେଳା କଲେ ଆମେ ତାକୁ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବୁ ବୋଲି ସେ କହିଛନ୍ତି।

# ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୧୯% ବୃଦ୍ଧି

**ସଚିବସ୍ତରୀୟ ବୈଠକ ଅନୁଷ୍ଠିତ**

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଚଳିତ ଆର୍ଥିକ ବର୍ଷର ଗତ ମେ ମାସ ଶେଷ ସୁଦ୍ଧା ଓଡ଼ିଶା ରାଜସ୍ୱ ସଂଗ୍ରହରେ ୧୯ପ୍ରତିଶତ ଅଭିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ବିଭିନ୍ନ ବିଭାଗର ରାଜସ୍ୱ ପରିଚାଳନା କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଜୁନ ଓ ଜୁଲାଇରେ ବଜେଟ ବିନିଯୋଗ ଏବଂ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ବିଭାଗଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି । ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରି ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ କହିଛନ୍ତି ଯେ, ଏଥିପାଇଁ ଜାତୀୟସ୍ତରରେ ୩୦୬ ମାନାଙ୍କ ଚିହ୍ନଟ କରାଯାଇଛି । ଏଗୁଡିକରେ ପ୍ରାୟ ୧୮ଟି ବିଭାଗର କାର୍ଯ୍ୟ ଅନ୍ତର୍ଭୁକ୍ତ। ତନ୍ମଧ୍ୟରୁ ଓଡ଼ିଶା ପାଇଁ ପ୍ରଯୁଜ୍ୟ ଲକ୍ଷ୍ୟଗୁଡିକୁ ଚିହ୍ନଟ କରି ସେଗୁଡିକ ହାସଲ ନିମନ୍ତେ ସମୟ ଅନୁବନ୍ଧିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବାର୍ଷିକ ବଜେଟ ଆସନ୍ତା ୨୮ରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି। ଏଥିଲାଗି ନିଜନିଜ ବିଭାଗର ନୂଆ ପଦକ୍ଷେପ ବିଷୟରେ ତୁରନ୍ତ ଅର୍ଥ ବିଭାଗକୁ ଅବଗତ କରାଇବାକୁ ସେ କହିଛନ୍ତି। ବିଭିନ୍ନ ସରକାରୀ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଏବଂ ସାଧାରଣ ଉଦ୍ୟୋଗଗୁଡ଼ିକ ନିଜ ବିଭାଗ ପାଇଁ ଆବଶ୍ୟକ କ୍ରୟ ଅନ୍‌ଲାଇନ୍ ମାଧ୍ୟମରେ ଅର୍ଥାତ୍ 'ଜେମ୍ ପୋର୍ଟାଲ୍' ଦ୍ୱାରା କରିବାକୁ ବିଭାଗଗୁଡିକୁ ପରାମର୍ଶ ଦିଆଯାଇଛି। ଏଥିଲାଗି ଆବଶ୍ୟକ ତାଲିମ ଓ ସହାୟତା କୋଷାଗାର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଥିବା ଜେମ୍ ପୋର୍ଟାଲ୍ ୟୁନିଟ୍ ଯୋଗାଇବ। ବର୍ତ୍ତମାନ ସୁଦ୍ଧା ଏହି ପୋର୍ଟାଲ୍‌ରେ ୯୧୮ଟି ବ୍ୟବହାରକାରୀ ସଂସ୍ଥା ପଞ୍ଜୀକୃତ ହୋଇଛନ୍ତି।

ଚଳିତ ମାସ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ପୂର୍ବ ବର୍ଷର ଏହି ସମୟ ଅପେକ୍ଷା ବଢିଛି। ୨୦୧୮ ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୫୪୬୬ କୋଟି ଟଙ୍କା ହୋଇଥିଲା। ଚଳିତ ବର୍ଷ ମେ ସୁଦ୍ଧା ଏହା ୬୫୦୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଗତବର୍ଷ ଅପେକ୍ଷା ଏଥର ୧୦୩୯ କୋଟି ଟଙ୍କା ଅଧିକ ରାଜସ୍ୱ ଆଦାୟ ହୋଇଛି। ଏହା ମଧ୍ୟରୁ ନିଜସ୍ୱ ଟିକସ ବାବଦରେ ୪୨୫୭ କୋଟି ଟଙ୍କା ସଂଗ୍ରହ ହୋଇ ୯.୨୫% ଏବଂ ଅଣଟିକସ ବାବଦରେ ୨୨୪୭ କୋଟି ଟଙ୍କା ସଂଗ୍ରହ ହୋଇ ୪୩.୨୧% ବୃଦ୍ଧି ହୋଇଛି। ଅଣଟିକସ ରାଜସ୍ୱ ବାବଦରେ ଇସ୍ପାତ ଓ ଖଣି ବିଭାଗର ଖଣି ରୟାଲ୍‌ଟିରେ ସର୍ବାଧିକ ୫୧.୧୮% ଏବଂ ଜଳ ସମ୍ପଦ ବିଭାଗ ଶିଳ୍ପ ପାଇଁ ଜଳ ଦେୟରେ ୧୬.୨୨% ବୃଦ୍ଧି ଘଟିଛି। ନିର୍ବାଚନ ଆଚରଣ ବିଧି ଯୋଗୁ ଗତ ମାସରେ ଯୋଜନା ଓ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ପରିମାଣ ପୂର୍ବ ବର୍ଷ ତୁଳନାରେ କମ୍ ରହିଛି। ମେ ଶେଷସୁଦ୍ଧା ଯୋଜନା ବାବଦରେ ବଜେଟ ବିନିଯୋଗ ୮୭୪୬ କୋଟି ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ତୁଳନାରେ ୧୯ପ୍ରତିଶତ କମ୍ ବୋଲି ଜଣାପଡିଛି।

■ ନେପାଳ ଦୁର୍ଘଟଣାରେ ୨ ଓଡ଼ିଆଙ୍କ ମୃତ୍ୟୁ ଘଟଣା

# ଧର୍ମେନ୍ଦ୍ରଙ୍କ ଚିଠି ପରେ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ସମ୍ବିତ୍

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଓଡ଼ିଆ ତୀର୍ଥଯାତ୍ରୀମାନେ ଥିବା ଏକ ବସ୍ ସୋମବାର ନେପାଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇଜଣ ଓଡ଼ିଆଙ୍କ ମୃତ୍ୟୁ ହେବା ସହ ୨୧ଜଣ ଆହତ ହୋଇଛନ୍ତି। ୨ ମୃତକ ବିଜୟ କୁମାର ଜେନା, ଚରଣ ବିଶ୍ୱାଳ ଯଥାକ୍ରମେ ପୁରୀ ଓ ଖୋର୍ଦ୍ଧା ଜିଲାର ହୋଇଥିବାବେଳେ କେତେଜଣ ଆହତ ମଧ୍ୟ ଏହି ଦୁଇ ଜିଲାର। ଆହତମାନଙ୍କ ଚିକିତ୍ସା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଗାଁ ଫେରାଇ ଆଣିବା ଏବଂ ମୃତଦେହ ଅଣାଯିବା ପ୍ରସଙ୍ଗରେ ସହଯୋଗ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ ଚିଠି ଲେଖିଥିଲେ। ଏହାର ଦିନକପରେ ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଜୟଶଙ୍କରଙ୍କୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ସାକ୍ଷାତ୍ କରିଛନ୍ତି। ଜୟଶଙ୍କରଙ୍କ ସହ ଆଲୋଚନା କରିବା ପରେ ସମ୍ବିତ କହିଛନ୍ତି, ଆମ ଦୁଇଜଣ ଓଡ଼ିଆ ଭାଇ ତୀର୍ଥ ପାଇଁ ଯାଇ ଜୀବନ ହରାଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଘଟଣା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଅବଗତ କରାଯାଇ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କୁ ଆଉଥରେ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛି। ସେ ନିଜେ ଫୋନ୍ ଯୋଗେ ନେପାଳ ଅଧିକାରୀଙ୍କ ସହ ଆଲୋଚନା କଲେ। ମୃତକ ଏବଂ ଆହତଙ୍କ ଲାଗି ଯାହା ଆବଶ୍ୟକ ପଡିବ ସେସବୁ ଯୋଗାଇ ଦେବା ଲାଗି ମନ୍ତ୍ରଣାଳୟକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୃତଶରୀର ନେପାଳରୁ ଫେରିବା ପରେ ଓଡ଼ିଶା ଯିବି, ଯାହାସବୁ ଆବଶ୍ୟକ ପଡ଼ିବ ସେସବୁ ସହଯୋଗ ଯୋଗାଇ ଦେବି ବୋଲି ସମ୍ବିତ କହିଛନ୍ତି।

# ଟ୍ରେଲର ପଛରେ ପିଟିଲା ପିକ୍‌ଅପ୍, ୨ ମୃତ

ଚଣ୍ଡିଖୋଲ,୧୨।୬(ଡି.ଏନ.ଏ.)

୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ହାଟକରନ୍ଧା ଛକ ନିକଟରେ ବୁଧବାର ଟ୍ରେଲରକୁ ପିକଅପ୍ ଭ୍ୟାନ୍ ପଛପଟୁ ଧକ୍କା ଦେବାରୁ ୨ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଚନ୍ଦକା ଥାନା ଅଧୀନ ମହୁଲ ଗ୍ରାମର ଗାଡ଼ି ଚାଳକ ମଳୟକାନ୍ତ ଛୋଟରାୟ (୩୩) ଓ ତାଙ୍କ କକା ସଚିଦାନନ୍ଦ ଛୋଟରାୟ (୩୫)। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ପ୍ରକାଶ ଯେ, ପିକଅପ୍ ଭ୍ୟାନ୍ ଚଣ୍ଡିଖୋଲରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଅସାବଧାନତା ଯୋଗୁ ଜାତୀୟ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରେଲରକୁ ପଛପଟୁ ଧକ୍କା ଦେଇଥିଲା। ତେବେ ଘଟଣାସ୍ଥଳରେ ପିକଅପ୍ ଭ୍ୟାନ୍‌ରେ ଥିବା ୨ ଜଣଙ୍କର ମୃତ୍ୟୁ ଘଟିଛି।




ଦୁର୍ଘଟଣାଗ୍ରସ୍ତ ଗାଡ଼ି।

## ପ୍ରଥମ ପୃଷ୍ଠାରୁ...

### ୪୨ ଡିଗ୍ରୀ ଖରାରେ ...

ଫଳରେ ଜଣକ ପରେ ଜଣେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ଅଧିକାଂଶ ଅଚେତ ହୋଇପଡିଥିଲେ। ତୁରନ୍ତ ସେମାନଙ୍କୁ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଆଣିବାକୁ ଉପସ୍ଥିତ ଅଧିକାରୀମାନେ ଫୋନ୍ କରି କାର୍ଯ୍ୟାଳୟକୁ ଜଣାଇଥିଲେ। ହେଲେ ଡ୍ରାଇଭର ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ପରେ ସ୍କୁଟି, ବାଇକ୍ ଓ ଅନ୍ୟ ଗାଡ଼ିରେ ସେମାନଙ୍କୁ ଟ୍ରେନିଂ ସେଣ୍ଟର ପରିସରସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ୨୦ ଏସ୍ଓଜି ଯବାନ, ୩ଜଣ ଏସ୍ଆଇ ଓ ଜଣେ ମହିଳା ଡିଏସ୍‌ପିଙ୍କୁ ଅକ୍ସିଜେନ, ସାଲାଇନ୍ ଦିଆଯାଇ ଚିକିତ୍ସା ଆରମ୍ଭ ହୋଇଥିବାବେଳେ ଅନ୍ୟ କେତେଜଣ ସାମାନ୍ୟ ଅସୁସ୍ଥଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ଘଟଣା ସଂକ୍ରାନ୍ତରେ ଏସ୍ଓଜି ଟ୍ରେନିଂ କମାଣ୍ଡାଣ୍ଟ ଅନିରୁଦ୍ଧ କୁମାର ସିଂଙ୍କୁ ପଚାରିବାରୁ ସେ କହିଲେ, ମାଓବାଦୀଙ୍କ ସହ ଲଢ଼ିବାକୁ ଆମକୁ ସେପରି ଦକ୍ଷ ହେବାକୁ ପଡ଼ିବ। ତେଣୁ ଯବାନ ଓ ପୋଲିସ ଅଧିକାରୀଙ୍କୁ କଡା ଟ୍ରେନିଂ ଦେବାକୁ ପଡୁଛି। ବୁଧବାର ଟ୍ରେନିଂ ସମୟରେ ଗରମ ଓ ଗୁଳୁଗୁଳି ଟିକେ ଅଧିକ ଥିଲା। ୧୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡିବାରୁ ସେମାନଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିଲା। ଏବେ ସେମାନେ ସୁସ୍ଥ ଅଛନ୍ତି।

### ଏସ୍‌ଓଜି ଟ୍ରେନିଂ ...

ଏସ୍ଆଇ ଭାବେ କାର୍ଯ୍ୟ କରୁଛନ୍ତି। ଆର୍ମ୍ସ ଆଣ୍ଡ ଏକ୍ସପ୍ଲୋସିଭ୍ସ ଟାକ୍ଟିସ୍ (ଏଇଟି) ଟ୍ରେନିଂ ପାଇଁ ଚନ୍ଦକା ଏସ୍ଓଜି ସେଣ୍ଟରକୁ ଆସିଛନ୍ତି। ଟ୍ରେନିଂ ସମୟରେ ପୁରୀ ଜିଲା ନିମାପଡ଼ାକୁ ବାତ୍ୟା ଡ୍ୟୁଟିରେ ଯାଇଥିଲେ। ଏହି ସମୟରେ ଅଣ୍ଟାରେ ଗୁରୁତର ଆଘାତ ଲାଗିବାରୁ ନିମାପଡ଼ା ସିଏଚ୍‌ସିରେ ଚିକିତ୍ସିତ ହୋଇଥିଲେ। କଷ୍ଟ ଅନୁଭବ କରୁଥିବାରୁ ଫେରିବା ପରେ ଏସ୍ଓଜି ଟ୍ରେନିଂ ସେଣ୍ଟର ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଥିଲେ। କୌଣସି ଶାରୀରିକ ପରିଶ୍ରମ ଓ ଅଣ୍ଟା ଉପରେ ଚାପ ପଡ଼ିବା ଭଳି କାର୍ଯ୍ୟ ନ କରିବାକୁ କହି ୩ଦିନ ବିଶ୍ରାମ ନେବାକୁ ମେଡିକାଲ ଅଫିସର ପରାମର୍ଶ ଦେଇଥିଲେ।

୧୧ ତାରିଖ ସକାଳେ ଟ୍ରେନିଂ ଅଫିସର ତାଙ୍କୁ ଦୌଡ଼ାଇବା ସହ ତାଙ୍କୁ କେତେକ ବ୍ୟାୟାମ କରିବାକୁ କହିଥିଲେ। ହେଲେ ଡାକ୍ତର ମନା କରିଥିବା କହିବାରୁ ସେ ଏ ସଂକ୍ରାନ୍ତରେ ଟ୍ରେନିଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଜଣାଇଥିଲେ। ଏହାପରେ ସେ ତାଙ୍କୁ ଏସ୍ଓଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କ ନିକଟକୁ ନେଇଥିଲେ। ଘଟଣା ସଂକ୍ରାନ୍ତରେ ବିଶ୍ୱଜିତ୍ ସବୁକିଛି ଜଣାଇଥିଲେ ମଧ୍ୟ କମାଣ୍ଡାଣ୍ଟ ସିଂ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଥାନା ପୋଲିସ ସବୁ ଦେଶଦ୍ରୋହୀ, ମାସିକିଆ ଖାଉଛ ବୋଲି କହି ଉତ୍ତେଜିତ ହୋଇପଡିଥିଲେ। ଏପରିକି ଚାକିରିରୁ ବାହାର କରିଦେବାକୁ ଧମକ ଦେଇଥିଲେ। ସେଠାରେ ଅନ୍ୟ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଶ୍ୱଜିତ୍ ମାନସିକ ଯନ୍ତ୍ରଣା ପାଇବା ସହ ଏ ସଂକ୍ରାନ୍ତରେ ଆଡିଶନାଲ ଡିଜି ଟ୍ରେନିଂ ଓ ଆଇଜି ପର୍ସୋନେଲ୍‌ଙ୍କୁ ଭେଟିବାକୁ ଏସ୍ଓଜି କମାଣ୍ଡାଣ୍ଟ ସିଂଙ୍କୁ ଦରଖାସ୍ତ ଲେଖିଥିଲେ। ହେଲେ ଗୋଟିଏ ଦିନ ବିତିଯାଇଥିଲେ ମଧ୍ୟ ସେ ଏଥିପାଇଁ ଅନୁମତି ଦେଇ ନ ଥିଲେ। ୧୨ ତାରିଖରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ କମାଣ୍ଡାଣ୍ଟ ସିଂ ସେଠାରେ ପହଞ୍ଚି ତାଙ୍କୁ ବିଶ୍ରାମ ନ ଦେବାକୁ ଡାକ୍ତରଙ୍କୁ କହିବା ସହ ଚାକିରିରୁ ବହିଷ୍କାର କରିବାକୁ ପୁଣି ଧମକ ଦେଇଥିଲେ ବୋଲି ବିଶ୍ୱଜିତ୍ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ବିଶ୍ୱଜିତ୍‌ଙ୍କ ଏପରି ଅଭିଯୋଗ ଓ ବୁଧବାର ଟ୍ରେନିଂ ସମୟରେ ୨୪ରୁ ଉର୍ଦ୍ଧ୍ୱ ଅସୁସ୍ଥ ହେବା ପରେ ଖବର ସଂଗ୍ରହ ପାଇଁ ଟ୍ରେନିଂ ସେଣ୍ଟରକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ କେତେଜଣ ଯବାନ ମୁହଁ ଖୋଲିଛନ୍ତି। ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେଠାରେ ଚାଲିଥିବା ଦୁର୍ନୀତି ବିଷୟରେ ନାମ ଗୋପନ ରଖି କହିଛନ୍ତି ଯେ, ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ କେତେଜଣ ଅଧିକାରୀ ଓ କର୍ମଚାରୀ ଚୌକି ଦଖଲ କରି ରାଜ୍ କରୁଛନ୍ତି। ଦାୟିତ୍ୱରେ ଥିବା ନିର୍ଦ୍ଦିଷ୍ଟ ଅଧିକାରୀ ଟ୍ରେନି ପିଲାଙ୍କ ପାଇଁ ଆସୁଥିବା ଖାଦ୍ୟ ଏବଂ ପୋଷାକ ଟଙ୍କାକୁ ବାଟମାରଣା କରୁଛନ୍ତି। ଏ ନେଇ ମୁହଁ ଖୋଲିଲେ ଅତ୍ୟାଚାର କରାଯାଉଛି। ଚାକିରି ନେଇଯିବାକୁ ଧମକ ଦିଆଯାଉଛି।

ଏସ୍ଓଜି ଟ୍ରେନିଂ କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ କୁହନ୍ତି, ବିଶ୍ୱଜିତ୍‌ଙ୍କ ଅଭିଯୋଗ ଠିକ୍ ନୁହେଁ। ସେ ଗତକାଲି ୩ କିମି ଦୌଡ଼ିବା ପରେ ଅଣ୍ଟାରେ ଯନ୍ତ୍ରଣା ହେଉଥିବା ବାହାନା କରି ହସ୍ପିଟାଲରେ ଥିଲେ। ବୁଧବାର ତାଙ୍କୁ ହସ୍ପିଟାଲରେ ଭେଟିବାବେଳେ ବିଶ୍ୱଜିତ୍‌ଙ୍କୁ ତାଗିଦ୍ କରିବାରୁ ସେ ଯୁକ୍ତିତର୍କ କରିଥିଲେ। ସସ୍‌ପେଣ୍ଡ କରିଦେବାକୁ କହିବାରୁ ସେ ମିଡିଆ ଓ ଥାନାରେ ଏପରି ଅଭିଯୋଗ ଆଣିଥିବା ସିଂ କହିଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତି ଓ ଅନ୍ୟ ଅଭିଯୋଗ ସଂକ୍ରାନ୍ତରେ ଡିଜିପି ଆର୍.ପି. ଶର୍ମାଙ୍କୁ ଜଣାଇବାରୁ ସେ ଏହା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

### ବାର୍ କାଉନ୍‌ସିଲ ...

ଲଗାତର ୩ଟି ଗୁଳି ଦରବେଶଙ୍କ ଉପରକୁ ଚଳାଇଥିଲେ। ପରେ କେହି କିଛି ଚିନ୍ତା କରିବା ପୂର୍ବରୁ ସେ ନିଜକୁ ଗୁଳିକରି ଦେଇଥିଲେ। ଗୁଳିବିଦ୍ଧ ଦରବେଶଙ୍କୁ ନିକଟସ୍ଥ ପୁଷ୍ପାଞ୍ଜଳି ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମନୀଷ୍‌ଙ୍କୁ ଲୋଟସ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ତାଙ୍କର ପିସ୍ତଲକୁ ଜବତ କରି ତଦନ୍ତ ଜାରି ରଖିଥିବା ଆଗ୍ରା ସିଟି ଅତିରିକ୍ତ ଏସ୍‌ପି ପ୍ରବୀଣ ବର୍ମା କହିଛନ୍ତି।


# classifieds Everyday
0674-2580101, 2549302

real estate

**SALE**

Bhubaneswar ସନ୍ନିକଟ ପିତାପଲ୍ଲୀ ଛକଠାରେ BDA Commercial Plot 60', 40', 30'ର ରାସ୍ତା ଥାଇ ଇଲେକ୍ଟ୍ରିକ୍ ପୋଲ ସହିତ ମାତ୍ର 6,60,000/- ଟଙ୍କାରେ କିଣନ୍ତୁ। Contact: 9439101373, 8917697736. D-12915

1200 sqft land, 900 sqft construction simplex, Brahmanjharilo, 6k.m from Nakhara 25lakhs LIC approved. 9861281504. D-12941

ଭୁବନେଶ୍ୱର ଗଙ୍ଗପଡ଼ା ଟୋଲ୍‌ଗେଟ୍ ପାଖରେ possession plot sqft. 300/-, 180/-. 9348232008. D-56646

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

Yellowzone prime plot for sale at Malipada mainroad, Bhubaneswar near SUM Hospital @ 1600/- sqft. Contact: 9777063609. D-66140

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

healthcare

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Experience full body massage with us (expert). Call: 7377048581, 0674- 2597822. D-66555

Full body massage with refreshment, expert therapist. 7381239385, 0674-2540855. D-66554

Herbal full body massage by smart/expert therapist. Contact: 8338067247.D-66556

Newly opening ayurvedic body massage smart therapist, Shree herbal. 7750020754.D-66557

Summer special mesmerizing offer expert therapeutic refreshing massage appointment. 9668374480. D-66560

Sampark ayurvedic massage club fully relaxed by smart lady, home service available. 8280102993. D-65900


**ଇଣ୍ଡିଆନ୍‌ଅଏଲ୍ ଅଧିକାରୀଙ୍କୁ ପିଏଚ୍.ଡି ଉପାଧି**



ଇଣ୍ଡିଆନ୍‌ଅଏଲର ଗୌହାଟୀ ରିଫାଇନରୀରେ ଉପ ମହାପ୍ରବନ୍ଧକ ରୂପେ କାର୍ଯ୍ୟରତ ଶ୍ରୀ ମନୋଜ କୁମାର ରାଏ ରାଜସ୍ଥାନର ଜେଜେଟି ବିଶ୍ୱବିଦ୍ୟାଳୟରୁ "Behaviour Based Safety" ବିଷୟରେ ସନ୍ଦର୍ଭ ପାଇଁ ପିଏଚ୍.ଡି ଉପାଧି ପାଇଛନ୍ତି। ଯାଜପୁର ଜିଲ୍ଲାର ଧନିପୁର ଗ୍ରାମର ସ୍ୱ ସୁରେନ୍ଦ୍ର କୁମାର ରାଏଙ୍କ ପୁତ୍ର ଶ୍ରୀ ମନୋଜ କୁମାର ରାଏ, ଇଶ୍ୱରପୁର ହାଇସ୍କୁଲରୁ ମାଟ୍ରିକ୍, ଯାଜପୁର ଗୋଦାବରିଶ ମହାବିଦ୍ୟାଳୟରୁ ବି.ଏସ୍‌ସି ଉତ୍ତୀର୍ଣ୍ଣ ହେବା ପରେ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରି ୧୯୯୩ ମସିହାରେ ଇଣ୍ଡିଆନ୍‌ଅଏଲ କର୍ପୋରେସନର ଡିଗବୋଇ ରିଫାଇନରୀରେ ଟ୍ରେନି ଗ୍ରାଜୁଏଟ ଇଞ୍ଜିନିୟର ରୂପେ ଯୋଗଦାନ କରିଥିଲେ ଏବଂ ସେ ମଥୁରା ରିଫାଇନରୀ ଓ ପାରାଦୀପ ରିଫାଇନରୀରେ ମଧ୍ୟ କାର୍ଯ୍ୟ କରିଛନ୍ତି। ପାରାଦୀପ ରିଫାଇନରୀ ପରିଯୋଜନା ଆରମ୍ଭ ହେବା ସମୟରୁ ନିରାପତ୍ତା ପରିଚାଳନା ପଦ୍ଧତିରେ ବ୍ୟାପକ ଉନ୍ନତି ଆଣିବା ଏବଂ ଏହି ବୃହତ ପରିଯୋଜନା ନିର୍ମାଣ ସମୟରେ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟଗୁଡିକର ସୁପରିଚାଳନା କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି । ୨୦୦୩ ମସିହାରେ ଡିଗବୋଇ ରିଫାଇନରୀରେ ଘଟିଥିବା ବଡ଼ ଧରଣର ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବାରେ ମଧ୍ୟ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା ଏବଂ ଏଥିପାଇଁ ସେ ରାଷ୍ଟ୍ରପତିଙ୍କ ପଦକ ପାଇଁ ମନୋନୀତ ହୋଇଥିଲେ। ଶ୍ରୀ ରାଏ ପିଏଚ୍.ଡି ଡିଗ୍ରୀ ହାସଲ କରିବା ପୂର୍ବରୁ ରିଜିନାଲ୍ ଲେବର୍ ଇନ୍‌ଷ୍ଟିଚ୍ୟୁଟ, କଲିକତାରୁ ଇଣ୍ଡଷ୍ଟ୍ରିଆଲ୍ ସେଫ୍ଟିରେ ପୋଷ୍ଟ ଡିପ୍ଲୋମା, ୟୁନିଭରସିଟି ଅଫ୍ ପେଟ୍ରୋଲିୟମ୍ ଆଣ୍ଡ ଏନର୍ଜି ଷ୍ଟଡିଜ୍, ଡେରାଡୁନ୍‌ରୁ ଏମ୍.ଟେକ୍ ଓ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ସେଫ୍ଟି ସମ୍ବନ୍ଧୀୟ ତାଙ୍କର ଅନେକ ପ୍ରବନ୍ଧ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶିତ ହୋଇଅଛି।


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## କିଛି ତଥ୍ୟ

ଦେଶର ଇଞ୍ଜିନିୟରିଂ ରପ୍ତାନି ୨୦୧୮-୧୯ରେ ୬.୩୬% ବୃଦ୍ଧି ପାଇ ୮୩.୭ ବିଲିୟନ ଡଲାରରେ ପହଞ୍ଚିଛି।

– ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ପୂରଣ କରାଇବ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ସମ୍ଭାବନା ରହିଛି।

**ବୃଷ** ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯାଇପାରେ। ଶୁକ୍ର ପ୍ରଭାବରୁ କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ଅଯଥା ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ଆଜିର ବନ୍ଧୁମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି ଯାହା କରନ୍ତୁନା କାହିଁକି କୌଣସି କାମରେ ପଛକୁ ହଟିବେ ନାହିଁ। ପିଲାଙ୍କ ଅଭିଯୋଗକୁ ଅଦେଖା ଅଶୁଣା କରିବା ଆଗାମୀ ପାଇଁ ସମସ୍ୟାର କାରଣ ହୋଇପାରେ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**କର୍କଟ** କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ନୂତନ କର୍ମାରମ୍ଭ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ସଭାସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ପ୍ରଫୁଲ୍ଲିତ ହୋଇଯିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** ରବି ଦଶମ କେନ୍ଦ୍ରରେ ଥିବାରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତା ଅବଶ୍ୟ ଲାଭ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ନୃତ୍ୟ ଓ ସଙ୍ଗୀତ ସମାରୋହରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ।

**କନ୍ୟା** ତୃତୀୟ ଅଷ୍ଟମାଧିପ ମଙ୍ଗଳ ରାଶ୍ୟାଧିପତିଙ୍କ ସହ ଅବସ୍ଥାନ କରି ସ୍ୱାସ୍ଥ୍ୟ ଓ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରନ୍ତି। ଆର୍ଥିକ ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ନିଜର କୌଣସି ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭୁଲ୍ ବିଚାର ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** କର୍ମାଧିପ ନିଜ ରାଶିରେ ଅନ୍ୟ ଗ୍ରହର ଦୃଷ୍ଟି ଆଢୁଆଳରେ ରହୁଥିବାରୁ ଆଜି ନିଜର ମନ ଅନୁଯାୟୀ କାମ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସତର୍କତା ଅଭାବରେ ଯାନବାହନ ଚାଳନାରେ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ଆଲୋଚନା କ୍ଷେତ୍ର କିମ୍ବା ସଭାସମିତିରେ ନିଜର ପ୍ରାଧାନ୍ୟତା ବଜାୟ ରହିବ।

**ବିଛା** ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ୍ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଓ ଅଷ୍ଟମସ୍ଥ ରବି କାର୍ଯ୍ୟକୁ ଏପଟ ସେପଟ କରିଦେଇପାରେ। ଅପ୍ରିୟ ସତ୍ୟକଥା ପ୍ରକାଶ କରିବା ଦ୍ୱାରା ଭଲ ସମ୍ପର୍କ ଥିବା ବ୍ୟକ୍ତିମାନେ ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧହେବେ।

**ଧନୁ** ଏକାଦଶ ଚନ୍ଦ୍ର ପ୍ରଭାବରୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ରର ସ୍ଥିତି ପ୍ରାୟତଃ ଭଲ ରହିବ। ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବୁଧ ନକ୍ଷତ୍ରସ୍ଥ ବୃହସ୍ପତି ପ୍ରଭାବରୁ ଜଞ୍ଜାଳ ବୃଦ୍ଧି ପାଇବ, ଯାହା ଦୁଶ୍ଚିନ୍ତାର କାରଣ ହୋଇପାରେ। ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହୋଇପାରନ୍ତି।

**ମକର** ଆଜି ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଯେଉଁ କାମରେ ହାତ ଦେଲେ ମଧ୍ୟ ସେଥିରେ ସଫଳତା ନିଶ୍ଚିତ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜି ମନୋରଞ୍ଜନ ପ୍ରୀତିପ୍ରଦ ହେବ। ସହକର୍ମୀ କିମ୍ବା ବନ୍ଧୁବର୍ଗଙ୍କ ସାହାଯ୍ୟ ଲାଭକରି କାମଗୁଡ଼ିକୁ ତ୍ୱରାନ୍ୱିତ କରିପାରିବେ। ନୂତନ ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଉପଢୌକନ ଲାଭ ଯୋଗ ରହିଛି ।

**କୁମ୍ଭ** ରବିଙ୍କ ଚତୁର୍ଥଭାବ ସ୍ଥିତି ପରିବାର, ଲୋକସମ୍ପର୍କ ଓ କର୍ମସଂସ୍ଥାନ ପ୍ରତି କିଛିଟା ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ଘରୋଇ କ୍ଷେତ୍ରରେ ନିଜ ଲୋକମାନେ ଅଯଥା ସମସ୍ୟା ସୃଷ୍ଟି କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ କର୍ମ ପରିସରକୁ ବ୍ୟାପକ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବନାହିଁ।

**ମୀନ** ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ଆପଣଙ୍କ ପୂର୍ବ ସ୍ଥିରୀକୃତ କାମକୁ ଯଥା ସମୟରେ ସମ୍ପନ୍ନ କରିବା କଷ୍ଟକର ହେବ। ଟେନସନ୍ ଲାଗି ରହିବା କାରଣରୁ ଆଲୋଚନା, ସଭାସମିତି, ପ୍ରଶାସନ, ରାଜନୀତି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ଜଳା ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ବ୍ରତ, ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଓ ବିବାହ ମହୋତ୍ସବ, ଜୁନ୍ ୧୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୧୧।୪୫ମି. ପର୍ଯ୍ୟନ୍ତ ଚିତ୍ରା/ତୁଳା, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହପ୍ରବେଶ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୦୬ମି. ଗତେ ଘ୧୨।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୪୯ମି. ମଧ୍ୟେ ଘ୧୨।୪୫ମି. ଗତେ, ଘ୨।୦୩ମି. ମଧ୍ୟେ ମାହେନ୍ଦ୍ରବେଳା।



ଭାରତର ପୂର୍ବତନ ପ୍ରଧାନ ବିଚାରପତି ଆର୍.ଏମ୍. ଲୋଧାଙ୍କୁ ଠକିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଦିଲ୍ଲୀ କୋର୍ଟରେ ବୁଧବାର ତାଙ୍କୁ ହାଜର କରାଯିବା ପରେ ପୋଲିସ ୨ ଦିନ ରିମାଣ୍ଡରେ ନେଇଛି। ଜଣେ ଅଜଣାବ୍ୟକ୍ତି ଜଷ୍ଟିସ ଲୋଧାଙ୍କ ସହକର୍ମୀ ତଥା ସୁପ୍ରିମକୋର୍ଟରେ ଅବସରପ୍ରାପ୍ତ ବିଚାରପତି ବି.ପି. ସିଂଙ୍କ ଇ-ମେଲ୍ ହ୍ୟାକିଂ କରି ଲୋଧାଙ୍କଠାରୁ ଲକ୍ଷେ ଟଙ୍କା ଠକି ନେଇଥିଲା। ପରେ ତାଙ୍କ ବନ୍ଧୁଙ୍କ ଇ-ମେଲ୍ ହ୍ୟାକ୍ ହୋଇଥିବା ଜାଣିବା ପରେ ଲୋଧା ଥାନାରେ ଏତଲା ଦେଇଥିଲେ।



## ଜିଲା ଚିଠି
### କଟକ

## ଗୁହାଳ ଖୋଜା

କଟକରେ ଏବେ ଗୁହାଳ ଖୋଜା ଚାଲିଛି। ସାଧାରଣତଃ ଗାଁଗହଳିରେ ବର୍ଷାଦିନ ପୂର୍ବରୁ ଜାଳକାଠକୁ ସାଇତି ରଖିବା ପାଇଁ ଲୋକେ ଭାଡ଼ି (ଅସ୍ଥାୟୀ କୁଡ଼ିଆ) ନିର୍ମାଣ କରିଥାନ୍ତି। ସେଥିରେ ଜାଳକୁ ବର୍ଷାଦାଉରୁ ରକ୍ଷା କରିଥାନ୍ତି। ଏହାବାଦ୍ ମୁଗ ବୋଡି (ମୁଗ ଶୁଖିଲା ପତ୍ର)କୁ ଗୋରୁଙ୍କୁ ବର୍ଷା ଦିନେ ଖାଇବାକୁ ଦେବା ପାଇଁ ମଧ୍ୟ ଭାଡ଼ି ତିଆରି ହୋଇଥାଏ। କିନ୍ତୁ ଏହି ଭାଡ଼ିଗୁଡ଼ିକ ଏବେ ଗୁହାଳର ମାନ୍ୟତା ପାଉଛି। ରାତାରାତି ଜାଳ ଓ ବୋଡି ଭାଡ଼ିଗୁଡ଼ିକ ଗୁହାଳ ପାଲଟିବା ପଛରେ ଫନୀ ବାତ୍ୟାର ହାତ ରହୁଛି। କାରଣ ଫନୀରେ ଭାଙ୍ଗିଯାଇଥିବା ଗୁହାଳଗୁଡ଼ିକ ପାଇଁ ସରକାର ଗୁହାଳ ପିଛା ୨୧ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଉଛନ୍ତି। ତେଣୁ ଏହି ଅର୍ଥ ହାତେଇବା ପାଇଁ ଘରେ ଗୋରୁ ଥାଆନ୍ତୁ କି ନ ଥାନ୍ତୁ କିନ୍ତୁ ଗୁହାଳ ଥିବା ଦର୍ଶାଯାଉଛି। ଜାଳ, ବୋଡିଭାଡ଼ିକୁ ଗୁହାଳ ଦର୍ଶାଇବାରେ ଲୋକମାନଙ୍କୁ ଭରପୂର ସହାୟତା ଯୋଗାଉଛନ୍ତି ତହସିଲର କର୍ମଚାରୀମାନେ। ଯେହେତୁ ୨୧ହଜାର ଟଙ୍କା ସହାୟତା ମିଳିବ ତେଣୁ ସେଥିରୁ ଯଦି ୫ରୁ ୧୦ହଜାର ବାଟରେ ଖର୍ଚ୍ଚ ହେଉଛି, ସେଥିପ୍ରତି ନକଲି ଗୁହାଳଧାରୀମାନେ ଚିନ୍ତା କରୁନାହାନ୍ତି। ତେଣୁ ତହସିଲ କର୍ମଚାରୀମାନେ ଗାଁ ଗାଁ ବୁଲି ଗୁହାଳ ଖୋଜୁଥିବାବେଳେ ଗୁହାଳ ମାଲିକ ହେବା ପାଇଁ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ରାତି ପାହିଲେ ବିଭିନ୍ନ ତହସିଲ ଅଫିସ୍‌ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଜିଲା ଜରୁରିକାଳୀନ ବିଭାଗ କାର୍ଯ୍ୟାଳୟରେ ତାହାଠୁ ଅଧିକ ଦରଖାସ୍ତର ଭିଡ଼। ଏହି କ୍ରମରେ ଦେଖିଲେ କଟକ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୮ହଜାର ୭୫ଟି ଗୁହାଳ ଚିହ୍ନଟ କରାଯାଇଛି। ଏହି ଗୁହାଳଗୁଡ଼ିକ ପାଇଁ ୫ କୋଟି ୮୯ ଲକ୍ଷ ୫୭ହଜାର ୫୦୦ ଟଙ୍କାର ସହାୟତା ରାଶି ଆବଶ୍ୟକ ଥିବା ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ବାସ୍ତବରେ ସେହି ୨୮ହଜାର ୭୫ ଗୁହାଳ ଭିତରେ ଗୋରୁ ରହୁଥିଲେ ନା ଜାଳକାଠ ଆଦି ରହୁଥିଲା ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ। ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ପ୍ରକୃତ ହିତାଧିକାରୀ ଏହାର ଫାଇଦା ପାଇ ନ ଥାନ୍ତି। ମୁଖ୍ୟତଃ ଫନୀ ଯଦି କାହାର ସର୍ବାଧିକ କ୍ଷତି କରିଛି, ତେବେ ପରିବେଶର କରିଛି, ଯାହାର ପରିଣାମ ସମସ୍ତଙ୍କୁ ତତ୍କାଳ ଭୋଗିବାକୁ ପଡ଼ିଛି। ମେ'ର ପ୍ରଚଣ୍ଡ ଉତ୍ତାପକୁ ଦେଖି ପରିବେଶ ବିଜ୍ଞାନୀମାନେ ସିଧାସଳଖ ଫନୀରେ ଉଜୁଡ଼ିଯାଇଥିବା ସବୁଜିମାକୁ ଦାୟୀ କରିଥିଲେ। ସରକାର ଏବେ ଫନୀ କ୍ଷୟକ୍ଷତିର ଭରଣା ପାଇଁ ତତ୍ପର ହୋଇଛନ୍ତି। ସରକାର ଯେତିକି ତତ୍ପର, ଫନୀରୁ ଫାଇଦା ମାରିବାକୁ ଅନେକ ସରକାରୀ ଅଧିକାରୀ, ନେତା ଓ ଲୋକେ ମଧ୍ୟ ଅଧିକ ତତ୍ପର ହୋଇଉଠିଛନ୍ତି। ହେଲେ ପ୍ରତିବାଦ କରିପାରୁ ନ ଥିବା ପରିବେଶ ନିଜର ଉଜୁଡ଼ା ନଗ୍ନ ରୂପକୁ ଧରି ମୂକପ୍ରାୟ ଛିଡ଼ା ହୋଇଥିବା ବେଳେ ସଚେତନ ଲୋକମାନେ ଗୁହାଳ ଖୋଜାକୁ ଦେଖି ମୁଣ୍ଡରେ ହାତଦେଇ ବସିବାକୁ ବାଧ୍ୟ ହେଉଛନ୍ତି।

– ନିର୍ମଳ ପଣ୍ଡା




# ଗ୍ରାମସଭାରେ ଗଣ୍ଡଗୋଳ, ଜଣେ ମୃତ, ୪ ଗିରଫ

ଛେଣ୍ଡିପଦା,୧୨।୬(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାହାଲସାହି ପଞ୍ଚାୟତ ଗୋହିରାପଶିରେ ମଙ୍ଗଳବାର ରାତି ୯ଟାରେ ଗ୍ରାମସଭା ଚାଲିଥିବାବେଳେ ଗଣ୍ଡଗୋଳ ଘଟି ସ୍ଥାନୀୟ ଅଞ୍ଚଳର ଅନାମ ଖିଲାରଙ୍କ ମୃତ୍ୟୁ ହୋଇଛି।

ଘଟଣାରୁ ଜଣାପଡିଛି, ଗୋହିରାପଶି ଗ୍ରାମରେ ଗ୍ରାମସଭା ଚାଲିଥିଲା। ତେବେ କୌଣସି କଥାକୁ ନେଇ ଅନାମଙ୍କ ସହିତ ଗ୍ରାମର କେତେଜଣ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଅନାମ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅନାମଙ୍କ ପୁଅ ଜଗବନ୍ଧୁଙ୍କ ଅଭିଯୋଗକ୍ରମେ ଛେଣ୍ଡିପଦା ପୋଲିସ ଏକ ମାମଲା ରୁଜୁ କରି ଗୋହିରାପଶି ଗ୍ରାମର ସଭାପତି ଚୈତନ୍ୟ ଖିଲାର, ନାଲୁ ସେନାପତି, ବିଦ୍ୟାଧର ଭୁତିଆ, ଘନ ଖିଲାରଙ୍କୁ ଗିରଫ କରି ବୁଧବାର ଅନୁଗୋଳ କୋର୍ଟଚାଲାଣ କରିଛି।

# କଙ୍ଗାରୁକୋର୍ଟରେ ପରିବାର ସଦସ୍ୟ ଦଣ୍ଡିତ

- ଖଟବିଦ୍ୟାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ
- ଆକ୍ରମଣରେ ୩ ଆହତ

ନୟାଗଡ଼ ଅଫିସ,୧୨।୬

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ପଞ୍ଚାୟତର କୋଟଗଡ଼ ଗ୍ରାମରେ କଙ୍ଗାରୁ କୋର୍ଟ କରି ଏକ ପରିବାରକୁ ଦଣ୍ଡିତ କରାଯାଇଛି। ଖଟବିଦ୍ୟା ମାଧ୍ୟମରେ ଉକ୍ତ ପରିବାରକୁ ଦୋଷୀ ସାବ୍ୟସ୍ତ କରାଯାଇ ଆକ୍ରମଣ କରାଯାଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରିବାର ଲୋକେ ବୁଧବାର ଏସ୍‌ପିଙ୍କୁ ଭେଟିଛନ୍ତି ।

ମେ' ୧୮ ତାରିଖରେ କୋଟଗଡ଼ ଗ୍ରାମର ଭାସ୍କର ଦୋରାଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସମସ୍ତ ଅଳଙ୍କାର ଓ ଟଙ୍କା ନେଇ ପଳାଇ ଥିଲେ। ଏ ନେଇ ଭାସ୍କର ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିଲା। ଭାସ୍କର ଏ ନେଇ ଗ୍ରାମରେ ଜଣାଇଥିଲେ। ଗାଁ ଲୋକେ କଙ୍ଗାରୁ କୋର୍ଟ କରି ଚୋର ଧରିବା ପାଇଁ ଖଟ ବୁଲାଇବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଗତ ୧୦ ତାରିଖରେ ଗ୍ରାମରେ ଖଟ ବୁଲାଯାଇଥିଲା। କିଛି ସମୟ ଖଟ ବୁଲିବା ପରେ ଗ୍ରାମର ଗୀତାଞ୍ଜଳି ଦୋରାଙ୍କ ଘରେ ଲାଗିଥିଲା। ତେଣୁ ସେ ଚୋରି କରିଥିବା ସନ୍ଦେହ କରି ଗୀତାଞ୍ଜଳିଙ୍କ ଘରକୁ କେତେଜଣ ଭଦ୍ରଲୋକ ଯାଇ ପଚରାଉଚରା କରିଥିଲେ। ଗୀତାଞ୍ଜଳି ଚୋରି କରି ନ ଥିବା କହିଥିଲେ। ପରଦିନ ଆଉଥରେ ବୈଠକ ବସିଥିଲେ ମଧ୍ୟ ଗୀତାଞ୍ଜଳି ସମାନ କଥା କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଭାସ୍କରଙ୍କ ସହ ଅନ୍ୟମାନେ ଉଠି ପଳାଇବାରୁ କୌଣସି



ଗ୍ରାମରେ ଖଟ ବୁଲାଯାଉଛି।

ନିଷ୍ପତ୍ତି ହୋଇପାରି ନ ଥିଲା। ଅପରାହ୍ନ ୨ଟା ୩୦ରେ ଭାସ୍କର, ସ୍ତ୍ରୀ ଦମୟନ୍ତୀ, ଭାଇ କୁସୁନି ଓ ତାଙ୍କ ସ୍ତ୍ରୀ ଗୋଲାପ ଗୀତାଞ୍ଜଳିଙ୍କ ଘରକୁ ଆସି ଲୁହାରଡ୍ ଓ କଟୁରିରେ ଗୀତାଞ୍ଜଳି, ତାଙ୍କ ନଣନ୍ଦ ତୁଳସୀ ଦୋରା, ଭଉଣୀ ଟୁକୁନି ଦୋରାଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ଏଥିରେ ଆହତ ହୋଇଥିଲେ। ସେହି ରାତିରେ ଆହତମାନେ ରାଜସୁନାଖଳା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ।

ଜୀବନ ପ୍ରତି ବିପଦ ଥିବାରୁ ବୁଧବାର ଗୀତାଞ୍ଜଳି ଓ ତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଅବଗତ କରିବାକୁ ଆସିଥିଲେ। ଉଭୟ ଦମୟନ୍ତୀ ଓ ଗୀତାଞ୍ଜଳିଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ପ୍ରକାଶ କରିଛନ୍ତି। ଦମୟନ୍ତୀଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା(ନଂ.୧୨୮/୧୯) ରୁଜୁ ହୋଇଛି। ଗୀତାଞ୍ଜଳିଙ୍କ ପରିବାର ଲୋକେ ତାଙ୍କୁ ଆକ୍ରମଣ କରିଥିବା ଦମୟନ୍ତୀ ଅଭିଯୋଗ କରିଛନ୍ତି। ସେହିପରି ଗୀତାଞ୍ଜଳିଙ୍କ ଅଭିଯୋଗକୁ ଆଧାର କରି ଅନ୍ୟ ଏକ ମାମଲା (ନଂ୧୨୯/୧୯) ରୁଜୁ ହୋଇଛି।

# ଲୁଟ୍ ଟଙ୍କାରେ ପ୍ରେମିକାଙ୍କୁ ଦାମୀ ଉପହାର

## ପ୍ରେମିକ ଗିରଫ, ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଜବତ

କେନ୍ଦ୍ରାପଡ଼ା ଅଫିସ୍, ୧୨।୬

ଚୋରି, ଡକାୟତି ଟଙ୍କାରେ ପ୍ରେମିକାଙ୍କୁ ଉପହାର ଦେବା ଭଳି ବହୁ ଘଟଣା ଟିଭି ସିରିଏଲ ଓ ସୋସିଆଲ ମିଡିଆରେ ଦେଖିବାକୁ ମିଳେ। ହେଲେ ଏଭଳି ଏକ ସମାନ ଘଟଣା କେନ୍ଦ୍ରାପଡ଼ା ଜିଲାରେ ଘଟିଛି। ପ୍ରେମିକାକୁ ଖୁସି କରିବାକୁ ଯାଇ ଲୁଟ୍ ଟଙ୍କାରେ ସୁନା ଗହଣା କିଣି ଦେବା ପରେ ପୋଲିସ ଜାଲରେ ପଡ଼ିଛନ୍ତି ପ୍ରେମିକ। ପ୍ରେମିକା ଘରୁ ପୋଲିସ ଦାମୀ ଉପହାର ଜବତ କରିବା ସହ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିଶେଖର ସୂଚନା ଦେବା ପରେ ସବୁଆଡ଼େ ଏହି ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିଯୁକ୍ତ ହେଲେ ଡେରାବିଶ ଥାନା ସବଲଙ୍ଗ କଣିପଡ଼ାର ପ୍ରକାଶ ଦାସ।



ପ୍ରକାଶ ଦାସ

ସୂଚନା ମୁତାବକ, ଗତ ୪ ତାରିଖରେ ପ୍ରକାଶଙ୍କ ଗାଡ଼ି ଡିକିରୁ ୭, ୭୬, ୨୧୨ ଟଙ୍କା ଚୋରି ହୋଇଯାଇଥିବା ସେ ୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ ଯେ, ସେ ତରାଣ୍ଡୋସ୍ଥିତ ଏନ୍‌ଟେକ୍ସ ଟ୍ରାନ୍ସପୋର୍ଟେଶନ ସର୍ଭିସର ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ଗତ ୪ ତାରିଖରେ ଅଫିସର ୭,୭୬,୨୧୨ ଟଙ୍କା ବ୍ୟାଙ୍କରେ ଜମା କରିବାକୁ ଯାଇଥିଲେ। ହେଲେ ସର୍ଭର ନ ଥିବାରୁ ସେଦିନ ଟଙ୍କା ଜମା ହୋଇପାରି ନ ଥିଲା। ବ୍ୟାଙ୍କରୁ ଫେରି ଅଫିସରେ ପହଞ୍ଚିବା ପରେ ଗାଡ଼ି ଡିକି ଖୋଲିବାବେଳକୁ ସେଥିରେ ଟଙ୍କା ନ ଥିବା ସେ ଜାଣିବାକୁ ପାଇଥିଲେ ବୋଲି ପ୍ରକାଶ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ତେବେ ସେ ଯେଉଁ ବାଇକ୍ ନେଇ ବ୍ୟାଙ୍କ ଯାଇଥିଲେ, ସେ ଗାଡ଼ିର ଡିକି ଭଙ୍ଗାଯାଇ ନ ଥିବା ଜଣାପଡ଼ିବା ପରେ ପୋଲିସର ପ୍ରକାଶଙ୍କ ଉପରେ ସନ୍ଦେହ ହୋଇଥିଲା। ତେବେ ତଦନ୍ତ ସମୟରେ ପ୍ରକାଶଙ୍କ ନିକଟରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ଏକ ଆଲମିରା, ଏୟାରକୁଲର ଆଦି ପୋଲିସ ଜବତ କରିଥିଲା। ଏଥିସହ ସେହି ଲୁଟ୍ ଟଙ୍କାରେ ପ୍ରକାଶ ତାଙ୍କ ପ୍ରେମିକାଙ୍କୁ ଦେଇଥିବା ଦାମୀ ସୁନା ଅଳଙ୍କାର ମଧ୍ୟ ତଦନ୍ତବେଳେ ପୋଲିସ ହାତରେ ଲାଗିଥିଲା। ଫଳରେ ପୋଲିସ ପ୍ରକାଶଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିଶେଖର ଓ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।

# ପୋଷ୍ଟାଲ ବାଲଟ୍ ମତ: ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ପଛୁଆ

## ୭ କ୍ୟାବିନେଟ୍, ୫ ରାଷ୍ଟ୍ରପାହ୍ୟା(ସ୍ୱାଧୀନ) ମନ୍ତ୍ରୀ ପଛରେ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେଡି ଦୁଇ-ତୃତୀୟାଂଶରୁ ଅଧିକ ଆସନରେ ବିଜୟୀ ହୋଇଛି। ଏହା ସତ୍ତ୍ୱେ ଅଧିକାଂଶ ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ବାଲଟରୁ ସଂଗୃହୀତ ହୋଇଥିବା ଭୋଟରେ ବିଜେଡି ଭାଜପାଠାରୁ ପଛରେ ରହିଥିବା ଜଣାପଡିଛି । ଏମିତି କି ଦୁଇଟି ଆସନରୁ ନିର୍ବାଚନ ଲଢୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରେ ପୋଷ୍ଟାଲ ବାଲଟ୍‌ରେ ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କଠାରୁ ପଛୁଆ ରହିଥିଲେ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, କ୍ୟାବିନେଟ୍‌ର ବହୁ ସଦସ୍ୟ ନିର୍ବାଚନ ଜିତିଥିଲେ ବି ଡାକ ଯୋଗେ ଆସିଥିବା ଭୋଟରେ ପଛରେ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ କର୍ମଚାରୀ, ବିଶେଷ ଭାବେ ଶିକ୍ଷା ବିଭାଗର କର୍ମଚାରୀ ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେଇଥାନ୍ତି। ଅନ୍ୟ ବର୍ଗ ଅପେକ୍ଷା ଏହି ବର୍ଗକୁ ଅଧିକ ସଚେତନ ବୋଲି କୁହାଯାଇଥାଏ। ତେଣୁ ଚଳିତ ବିଧାନସଭାରେ ରାଜ୍ୟର ଅପେକ୍ଷାକୃତ ଶିକ୍ଷିତ ଓ ସଚେତନ ବର୍ଗ ବିଜେଡିକୁ ପସନ୍ଦ କରୁ ନ ଥିବା ପରିଲକ୍ଷିତ ହୋଇଛି।

ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ହିଞ୍ଜିଳିରୁ ନବୀନ ୧୫୬ଟି ପୋଷ୍ଟାଲ ଭୋଟ ପାଇଛନ୍ତି। ହେଲେ ଭାଜପା ପ୍ରାର୍ଥୀ ପୀତାମ୍ବର ସେହି ଆସନରୁ ୧୭୭ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ସେହିପରି ବିଜେପୁର ଆସନରୁ ନବୀନ ପୋଷ୍ଟାଲ ଭୋଟ୍‌ରେ ଆଗୁଆ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଆସନରୁ ୪୩୮ଟି ପୋଷ୍ଟାଲ ଭୋଟ ପାଇଛନ୍ତି। ସେହି ସିଟ୍‌ରୁ ଭାଜପା ପ୍ରାର୍ଥୀ ସନାତନ ଗଡତିଆ ୩୧୪ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ନବୀନଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଥିବା ଏକାଧିକ ପ୍ରଭାବଶାଳୀ ମନ୍ତ୍ରୀ ନିଜ ନିଜ ବିଧାନସଭା କ୍ଷେତ୍ରରେ ପୋଷ୍ଟାଲ ଭୋଟରେ ପଛୁଆ ରହିଛନ୍ତି। ସେମାନେ ହେଉଛନ୍ତି- ନିରଞ୍ଜନ ପୂଜାରୀ(ସୋନପୁର), ବିକ୍ରମ କେଶରୀ ଆରୁଖ(ଭଞ୍ଜନଗର), ପଦ୍ମନାଭ ବେହେରା (ବୀରମହାରାଜପୁର), ସୁଶାନ୍ତ ସିଂ(ଭଟଲି), ଅରୁଣ ସାହୁ(ନୟାଗଡ଼), ସୁଦାମ ମାରାଣ୍ଡି (ବାଙ୍ଗିରିପୋଷୀ), ପ୍ରଫୁଲ୍ଲ ମଲ୍ଲିକ (କାମାକ୍ଷାନଗର)। ହାତଗଣତି କ୍ୟାବିନେଟ୍ ମନ୍ତ୍ରୀ ପୋଷ୍ଟାଲ ବାଲଟ୍‌ରେ ଆଗୁଆ ରହିଛନ୍ତି। ସେମାନେ ହେଉଛନ୍ତି-ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ଆଠଗଡ), ପ୍ରତାପ ଜେନା (ମାହାଙ୍ଗା) ଏବଂ ନବ କିଶୋର ଦାସ (ଝାରସୁଗୁଡ଼ା)।

ସେହିଭଳି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପାଇଥିବା ପ୍ରେମାନନ୍ଦ ନାୟକ (ତେଲକୋଇ), ପଦ୍ମିନୀ ଦିଆନ୍ (କୋଟପାଡ), ଦିବ୍ୟଶଙ୍କର ମିଶ୍ର (ଜୁନାଗଡ), ଜ୍ୟୋତି ପାଣିଗ୍ରାହୀ (ସିମୁଳିଆ), ସମୀର ରଞ୍ଜନ ଦାଶ (ନିମାପଡା) ନିଜ ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିବା ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛନ୍ତି। ସେହିପରି ଜଗନ୍ନାଥ ସାରକା (ବିଷମକଟକ), ରଘୁନନ୍ଦନ ଦାସ (ବାଲିକୁଦା-ଏରସମା), ତୁଷାରକାନ୍ତି ବେହେରା (କାକଟପୁର) ଏବଂ ଅଶୋକ ପଣ୍ଡା (ଭୁବନେଶ୍ୱର-ଏକାମ୍ର) ପୋଷ୍ଟାଲ ବାଲଟ୍‌ରେ ଆଗୁଆ ରହିଛନ୍ତି। ମୋଟ ଉପରେ କହିବାକୁ ଗଲେ ମୁଖ୍ୟମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହିଞ୍ଜିଳି ଆସନକୁ ମିଶାଇ ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରତିନିଧିତ୍ୱ କରୁଥିବା ମୋଟ ୧୩ଟି ଆସନରେ ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛି। କେବଳ ଟିଟିଲାଗଡ ଆସନରେ ପୋଷ୍ଟାଲ ବାଲଟ୍ ସମ୍ପର୍କିତ ତଥ୍ୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ନାହିଁ। ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷ (ଯେଉଁମାନେ ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛନ୍ତି), ସେମାନଙ୍କ ନିର୍ବାଚନମଣ୍ଡଳୀର ତଥ୍ୟ ପାର୍ଶ୍ୱରେ ପ୍ରଦାନ କରାଗଲା।

| ବିଧାନସଭା ନାମ | ବିଜେଡିର ପୋଷ୍ଟାଲ ଭୋଟ | ଭାଜପାର ପୋଷ୍ଟାଲ ଭୋଟ |
|---|---|---|
| ହିଞ୍ଜିଳି | ୧୫୬ | ୧୭୭ |
| ଭଟଲି | ୨୮୧ | ୩୭୯ |
| ବାଙ୍ଗିରିପୋଷୀ | ୧୫୪ | ୨୭୨ |
| ଭଞ୍ଜନଗର | ୧୨୧ | ୨୩୦ |
| ସୋନପୁର | ୨୧୩ | ୩୬୮ |
| ବୀରମହାରାଜପୁର | ୧୫୬ | ୨୨୫ |
| କାମାକ୍ଷାନଗର | ୪୦୪ | ୬୫୯ |
| ନୟାଗଡ଼ | ୪୪ | ୧୩୭ |
| ତେଲକୋଇ | ୯୨ | ୨୨୪ |
| ନିମାପଡ଼ା | ୧୦୬ | ୧୫୧ |
| ସିମୁଳିଆ | ୨୫୦ | ୨୭୧ |
| ଜୁନାଗଡ଼ | ୨୬୫ | ୪୫୪ |
| କୋଟପାଡ଼* | ୮୨ | ୧୭୪ |

*ଏହି ଆସନରେ ବିଜେଡି ପ୍ରାର୍ଥିନୀ କଂଗ୍ରେସ ପ୍ରାର୍ଥୀଙ୍କ ପୋଷ୍ଟାଲ ଭୋଟ (୧୫୮ଖଣ୍ଡ) ଠାରୁ ମଧ୍ୟ ପଛରେ ରହିଛନ୍ତି।




# ପୁରୀ, ଖୋର୍ଦ୍ଧା, କଟକ ପାଇଁ ୧୨୩.୯୦ କୋଟି ପ୍ରଦାନ

## ବାତ୍ୟା ପୁନରୁଦ୍ଧାର

- ସ୍କୁଲ ନ ଥିବା ପିଲା ନିକଟସ୍ଥ ସ୍କୁଲରେ ପଢ଼ିବେ
- ଚଳିତ ବର୍ଷ ୧.୦୫ କୋଟି ବୃକ୍ଷରୋପଣ ହେବ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ବାତ୍ୟା ଫନୀ କ୍ଷତିଗ୍ରସ୍ତ ଜିଲା ପୁରୀ, ଖୋର୍ଦ୍ଧା ଓ କଟକ ପାଇଁ ରାଜ୍ୟ ସରକାର ବୁଧବାର ୧୨୩.୯୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହି ଅର୍ଥ ଗୃହ ନିର୍ମାଣ, ଲୁଗାପଟା, ବାସନକୁସନ, ମତ୍ସ୍ୟଜୀବୀଙ୍କ ଡଙ୍ଗା ମରାମତି, ମାଛ ଚାଷ, ମାଛ ବିହନ ଫାର୍ମ ଏବଂ ଦୁଧିଆଳି ଗାଈ କିଣିବା ପାଇଁ ଏହି ସହାୟତା ରାଶି ଯୋଗାଇ ଦିଆଯାଇଛି। ଏହାଛଡା ଗତ ୧୦ ତାରିଖରେ ପୁରୀ ଜିଲାରେ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର ପାଇଁ ୧୯୭.୫୯ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏ ପର୍ଯ୍ୟନ୍ତ ରିଲିଫ ଓ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବିଭିନ୍ନ ବିଭାଗ ଓ ପ୍ରଭାବିତ ଜିଲାର ଜିଲାପାଳମାନଙ୍କୁ ୧୪୧୮.୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ବୁଧବାର ସଚିବାଳୟଠାରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଫନୀ ପୁନରୁଦ୍ଧାର ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫନୀରେ ପୁରୀ ଜିଲାରେ ୧୭୩ଟି ସ୍କୁଲ ଗୃହ ଭାଙ୍ଗିଥିବା ବେଳେ ଖୋର୍ଦ୍ଧା ଜିଲାରେ ୧୧ଟି ସ୍କୁଲ ଗୃହ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଆସନ୍ତା ୧୯ରେ ସ୍କୁଲ ଖୋଲିବ। ସ୍କୁଲ ନ ଥିବା ପିଲାମାନଙ୍କୁ ନିକଟସ୍ଥ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳ କିମ୍ବା ନିକଟରେ ସରକାରୀ କୋଠାଘରଗୁଡ଼ିକରେ ପାଠ ପଢ଼ାଇବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ବାତ୍ୟା ଯୋଗୁ ବହୁ ପରିମାଣରେ ଗଛ ନଷ୍ଟ ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଚଳିତ ବର୍ଷ ୧.୦୫ କୋଟି ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୧୦୩୦ଟି ସ୍ୱାସ୍ଥ୍ୟକେନ୍ଦ୍ର ନଷ୍ଟ ହୋଇଛି। ସେଗୁଡିକ ତୁରନ୍ତ ମରାମତି କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଥିବା ୨୮୮୬ଟି ପାନୀୟ ଜଳ ପ୍ରକଳ୍ପରୁ ୨୫୨୩ଟି ପ୍ରକଳ୍ପକୁ ସଚଳ କରାଯାଇଛି। ପୁରୀ ଜିଲାର ୩.୮୮ ଲକ୍ଷ ଉପଭୋକ୍ତାଙ୍କ ମଧ୍ୟରୁ ୩ ଲକ୍ଷଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଅବଶିଷ୍ଟ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ଶକ୍ତି ସଚିବ ହେମନ୍ତ ଶର୍ମା ସୂଚନା ଦେଇଛନ୍ତି।



“ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଅଣ୍ଡା ଓ ହୃଦ୍‌ରୋଗ

ଆମ ରକ୍ତରେ ଥିବା କୋଲେଷ୍ଟରୋଲ ହେଉଛି ଏକ ପ୍ରକାର ଚର୍ବି ପରି ଉପାଦାନ। ଏହା ଆମ ଶରୀର ଦ୍ୱାରା ଉତ୍ପନ୍ନ ହୁଏ (ଯକୃତ ଦ୍ୱାରା ୭୫%)। ଅବଶିଷ୍ଟ ଆସେ ଆମ ଖାଦ୍ୟରୁ। କୋଲେଷ୍ଟରୋଲ ଆମ ଶରୀରର ପ୍ରତ୍ୟେକ କୋଷରେ ଥାଏ ଏବଂ ଖାଦ୍ୟ ହଜମ କରିବାରେ, ଭିଟାମିନ୍ ଡି ସୃଷ୍ଟି କରିବାରେ, କୋଷ ପ୍ରଚାର ନିର୍ମାଣ କରିବାରେ ଏବଂ କେତେକ ହର୍ମୋନ ତିଆରି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହାର ଆବଶ୍ୟକତା ଥିଲେ ବି ଅଧିକ କୋଲେଷ୍ଟରୋଲ ଆମ ଧମନୀକୁ କ୍ଷତି ପହଞ୍ଚାଇଥାଏ ଏବଂ ହୃଦ୍‌ରୋଗ ସୃଷ୍ଟି କରେ।

ଆମ ରକ୍ତରେ ଥିବା କୋଲେଷ୍ଟରୋଲ ଆପେ ଆପେ ଗତି କରେ ନାହିଁ। ଏହା ପ୍ରୋଟିନ ସହ ବାନ୍ଧିହୋଇ ରକ୍ତସ୍ରୋତରେ ଗତି କରେ। ଲିପୋପ୍ରୋଟିନ୍ ମୁଖ୍ୟତଃ ଦୁଇପ୍ରକାର: ଉଚ୍ଚ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ୍ (ଏଚ୍‌ଡିଏଲ୍) ଓ ନିମ୍ନ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ୍ (ଏଲ୍‌ଡିଏଲ୍)। ଏଚ୍‌ଡିଏଲ୍ କୋଲେଷ୍ଟରୋଲକୁ ଆମ ଧମନୀରୁ ବାହାର କରି ପୁଣି ଯକୃତରେ ନେଇ ପହଞ୍ଚାଇଦିଏ। ଏଲ୍‌ଡିଏଲ୍ କୋଲେଷ୍ଟରୋଲକୁ ଖରାପ କୋଲେଷ୍ଟରୋଲ କୁହାଯାଏ କାରଣ ଏହା କୋଲେଷ୍ଟରୋଲକୁ ଆଣି ରକ୍ତବାହିନୀ ବା ଧମନୀରେ ଛାଡ଼ିଦିଏ। ଅତିରିକ୍ତ ଏଲ୍‌ଡିଏଲ୍ କୋଲେଷ୍ଟରୋଲ ରକ୍ତନାଳୀ କାନ୍ଥରେ ଜମା ହୋଇ ପ୍ଲାକ୍ ବା ଫଳକ ସୃଷ୍ଟି କରେ। ଏହି ପ୍ଲାକ୍ ଧମନୀର ବାଟ ବନ୍ଦ କରିଦେଇପାରେ। ଫଳରେ ତା' ଭିତରଦେଇ ଆଉ ସୁବିଧାରେ ରକ୍ତପ୍ରବାହ ହୋଇପାରେ ନାହିଁ, ଯାହାଦ୍ୱାରା ହୃଦ୍‌ଘାତ ଓ ବ୍ରେନ୍ ଷ୍ଟ୍ରୋକ୍ ହୋଇପାରେ। ଉଚ୍ଚମାତ୍ରାର କୋଲେଷ୍ଟରୋଲ ଥିଲେ ବି ସାଧାରଣତଃ ତା'ର ଲକ୍ଷଣ ବାହାରକୁ ଜଣାପଡ଼େ ନାହିଁ। ଫଳରେ ହଠାତ୍ ହାର୍ଟ ଆଟାକ୍‌ର ବିପଦ ଦେଖାଦେଇପାରେ। ଏହାର ଗୋଟିଏ ଲକ୍ଷଣ ହେଉଛି ଆପଣଙ୍କ କର୍ନିଆ (ଆଖିର ସ୍ୱଚ୍ଛପଟଳ)ରେ ଚର୍ବିର ଧୂସର-ଧଳା ରେଖା ଦେଖାଯାଏ। ଆପଣଙ୍କ ବୟସ ଯଦି ୪୦ରୁ କମ୍ ତେବେ ଏହା ବିପଜ୍ଜନକଭାବେ ଅତି ଉଚ୍ଚମାତ୍ରାର କୋଲେଷ୍ଟରୋଲର ସୂଚନା ଦିଏ।

ବଂଶାନୁକ୍ରମିକ ଗୁଣ ଭାବେ ଆପଣଙ୍କ ଧମନୀରେ ଅଧିକ କୋଲେଷ୍ଟରୋଲ ଜମା ହୋଇପାରେ। ଏପର୍ଯ୍ୟନ୍ତ ଆମ ପରିବାରରେ କେହି ହୃଦ୍‌ଘାତରେ ମରିନାହାନ୍ତି। କିନ୍ତୁ ମୋ ଆଖିରେ ଈଷତ୍ ହଳଦିଆ ମିଶା ଧଳା ପ୍ୟାଚ୍ ଦେଖିବାକୁ ମିଳୁଛି, ଯାହା ମୋର ଅତିରିକ୍ତ କୋଲେଷ୍ଟରୋଲର ସୂଚନା ଦିଏ। ଏହା ମୋର ୪୦ରୁ ୫୦ ବର୍ଷ ବୟସ ଭିତରେ ଜମା ହୋଇଛି। ପ୍ରୌଢ଼ ବୟସରେ ଏହା ହୁଏ ଏବଂ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ବେଶି ଦେଖାଯାଏ। ମୋ ମାଆ ଓ ଜେଜେମାଆଙ୍କ ଆଖିରେ ବି କୋଲେଷ୍ଟରୋଲର ଲକ୍ଷଣ ଦେଖାଯାଇଥିଲା। ମୁଁ କମ୍ ତେଲଯୁକ୍ତ ନିରାମିଷ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରୁଥିଲେ ମଧ୍ୟ ମୋ ଶରୀରରେ ଅଧିକ କୋଲେଷ୍ଟରୋଲ ସୃଷ୍ଟି ହୋଇଛି। ଏକ ପରିବର୍ତ୍ତିତ ଜିନ୍ ଯୋଗୁ ବଂଶଗତ ଭାବେ ଏହି ସମସ୍ୟା ଦେଖାଦେଇଥାଏ। ଏହା ୫୫ ବର୍ଷ ବୟସ ପୂର୍ବରୁ ହୃଦ୍‌ରୋଗ ସୃଷ୍ଟି କରେ। କିନ୍ତୁ ମୁଁ ସେ ବୟସ ଅତିକ୍ରମ କରିସାରିଲିଣି। ମାଆବାପାଙ୍କଠାରୁ ଜେନିଟିକ୍ ମ୍ୟୁଟେଶନର ଅଧିକାରୀ ହୋଇଥିଲେ ୧୨% ମହିଳାଙ୍କଠାରେ ୫୦ ବର୍ଷ ବୟସ ପୂର୍ବରୁ ହୃତ୍‌ପିଣ୍ଡରେ ରକ୍ତସଞ୍ଚାଳକ ଧମନୀରେ ରୋଗ ହୁଏ ଏବଂ ୭୪% ମହିଳାଙ୍କଠାରେ ଏହା ୭୪ ବର୍ଷ ପରେ ହୁଏ। ପ୍ରାୟ ୮୫% ପ୍ରଭାବିତ ପୁରୁଷଙ୍କ କ୍ଷେତ୍ରରେ ୬୦ ବର୍ଷ ବୟସ ପୂର୍ବରୁ ହୃଦ୍‌ଘାତ ହୁଏ। କିନ୍ତୁ ଉପଯୁକ୍ତ ଖାଦ୍ୟ ଓ ବ୍ୟାୟାମ ଦ୍ୱାରା ଏହାକୁ ରୋକାଯାଇପାରେ। ବୟସ୍କଙ୍କଠାରେ ପ୍ରତି ଡେସିଲିଟର ରକ୍ତ ପିଛା ୨୦୦ ମିଲିଗ୍ରାମ୍‌ରୁ କମ୍ କୋଲେଷ୍ଟରୋଲ ରହିବା ଉଚିତ। ୨୦୦ରୁ ୨୩୯ ମିଲିଗ୍ରାମ୍ ଭିତରେ ହେଲେ ବିପଦର ସୀମାରେ ପହଞ୍ଚିଗଲା ଏବଂ ୨୪୦ ମିଲିଲିଟର ବା ତା'ଠୁ ଅଧିକ ହେଲେ ବିପଜ୍ଜନକ ଭାବେ ତାହା ଅତି ଉଚ୍ଚମାତ୍ରା ବୋଲି ବୁଝିବାକୁ ହେବ। ଏଲ୍‌ଡିଏଲ୍ କୋଲେଷ୍ଟରୋଲ ୧୦୦ ମିଗ୍ରା/ଡେଲିରୁ କମ୍ ରହିବା ଉଚିତ। ୧୦୦ରୁ ୧୨୯ ଭିତରେ ରହିଲେ ସୁସ୍ଥସବଳ ଲୋକଙ୍କ ପାଇଁ ଗ୍ରହଣୀୟ। କିନ୍ତୁ ହୃଦ୍‌ରୋଗ ସମ୍ଭାବନା ଥିବା ଲୋକଙ୍କ ପାଇଁ ବିପଦ ସଙ୍କେତ। ୧୩୦ରୁ ୧୫୯ ଭିତରେ ରହିଲେ ବିପଦର ସୀମାକୁ ଆସିଗଲା ଏବଂ ୧୬୦ରୁ ୧୮୯ ମିଗ୍ରା/ଡେଲି ଭିତରେ ରହିଲେ ବିପଜ୍ଜନକଭାବେ ଉଚ୍ଚମାତ୍ରା ବୋଲି ବୁଝିବାକୁ ହେବ। ଏଚ୍‌ଡିଏଲ୍ କୋଲେଷ୍ଟରୋଲର ସ୍ତର ୬୦ ମିଲିଗ୍ରାମ୍‌ରୁ ଅଧିକ ହେବା ଉଚିତ। କିନ୍ତୁ ପ୍ରତି ଡେସିଲିଟର ରକ୍ତ ପିଛା ୪୦ ମିଲିଗ୍ରାମ୍‌ରୁ କମ୍ ରହିଲେ ତାହା ହୃଦ୍‌ରୋଗର କାରଣ ହୋଇପାରେ।

କୋଲେଷ୍ଟରୋଲ କେବଳ ପ୍ରାଣିଜ ଖାଦ୍ୟ ଯଥା ଅଣ୍ଡା, କ୍ଷୀର, ଲହୁଣି, ଛେନା, ମାଂସ, ମାଛ, କୁକୁଡ଼ାମାଂସ ଏବଂ ପାମୋଲିନ୍ ଓ ନଡ଼ିଆତେଲ ପ୍ରଭୃତି ହାଇଡ୍ରୋଜେନେଟେଡ୍ ତୈଳରୁ ଆସେ। ଯେଉଁମାନେ ମାଛ, ମାଂସ, ଅଣ୍ଡା ପ୍ରଭୃତି ଖାନ୍ତି, ସେମାନଙ୍କଠାରେ କୋଲେଷ୍ଟରୋଲ ଅଧିକ ଥାଏ। ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇଲେ ଆମ ଯକୃତ କୋଲେଷ୍ଟରୋଲର ପରିମାଣ ବଢ଼ାଇଦିଏ। ଏଲ୍‌ଡିଏଲ୍ କୋଲେଷ୍ଟରୋଲର ପରିମାଣ ବୃଦ୍ଧି ପାଇଲେ ହୃଦ୍‌ରୋଗ ଓ ଡାଇବେଟିସ୍‌ର ଆଶଙ୍କା ଅଧିକ ରହେ।

ଖାଦ୍ୟ ସହ କୋଲେଷ୍ଟରୋଲ ପରିମାଣର କିପରି ସମ୍ପର୍କ ରହିଛି ତାହା ଉପରେ ହାର୍ଭାର୍ଡ ହେଲ୍‌ଥ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଯେଉଁସବୁ ଖାଦ୍ୟ ଖରାପ କୋଲେଷ୍ଟରୋଲର ମାତ୍ରା କମାଇବାରେ ସାହାଯ୍ୟ କରେ ସେଗୁଡ଼ିକ ମଧ୍ୟରେ ଅଛି: ଓଟ୍, ବାର୍ଲି, ଗୋଟା ଶସ୍ୟ, ବିନ୍, ବାଦାମ ପ୍ରଭୃତି ମଞ୍ଜି, ସୂର୍ଯ୍ୟମୁଖୀ ତେଲ, ଫଳ (ସେଓ, ଅଙ୍ଗୁର, ଷ୍ଟ୍ରବେରୀ, କମଳା ପ୍ରଭୃତି), ସୋୟାବିନ୍ ଓ ତନ୍ତୁବହୁଳ ଖାଦ୍ୟ (କୌଣସି ପ୍ରାଣିଜ ଖାଦ୍ୟରେ ତନ୍ତୁ ନ ଥାଏ)। ଚର୍ବିଜାତୀୟ ଖାଦ୍ୟ ଖାଇବା କମାଇଦେଲେ ଆମର କୋଲେଷ୍ଟରୋଲର ସ୍ତର ଠିକ୍ ରହେ। କିନ୍ତୁ ଯେଉଁସବୁ ଖାଦ୍ୟରେ ସାଚୁରେଟେଡ୍ ଫ୍ୟାଟ୍ (ମାଂସ, କ୍ଷୀରଜାତ ଖାଦ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ପ୍ରଭୃତି) ବା ଟ୍ରାନ୍ସ ଫ୍ୟାଟ୍ (କେତେକ ଭଜା ହୋଇଥିବା ଓ ପ୍ରକ୍ରିୟାକୃତ ଖାଦ୍ୟ) ଅଛି ତାହାକୁ ବର୍ଜନ କରନ୍ତୁ। ଅତିରିକ୍ତ ଓଜନ (ମେଦବହୁଳତା) ମଧ୍ୟ ଏଲ୍‌ଡିଏଲ୍ କୋଲେଷ୍ଟରୋଲର ସ୍ତର ବଢ଼ାଇବାରେ ସାହାଯ୍ୟ କରେ।

ଅନ୍ୟ ଯେଉଁସବୁ କାରଣ ପାଇଁ କୋଲେଷ୍ଟରୋଲର ମାତ୍ରା ବୃଦ୍ଧି ପାଇପାରେ ସେଗୁଡ଼ିକ ମଧ୍ୟରେ ଅଛି: ଡାଇବେଟିସ୍ (ଏହା ବି ଏକ ଜୀବନଶୈଳୀଜନିତ ରୋଗ), ଯକୃତ ଓ ବୃକ୍କ ରୋଗ, ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍ ଓ ଷ୍ଟେରଏଡ୍।

ଯଦି ଆପଣ ତନ୍ତୁବହୁଳ ଖାଦ୍ୟ ଏବଂ ତଟକା ଫଳ ଓ ପନିପରିବା ଖାଉଥାନ୍ତି, ତେବେ ଆପଣଙ୍କ ଦେହରେ କୋଲେଷ୍ଟରୋଲ ନିୟନ୍ତ୍ରିତ ମାତ୍ରାରେ ରହିବ। ଶାରୀରିକ କାର୍ଯ୍ୟକଳାପ ମଧ୍ୟ ଆପଣଙ୍କ ଓଜନ ଠିକ୍ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ଏକଘଣ୍ଟା ବ୍ୟାୟାମ କଲେ ଓଜନ କମିବା ସହ ହୃତ୍‌ପିଣ୍ଡ ଠିକ୍ ରହେ। ଏହା ଏଲ୍‌ଡିଏଲ୍ କୋଲେଷ୍ଟରୋଲର ପରିମାଣକୁ କମାଇବା ସହ ଭଲ କୋଲେଷ୍ଟରୋଲର ପରିମାଣକୁ ବଢ଼ାଇବାରେ ସାହାଯ୍ୟ କରେ।

ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ପ୍ରତିଷେଧୀ ଔଷଧ ବିଭାଗ ଏବଂ ଶିକାଗୋର ଫେନ୍‌ବର୍ଗ ସ୍କୁଲ୍ ଅଫ୍ ମେଡିସିନ୍‌ର ଗବେଷକମାନେ ୨୯,୦୦୦ ଲୋକଙ୍କ ଉପରେ ୧୭ ବର୍ଷରୁ ଅଧିକ କାଳ ଗବେଷଣା କରି ତାଙ୍କ ଗବେଷଣାର ଫଳାଫଳ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ ଅଣ୍ଡା ଖାଉଥିବା ଲୋକମାନଙ୍କଠାରେ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। କାରଣ ପ୍ରତ୍ୟେକ ଅଣ୍ଡାରେ ଥାଏ ୧୮୬ ମିଲିଗ୍ରାମ୍ କୋଲେଷ୍ଟରୋଲ। ଏହା ଆପଣ ଖାଦ୍ୟରେ ଦୈନିକ ଯେତିକି ଖାଇବା କଥା ତା'ଠୁ ୧୨୪% ଅଧିକ। ସପ୍ତାହକୁ ୩/୪ଟି ଅଣ୍ଡା ଖାଇଲେ ହୃଦ୍‌ରୋଗ ଆଶଙ୍କା ୩.୨% ଏବଂ ତଜ୍ଜନିତ ମୃତ୍ୟୁ ଆଶଙ୍କା ୪.୪% ବୃଦ୍ଧି ପାଏ। ଏହାଠାରୁ ଆଉ ଫାଳେ ଅଣ୍ଡା ଅଧିକ ଖାଇଲେ ହୃଦ୍‌ରୋଗ ଓ ତଜ୍ଜନିତ ମୃତ୍ୟୁ ଆଶଙ୍କା ୬ରୁ ୮% ବୃଦ୍ଧି ପାଏ। ତେବେ ସପ୍ତାହକୁ କେତୋଟି ଅଣ୍ଡା ଖାଇବା ନିରାପଦ? ଗୋଟିଏ ବି ଖାଇବା ନିରାପଦ ନୁହେଁ।

Email: gandhim@nic.in

## ସିସିଫସ୍ ନୁହେଁ, କୃଷ୍ଣଚୂଡ଼ା



ସୁଧିରାଜ ରାଉତ

ଆଜି ରବିବାର ଅଫିସ ଛୁଟି, କାମର ବୋଝ ନାହିଁ, ଅଫିସରଙ୍କ ନାଲିଆଖି ନାହିଁ, ନିଜ ଇଚ୍ଛାରେ ଆଜି ମୁଁ ରଜା...। ଏମିତି ଭାବି ଭାବି ବିଛଣାରୁ ଉଠି ନ ଥାଏ ମା' ଆଉ ସ୍ତ୍ରୀର କଥା ଫିଙ୍ଗାଫିଙ୍ଗି ଆରମ୍ଭ ହୋଇଗଲା ଏବଂ ଏହା କିଛି ସମୟ ମଧ୍ୟରେ ଭୟଙ୍କର ଘୂର୍ଣ୍ଣିର ରୂପ ନେଲା। ବର୍ତ୍ତମାନ ମୁଁ ବିଛଣାରୁ ନ ଉଠି, ଶବ୍ଦଟିଏ ନ କହି ମଧ୍ୟ ମା' ଆଉ ସ୍ତ୍ରୀ ମଧ୍ୟରେ ଝୁଲୁଥିବା ତ୍ରିଶଙ୍କୁ। ରାଜା ହେବାର ସ୍ୱପ୍ନ ଭଙ୍ଗ ହେବା ପରେ ମନେ ପଡୁଥିଲା ଗ୍ରୀକ୍ ପୁରାଣର ରାଜା ସିସିଫସ୍‌ଙ୍କ କଥା। ରାଜା ସିସିଫସ୍ ଜୀବନତମାମ ଯେତିକି ପୁଣ୍ୟ କରିଥିଲେ ତା'ଠାରୁ ଅଧିକ ପାପ କରିଥିଲେ। ମୃତ୍ୟୁ ପରେ ଯମରାଜା ସିସିଫସ୍‌ଙ୍କୁ ପଚାରିଲେ, ତୁମେ ପ୍ରଥମେ ପୁଣ୍ୟ ଭୋଗ କରିବ ନା ପାପ? ସବୁ ବୁଝିସାରି ସିସିଫସ୍ କହିଲେ, ମୁଁ ଆଗ ପୁଣ୍ୟ ଭୋଗ କରିବାକୁ ଚାହେଁ। ଯମରାଜା କହିଲେ, କୁହ ତୁମେ କ'ଣ ଚାହଁ? ରାଜା କହିଲେ, ମୁଁ ଦେଖିବାକୁ ଚାହେଁ ମୋ ମୃତ୍ୟୁ ପରେ ମୋ ରାଜ୍ୟର ଅବସ୍ଥା। ଯମରାଜା କାନ୍ଥଆଡ଼େ କିଛି ସମୟ ଚାହିଁ ରହିଲେ। ପରଦା ଭଳି କାନ୍ଥରେ ଦୃଶ୍ୟମାନ ହେଲା ସିସିଫସ୍‌ଙ୍କ ରାଜ୍ୟର ବିଭିନ୍ନ ଦୃଶ୍ୟ। ପ୍ରଜାମାନେ କହୁଥାନ୍ତି, ଭଲହେଲା ପାପୀ ଦୁରାଚାରୀ ମରିଗଲା। ପୁତ୍ରମାନେ ପିତୃଅର୍ଜିତ ସମ୍ପଦକୁ ନେଇ କଳହ କରୁଥାନ୍ତି, ଆଉ ସ୍ତ୍ରୀ ଜଣେ ଅମାତ୍ୟଙ୍କ ପ୍ରେମରେ ମସ୍‌ଗୁଲ...। ଯମଲୋକରେ ଥାଇ ବି ରାଜାଙ୍କ କ୍ରୋଧର ପାରଦ ଶୀର୍ଷକୁ ଛୁଇଁଲା। ଯମଙ୍କୁ ଅନୁରୋଧ କଲେ, ମୋ ବଳକା ପୁଣ୍ୟବଳରେ ମୋତେ କିଛି ଦିନ ପାଇଁ ମର୍ତ୍ତ୍ୟକୁ ଫେରାଇ ଦିଅନ୍ତୁ, ଏମାନଙ୍କୁ ଉଚିତ ଶିକ୍ଷା ଦେଇଆସିବି। ଯମ ବହୁ କଷ୍ଟରେ ରାଜି ହେଲେ ଏବଂ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରି ଆସିବାକୁ ତାଗିଦ କଲେ। ଏଥର କଫିନ ଫିଟାଇ ରାଜା ସିସିଫସ୍ ପୁନଃ ଜିଇଉଠିଲେ। ରାଜାଙ୍କୁ ଦେଖି ପ୍ରଜାମାନେ ଜୟଗାନରେ ପ୍ରକମ୍ପିତ କଲେ ଚତୁର୍ଦ୍ଦିଗ, ପୁତ୍ରମାନେ ପିତାଙ୍କୁ ପାଇ ଖୁସିରେ ନାଚିବାକୁ ଲାଗିଲେ ଆଉ ସ୍ତ୍ରୀ କାନ୍ଦିଉଠି କହିଲେ– କେମିତି ବଞ୍ଚିଥାନ୍ତି କୁହ ତୁମ ବିନା? ରାଜା ଭୁଲିଗଲେ ଫେରିବାର ଅଭିପ୍ରାୟ ଏବଂ ଭୁଲିଗଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରିବାର ତାଗିଦ। ପୁନଶ୍ଚ ଯମ ଆସି ବାନ୍ଧିନେଲେ। ଏହାର ପରିଣାମ ସ୍ୱରୂପ ସିସିଫସ୍‌ଙ୍କୁ ଦଣ୍ଡବିଧାନ ହେଲା– ଏକ ବିଶାଳ ପଥରକୁ ଠେଲି ଠେଲି ପାହାଡ଼ର ଶିଖରକୁ ନେବାକୁ ହେବ, ଶିଖରରେ ପହଞ୍ଚିବା ମାତ୍ରେ ପଥର ସ୍ୱତଃ ଫେରିଆସିବ ପାଦଦେଶକୁ। ପୁନଶ୍ଚ ପଥରଟିକୁ ଠେଲି ପାହାଡ଼ର ଶିଖରକୁ ନେବାକୁ ହେବ... ଅନନ୍ତ ସମୟ ପର୍ଯ୍ୟନ୍ତ ରାଜା ସିସିଫସ୍ ଏହା କରିଚାଲିଛନ୍ତି।

ବିଛଣାରେ ପଡ଼ିରହି ନିଜକୁ ଲାଗୁଥାଏ ମୁଁ ବି ଜଣେ ଅସହାୟ ସିସିଫସ୍। ଜୀବନରୂପୀ ପଥରକୁ ଗଡ଼ାଇ ଚାଲିଛି ଦିନରୁ ରାତି, ଜନ୍ମରୁ ମୃତ୍ୟୁ, ମୃତ୍ୟୁରୁ ଜନ୍ମ...। ସ୍ତ୍ରୀ ପାଟିକଲା କ'ଣ ଏଠି ଗାଲୁଆଙ୍କ ଭଳି ପଡ଼ିଛ, କିଛି ଶୁଭୁନାହିଁ ତୁମକୁ? କିଛି ନ କହି ନିତ୍ୟକର୍ମ ଶେଷ କରି ନିକଟ ଚା' ଦୋକାନ ଖଟିକୁ ଚାଲିଗଲି ଏଇ ଆଶାନେଇ ଯେ, କିଛି ସମୟ ବାହାରେ ରହି ଫେରିବା ପରେ ମା', ସ୍ତ୍ରୀ ସାଧାରଣ ଅବସ୍ଥାକୁ ଫେରିଆସିବେ। ଦୁଇ ଘଣ୍ଟା ପରେ ଫେରି ଦେଖିଲି– ଝଡ଼ କରାଳ ରୂପ ନେବାରେ ଲାଗିଛି। ସ୍ତ୍ରୀ ଟିଫିନ୍ ଥୋଇଦେଇ ଚାଲିଗଲା। ନିଜକୁ ପ୍ରଶ୍ନ କରୁଥିଲି– କିଛି ବି କାରଣ ନ ଥାଇ, ଅଭାବ ନ ଥାଇ, ସମସ୍ୟା ନ ଥାଇ କାହିଁକି ମଣିଷ ଜୀବନର ଶାନ୍ତ ଉପବନକୁ ଅଶାନ୍ତ ଘୂର୍ଣ୍ଣିରେ ବିନଷ୍ଟ କରେ? କାହିଁକିର ଅସହାୟତା ଉପରେ ଠିଆହୋଇ ଶୁଣୁଥାଏ ମା', ସ୍ତ୍ରୀର ଶବ୍ଦ ସମର। ଏଠି କିଛି କହିବା ଅର୍ଥ ଏପଟେ ବ୍ରହ୍ମହତ୍ୟା ସେପଟେ ଗୋହତ୍ୟା। ତେଣୁ ମୁଁ ଏବେ ନୀରବଦ୍ରଷ୍ଟା। ଭାବିଲି ଏ ଦୁହେଁ ଲାଗିଥାନ୍ତୁ ମୁଁ ଯାଉଛି ଛାତ ଉପରେ ପାଟି କରୁ ନ ଥିବା, ଅଭିଯୋଗ କରୁ ନ ଥିବା, ଅଭିମାନ କରୁ ନ ଥିବା ଫୁଲଗଛଗୁଡ଼ିକ ସହ ସମୟ କାଟିବି। ଅନାବନା ଘାସ କାଢ଼ିଦେଇ ଗଛ ମୂଳକୁ ଖୁସେଇ ଦେଉଥାଏ। ମା' ଆସି ପାଟିକଲା– ତୋତେ ଦିଶୁନାହିଁ ଏମିତି ନୀରବ ଠାକୁର କାହିଁକି ହୋଇଛୁ, ସେ କ'ଣ କ'ଣ କହୁଛି ତୋତେ ଶୁଭୁନାହିଁ? କହିଲି– ମୋତେ ଶାନ୍ତିରେ ଗୋଟିଏ ଘଣ୍ଟା, ଗୋଟିଏ ଦିନ ବଞ୍ଚିବାକୁ ଦିଅ।

ସକାଳୁ ଖାଇନାହିଁ, ଖରାବେଳେ ନ ଖାଇ ଶୋଇପଡ଼ିଲି। ଚାରିଟା ବେଳକୁ ପ୍ରବଳ ପବନ ବହିବାକୁ ଲାଗିଲା। ଅଧଘଣ୍ଟାର କାଳବୈଶାଖୀ ସବୁକିଛି ଛିନ୍‌ଛତ୍ର କରି ଚାଲିଗଲା। ମୁଁ ମୋ ସବୁଦିନିଆ ସାନ୍ଧ୍ୟଭ୍ରମଣରେ ବାହାରିପଡ଼ିଲି। ମୋ ଛୋଟ ସହରର ରାସ୍ତାଘାଟରେ ଡାଳପତ୍ର ଭାଙ୍ଗି ପଡ଼ିଛି, କାହାର ଘର ଟିଣ ଉଡ଼ିଯାଇଛି, କେଉଁଠି ଇଲେକ୍ଟ୍ରିକ୍ ପୋଲ ବାଙ୍କିଯାଇଛି...। ସହର ଡେଇଁ କିଲୋମିଟରରୁ ଅଧିକ ହେବ ସେଇ କୃଷ୍ଣଚୂଡ଼ା ଛକ ପାଖେ ପହଞ୍ଚିଲି। କାଳବୈଶାଖୀରେ ଭାଙ୍ଗିପଡ଼ିଛି କୃଷ୍ଣଚୂଡ଼ାର ଅନେକ ଡାଳକେନା, କୁଢ଼କୁଢ଼ ଫୁଲ, କଢ଼ ବିଛେଇ ହୋଇପଡ଼ିଛି ତଳେ, ଚାରିଆଡ଼େ। ଗଛକୁ ଚାହିଁଲି ଲାଗିଲା ଶହଶହ ନାଲିଓଠରେ କୃଷ୍ଣଚୂଡ଼ା ମୋତେ ଚାହିଁ ହସୁଥାଏ..., ସତେଅବା କିଛି ବି ଘଟିନି। ମୁଁ ଗଛକୁ ଚାହିଁଥାଏ। ସୂର୍ଯ୍ୟ ଅସ୍ତଗାମୀ। ହଠାତ୍ ଅନୁଭବ କଲି ଏକ ପବିତ୍ର ଛୁଆଁରେ, ଆନନ୍ଦର ବହଳିଆ ସ୍ପର୍ଶରେ ମୋ ଭିତରେ ବହୁଥିବା କାଳବୈଶାଖୀ ବନ୍ଦ ହୋଇଗଲା। ମୋ ହାତ ଦୁଇ ଶାନ୍ତି ପ୍ରଶାନ୍ତିରେ ଯୋଡ଼ିହୋଇଗଲା କୃଷ୍ଣଚୂଡ଼ା ଗଛକୁ ଚାହିଁ। ଅସ୍ତ ସୂର୍ଯ୍ୟ ଯେଭଳି କହୁଥାଏ, କାଳବୈଶାଖୀ ହେଉ, ରୁଦ୍ରର ପ୍ରଚଣ୍ଡ ତାପ ହେଉ, ଢୋ ଢୋ ବର୍ଷା ହେଉ କୃଷ୍ଣଚୂଡ଼ା ପାଇଁ ସବୁ ଋତୁ ହସିବାର ଋତୁ, ଆନନ୍ଦର ଋତୁ। ଅସ୍ତସୂର୍ଯ୍ୟ ପୁଣି କହୁଥାଏ– ଜୀବନ ଏଠି ସିସିଫସ୍ ଭଳି ଅସହାୟ ନୁହେଁ ବନ୍ଧୁ! କୃଷ୍ଣଚୂଡ଼ା ଭଳି ଆନନ୍ଦ ଆଉ ହସର ପସରା।

ମୋ– ୯୪୩୭୬୪୧୪୧୩

## ଏଇ ଭାରତରେ

ଭାରତ ଏକ କୃଷିପ୍ରଧାନ ଦେଶ। ଦେଶର ଅଧିକାଂଶ ଅଞ୍ଚଳର ଚାଷଜମି ମୌସୁମୀବାୟୁ ଜନିତ ବର୍ଷାଜଳ ଉପରେ ନିର୍ଭର କରେ। ଏହାଦ୍ୱାରା ଭଲ ଫସଲ ହେବ ବୋଲି ଆଶା କରାଯାଏ। ତେବେ ବର୍ଷା ଆଗମନ ପାଇଁ ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ପାଳିତ ହୋଇଥାଏ। କିନ୍ତୁ ଏଥିପାଇଁ ମହିଳାମାନେ ହଳ କରିବା କଥା ନିଆରା ନିଶ୍ଚୟ। ଇନ୍ଦ୍ରଦେବଙ୍କୁ ଖୁସି କରିବା ପାଇଁ ଉତ୍ତରପ୍ରଦେଶର ଦୋଲପୁରରେ ରାତିରେ ମହିଳାମାନେ ହଳ କରନ୍ତି। ଏହି ପରମ୍ପରା ଏଠାରେ ପୁରାତନ କାଳରୁ ଚଳିଆସୁଛି। ବର୍ଷା ଅଭାବରେ ଏଭଳି କରାଯାଇଥାଏ ବୋଲି ଲୋକେ କୁହନ୍ତି। ଏହାଦ୍ୱାରା ଇନ୍ଦ୍ରଦେବ ସନ୍ତୁଷ୍ଟ ହୋଇ ବର୍ଷା କରାଇଥାନ୍ତି। ଏହି ଅଞ୍ଚଳରେ ଅଧିକାଂଶ ସମୟରେ ମରୁଡ଼ି ପଡ଼ିଥାଏ। ତେଣୁ ଲୋକେ ଏଭଳି ପରମ୍ପରା ପାଳନ କରିଆସୁଛନ୍ତି। ମହିଳାମାନେ ହଳ କରିବା ସମୟରେ ଭକ୍ତି ସଙ୍ଗୀତ ଗାନ କରନ୍ତି। ସେହିପରି ବୁନ୍ଦେଲଖଣ୍ଡ, ଗୁଜରାଟର ନିମାର ଅଞ୍ଚଳରେ ଥିବା ଖରଗାଁରେ ମଧ୍ୟ ମହିଳାମାନେ ଏଭଳି କରିଥାନ୍ତି। ରାତିରେ ହଳ କରିବା ସମୟରେ ମହିଳା ତଥା ପ୍ରାପ୍ତବୟସ୍କା ଯୁବତୀ ମୁଣ୍ଡରେ ଓଢ଼ଣା ଦେଇ ନ ଥାନ୍ତି। ଏହା ଦ୍ୱାରା ବର୍ଷା ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

### ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ!
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।

(ଅଗଣିତ ଆଗୁଆନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଖେଇ ଆସୁଛି ପ୍ରଳୟ



ଅଭୟ ସୂତାର

ଏବେ ବିଶ୍ୱ ପରିବେଶରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପରିବେଶ ପ୍ରଦୂଷଣ ଯୋଗୁ ପୃଥିବୀ ପୃଷ୍ଠରୁ ଅନେକ ଜାତିର ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଗଲେଣି। ଯେଉଁମାନେ ରହିଛନ୍ତି, ସେମାନେ ପ୍ରଚଣ୍ଡ ଉତ୍ତାପ, ଖାଦ୍ୟ ଓ ପାଣି ଅଭାବରେ ଅସହ୍ୟ କଷ୍ଟ ଭୋଗ କରୁଛନ୍ତି। ବିଗତ ୧୦ ବର୍ଷ ଧରି ଏ ସମ୍ପର୍କରେ ବହୁ ଅନୁଧ୍ୟାନ ଓ ଆଲୋଚନା ହେବା ପରେ ଏବେ ଜାତିସଂଘ ତରଫରୁ ପୃଥିବୀର ସବୁ ଦେଶକୁ ଏ ବାବଦରେ ସୂଚନା ଦିଆଯାଇଛି।

ସୂଚନାର ସାରମର୍ମ ହେଲା, ବିଗତ ୧୯୯୫ ମସିହାରୁ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଉଛି। ଏପରି କି ମେରୁ ଅଞ୍ଚଳରେ ଉତ୍ତାପ ବୃଦ୍ଧି ଯୋଗୁ ବରଫ ତରଳି ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଛି। ଏହି ପ୍ରକ୍ରିୟା ଯୋଗୁ ନିକଟ ଭବିଷ୍ୟତରେ ମାଳଦ୍ୱୀପ ଭଳି କେତେକ ଦ୍ୱୀପାଞ୍ଚଳ ରାଷ୍ଟ୍ର ବାଂଲାଦେଶ ଓ ଭାରତର ମୁମ୍ବାଇ ଆଦି ସହରରେ ସମୁଦ୍ର ଜଳ ପ୍ରବେଶ କରି ବିଶେଷ କ୍ଷତି ଘଟାଇବ। ଏଥିରେ ଅନେକ ଧନଜୀବନ କ୍ଷୟକ୍ଷତି ଓ ଜୀବଜନ୍ତୁଙ୍କ ପ୍ରାଣହାନି ଘଟିବା ସହିତ ପ୍ରାୟ ୫ ନିୟୁତ ଲୋକଙ୍କୁ ଅପସାରଣ କରି ଅନ୍ୟତ୍ର ଥଇଥାନ କରିବାକୁ ହେବ। ପୁଣି ସମୁଦ୍ର କୂଳେ କୂଳେ ଥିବା ବିସ୍ତୃତ ଅଞ୍ଚଳର ଲୁଣାଜଙ୍ଗଲ ପାଣିରେ ବୁଡିଯାଇ ନଷ୍ଟ ହେବ ଓ ସମୁଦ୍ର ପାଣିର ଉତ୍ତାପ ବୃଦ୍ଧି ଯୋଗୁ ଅନେକ ସାମୁଦ୍ରିକ ଜୀବଙ୍କର ପ୍ରାଣହାନି ଘଟିବ। ସାମୁଦ୍ରିକ ବାତ୍ୟା ପ୍ରଭାବରେ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ଅନେକ ଜୀବଜନ୍ତୁଙ୍କର ମୃତ୍ୟୁ ହେବ।

ଆଫ୍ରିକା ମହାଦେଶରେ ଏହି ପାରିବେଶିକ ବିପର୍ଯ୍ୟୟ ବିଶେଷ କ୍ଷୟକ୍ଷତି କରିବ। ପ୍ରିଟୋରିଆ ବିଶ୍ୱବିଦ୍ୟାଳୟର ଅନୁଧ୍ୟାନ ଅନୁସାରେ, ଉତ୍ତାପ ବୃଦ୍ଧି ଓ ବୃଷ୍ଟିପାତର ଅନିୟମିତତା ଯୋଗୁ ଏହି ମହାଦେଶରେ ଯଥାକ୍ରମେ ୨୫ ଓ ୪ ବିଲିୟନ ଡଲାର ମୂଲ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବ। ଏଥିସହିତ ପାଣିର ଘୋର ଅଭାବ ପଡିବ। ତେଣୁ ଅନେକ ବୃକ୍ଷଲତା ଓ ଜୀବଜନ୍ତୁ ବିଲୀନ ହେବେ। ପ୍ରାୟ ଛଅଲକ୍ଷ ବର୍ଗ କିଲୋମିଟର ଅଞ୍ଚଳର ଚାଷଜମି ଫସଲ ଉତ୍ପାଦନ ପାଇଁ ଅକାମୀ ହୋଇଯିବ। ଉଗାଣ୍ଡା, ତାଞ୍ଜାନିଆ ଓ କେନିଆର ଅନେକ ପର୍ବତମାଳାର ବରଫ ତରଳି ଯିବ ଓ ସମୁଦ୍ରର ଜଳପତ୍ତନ ବୃଦ୍ଧିପାଇବ। ଇଜିପ୍ଟ ଓ ଗିନିର ସମୁଦ୍ରକୂଳ ଅଞ୍ଚଳରେ ସମୁଦ୍ରର ଜଳପତ୍ତନ ବୃଦ୍ଧି ଯୋଗୁ ବିଶେଷ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି ହେବ।

ଜାତିସଂଘର ବୈଜ୍ଞାନିକମାନେ କହନ୍ତି, ଆବହମାନ କାଳରୁ ହିମାଳୟ ପର୍ବତମାଳାରେ ଆଚ୍ଛାଦିତ ହୋଇ ରହିଥିବା ବରଫ ଏବେ ତରଳୁଛି ଓ ୨୦୩୫ ବେଳକୁ ସବୁ ବରଫ ତରଳିଯିବ। ଫଳରେ ହିମାଳୟରୁ ବାହାରିଥିବା ଗଙ୍ଗା ଓ ଯମୁନା ନଦୀରେ ଅଧିକ ଜଳ ପ୍ରବାହିତ ହୋଇ ବନ୍ୟା ବିପ୍ରାତ ଘଟିବ। ତା'ପରେ ଏହି ନଦୀ ଦୁଇଟି ଶୁଷ୍କ ହୋଇଯିବେ, କାରଣ ଏହି ନଦୀଗୁଡିକୁ ବର୍ଷା ଦିନ ପରେ ଆଉ ଜଳ ପ୍ରବେଶ କରିବ ନାହିଁ। ଏହାଫଳରେ ନଦୀ ଦୁଇଟିର ଅବବାହିକା ଅଞ୍ଚଳରେ ବାସ କରୁଥିବା ଲୋକମାନେ ଅଶେଷ ଜଳକଷ୍ଟ ଭୋଗ କରିବେ।

ହିମାଳୟରେ ବରଫ ତରଳିଯିବା ଯୋଗୁ ଉତ୍ତରଭାରତରେ ଶୀତଦିନିଆ ବୃଷ୍ଟିପାତ କମିଯିବ। ୨୦୨୦ ବେଳକୁ ଉତ୍ତର ଭାରତରେ ଆଉ ଶୀତଋତୁ ହେବ ନାହିଁ ଓ ସେ ସମୟରେ ଜାନୁୟାରୀ ମାସରେ ଉତ୍ତାପ ୪୦ ଡିଗ୍ରୀ ସେଲସିୟସରେ ପହଞ୍ଚିବ। ସେହିପରି ଜଳ ଓ ବର୍ଷାଭାବ ଯୋଗୁ ଗଙ୍ଗାନଦୀର ଉର୍ବର ଅବବାହିକା ଅଞ୍ଚଳ କାଳକ୍ରମେ ଅନୁତ୍ପାଦକ ଅଞ୍ଚଳରେ ପରିଣତ ହେବ। ବିଶେଷଜ୍ଞଙ୍କ ହିସାବ ଅନୁସାରେ, ଆସନ୍ତା ୩୦ ବର୍ଷ ମଧ୍ୟରେ ସେହି ଅଞ୍ଚଳରେ କୃଷି ଉତ୍ପାଦନ ୩୦ ଭାଗ କମିଯିବ। ଗୋଚର ଜମିସବୁ ଟାଙ୍ଗରା ପଡିଆ ପାଲଟି ଯିବେ ଓ ଖାଦ୍ୟାଭାବରୁ ୨୫ ପ୍ରତିଶତ ପ୍ରାଣୀସମ୍ପଦ ନଷ୍ଟହେବ।

ବୈଜ୍ଞାନିକଙ୍କ ମତରେ ଜଳାଭାବ, ଉତ୍ତାପ ବୃଦ୍ଧି ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁ ମଶାବଂଶ ବୃଦ୍ଧି ପାଇବ। ଏହାର ପ୍ରଭାବରେ ଡେଙ୍ଗୁ ଓ ମ୍ୟାଲେରିଆର ପ୍ରକୋପ ଅଧିକ ହେବ। ବନ୍ୟା ଓ ମରୁଡି ପ୍ରଭାବରେ କଲେରା ଓ ଝାଡା ରୋଗ ବ୍ୟାପକ ହେବ ଓ ଏଥିରେ ଅନେକ ଲୋକଙ୍କର ମୃତ୍ୟୁ ଘଟିବ। ବିଶ୍ୱର ଏହି ଉତ୍ତାପ ବୃଦ୍ଧି ଯୋଗୁ ଭାରତରେ ଏବେ ଅନେକ ପାରିବେଶିକ ବିପର୍ଯ୍ୟୟ ସୃଷ୍ଟି ହେଲାଣି। ବିଗତ ୧୦ ବର୍ଷ ମଧ୍ୟରେ ଉତ୍ତରପଶ୍ଚିମ ଅଞ୍ଚଳରେ କ୍ରମାଗତଭାବେ ମୂଷଳ ଧାରାରେ ବର୍ଷା ହେବା ଯୋଗୁ ଅନେକଥର ପ୍ରବଳ ବନ୍ୟାବିପ୍ରାତ ସୃଷ୍ଟି ହୋଇଛି। ସେହିପରି ପୂର୍ବାଞ୍ଚଳରେ ବର୍ଷାର ପ୍ରକୋପ ଅସାଧାରଣ ଭାବେ ବୃଦ୍ଧିପାଇଛି। ୨୦୦୫ ଜୁଲାଇ ୨୬ ଓ ୨୭ ତାରିଖରେ ମୁମ୍ବାଇ ସହରରେ ୯୪୪ ମିଲିମିଟର ବର୍ଷା ଯୋଗୁ ୧୦୦୦ ଲୋକଙ୍କର ପ୍ରାଣହାନି ଘଟିବା ସହିତ ପ୍ରାୟ ୧୭୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ପୂର୍ବ ବର୍ଷ ସୁରଟ ଓ ଶ୍ରୀନଗର (ଯେଉଁଠାରେ ବନ୍ୟା ହେବା କଥା ନୁହେଁ)ରେ ପ୍ରବଳ ବନ୍ୟାହୋଇ ଅଶେଷ କ୍ଷୟକ୍ଷତି ଘଟିଛି। ବଙ୍ଗୋପସାଗର ଓ ଆରବ ସାଗରରେ ଅନେକଥର ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଛି। ଓଡ଼ିଶାରେ ୧୯୯୯ ମହାବାତ୍ୟା ଯୋଗୁ ନାହିଁ ନ ଥିବା କ୍ଷତି ଘଟିଥିଲା। ଓଡ଼ିଶାରେ ୨୦୦୦ରୁ ୨୦୧୫ ମଧ୍ୟରେ କ୍ରମାଗତ ଭାବେ ବୃଷ୍ଟିପାତର ହ୍ରାସ ଯୋଗୁ ମରୁଡି ହୋଇ ପ୍ରାୟ ୩୫ ନିୟୁତ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି।

ବିଶ୍ୱତାପନର ପ୍ରଧାନ କାରଣ ହେଲା ବାୟୁମଣ୍ଡଳକୁ ସବୁଜଗୃହ ବାଷ୍ପ (ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି)ର ନିର୍ଗମନ ଯାହା ଯୋଗୁ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହୋଇ ସୂର୍ଯ୍ୟଙ୍କର କିରଣ ସିଧାସଳଖ ପୃଥିବୀ ପୃଷ୍ଠକୁ ଆସି ଉତ୍ତାପ ବୃଦ୍ଧି କରୁଛି। ବ୍ୟାପକ ଶିଳ୍ପ ପ୍ରତିଷ୍ଠା, ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ, ଯାନବାହନର ବୃଦ୍ଧି ଯୋଗୁ ସବୁଜଗୃହ ବାଷ୍ପର ନିର୍ଗମନ ହେଉଛି। ୧୯୯୨ ମସିହାରେ ସବୁଜଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା ପାଇଁ ହୋଇଥିବା ଶିଖର ସମ୍ମିଳନୀରେ ଅନ୍ତତଃପକ୍ଷେ ୧୯୯୦ ମସିହା ସ୍ତରକୁ ଆଣିବା ପାଇଁ ବିକଶିତ ଦେଶଗୁଡ଼ିକୁ ଅନୁରୋଧ କରାଯାଇଥିଲା। ମାତ୍ର ଆମେରିକା, ଯେକି କେବଳ ଏକ ତୃତୀୟାଂଶ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ଛାଡୁଛି, ସେଥିପ୍ରତି ଏ ଯାଏ ଗୁରୁତ୍ୱ ଦେଇନାହିଁ। ଅଷ୍ଟ୍ରେଲିଆ ମଧ୍ୟ ଦ୍ୱିତୀୟ ସର୍ବାଧିକ ବାଷ୍ପ ନିର୍ଗମନର ଦେଶ ହୋଇଛି।

ସେହି ଦେଶଗୁଡ଼ିକର ବେପରୁଆ ମନୋଭାବ ଯୋଗୁ ଏବେ ସମଗ୍ର ବିଶ୍ୱ ଏହାର କୁପରିଣାମ ଭୋଗ କରିବାକୁ ବାଧ୍ୟ ହେଉଛି। ତେଣୁ ସେଥିପ୍ରତି ଜନ ସଚେତନତା ସୃଷ୍ଟି ହେବା ସହିତ ଜାତିସଂଘ ପକ୍ଷରୁ ସେହି ଦେଶଗୁଡ଼ିକ ଉପରେ ଚାପ ପ୍ରୟୋଗ ପାଇଁ ଭାରତ ସରକାର ଉଦ୍ୟମ କରିବା ଉଚିତ। ଦ୍ରୁତଗତିରେ ବିଗୁଡୁଛି ପରିବେଶ ଓ ପାଖେଇ ଆସୁଛି ପ୍ରଳୟ – ଏ କଥା ଯେତେଶୀଘ୍ର ଆମେ ବୁଝିଯିବା ସେତେ ଭଲ।

ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭଦ୍ରକ,
ମୋ–୯୪୩୭୩୭୬୯୬୭

## ପାଠକ ଶ୍ରେଷ୍ଠ ବିଚାରକ

### ମା' ପରି ଗାଁ

ମହାଶୟ,

ପ୍ରକାଶବାବୁଙ୍କ ପ୍ରବନ୍ଧ 'ଫନୀ ଫେରାଇଛି ପୁରୁଣା ଦିନ' ପଢ଼ି ମନେ ପଡ଼ିଲା 'ଆମ ଗାଁ ରାସ୍ତା ତୁମ ସହରକୁ' ବୋଲି ଦେଖିଥିବା ନାଟକଟିଏ। ମା' ପରି ଗାଁ, ବାପା ପରି ସହର, କେହି ନୁହେଁ କାହାର। ଗାଁର ଲୋକଟିଏ ପରିଚୟ ଦେଲାବେଳକୁ ଅମୁକର ପୁଅ, ସମୁକର ନାତି, କୋଠ ଘରପାଖ ଦାସ ଘରକୁ ୪ ଘର ଛଡ଼ା। କିନ୍ତୁ ସହରର ପରିଚୟ ମାଟିକୁଣ୍ଡର ଗଛ, ପ୍ଲଟ ନମ୍ବର, ଅମୁକ ସାହି, ଅମୁକ ନଗର, ଗୋଟିଏ ସହରରେ ପ୍ରତ୍ୟେକ ସାହି ଗୋଟେ ଗୋଟେ ନଗର। ଧନ୍ୟରେ ସହରୀ ସଭ୍ୟତା କେହି ଜାଣନ୍ତିନି କାହାର ପରିଚୟ। ଗାଁରେ ରାତିରେ ହିଁ କବାଟ ବନ୍ଦ କିନ୍ତୁ ସହରରେ ଦିନ ହେଉ କି ରାତି ଦରଜା ସବୁବେଳେ ବନ୍ଦ। ଫନୀ ପରି ଦୁର୍ବିପାକ ଆମକୁ ଏକାଠି କରେ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା

### ଧଳାହାତୀଙ୍କ ଉପରେ ନଜର ରହୁ

ଅନେକ ସମୟରେ ଓଡ଼ିଶା ଉପରେ ପ୍ରାକୃତିକ ବିପର୍ଯ୍ୟୟ ଘଟି ଅନେକ ଧନଜୀବନ ନଷ୍ଟ ହୋଇଛି। ଏହି ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ପାଇଁ ଅନ୍ୟ ରାଜ୍ୟ ତଥା ଦେଶବିଦେଶରୁ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ ତା'ର କାର୍ଯ୍ୟଭାର ନେଇଥିବା ଅନେକ ଅସାଧୁ ଅଫିସର ଉକ୍ତ ଟଙ୍କା ବାଟମାରଣା କରି ସାଧାରଣ ଲୋକଙ୍କୁ ପ୍ରତାରଣା କରିଛନ୍ତି। ଏହାର ନଜିର ରହିଛି। ମହାବାତ୍ୟା, ହୁଡ୍‌ହୁଡ୍, ଫାଇଲିନ୍ ଆଦି ବିପର୍ଯ୍ୟୟ ସମୟରେ କିଛି ସରକାରୀ କର୍ମଚାରୀ ଚଞ୍ଚକତା କରି ଟଙ୍କା ହଡପ କରି ଜେଲ ମଧ୍ୟ ଯାଇଛନ୍ତି। ଅନୁରୋଧ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ନିରୀହ ଲୋକଙ୍କୁ ସେମାନଙ୍କ ହକ୍ ମିଳୁ, ଏଥିପାଇଁ ସରକାର ଭଦ୍ରମୁଖା ପିନ୍ଧିଥିବା ଧଳାହାତୀଙ୍କ ଉପରେ ନଜର ରଖନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | 7 | | | | | 1 | | | | | | C | |
| | E | D | | | 7 | | | | | 4 | C | 3 | 1 | 5 |
| C | 1 | | | | | | | | | | B | | 7 | 8 |
| B | | 6 | 2 | | | 0 | | | 7 | | | | | |
| | | | | | 4 | | | | 6 | | | B | | D |
| | | | | | | | | C | | | | | | 2 |
| 7 | | | | 4 | D | | | 5 | | A | 0 | | 9 | |
| | 5 | | 0 | 8 | | | | | | 2 | | | 3 | |
| 0 | A | | | | 2 | 8 | | | C | | 6 | | | |
| | | | | | | | 6 | | | 1 | D | C | | |
| 9 | | | | | | | | B | | | | 0 | A | |
| | | | | D | | 3 | | | | B | | | | 7 |
| | | C | | | | | 7 | | A | D | | | 2 | B |
| 6 | | | | | E | | A | | 2 | 3 | 5 | 9 | | |
| 8 | | | 7 | | B | | D | | E | C | | 1 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

### ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁନ୍ ୧୯୯୪

- ଅଷ୍ଟ୍ରିଆ ୟୁରୋପୀୟ ସଙ୍ଗଠନରେ ଯୋଗଦେବା ଉଚିତ କି ନୁହେଁ ସେ ବିଷୟ ନିର୍ଣ୍ଣୟ କରିବା ଲାଗି ଦେଶରେ ଗଣଭୋଟ ଆରମ୍ଭ।
- ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟକୁ ସଂରକ୍ଷିତ ଜୈବ ମଣ୍ଡଳ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।

## ■ ନ୍ୟାୟ ପାଉନାହାନ୍ତି ବଳାତ୍କୃତା

# ଆଇନକୁ ପାଳୁନାହାନ୍ତି ସରକାର

**କଟକ ଅଫିସ, ୧୨।୬**

ବଳାତ୍କାର ଶିକାର ହେଉଥିବା ପୀଡ଼ିତାମାନଙ୍କୁ ନ୍ୟାୟ ମିଳୁନାହିଁ। ଏମାନଙ୍କ ପାଇଁ ଆଇନରେ ସଂଶୋଧନ ଅଣାଯାଇଥିଲା। ପୂର୍ବରୁ ପୀଡ଼ିତାମାନଙ୍କୁ ସିଆର୍‌ପିସିର ୩୫୭ ଧାରା ଅନୁଯାୟୀ କୋର୍ଟଙ୍କ ରାୟ କ୍ରମେ କ୍ଷତିପୂରଣ ରାଶି ମିଳୁଥିଲା। ମାତ୍ର ୨୦୦୯ରେ କେନ୍ଦ୍ର ସରକାର ସିଆର୍‌ପିସିର ୩୫୭ ଧାରା ସହିତ 'କ'କୁ ଯୋଡ଼ିଥିଲେ। ଏହି ଆଇନକୁ ୨୦୧୬ରେ ସମଗ୍ର ଦେଶରେ ଲାଗୁ କରାଯାଇଥିଲା। ଏହି ଆଇନକୁ ଆଧାର କରି ରାଜ୍ୟ ସରକାର ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା (ଓଡ଼ିଶା ଭିକ୍ଟିମ କମ୍ପେନ୍‌ସେସନ ସ୍କିମ୍)୨୦୧୮ ପ୍ରଣୟନ କରିଥିଲେ। ଏଥିପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆଇନ ଅନୁଯାୟୀ ବଳାତ୍କାର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ଘଟଣା ଘଟିବାର ୨ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୪ରୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଗଣବଳାତ୍କାର ଶିକାରମାନଙ୍କୁ ୫ରୁ ୧୦ ଲକ୍ଷ ଟଙ୍କା ଏବଂ ବଳାତ୍କାର ଓ ହତ୍ୟା ପାଇଁ ପୀଡ଼ିତା ପରିବାରକୁ ୯ରୁ ୧୭ ଲକ୍ଷ ଟଙ୍କା, ଗଣବଳାତ୍କାର ଓ ହତ୍ୟା ପାଇଁ ୧୦ରୁ ୨୦ ଲକ୍ଷ ଟଙ୍କା ଦେବାର ଆଇନରେ ଉଲ୍ଲେଖ ରହିଛି। କିନ୍ତୁ ଏବେ ଏହି ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ବଳାତ୍କାର ପୀଡ଼ିତାମାନେ ଗୋଟେପଟେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟେ ଘଟଣାକୁ ନେଇ ମାନସିକ ସ୍ତରରେ ଦୁର୍ବଳ ହୋଇ ଜୀବନ ହାରିବା ଭଳି ଘଟଣାମାନ ଘଟୁଛି। ଉଦାହରଣ ଭାବେ କୁନ୍ଦୁଲି ଘଟଣାକୁ ଦେଖିଲେ ଏହା ପ୍ରମାଣିତ ହେଉଛି। କାରଣ କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କୁ ମାତ୍ର ୫୦ ହଜାର ଟଙ୍କାର କ୍ଷତିପୂରଣ ରାଶି ମିଳିଥିଲା। ତାହା ପୁଣି ଓଡ଼ିଶା ମାନବାଧିକାର କମିଶନଙ୍କ ଆଦେଶ ଅନୁଯାୟୀ ମିଳିଥିଲା।

ଗତ ୩ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦ରୁ ଅଧିକ ବଳାତ୍କାର, ଗଣବଳାତ୍କାର ଓ ବଳାତ୍କାର ପରେ ହତ୍ୟା ଭଳି ଘଟଣା ଘଟିଛି। କିନ୍ତୁ ଏହି ପୀଡ଼ିତା କିମ୍ବା ତାଙ୍କ ପରିବାରବର୍ଗଙ୍କୁ ସରକାର କ୍ଷତିପୂରଣ ରାଶି ଦେବାରେ ସକ୍ଷମ



ହୋଇନାହାନ୍ତି। ସରକାରଙ୍କ ଏଭଳି ଅବହେଳାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ସେ ପିଟିଶନରେ ଦର୍ଶାଇଛନ୍ତି, ନୟାଗଡ଼, ଭୁବନେଶ୍ୱର, କଟକ, କୋରାପୁଟ ଆଦି ଅଞ୍ଚଳରେ ଇତିମଧ୍ୟରେ ୩୦ ପାଖାପାଖି ଘଟଣା ଘଟିଛି। ପ୍ରତ୍ୟେକ ଘଟଣାକୁ ଅନୁଶୀଳନ କରିବାରୁ ଜଣାପଡ଼ିଛି ଯେ, ଏଥିପ୍ରତି ସରକାର ଆଦୌ ଯତ୍ନବାନ୍ ନାହାନ୍ତି। ଫଳରେ ଜଣେ ପୀଡ଼ିତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଉଦାହରଣ ଦେଇ ଦାସ କହିଛନ୍ତି, ଗତ ଏପ୍ରିଲ ୧୯ରେ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ପୋଲିସ ବୀରେନ୍ଦ୍ର ପ୍ରଧାନ(୪୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଏକ ମାମଲା(ନଂ.୧୮୪/୧୯) ରୁଜୁ ହୋଇଥିଲା। ମାତ୍ର ଅଦ୍ୟାବଧି ସମ୍ପୃକ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ।

ସେହିପରି ଗତ ୭ ତାରିଖରେ ମର୍କତନଗର ଥାନା ଅଞ୍ଚଳରେ ଆଉ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୮୪/୧୯) ରୁଜୁ କରିଥିଲା। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ରମେଶ ମହାରଣା ନାମକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ମିଳି ନ ଥିବା ଜୟନ୍ତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଏପ୍ରିଲ ୨୭ ତାରିଖରେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ଜଙ୍ଗଲରେ ପୋଡି ଦିଆଯାଇଥିଲା। ହେଲେ ମୃତା ପୀଡ଼ିତାଙ୍କ ପରିବାରକୁ ଆଇନ ଅନୁଯାୟୀ ୧୦ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳିବା କଥା। କିନ୍ତୁ ଅଦ୍ୟାବଧି ଉକ୍ତ ପରିବାରକୁ କ୍ଷତିପୂରଣ ମିଳି ନ ଥିବାରୁ ଜୟନ୍ତ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ପୀଡ଼ିତାମାନଙ୍କୁ ନ୍ୟାୟଦେବା ସହିତ ମାନସିକ ସ୍ତରରେ ସୁଦୃଢ଼ କରିବା ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଆଇନ ପ୍ରଣୟନ କଲେ। କିନ୍ତୁ ସରକାରୀ କାର୍ଯ୍ୟାଳୟରେ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ଆଇନ ପୀଡ଼ିତା କିମ୍ବା ସେମାନଙ୍କ ପରିବାର ପାଖରେ ପହଞ୍ଚି ପାରୁ ନ ଥିବା ଜୟନ୍ତ ଅଭିଯୋଗ କରିଛନ୍ତି।

ବଳାତ୍କାର ପୀଡ଼ିତାମାନଙ୍କୁ କ୍ଷତିପୂରଣ ରାଶି ମିଳିବାରେ ବିଳମ୍ବ ହେବା ସମ୍ପର୍କରେ ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟିୟର ଶର୍ମିଷ୍ଠାରାଣୀ ନନ୍ଦ କୁହନ୍ତି, ପୀଡ଼ିତା କିମ୍ବା ସେମାନଙ୍କ ପରିବାର ଆବେଦନ କରିବାରେ ବିଳମ୍ବ କରୁଛନ୍ତି। ଏପରି କି ଆବଶ୍ୟକ କାଗଜପତ୍ର ମଧ୍ୟ ଦାଖଲ କରିବାରେ ଅନେକ ତ୍ରୁଟି କରୁଛନ୍ତି। ଅନେକ କ୍ଷେତ୍ରରେ ବଳାତ୍କାର ଘଟଣା ପରେ ପୀଡ଼ିତାଙ୍କ ପରିବାର ମାମଲାର ଫଇସଲା ନିଜ ସ୍ତରରେ କରିଦେଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଆଇନସେବା ପ୍ରାଧିକରଣଙ୍କ ପ୍ୟାନେଲ ଆଡଭୋକେଟ ମାନସ ରଞ୍ଜନ ତ୍ରିପାଠୀ କୁହନ୍ତି, ଅନେକ ସମୟରେ ପୀଡ଼ିତାମାନେ ମତ ବଦଳାଉଛନ୍ତି। ତ୍ରିପାଠୀ ନିଜ ଅନୁଭୂତିରୁ କୁହନ୍ତି, ସେ ପାଖାପାଖି ୫୦ଟି ମାମଲା ପରିଚାଳନା କରିବା ସମୟରେ ଏଭଳି ପରିସ୍ଥିତିର ସାମ୍ନା କରିଛନ୍ତି। ତେଣୁ ପୀଡ଼ିତା ମତ ବଦଳାଇବା ଦ୍ୱାରା ମାମଲାଟି ଦୁର୍ବଳ ହେବା ସହିତ ଆଉ ଏକ ସମସ୍ୟା ସୃଷ୍ଟି କରୁଛି। ମୁଖ୍ୟତଃ ଅଧିକାଂଶ କ୍ଷେତ୍ରରେ ପୀଡ଼ିତାମାନେ ଅଭିଯୁକ୍ତଙ୍କ ସହିତ ଫଇସଲା କରିଦେଉଥିବାରୁ ସମସ୍ୟା ଉପୁଜୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇନରୁ ଫାଇଦା ନେବାକୁ ମଧ୍ୟ କେତେଜଣ ଚେଷ୍ଟା କରୁଥିବା ପୋଲିସ ତଦନ୍ତରୁ ଜଣାପଡିଛି।

## ସଂକ୍ଷେପରେ

### ଅଂଶୁଘାତରେ ୪ ମୃତ୍ୟୁ ଅଭିଯୋଗ

**ବରଗଡ଼ ଅଫିସ/ବୌଦ୍ଧ/ବେଗୁନିଆପଡ଼ା,୧୨।୬ (ସ୍ୱ.ପ୍ର./ଡି.ଏନ୍.ଏ.):** ବରଗଡ଼, ବୌଦ୍ଧ ଓ ଗଞ୍ଜାମ ଜିଲାରେ ତାତି ସାଙ୍ଗକୁ ଗୁଲୁଗୁଲି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବୁଧବାର ବରଗଡ଼ ଜିଲାରେ ୨ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ବେଳେ ଗଞ୍ଜାମରେ ଜଣେ ଏବଂ ବୌଦ୍ଧ ଜିଲାରେ ଜଣେ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତକମାନେ ହେଲେ ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମର ଗ୍ରନ୍ଥ ପ୍ରଧାନ (୫୮) ଏବଂ ଗାଇସିଲେଟ୍ ଥାନା ଟେଙ୍ଗନାପାଲି ଗ୍ରାମର ସହଦେବ ବରିହା (୮୦), ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ଗୋଛାପଡା ପଞ୍ଚାୟତ ଝାରମୁଣା ଗ୍ରାମର ସୁଧାସାର ମଲିକ (୬୫) ଏବଂ ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ହୋତା। ସୂଚନା ଅନୁଯାୟୀ, ଗ୍ରନ୍ଥ ସକାଳୁ ନିଜ କ୍ଷେତକୁ ଯାଇଥିବାବେଳେ ଗୁରୁତର ଅସୁସ୍ଥ ହୋଇ ସେଠାରୁ ଘରକୁ ଫେରିଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ପରିବାର ଲୋକେ କହିଛନ୍ତି। ସେହିପରି ସହଦେବ ମଧ୍ୟ ସକାଳୁ ନିଜ ଧାନଖଳାକୁ ଯାଇଥିବାବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ମଧ୍ୟ ଚିକିତ୍ସା ପାଇଁ ଡାକ୍ତରଖାନା ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସେହିପରି ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ଗୋଛାପଡା ପଞ୍ଚାୟତ ଝାରମୁଣା ଗ୍ରାମର ସୁଧାସାର ମଲିକ (୬୫)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ପଠାଇଛି। ସେରିକଲଚର ଫାର୍ମରେ ଶ୍ରମିକ ଥିବା ସୁଧାସାର ବୁଧବାର ସକାଳୁ କାମ କରିବାକୁ ଯାଇ ଅପରାହ୍ନ ୫ଟାରେ ଘରକୁ ଫେରୁଥିଲେ। କିନ୍ତୁ ଅଁଳାଝୁଲି ଗ୍ରାମ ଦିପମୁଣ୍ଡା ବନ୍ଧ ପାଖରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେହିପରି ବେଗୁନିଆପଡ଼ା କନିଷ୍ଠ ଯନ୍ତ୍ରୀ ସୁଧୀର କୁମାର ହୋତା କ୍ଷେତ୍ର ପରିଦର୍ଶନ ସାରି ବାଇକ୍‌ରେ ଫେରୁଥିବା ବେଳେ ତଳେ ପଡ଼ିଯିବା ସହ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁମଣ୍ଡଳ ମେଡିକାଲ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ବେଗୁନିଆପଡ଼ାରେ ୩୯ ଡିଗ୍ରୀ ତାପମାତ୍ରା ଥିବାବେଳେ ସୁଧୀରଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

### ଟାଟା ମ୍ୟାଜିକ-ବାଇକ୍ ଧକ୍କା

**ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର**

**ଛେଣ୍ଡିପଦା,୧୨।୬ (ଡି.ଏନ.ଏ.):** ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଜରପଡା ଥାନା ତୁବେ ଗ୍ରାମ ନିକଟରେ ବୁଧବାର ଏକ ଟାଟା ମ୍ୟାଜିକ-ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ ଆରୋହୀ ଜରପଡା ଥାନା ତୁବେ ଗ୍ରାମର ଜିତୁ ସାହୁ(୩୦)ଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ ପଛରେ ବସିଥିବା ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସ୍ଥାନୀୟବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ କହିଛି, ଏକ ଟାଟା ମ୍ୟାଜିକ(ନଂ.ଓଆର୯କେ ୫୦୦୯)ଅନୁଗୋଳରୁ ଜରପଡ଼ା ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ନଂ.(ଓଡି ୧୯ ଜେ୩୪୧୦)ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଜିତୁ ସାହୁ(୩୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବରପାଇ ଜରପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବାସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଛି। ଟାଟା ମ୍ୟାଜିକ ଗାଡି ଚାଳକ ଫେରାର ଥିବା ଜଣାପଡିଛି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଏଏସଆଇ ଶ୍ରୀପତି ପ୍ରଧାନ ସୂଚନା ଦେଇଛନ୍ତି।

## ବ୍ୟାଙ୍କ ଅଫ୍ ଇଂଲଣ୍ଡ ଗଭର୍ନର ଦୌଡ଼ରେ ରାଜନ୍

**ଲଣ୍ଡନ,୧୨।୬**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ୍(୫୬) ବ୍ରିଟେନର ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ନର ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ସ୍ଥାନୀୟ ମିଡିଆରେ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ବ୍ୟାଙ୍କ ଅଫ୍ ଇଂଲଣ୍ଡରେ କାର୍ଯ୍ୟରତ ଗଭର୍ନର ମାର୍କ କାର୍ନୀଙ୍କ କାର୍ଯ୍ୟକାଳ ୨୦୨୦ ଜାନୁୟାରୀ ୩୧ରେ ଶେଷ ହେଉଛି। ନୂଆ ଗଭର୍ନର ବାଛିବା ଲାଗି ୟୁକେ ଟ୍ରେଜେରି ପକ୍ଷରୁ ଜୁନ ୫ ପର୍ଯ୍ୟନ୍ତ ଆବେଦନ ଆହ୍ୱାନ କରାଯାଇଥିଲା। ତେବେ ଆବେଦନକାରୀଙ୍କ ମଧ୍ୟରେ କେଉଁମାନେ ରହିଛନ୍ତି, ଏହା ଜଣାପଡିନାହିଁ। ରାଜନ୍‌ଙ୍କ ବ୍ୟତୀତ ଆଣ୍ଡ୍ରୁ ବେଲି ମଧ୍ୟ ଗଭର୍ନର ଦୌଡରେ ରହିଛନ୍ତି। ସେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଡେପୁଟି ଗଭର୍ନର ଭାବେ



ରଘୁରାମ ରାଜନ୍

କାର୍ଯ୍ୟ କରିସାରିଛନ୍ତି। ଇକୋନୋମିକ୍ସର ପ୍ରଫେସର ତଥା ବ୍ୟାଙ୍କ ଅଫ୍ ଇଂଲଣ୍ଡର ପୂର୍ବତନ ନୀତି ନିର୍ଦ୍ଧାରକ ଡେଭିଡ ବ୍ଲାଞ୍ଚଫ୍ଲାଓ୍ୱରଙ୍କ କହିବାନୁଯାୟୀ, ରାଜନ୍ ଅନ୍ୟମାନଙ୍କ ଠାରୁ ଦୌଡରେ ବହୁ ଆଗରେ ରହିଛନ୍ତି। ସୂଚନାଥାଉ କି, ୟୁକେ ଟ୍ରେଜେରିର ଚାନ୍ସେଲର ଫିଲିପ୍ ହେମଣ୍ଡ ଅନ୍ତଃରାଷ୍ଟ୍ରୀୟ ସଂସ୍ଥାରେ କାମ କରିସାରିଥିବା ଜଣେ ବ୍ୟକ୍ତିଙ୍କୁ ନୂଆ ଗଭର୍ନର କରିବା ସପକ୍ଷରେ ମତପ୍ରକାଶ କରିଛନ୍ତି। ଏହି ଦୃଷ୍ଟିରୁ ରାଜନ୍ ଉକ୍ତ ପଦ ପାଇଁ ସର୍ବାଦୌ ଯୋଗ୍ୟତମ ବ୍ୟକ୍ତି। ସେ ୨୦୦୩ରୁ ୨୦୦୬ ପର୍ଯ୍ୟନ୍ତ ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ ବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍)ରେ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ରହିସାରିଛନ୍ତି। ୨୦୧୩ ସେ ଆର୍‌ବିଆଇର ଗଭର୍ନର ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଥିଲେ। ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଗତିକରୁଛି ବୋଲି ରାଜନ୍ ୨୦୦୫ରେ ଚେତାବନୀ କରିଥିଲେ। ସେତେବେଳେ ଆମେରିକାର ପୂର୍ବତନ ଟ୍ରେଜେରି ସେକ୍ରେଟାରୀ ଲ୍ୟାରୀ ସମର୍ସ ତାଙ୍କୁ ଏନେଇ କଠୋର ସମାଲୋଚନା କରିଥିଲେ। ରାଜନ୍‌ଙ୍କ ଚେତାବନୀର ୩ ବର୍ଷ ପରେ ଲିମ୍ୟାନ ବ୍ରଦର୍ସଙ୍କ ସଙ୍କଟ ସାମ୍ନାକୁ ଆସିଥିଲା।

## ଜଲାନ୍ କମିଟିରେ ହେଉନି ସହମତି

**ନୂଆଦିଲ୍ଲୀ,୧୨।୬**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବଳକା ଅର୍ଥ ପ୍ରଦାନକୁ ନେଇ ଗାଇଡଲାଇନ ପ୍ରସ୍ତୁତ କରିବାକୁ ଗଠିତ ୬ ଜଣିଆ ବିମଳ ଜଲାନ୍ କମିଟିରେ ସହମତି ପ୍ରକାଶ ପାଇପାରୁନାହିଁ। ଏହି କାରଣରୁ ରିପୋର୍ଟ ପ୍ରଦାନରେ ବିଳମ୍ବ ହେଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ଚଳିତ ମାସ ଶେଷରେ ରିପୋର୍ଟ ପ୍ରଦାନ ପୂର୍ବରୁ କମିଟି ଆଉ ଏକ ବୈଠକରେ ବସିବ। ଉଲ୍ଲେଖଥାଉ କି, ଗତବର୍ଷ ଡିସେମ୍ବର



ବିମଳ ଜଲାନ୍

୨୬ରେ ଆର୍‌ବିଆଇ ପୂର୍ବତନ ଗଭର୍ନର ବିମଳ ଜଲାନ୍‌ଙ୍କ ଅଧ୍ୟକ୍ଷତାରେ ୬ ସଦସ୍ୟ ବିଶିଷ୍ଟ କମିଟି ଗଠନ କରାଯାଇଥିଲା। ଆର୍‌ବିଆଇ ନିକଟରେ ବଳକା ଥିବା ଅର୍ଥ ମଧ୍ୟରୁ ଅଧିକାଂଶ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଅନ୍ୟପକ୍ଷରେ ଲାଭାଂଶ ବ୍ୟତୀତ ଅଧିକ ଅର୍ଥ ଦେବାକୁ କେନ୍ଦ୍ରୀୟ ବ୍ୟାଙ୍କ ରାଜି ନୁହେଁ। ଉଭୟଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେବା ପରେ ଆର୍‌ବିଆଇର ପୁଞ୍ଜି ଢାଞ୍ଚା ସମୀକ୍ଷା ଲାଗି ଉକ୍ତ କମିଟି ଗଠନ କରାଯାଇଛି।

## ୧୧ ବର୍ଷରେ ୨.୦୫ ଲକ୍ଷ କୋଟିର ବ୍ୟାଙ୍କ ଠକେଇ

**ମୁମ୍ବାଇ,୧୨।୬**

ଦେଶରେ ଗତ ୧୧ ବର୍ଷ ଭିତରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ୨.୦୫ ଲକ୍ଷ କୋଟି ଟଙ୍କାର ୫୦ ହଜାରରୁ ଅଧିକ ଠକେଇ ଓ ଜାଲିଆତି ମାମଲା ଦାଏର କରାଯାଇଛି। ଏ ସମ୍ପର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ସର୍ବାଧିକ ଠକେଇ ମାମଲା ଦାଏର ହୋଇଛି। ଏହାପଛକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରହିଛି। ସୂଚନା ଅଧିକାର ଆଇନ ଅଧୀନରେ ଆର୍‌ବିଆଇ ପକ୍ଷରୁ ଏହା କୁହାଯାଇଛି। ଆର୍‌ବିଆଇ ପକ୍ଷରୁ ତଥ୍ୟ ପ୍ରଦାନ କରି କୁହାଯାଇଛି ଯେ, ୨୦୦୮-୦୯ରୁ ୨୦୧୮-୧୯ ମଧ୍ୟରେ ୨.୦୫ ଲକ୍ଷ କୋଟି ଟଙ୍କାର ୫୩,୩୩୪ ଠକେଇ ମାମଲା ଧରାପଡିଛି। ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ସର୍ବାଧିକ ୬୮୧୧ ମାମଲା ଦାଏର ହୋଇଛି। ଏହି ବ୍ୟାଙ୍କରେ ୫,୦୩୩.୮୧ କୋଟି ଟଙ୍କାର ଠକେଇ ଧରାପଡିଛି। ଏହି ଅବଧିରେ ଏସ୍‌ବିଆଇ ପକ୍ଷରୁ ୨୩,୭୩୪.୭୪ କୋଟି ଟଙ୍କାର ୬୭୯୩ ଜାଲିଆତି ମାମଲା ଦାଏର କରାଯାଇଥିଲା। ଏହାପଛକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୧୨୦୦.୭୯ କୋଟି ଟଙ୍କାର ୨୪୯୭ ମାମଲା ରହିଛି।

## ଘୋଷଯାତ୍ରା ମଧ୍ୟରେ ହେବ ଶ୍ରୀମନ୍ଦିର ମରାମତି



- ୮ ଦିନରେ କାମ ସାରିବାକୁ ନିଷ୍ପତ୍ତି
- ୧୬ରେ ସ୍ଥାୟୀ ଜୟ-ବିଜୟ ମୂର୍ତ୍ତି ସଂସ୍ଥାପନ ହେବ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ମଧ୍ୟରେ ଶ୍ରୀମନ୍ଦିର ମରାମତି କାମ ହେବ। ଆସନ୍ତା ଜୁଲାଇ ୪ରେ ଘୋଷଯାତ୍ରା ଶେଷ ହେବା ପରେ ୫ ଓ ୬ତାରିଖରେ ଏଏସ୍‌ଆଇ ଟିମ୍ ଶ୍ରୀମନ୍ଦିରରେ ସ୍ଥିତି ଅନୁଧ୍ୟାନ କରିବ। ଗର୍ଭ ଗୃହ, ନାଟ୍ୟ ମଣ୍ଡପ, ଭୋଗ ମଣ୍ଡପ, ରୋଷ ଘର ସବୁକିଛି ଅନୁଧ୍ୟାନ ହେବ। ଏହାପରେ ୭ତାରିଖରୁ ଶ୍ରୀମନ୍ଦିର ମରାମତି କାମ ଆରମ୍ଭ ହେବ। ୧୪ତାରିଖ ସନ୍ଧ୍ୟା ସୁଦ୍ଧା ଯୁଦ୍ଧକାଳୀନ ଭିତ୍ତିରେ ଶ୍ରୀମନ୍ଦିରରେ ମରାମତି କାମ ଶେଷ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ବୁଧବାର ଭୁବନେଶ୍ୱରର ଓପେପା ସମ୍ମିଳନୀ କକ୍ଷରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ବୈଠକ ପରେ ମହାପାତ୍ର ସୂଚନା ଦେଇ କହିଛନ୍ତି, ନୀଳଚକ୍ର ସୁରକ୍ଷିତ ଅଛି। ନୀଳଚକ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ରାସାୟନିକ ବିଶ୍ଳେଷଣ କରାଯିବ। ସେହିପରି ସିଂହଦ୍ୱାରରେ ପଥରରେ ନିର୍ମିତ ସ୍ଥାୟୀ ଜୟ-ବିଜୟ ମୂର୍ତ୍ତି ଲାଗିବ। ବର୍ତ୍ତମାନ ପିତ୍ତଳର ମୂର୍ତ୍ତି ରଖାଯିବ। ଆସନ୍ତା ୧୬ତାରିଖରେ ଜୟ-ବିଜୟ ମୂର୍ତ୍ତି ସଂସ୍ଥାପନ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଗର୍ଭଗୃହରେ ଫାଟ ନାହିଁ। କିନ୍ତୁ କେତେଜଣ ସେବାୟତ ଅଭିଯୋଗ କରିଥିଲେ। ତେଣୁ ତାହା ଅନୁଧ୍ୟାନ କରାଯିବ ବୋଲି ସେ କହିଛନ୍ତି। ଦୁଇଦିନ ଧରି ଏଏସ୍‌ଆଇ ଟିମ୍ ଅନୁଧ୍ୟାନ କରିବ। ଯେଉଁଠି ଅଧିକ କ୍ଷତି ହୋଇଥିବ, ତାହା ଅଧିକ ଦିନ ଲାଗିପାରେ। ତେବେ ସେମିତି ଅଧିକ କ୍ଷତି ହୋଇ ନ ଥିବା ଆଶା କରାଯାଉଛି ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କହିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ସଚିବ କ୍ରୀଷ୍ଣନ କୁମାରଙ୍କ ସହ ଏଏସ୍‌ଆଇ ସଦସ୍ୟ ଉପସ୍ଥିତ ଥିଲେ।

## ରାଜ୍ୟ ପାଳିବ ପ୍ରଥମ ଲୋକକଳା ଦିବସ

- ଜିଲା, ରାଜ୍ୟସ୍ତରରେ ଆୟୋଜନ ହେବ ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- ରବୀନ୍ଦ୍ର ମଣ୍ଡପରେ ଯୋଗଦେବେ ୫୦୦ କଳାକାର

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ପ୍ରଥମ ଥର ପାଇଁ ଜୁନ୍ ୧୪ରେ ପାଳନ ହେବାକୁ ଯାଉଛି ଲୋକକଳା ଦିବସ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉଭୟ ରାଜ୍ୟ ଏବଂ ଜିଲାସ୍ତରରେ ଏହି କାର୍ଯ୍ୟକ୍ରମ ମହାସମାରୋହରେ ପାଳନ କରାଯିବ। ଏ ନେଇ ବିଭାଗୀୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋୟୀ ସୂଚନା ଦେଇଛନ୍ତି। ଗତ ଫେବୃୟାରୀ ୨୧ରେ ରାଜ୍ୟସ୍ତରୀୟ ଲୋକନୃତ୍ୟ ଓ ଲୋକସଙ୍ଗୀତ ମହୋତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳ ମଣ୍ଡପଠାରେ କଳାକାର ଦିବସ ପାଳନ ସମ୍ପର୍କରେ ଘୋଷଣା କରିବା ସହ ଏହାର ଲୋଗୋ ଉନ୍ମୋଚନ କରିଥିଲେ। ଏହାପରେ ପ୍ରତିବର୍ଷ ରଜ ପର୍ବ ଅବସରରେ ଲୋକକଳା ଦିବସ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା।

ପ୍ରଥମ ଲୋକକଳା ଦିବସ ପାଳନ ଲାଗି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇ କାର୍ଯ୍ୟକ୍ରମ ସ୍ଥିରୀକୃତ କରାଯାଇଛି। ଧୀରେ ଧୀରେ ଏହାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ପ୍ରୟାସ କରାଯିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୧୪ତାରିଖ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ସ୍ୱତନ୍ତ୍ର ସାଂସ୍କୃତିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଆୟୋଜନ ହେବ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୪ ଲୋକକଳା ଦଳ ଲୋକକଳା ପରିବେଷଣ କରିବେ। ବଲାଙ୍ଗୀରର ସଙ୍ଗୀତ ସାଧନା ଗ୍ରୁପ୍ ତରଫରୁ 'ଭାଇ ଜିଉଁଟିଆ', ଗଞ୍ଜାମର ସନ୍ତୋଷ ପାଢ଼ୀ ଓ ସାଥୀ 'ଭାରତ ଲୀଳା', କଟକର ଉତ୍ସବ ଚରଣ ଦାସ ଓ ସାଥୀଙ୍କ ଦ୍ୱାରା 'ଚଇତିଘୋଡ଼ା', ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନ ପକ୍ଷରୁ 'ସିଂହାରୀ ନୃତ୍ୟ' ପରିବେଷଣ କରାଯିବ। ଏଥିସହିତ କଟକ, ପୁରୀ, ଖୋର୍ଦ୍ଧା, ଯାଜପୁର, କନ୍ଧମାଳ, ଜଗତ୍‌ସିଂହପୁର, ଭଦ୍ରକ, ନୟାଗଡ଼, ବଲାଙ୍ଗୀର ଏବଂ ଢେଙ୍କାନାଳ ଜିଲାରୁ ୫୦ଜଣ ଲେଖାଏ ମୋଟ ୫୦୦ କଳାକାର ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ରଜର ପ୍ରଥମ ଦିନରେ ପାଳନ କରାଯାଉଥିବାରୁ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟକ୍ରମସ୍ଥଳୀରେ ରଜଦୋଳି ସହ ପିଠା ଓ ମିଠାର ବ୍ୟବସ୍ଥା କରାଯିବ। ରବୀନ୍ଦ୍ର ମଣ୍ଡପ ବାହାରେ ରଜ ଉତ୍ସବ ଏବଂ ଭିତରେ ଲୋକକଳା ଦିବସ ପାଳନ ହେବ। ସେହିପରି ଜିଲା କଳା ସଂସ୍କୃତି ସଂଘ(ଜେଡ୍‌କେଏସ୍‌ଏସ୍) ଏବଂ ବ୍ଲକ କଳା ସଂସ୍କୃତି ସଂଘ(ବିକେଏସ୍‌ଏସ୍)ର ମିଳିତ ସହଯୋଗରେ ଜିଲାସ୍ତରରେ ଲୋକକଳା ଦିବସ ପାଳନ କରାଯିବ। ଶହ ଶହ କଳାକାରଙ୍କୁ ନେଇ ସାଂସ୍କୃତିକ ଶୋଭାଯାତ୍ରା ସହ ସଭା, ସମ୍ବର୍ଦ୍ଧନା, ନାଚ, ଗୀତ ଆଦି ପରିବେଷଣ କରାଯିବ ବୋଲି ମାଲବିଶୋୟୀ ସୂଚନା ଦେଇଛନ୍ତି।

## ■ ବହୁଚର୍ଚ୍ଚିତ ଗମ୍ଭାରୀ-ବେଲପଡ଼ା ରାସ୍ତା

# ଆରମ୍ଭ ହେଲା ବିଭାଗୀୟ ତଦନ୍ତ

**ଖପ୍ରାଖୋଲ, ୧୨।୬(ଡି.ଏନ,ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ବେଲପଡା-ଗମ୍ଭାରୀ ରାସ୍ତା ନିର୍ମାଣର ମାନ ନିର୍ଦ୍ଧାରଣ ପାଇଁ ବୁଧବାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଏକ ବୈଷୟିକ ପ୍ରତିନିଧି ଦଳ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଖୋଳି ନମୁନା ସଂଗ୍ରହ କରିଛନ୍ତି। ପ୍ରତିନିଧି ଦଳ ବୈଜଲ ସାଗରଠାରୁ ବେଲପଡା ମଧ୍ୟରେ ୧୩/୦ରୁ ୨୨/୦ କିଲୋମିଟର ମଧ୍ୟରେ ପ୍ରତି କିଲୋମିଟରରେ ଡ୍ରିଲର ମାଧ୍ୟମରେ ରାସ୍ତା ଖୋଳି ନମୁନା ସଂଗ୍ରହ କରିଛନ୍ତି। ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯିବ। ପରୀକ୍ଷଣ ହୋଇ ରିପୋର୍ଟ ଆସିଲା ପରେ ରାସ୍ତାର ମାନ କିପରି ହୋଇଛି ତାହା ଜଣାପଡିବ ବୋଲି ପ୍ରତିନିଧି ଦଳ କହିଥିଲେ। ପ୍ରତିନିଧି ଦଳରେ ଭୁବନେଶ୍ୱରସ୍ଥିତ ବିଶ୍ୱବ୍ୟାଙ୍କର ମୁଖ୍ୟଯନ୍ତ୍ରୀ ଅନିଲ କୁମାର ତ୍ରିପାଠୀ, ବଲାଙ୍ଗୀର ପୂର୍ତ୍ତ ବିଭାଗ ଏସ.ଇ. ଇଂ. ଉମେଶ ଚନ୍ଦ୍ର ମିଶ୍ର, ଭୁବନେଶ୍ୱର ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ରଥାଙ୍ଗ ଚରଣ ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ପି.କେ.ଚୌଧୁରୀ, ସମ୍ବଲପୁର କ୍ୱାଲିଟି କଣ୍ଟ୍ରୋଲ ନିର୍ବାହୀ ଯନ୍ତ୍ରୀ ଇଂ. ହୀରାଲାଲ ଅଗ୍ରୱାଲ, କଣ୍ଟାବାଞ୍ଜି ସବ୍‌ଡିଭିଜନ

**ରାସ୍ତା ଖୋଳି ନମୁନା ସଂଗ୍ରହ କଲେ ବୈଷୟିକ ଟିମ୍**



ରାସ୍ତା ଖୋଳି ବୈଷୟିକ ଦଳ ନମୁନା ସଂଗ୍ରହ କରୁଛନ୍ତି।

ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ସୁରେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ ପରେ ସପ୍ତାହ ତଳେ ଗମ୍ଭାରୀ ଗାଁଠାରେ ପାଟଣାଗଡ ବିଧାୟକ ସରୋଜ ମେହେର ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ କାନଧରି ଉଠବସ୍ ହେବା ପାଇଁ କହୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଧାୟକ ଘଟଣାକୁ ନେଇ ଦୁଃଖପ୍ରକାଶ କରିଥିଲେ। ଏହି ଘଟଣା ନେଇ ସାରା ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା। ରାସ୍ତାର ମାନ ନିର୍ଦ୍ଧାରଣ ପାଇଁ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ତଦନ୍ତ ହେବ। ନିର୍ମାଣ ନିମ୍ନମାନର ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଘଟଣାର ଏକ ସପ୍ତାହ ପରେ ବିଭାଗୀୟ ତଦନ୍ତ ହେବା ସହ ରାସ୍ତାରମାନ ସଂଗ୍ରହ କରାଯାଇଛି । ସୂଚନାଯୋଗ୍ୟ ଯେ, ରାସ୍ତା ନିର୍ମାଣ ପାଇଁ ବର୍ଷକ ତଳୁ କାମ ଆରମ୍ଭ ହୋଇଥିବା ବେଳେ ୮କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଡ.ଲକ୍ଷ୍ମୀନାରାୟଣ ରାୟସିଂହ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନ, ପୂର୍ବାହ୍ନ ୧୧ଟା।
- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ରାଜ୍ୟ ରୋଷେୟା ଏବଂ ସେବାୟତ ସଂଘର ସାଧାରଣ ବୈଠକ, କର୍ମଚାରୀ ଭବନ, ୟୁନିଟ-୫, ପୂର୍ବାହ୍ନ ୧୧ଟା ୧୫।

**ପୁରୀ**

- ଶୀତଳ ବାମ୍ଫ ସେବା, ପୌର ସଦନ ଛକ, ପୂର୍ବାହ୍ନ ୧୦ଟା।

**ସାକ୍ଷୀଗୋପାଳ**

- ବଉଳକାଠ ଶଗଡ଼ି ମେଲାଣି ଶୋଭାଯାତ୍ରା, ସିଦ୍ଧବକୁଳ ମନ୍ଦିର, ଅପରାହ୍ନ ୪ଟା।

## ରଥଯାତ୍ରା ୩ୟ ସମନ୍ୱୟ କମିଟି ବୈଠକ ଆଜି ସମ୍ବର୍ଦ୍ଧିତ ହେବେ ୨୨ ଫାଶିକାଠଦାତା

**ପୁରୀ ଅଫିସ,୧୨।୬:** ଜୁଲାଇ ୪ରେ ରଥଯାତ୍ରା। ଏଥିପାଇଁ ପ୍ରସ୍ତୁତି ଜୋର୍‌ଦାର ଆରମ୍ଭ ହୋଇଛି। ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଥିବାବେଳେ ଗୁରୁବାର ଅନୁଷ୍ଠିତ ହେବ ତୃତୀୟ ସମନ୍ୱୟ କମିଟି ବୈଠକ। ବଡଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସ ପରିସରରେ ପୂର୍ବାହ୍ନ ସାଢେ ୧୧ଟାରେ ହେବାକୁ ଥିବା ଏହି ବୈଠକରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଅଧ୍ୟକ୍ଷତା କରିବେ। ସମସ୍ତ ବିଭାଗୀୟ ଅଧିକାରୀ ଜୁନ୍ ୧୩ ସୁଦ୍ଧା ସେମାନଙ୍କ ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ବୈଠକରେ ରିପୋର୍ଟ ଉପସ୍ଥାପନ କରିବେ। ଏତଦ୍‌ବ୍ୟତୀତ ବିଦ୍ୟୁତ୍, ସ୍ୱାସ୍ଥ୍ୟ, ପରିମଳ, ରାସ୍ତା, ରେଳପଥ ପ୍ରଭୃତି ବିଭାଗର ପ୍ରସ୍ତୁତି ସମ୍ପର୍କରେ ମଧ ଆଲୋଚନା କରାଯିବ। ସେହିପରି ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାଶିକାଠ ଦାନ କରିଥିବା ୨୨ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର

## ଥାଇଲାଣ୍ଡ ଯିବେ ଓଡ଼ିଆ ଯୋଗ ପ୍ରଫେସର



**ଭୁବନେଶ୍ୱର,୧୨।୬(ବ୍ୟୁରୋ):** ଥାଇଲାଣ୍ଡର ସୁନାମଧନ୍ୟ ମାହିଡଲ ବିଶ୍ୱବିଦ୍ୟାଳୟରେ ଯୋଗ ଶିଖାଇବା ନେଇ ଓଡ଼ିଶାର ପ୍ରଫେସର ଡ. ଦୀନେଶ ପ୍ରସାଦ ସ୍ୱାଇଁ, ଡ. ପ୍ରତିଭାଶ୍ରୀଙ୍କୁ ଆମନ୍ତ୍ରଣ ମିଳିଛି। ମାହିଡଲ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଫର ଲାଙ୍ଗୁଏଜ ଆଣ୍ଡ କଲଚର ଅଫ ଏସିଆ (ଆରଆଇଏଲସିଏ) ବିଭାଗରେ 'ୟୋଗିକ ସାଇନ୍ସ ଆଣ୍ଡ ଆୟୁର୍ବେଦ' ପାଠ୍ୟକ୍ରମ ଉପରେ ଶିକ୍ଷା ପ୍ରଦାନ କରିବେ। ଓଡ଼ିଶାର ନାଁକୁ ଦେଶ ବିଦେଶରେ ସୁପରିଚିତ କରାଇଥିବା ଏହି ଦୁଇ ଯୋଗଗୁରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗ ବିଭାଗରେ ପ୍ରଫେସର ରୂପେ କାର୍ଯ୍ୟରତ। ଉଭୟ ପ୍ରଫେସର ଯୋଗ ଶିକ୍ଷା ଦେବା ସହ ଯୋଗର ଗୁରୁତ୍ୱ ଉପରେ ଶିକ୍ଷା ପ୍ରଦାନ କରି ଯୋଗ ରତ୍ନ ପୁରସ୍କାର ପାଇଛନ୍ତି। ଏସିଆ ମହାଦେଶର ଭାଷା ଓ ସଂସ୍କୃତି ଉପରେ କାମ କରୁଥିବା ମାହିଡଲ ବିଶ୍ୱବିଦ୍ୟାଳୟର (ଆରଆଇଏଲସିଏ) ବିଭାଗ ଦୁଇ ଓଡ଼ିଆ ଯୋଗଗୁରୁଙ୍କ ଭୂୟସୀ ପ୍ରଶଂସା କରିଛନ୍ତି।

## ଆଜି ସଜବାଜ

# ଜମୁଛି ରଜ ବଜାର



**ଭୁବନେଶ୍ୱର,୧୨।୬(ବ୍ୟୁରୋ):** ଗୁରୁବାର ସଜବାଜ। ଶୁକ୍ରବାର ପହିଲି ରଜ। କାମରୁ ବିରତି ନେଇ ରଜ ୩ଦିନ କିପରି ଖେଳକୁଦ ଓ ମଉଜ ମଜଲିସ୍‌ରେ କଟିବ, ସେଥିପାଇଁ ସମସ୍ତେ ପ୍ରସ୍ତୁତ। ରଜ କିଣାବିକା ପାଇଁ ରାଜଧାନୀ ରଜ ବଜାର ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ସେପଟେ ଓଡ଼ିଆଙ୍କ ରଜ ମଉଜକୁ ଆହୁରି ବଢ଼ାଇବାକୁ ସଜବାଜ ହୋଇଗଲାଣି ଓଲିଉଡ୍। ଭଳିକି ଭଳି ପାନର ପସରାକୁ ନେଇ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ରଜପାନ ଦୋକାନମାନ ଖୋଲିଥିବା ବେଳେ ପାରମ୍ପରିକ ରଜର ମଜାନେବାକୁ ଗାଁ ଲେଉଟା ହେଲେଣି ସହରବାସୀ। ଏପଟେ ରଜ ପାଇଁ ଅଫର୍‌ର ପସରା ମେଲାଇ ବସିଥିବା ବ୍ୟବସାୟୀ ଓ ଶପିଂ ମଲ୍‌ରେ ପ୍ରବଳ ଭିଡ଼ ଲାଗିଥିବା ଦେଖିବାକୁ ମିଳିଲାଣି।

### ଅଫର୍ ମେଳା

ରଜ ପାଇଁ ସବୁଆଡ଼େ ଚାଲିଛି ଅଫର୍‌ର ପସରା। ରଜପର୍ବର ପ୍ରାୟ ୧୫ଦିନ ଆଗରୁ ଆରମ୍ଭ ହୋଇଯାଇଛି ଏହି ଅଫର୍ ଧମାକା। ବଡ଼ ବଡ଼ ମଲ୍‌ରୁ ଆରମ୍ଭ କରି ଛୋଟ ଦୋକାନ ପର୍ଯ୍ୟନ୍ତ ପ୍ରାୟ ସବୁଠାରେ ଗ୍ରାହକଙ୍କୁ ଦିଆଯାଉଛି ଆକର୍ଷଣୀୟ ରଜ ଅଫର୍ ଓ ଉପହାର। କେଉଁଠି ରୂପଶ୍ରୀ ରଜ ସେଲ୍ ତ କେଉଁଠି ରଜ ଧମାକା ଅଫର୍ ସେଲ୍। ସେହିଭଳି ବାଏ ୱାନ୍ ଗେଟ୍ ୱାନ୍ ଫ୍ରି ଠାରୁ ଆରମ୍ଭ କରି ୫୦ ପ୍ରତିଶତରୁ ଅଧିକ ରିହାତି ଓ ଲକି ଡ୍ର ଉଠାଣର ବ୍ୟବସ୍ଥା ପର୍ଯ୍ୟନ୍ତ, ସବୁକିଛି ରଜ ବଜାରକୁ ସରଗରମ କରୁଛି। ଏଥନିକ୍ ରେଞ୍ଜରୁ ୱେଷ୍ଟର୍ନ କଲେକ୍ସନ ପର୍ଯ୍ୟନ୍ତ, ସବୁଥିରେ ଆକର୍ଷଣୀୟ ରିହାତି ଗ୍ରାହକଙ୍କ ରଜ କିଣାକିଣିକୁ ବେଶ୍ ସୁହାଉଛି। ଆଉ ଏଥିପାଇଁ ସନ୍ଧ୍ୟା ହେଲେ ବଜାରରେ ଦେଖିବାକୁ ମିଳୁଛି ପ୍ରବଳ ଗହଳି। ବ୍ୟବସାୟୀମାନେ ଭଳିକି ଭଳି ନୂଆ ରଜ କଲେକ୍ସନ ଆଣିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଅଫର୍ ପରେ ଅଫର୍ ଘୋଷଣା କରୁଛନ୍ତି। ତେବେ ପ୍ରତିଥର ଭଳି ଏଥର ମଧ ରଜ ବଜାରରେ ପାରମ୍ପରିକ ପୋଷାକ ଯଥା ଶାଢ଼ି, ସାଲୱାର୍ ସୁଟ୍, ଅନାରକଲି ଗାଉନ୍ ଓ କୁର୍ତ୍ତିର ଅଧିକ ଚାହିଦା ରହିଥିବା ଦେଖିବାକୁ ମିଳିଛି।



### ଏଥ୍‌ନିକର ଚାହିଦା

ଏଥର ରଜ ବଜାରରେ ଶାଢ଼ି, ଲେହେଙ୍ଗା ଓ କୁର୍ତ୍ତାର ଅଧିକ ଡିମାଣ୍ଡ ରହିଛି। ପିଓର ସିଲ୍କ, ପିଓର କଟନ୍, ନେଟ୍, ଜର୍ଜେଟ୍, ସିଫନ, ସିନ୍ଥେଟିକ୍ ଆଦି ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଶାଢ଼ି ଉପରେ ଜରି ଓ ଏମ୍ବ୍ରୋଡୋରୀ କାମର ଅଧିକ ଡିମାଣ୍ଡ ରହିଥିବା ବେଳେ ହ୍ୟାଣ୍ଡଲୁମ୍ ଶାଢ଼ି ବି ପଛରେ ପଡ଼ିନି। ହ୍ୟାଣ୍ଡଲୁମ୍‌ର ଡିମାଣ୍ଡ ଯୋଗୁ ଓଡ଼ିଶାର ପାରମ୍ପରିକ ତଥା ହାତବୁଣା ଶାଢ଼ି ବିକ୍ରି କରୁଥିବା ଷ୍ଟୋର୍‌ଗୁଡ଼ିକରେ ଭିଡ଼ ପରିଲକ୍ଷିତ ହେଉଛି। ବମ୍‌କେଇ, ପାରମ୍ପରିକ ଇକ୍କତ ଶାଢ଼ି, ଟିସ୍ୟୁ ପଲ୍ଲୁ ଶାଢ଼ି ଆଦିର ରଜ ବଜାରରେ ବେଶ୍ ଚାହିଦା ରହିଛି। ଫ୍ୟାନ୍ସି ଶାଢ଼ିର ଡିମାଣ୍ଡ ସାମାନ୍ୟ କମିଯାଇଥିବା ବେଳେ ଏହା ବଦଳରେ ଟ୍ରାଇବାଲ୍ ପ୍ରିଣ୍ଟ ଶାଢ଼ି, ପିଓର କଟନ୍ ଶାଢ଼ି ଅଧିକ ବିକ୍ରି ହେଉଛି। ସେହିଭଳି ଓଡ଼ିଶା ସିଲ୍କ, ବେଙ୍ଗଲ୍ ସିଲ୍କ, କାଞ୍ଚିପୁରମ୍ ଓ ଜର୍ଜେଟ୍ ଶାଢ଼ିର ମଧ ଭଲ ଚାହିଦା ରହୁଛି। ଏପଟେ ବିବାରୁ ଆରମ୍ଭ କରି ଗ୍ଲୋବାଲ ଦେଶୀ ଓ ପ୍ରୋଜେକ୍ଟ ଇଭ୍ ବ୍ରାଣ୍ଡ ପର୍ଯ୍ୟନ୍ତ, ରଜ ଉପଲକ୍ଷେ ଏଥ୍‌ନିକ କଲେକ୍ସନର ଚାହିଦା ବଢ଼ିଯାଇଛି। କୁର୍ତ୍ତା ସହ ଲେଗିଙ୍ଗ୍ସ ପରିବର୍ତ୍ତେ ଏବେ ପ୍ଲାଜୋ ଏବଂ ଫ୍ଲେୟାର୍ଡ କୁଲୋଟ୍ସ ପିନ୍ଧିବା ନୂଆ ଫ୍ୟାଶନ ଷ୍ଟେଟ୍‌ମେଣ୍ଟ ହୋଇଥିବାରୁ ଭଳିକି ଭଳି କୁର୍ତ୍ତା ଓ ପ୍ଲାଜୋ ସେଟ୍ ବଜାରରେ ଉପଲବ୍ଧ ହେଉଛି। ରଜରେ କୁର୍ତ୍ତା, ସାଲୱାର କମିଜ୍, ପଞ୍ଜାବୀ ସୁଟ୍‌ସ, ଚୁଡ଼ିଦାର ଏବଂ ଅନାରକଲି ସୁଟ୍ ଡିମାଣ୍ଡରେ ରହିଛି। ଛୋଟ ଛୋଟ ଦୋକାନଠାରୁ ଆରମ୍ଭ କରି ବଡ଼ ବଡ଼ ରିଟେଲର, ଡିଜାଇନର ଷ୍ଟୋର ଏବଂ ବୁଟିକ୍‌ଗୁଡ଼ିକରେ ଡିଜାଇନ୍‌ର ଏଥ୍‌ନିକ କଲେକ୍ସନ ଉପଲବ୍ଧ ହେଉଛି।

## ଦୋଳି ପାଇଁ ଗଛ ନାହିଁ

**ପୁରୀ ଅଫିସ, ୧୨।୬**

ଗୁରୁବାର ସଜବାଜ ଓ ଶୁକ୍ରବାର ପହିଲି ରଜ। ଓଡ଼ିଶାର ମହାନ ଗଣପର୍ବ 'ରଜ'କୁ ନେଇ ସବୁଠି ଏବେ ଚଳଚଞ୍ଚଳ। ବର୍ଷକରେ ଥରେ ଆସୁଥିବା ତିନିଦିନିଆ ରଜପର୍ବକୁ ସ୍ୱାଗତ ଜଣାଇବା ପାଇଁ ସମସ୍ତେ ପ୍ରସ୍ତୁତ। ଏହି ପର୍ବର ଖାସ୍ ଆକର୍ଷଣ ପୋଡ଼ପିଠା ଆଉ ରଜପାନ ଖାଇ ଦୋଳିର ମଜା ନେବେ କୁମାରୀ। ହେଲେ ପୁରୀ ଜିଲା କୁମାରୀମାନଙ୍କ ପାଇଁ ରଜ ଦୋଳି ଖେଳିବାର ସ୍ୱପ୍ନ ଏକପ୍ରକାର ମଉଳି ଯାଇଛି। ଫନୀ ଭାଙ୍ଗିଦେଇଛି ବହୁ ବଡ ବଡ ଗଛ। ପ୍ରତିବର୍ଷ ରଜଦୋଳି ଲାଗୁଥିବା କେତେକ ନିର୍ଦ୍ଦିଷ୍ଟ ଗଛର ଡାଳ ବି ଭାଙ୍ଗିପଡ଼ିଛି। ତେଣୁ ରଜରେ କୁମାରୀମାନେ ପାନ ଖାଇ ପାଟି ନାଲି କରିବେ ସିନା, ହେଲେ ଶୁଣିବାକୁ ମିଳି ନ ପାରେ ରଜଦୋଳି ଗୀତ 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ.।'

ସାଧାରଣତଃ କୁମାରୀମାନେ ରଜକୁ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥାନ୍ତି। ସେମାନେ ରଜ ତିନିଦିନ ଯାକ କୌଣସି କାମ କରନ୍ତି ନାହିଁ। ପୋଡ଼ପିଠା ଆଉ ରଜ ପାନଖାଇ ଦୋଳିରେ ମଜା ନେଇଥାନ୍ତି। ରଜରେ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ସୃଷ୍ଟି ହୁଏ। ତେବେ ସହର ଅପେକ୍ଷା ଗାଁରେ ରଜ ପର୍ବ ଧୁମ୍‌ଧାମରେ ପାଳନ କରାଯାଏ। ଗାଁର ଆମ୍ବତୋଟା ହେଉ କିମ୍ବା ଅନ୍ୟ କୌଣସି ବଡ଼ ବଡ଼ ଗଛ ଡାଳରେ ଦୋଳି ଲଗାଯାଇଥାଏ। ଗୋଟିଏ ଜାଗାରେ ବହୁ ସଂଖ୍ୟକ କୁମାରୀ ଏକାଠି ହୋଇ ଦୋଳି ଖେଳନ୍ତି। ରଜଦୋଳି ଗୀତରେ ପରିବେଶ ମୁଖରିତ ହୋଇପଡ଼େ। ଉପକୂଳବର୍ତ୍ତୀ ପୁରୀ ଜିଲାରେ ରଜ ପର୍ବ ବେଶ୍ ଧୂମ୍‌ଧାମରେ ପାଳନ କରାଯାଏ। କେତେକ ସ୍ଥାନରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୁଏ। ଏଥିରେ ଝିଅ, ବୋହୂଙ୍କ ସମେତ ଯୁବକମାନେ ମଧ ଭାଗ ନେଇଥାନ୍ତି। ହେଲେ ଏଥର ପୁରୀ ଜିଲାରେ ରଜ ପର୍ବର ଚମକ ସେମିତି ଅନୁଭୂତ ହେଉନାହିଁ। ବାତ୍ୟାରେ ଜିଲାର ପ୍ରାୟ ସବୁ ଅଞ୍ଚଳ ପ୍ରଭାବିତ ହୋଇଛି। ଅନେକ ଲୋକ ବାସହରା ହୋଇପଡ଼ିଥିବାବେଳେ କେତେଜଣଙ୍କ ଆର୍ଥିକ ମେରୁଦଣ୍ଡ ଦୋଲିଯାଇଛି। ଅନ୍ୟପଟେ ରଜର ଖାସ୍ ଆକର୍ଷଣ ଦୋଳି ବନ୍ଧାଯିବାକୁ ବଡ ବଡ ଗଛ ବି ନାହିଁ। ବ୍ରହ୍ମଗିରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଚାକୁଣ୍ଡା ଗଛ ଏବଂ ବ୍ରହ୍ମଗିରି ପଞ୍ଚୁଦୋଳ ପଡ଼ିଆରେ ଥିବା ବରଗଛରେ ପ୍ରତିବର୍ଷ ରଜ ସମୟରେ ଦୋଳି ବନ୍ଧାଯାଏ। ଏଥିରେ ସ୍ଥାନୀୟ ଅଞ୍ଚଳର କୁମାରୀମାନେ ଦୋଳି ଖେଳିଥାନ୍ତି। ହେଲେ ଫନୀରେ ଏହି ଦୁଇଟି ଗଛ ଭାଙ୍ଗିଯାଇଛି। ସେହିପରି କୋଣାର୍କସ୍ଥିତ ମା' ଭଗବତୀ ପୀଠ ପରିସରରେ ଥିବା ପୁରାତନ ବରଗଛରେ ଏକାଧିକ ଦୋଳି ବନ୍ଧାଯାଏ। ମାତ୍ର ବାତ୍ୟା ଏହାକୁ ଧରାଶାୟୀ କରିଦେଇଛି। ସାକ୍ଷୀଗୋପାଳ ବକୁଳ ବନ ପରିସର ମୁକ୍ତାକାଶ ରଙ୍ଗମଞ୍ଚ ନିକଟରେ ଥିବା ଚାକୁଣ୍ଡା ଓ ବଉଳ ଗଛରେ ପ୍ରତିବର୍ଷ ଦୋଳି ଲାଗିଥାଏ। ବହୁ ପିଲା ଆସି ଦୋଳି ଖେଳିଥାନ୍ତି। କାକଟପୁର ଦେଉଳି ମଠ ପରିସରସ୍ଥ ଏକ ବଡ଼ ଆମ୍ବଗଛ ଡାଳରେ ମଠ ପକ୍ଷରୁ ଦୋଳି ବନ୍ଧା ଯାଇଥାଏ। ମଙ୍ଗଳା ମନ୍ଦିର ଏବଂ ମଠକୁ ବୁଲିବାକୁ ଆସୁଥିବା ଯୁବତୀ କିଶୋରୀ ଏବଂ ଆଖପାଖ ଗାଁର ପିଲାମାନେ ଏଠାରେ ଦୋଳି ଖେଳିଥାନ୍ତି। ବାତ୍ୟାରେ ଯଦିଓ ଗଛଟି ରକ୍ଷା ପାଇଯାଇଛି କିନ୍ତୁ ତାର ସବୁ ଡାଳ ଭାଙ୍ଗିପଡ଼ିଛି। ଏଥର କେଉଁଠି ଦୋଳି ବନ୍ଧାଯିବ ସେନେଇ ଚିନ୍ତିତ ଥିବା କୁହନ୍ତି ମଠ ପରିଚାଳକ ତଥା ପୂଜକ ମିତ୍ରରଞ୍ଜନ ଦୀକ୍ଷିତ୍। କାକଟପୁର ବାଜପୁର ଗାଁ ଲୋକ ପ୍ରତିବର୍ଷ ରଜରେ ପ୍ରାଚୀ ନଦୀ ପଠାସ୍ଥିତ ଏକ ବୃହତ୍ ଓସ୍ତ ଗଛରେ ଦୋଳି ଲଗାଇଥାନ୍ତି। ଫନୀରେ ଏହି ଗଛଟି ଉପୁଡ଼ି ପଡ଼ିଛି। ଏଥିଯୋଗୁ ଅନେକ କୁମାରୀଙ୍କ ମନରେ ନିରାଶା ଛାଇଯାଇଛି। ଏ ସମ୍ପର୍କରେ ବାଜପୁରର ଲିପିକା ସାହୁ କହିଛନ୍ତି, ନଦୀପଠା ଓସ୍ତ ଗଛରେ ପ୍ରତିବର୍ଷ ଆମେ ଦୋଳି ଖେଳୁଥିଲୁ। ଏଥର ବାତ୍ୟାରେ ଗଛଟି ଉପୁଡି ପଡ଼ିଛି। ଆଖପାଖରେ ଦୋଳି ଲଗାଇବା ଲାଗି ସେମିତି ବଡ ଗଛ ନାହିଁ। ତେଣୁ ଏଥର ରଜଦୋଳିରୁ ବଞ୍ଚିତ ହେବାକୁ ପଡ଼ିବ ଭାବି ଦୁଃଖ ଲାଗୁଛି।



## ଶିଶୁ ଶ୍ରମିକ ରୋକିବା ପାଇଁ ସଚେତନତା ସୃଷ୍ଟି କରାଯିବ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଅବସରରେ

**ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ଗଠନ ହିଁ ଆଜିର ସଂକଳ୍ପ ବୋଲି କହିଥିଲେ। ଶିଶୁ ଶ୍ରମିକ ନିରୋଧ ଆଇନର କାର୍ଯ୍ୟକାରିତା ଆମ ସମସ୍ତଙ୍କର ଦାୟିତ୍ୱ। ୬ରୁ ୧୪ବର୍ଷର ପିଲାମାନେ ଯେପରି କାମକୁ ନ ଯାଇ ସ୍କୁଲକୁ ଯିବେ, ସେଥିପାଇଁ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଶିଶୁମାନେ ଶ୍ରମିକ ଭାବେ କାମ କରିବା ଆମ ସମାଜ ପାଇଁ କଳଙ୍କ ଓ ଧର୍ତ୍ତବ୍ୟ ଅପରାଧ। ଏହାକୁ ରୋକିବା ଲାଗି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସଚେତନତା ସୃଷ୍ଟି କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାକୁ କିପରି ଅଧିକ କାର୍ଯ୍ୟକ୍ଷମ କରାଯିବ, ସେଥିପାଇଁ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଦୁଇଟି ପୁସ୍ତକ 'ଶିଶୁ ସମ୍ପଦ' ଓ 'ଶିଶୁ ଶ୍ରମମୁକ୍ତ ଭାରତ ନିର୍ମାଣ ଅଭିମୁଖେ'କୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ଶ୍ରମ କମିଶନର ଅଞ୍ଜନ କୁମାର ମାଣିକ, ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ବୈଷୟିକ ପରାମର୍ଶଦାତା ଡ. ବି.ବି. ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ପରେ ଆୟୋଜିତ ବୈଷୟିକ କର୍ମଶାଳାରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପଦାଧିକାରୀ ଏବଂ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଲୁଟେରା ଗ୍ୟାଙ୍ଗ୍‌ର ୩ ଗିରଫ, ୭ ବାଇକ୍ ଜବତ

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**





ଗିରଫ ୩ ଅଭିଯୁକ୍ତ ଓ ଜବତ ବାଇକ୍।

କମିଶନରେଟ୍ ପୋଲିସ ତଥା ଅନ୍ୟ ଥାନା ଅଞ୍ଚଳରେ ବାଇକ୍ ଲୁଟ କରୁଥିବା ଗ୍ୟାଙ୍ଗ୍‌ର ୩ ଜଣ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ଏଥିସହ ପୋଲିସ ସେମାନଙ୍କ ନିକଟରୁ ୭ ଚୋରା ବାଇକ୍ ଜବତ କରିଛି। ସେମାନେ ହେଲେ ନୟାଗଡ ଜିଲା ଇଟାମାଟି ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣା ଦାସ ଏବଂ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ଦୁଇ ସହଯୋଗୀ ମାର୍କ ପ୍ରଧାନ ଏବଂ ଅକ୍ଷୟ ପ୍ରଧାନ। ମୁଖ୍ୟ ଅଭିଯୁକ୍ତ କ୍ରିଷ୍ଣାଙ୍କ ନାମରେ କ୍ୟାପିଟାଲ ଥାନାରେ ୩, ଇଟାମାଟି ଏବଂ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଗୋଟିଏ ଲେଖାଏ ମାମଲା ରହିଛି। ସୂଚନା ମୁତାବକ, ମାର୍ଚ୍ଚ ୨୬ ରେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଞ୍ଚଳର ସମୀର ନାୟକ ମା'ଙ୍କ ଚିକିତ୍ସା ନେଇ ଇନଫୋସିଟି ଥାନା ଅଧୀନ ଏକ ଘରୋଇ ହସ୍ପିଟାଲ ଆସିଥିଲେ। ହସ୍ପିଟାଲ ପାର୍କିଂରେ ବାଇକ୍ ଲକ କରି ଯାଇଥିଲେ ସୁଦ୍ଧା ଫେରିବା ବେଳକୁ ସେଠାରେ ନ ଥିଲା। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୬୬/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ନୟାଗଡ ଏବଂ ଅନ୍ୟ ଅଞ୍ଚଳରେ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୭ ଚୋରା ବାଇକ୍ ଜବତ କରିଥିଲା। ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ୩ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ଫଟୋରେ ଖବର



ନୃତ୍ୟ ଅନୁଷ୍ଠାନ 'ନୃତ୍ୟ ପ୍ରତିଭା' ପକ୍ଷରୁ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ରଜ ଉତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ।




ରଜ ଉପଲକ୍ଷେ ବୁଧବାର କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ସାଂସ୍କୃତିକ ଅନୁଷ୍ଠାନ ଅଭୀପ୍‌ସା ପକ୍ଷରୁ ଅନୁଷ୍ଠିତ ରଜ ଉତ୍ସବରେ ଭାଗ ନେଇଥିବା କୁନି ପିଲା, ଅତିଥି ଓ ଅନ୍ୟମାନେ।



"ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ, ୧୨।୬(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ କୁସପଙ୍ଗୀ ଗ୍ରାମ ନିକଟ ଏକ ନବନିର୍ମିତ ରାସ୍ତା ଉପରୁ ପୋଲିସ ପ୍ରଦୀପ ମଣ୍ଡଲ ନାମକ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରିଛି। ତାଙ୍କ ଘର ପଶ୍ଚିମବଙ୍ଗ ମାଲଦା ଅଞ୍ଚଳରେ ହୋଇଥିବାବେଳେ ସେ କୁସପଙ୍ଗୀଠାରେ ଜଣେ ଠିକାଦାରଙ୍କ ଅଧୀନରେ ରହି ଶ୍ରମିକ ଭାବେ ରାସ୍ତା କାମ କରୁଥିଲେ। ବୁଧବାର ଅପରାହ୍ଣ ପ୍ରାୟ ୧ଟାରେ ପ୍ରଦୀପ ରାସ୍ତାରେ ଚାଲି ଚାଲି ଆସୁଥିବାବେଳେ ପ୍ରଚଣ୍ଡ ଖରା ଯୋଗୁ ଟଳିପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୧୯ ରୁଜୁ ହୋଇଛି।

### ରାସ୍ତା କଡ଼ରୁ ମିଳିଲା ଅଜଣା ଯୁବକଙ୍କ ମୃତଦେହ: ଅଂଶୁଘାତ ମୃତ୍ୟୁ ସନ୍ଦେହ

**ଖୋର୍ଦ୍ଧା ଅଫିସ,୧୨।୬:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ମଳିପଡା ମାନପୁର ରାସ୍ତାର ତାପଙ୍ଗ ଲାଇଟ୍ କମ୍ପାନୀ ପଛପାଖ ପୋଖରୀ ନିକଟ ରାସ୍ତା କଡରେ ଜଣେ ଅଜଣା ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ଜଙ୍କିଆ ଥାନା ପୋଲିସ ଉକ୍ତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତଦେହ ଚିହ୍ନଟ ପାଇଁ ୭୨ ଘଣ୍ଟା ରଖାଯିବ ବୋଲି ପୋଲିସ ସୂଚନା ଦେଇଛି। ତେବେ ଉକ୍ତ ଯୁବକ ନରଣଗଡ ଓ ମଳିପଡା ଅଞ୍ଚଳରେ କିଛିଦିନ ହେଲା ବୁଲୁଥିଲେ। ବୁଧବାର ପୂର୍ବାହ୍ଣ ପ୍ରାୟ ୧୧ଟାରେ ପୋଖରୀ ପାଖ ରାସ୍ତାର କଡରେ ଟଳି ପଡିଥିଲେ। କେହି କେହି ଏହାକୁ ଅଂଶୁଘାତ ମୃତ୍ୟୁ କହୁଥିବାବେଳେ ଆଉ କେହି ଖାଦ୍ୟ ଅଭାବରୁ ଏଭଳି ଘଟିଲା ବୋଲି କହୁଛନ୍ତି। ସେ ମାନସିକ ବିକରାଗ୍ରସ୍ତ ଥିବା ଅନୁମାନ କରାଯାଉଛି।

### ଏନ୍‌ବିଡବ୍ଲ୍ୟୁ ବଳରେ ମହିଳା ଗିରଫ

**କଟକ ଅଫିସ,୧୨।୬:** ଜାମିନ୍ ବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ବଳରେ ଚାଉଳିଆଗଞ୍ଜ ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଥଟାରୀସାହି ଅଞ୍ଚଳର ବିମଳା ମହାପାତ୍ର। ପୋଲିସ ସୂଚନା ଅନୁଯାୟୀ, ଏକ ଆପରାଧିକ ମାମଲାରେ ବିମଳା ଅଭିଯୁକ୍ତ ଥିଲେ। ଏହି ମାମଲା ଏବେ କୋର୍ଟରେ ବିଚାରଧୀନ ଥିବାବେଳେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ସହ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଏସ୍‌ସିବି ମେଡିକାଲରେ ବିଦ୍ୟୁତ୍ ବିଭ୍ରାଟ

# ସାଢ଼େ ୯ ଘଣ୍ଟା କଲବଲ ହେଲେ ରୋଗୀ

- ଜଳିଯାଇଛି ଟ୍ରାନ୍ସଫର୍ମରର ପ୍ୟାନେଲ ବୋର୍ଡ, କେବୁଲ
- ବାତ୍ୟା ବେଳୁ ଚୋରି ହୋଇଯାଇଛି ଜେନେରେଟର

**କଟକ ଅଫିସ, ୧୨।୬**

ବୁଧବାର ପୂର୍ବାହ୍ଣ ୧୦ଟାରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ଏସ୍‌ସିବି ମେଡିକାଲ ସର୍ଜରୀ ୱାର୍ଡର ଦୃଶ୍ୟ ଅତ୍ୟନ୍ତ ଦୁଃଖଦାୟକ ଥିଲା। କାହା ହାତରେ ବରଡ଼ାପତ୍ର ବିଞ୍ଚଣା ତ କାହା ହାତରେ ପ୍ଲାଷ୍ଟିକ୍ ବିଞ୍ଚଣା ପୁଣି କିଏ ଖବରକାଗଜ ଓ ପଟିକୁ ବିଞ୍ଚଣା ଭାବେ ବ୍ୟବହାର କରୁଥିଲେ। ବେଡ୍ ଉପରେ ଶୋଇଥିବା ରୋଗୀଙ୍କୁ ଦେଖିଲେ ପରିସ୍ଥିତି ଅଧିକ ଗମ୍ଭୀର ଲାଗୁଥିଲା। ରୋଗ ଯନ୍ତ୍ରଣା ସାଙ୍ଗକୁ ଗୁଳୁଗୁଳି ଓ ଗରମରେ ରୋଗୀମାନେ କଲବଲ ହେଉଥିଲେ। କାରଣ ବୁଝିଲା ବେଳକୁ ସର୍ଜରୀ ୱାର୍ଡକୁ ବିଦ୍ୟୁତ୍ ଯୋଗାଣ କରୁଥିବା ଟ୍ରାନ୍ସଫର୍ମରର ପ୍ୟାନେଲ ବୋର୍ଡ ସହିତ କେବୁଲଗୁଡ଼ିକ ଜଳିଯିବାରୁ ଏଭଳି ପରିସ୍ଥିତି ଉପୁଜିଥିଲା। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଭାବିଥିଲେ ଏଡେବଡ଼ ମେଡିକାଲରେ ନିହାତି ଜେନେରେଟର ବ୍ୟବସ୍ଥା ଥିବ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ କରେଣ୍ଟ ଆସି ନ ଥିଲା। ୫୦ ପାଖାପାଖି ରୋଗୀ ସମ୍ପର୍କୀୟ ଏକଜୁଟ ହୋଇ ଅଧୀକ୍ଷକଙ୍କ ଚାମ୍ବରକୁ ଯାଇଥିଲେ। ସେଠାରେ ହୋହଲ୍ଲା କରିବା ପରେ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ନିଜେ ସର୍ଜରୀ ୱାର୍ଡକୁ ଆସି ଜେନେରେଟର ସଂଯୋଗ ଦେବାକୁ ବ୍ୟବସ୍ଥା କରିବା ବେଳକୁ ଜେନେରେଟର ଫନୀ ବାତ୍ୟା ସମୟରୁ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଫଳରେ ପ୍ରଫେସର ମହାନ୍ତି ତୁରନ୍ତ ଘଟଣାସ୍ଥଳକୁ ବିଦ୍ୟୁତ୍ ବିଭାଗର ଅଧିକାରୀମାନଙ୍କୁ ଡକାଇଥିଲେ। ପ୍ୟାନେଲ ବୋର୍ଡ ସଜଡ଼ା ହେବା ବେଳକୁ ସନ୍ଧ୍ୟା ସାଢେ ୭ଟା ବାଜିଥିଲା। ହେଲେ ପାଖାପାଖି ସାଢେ ୯ ଘଣ୍ଟାର ଯନ୍ତ୍ରଣା କହିଲେ ନ ସରେ ବୋଲି ରୋଗୀ ସମ୍ପର୍କୀୟମାନେ କହିଛନ୍ତି। ଜଗତ୍‌ସିଂହପୁର ଅଞ୍ଚଳରୁ ସ୍ତ୍ରୀ ଟିଙ୍କିଙ୍କୁ ଚିକିତ୍ସା ପାଇଁ ଏଠାକୁ ଆଣିଥିବା ନିତ୍ୟାନନ୍ଦ ସେଠୀ କୁହନ୍ତି, ସ୍ତ୍ରୀ ହାତରୁ ବାଧ୍ୟ ହୋଇ ସାଲାଇନ ଖୋଲି ବାହାରକୁ ଆଣିଥିଲି। ଏକ ଗଛମୂଳେ ଦିନତମାମ ଆମେ ସ୍ୱାମୀ ସ୍ତ୍ରୀ ବସିଛୁ। ରୋଗ ଯନ୍ତ୍ରଣାରେ ଟିକି ଛଟପଟ ହେଉଥିଲେ ମଧ୍ୟ ୱାର୍ଡ ଭିତର ଜଉଘର ଭଳି ଲାଗୁଥିଲା। ତେଣୁ ୱାର୍ଡ ଅପେକ୍ଷା ଗଛମୂଳ ଭଲ ଥିଲା ବୋଲି ନିତ୍ୟାନନ୍ଦ କହିଛନ୍ତି। କେନ୍ଦ୍ରାପଡ଼ା ଇନ୍ଦୁପୁର ଅଞ୍ଚଳରୁ ଆସିଥିବା ରତ୍ନାକର ମଲ୍ଲିକ କୁହନ୍ତି, ବାହାରକୁ ବହୁତ ବଡ଼ ଡାକ୍ତରଖାନା। ହେଲେ ଭିତର କେତେବଡ଼ ତାହା ଆଖିରେ ଦେଖିବାକୁ ପାଇଲୁ। ବିଞ୍ଚଣା କିଣିବାକୁ ଯାଇଥିଲି। ହେଲେ ବଜାରରେ ବିଞ୍ଚଣା ମିଳିଲାନି। ଜଣେ ଦୋକାନୀଙ୍କୁ ଅନୁରୋଧ କରିବାରୁ ସେ ଗୋଟିଏ ପଟି ଦେଇଥିଲେ। ସେହିଥିରେ ଏହି ଗୁଳୁଗୁଳିକୁ ମୁକାବିଲା କରିଥିଲେ। କେବଳ ସେତିକି ନୁହେଁ ଏଭଳି ବିଦ୍ୟୁତ ବିଭ୍ରାଟ ଯୋଗୁ ବୁଧବାର ସର୍ଜରୀ, ଜରୁରିକାଳୀନ ଓଟି ମଧ୍ୟ ବନ୍ଦ ରହିଥିଲା। ଘଟଣା ସମ୍ପର୍କରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସୁମିତ୍ରା ସାହୁ କୁହନ୍ତି, ଅଧିକ ଲୋଡ ପଡ଼ିବାରୁ ଏଭଳି ଅବସ୍ଥା ଉପୁଜିଥିଲା। ଯୁଦ୍ଧକାଳୀନ ଭିତ୍ତିରେ ସଜଡ଼ା ଯାଇଛି। ତେବେ ଜେନେରେଟର କେବୁଲ ସମସ୍ୟା ଥିବାରୁ ଉକ୍ତ ୱାର୍ଡକୁ ଜେନେରେଟର କରେଣ୍ଟ ଯୋଗାଇବା ସମ୍ଭବପର ହୋଇ ନ ଥିଲା। ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ଏଣିକି ସବୁ ୱାର୍ଡକୁ ଯୁଦ୍ଧକାଳୀନ ଭିତ୍ତିରେ ଜେନେରେଟର ସଂଯୋଗ ଦେବାକୁ ବ୍ୟବସ୍ଥା କରାଯିବ। ଉକ୍ତ ଘଟଣାକୁ ଗୁରୁତର ସହ ଗ୍ରହଣ କରାଯାଇ ୱାର୍ଡକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି।



ଅପରେଶନ ହୋଇଥିବା ଜଣେ ଗୁରୁତର ରୋଗୀଙ୍କୁ ପରିବାର ଲୋକେ ବିଞ୍ଚୁଛନ୍ତି।

# ସ୍ୱାମୀଙ୍କ ପ୍ରରୋଚନାରେ ମହିଳାଙ୍କୁ ଗଣବଳାତ୍କାର

**ପୋଲିସ ଆପୋସ ସମାଧାନ କରୁଥିବା ଅଭିଯୋଗ**

**ନରସିଂହପୁର,୧୨।୬ (ଡି.ଏନ୍.ଏ.)**

ନରସିଂହପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏଥିରେ ୩ ଜଣଙ୍କ ସମ୍ପୃକ୍ତି ରହିଥିବାବେଳେ ସ୍ୱାମୀଙ୍କ ପ୍ରରୋଚନାରେ ଏହି ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ପୀଡ଼ିତାଙ୍କ ବାପା ଥାନାରେ ମଙ୍ଗଳବାର ଏତଲା ଦାଏର କରିଥିବାବେଳେ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ପୋଲିସ କୌଣସି ମାମଲା ରୁଜୁ କରିନାହିଁ। ଅପରପକ୍ଷେ ଟଙ୍କା ନେଇ ଘଟଣାର ଆପୋସ ସମାଧାନ କରିବାକୁ ପୋଲିସ ବାଧ୍ୟ କରୁଛି ବୋଲି ପୀଡ଼ିତାଙ୍କ ବାପା ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି ଯେ, ପୀଡ଼ିତା ଜଣକ ଚଳିତବର୍ଷ ନରସିଂହପୁର ଥାନା ଅଞ୍ଚଳ ଜଣେ ଯୁବକଙ୍କୁ ପ୍ରେମବିବାହ କରିଥିଲେ। ବିବାହ ସମୟରେ କନ୍ୟାଘର ପକ୍ଷରୁ ଜାନିଯୌତୁକ ସହ ୫୦ ହଜାର ଟଙ୍କା ଦିଆଯାଇଥିଲା। ମାତ୍ର ପରେ ସ୍ୱାମୀଙ୍କ ସହ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ପୀଡ଼ିତାଙ୍କୁ ନିର୍ଯାତନା ଦେଇଥିଲେ। ପରେ ତାଙ୍କ ସ୍ୱାମୀ ତାଙ୍କୁ ଶାଶୁଘରେ ଛାଡି ଢେଙ୍କାନାଳ ଅଞ୍ଚଳରେ କାମ କରୁଥିବା କମ୍ପାନୀକୁ ଚାଲିଯାଇଥିଲେ। ଗତ ମେ ୨୫ତାରିଖରେ ସ୍ୱାମୀଙ୍କ ୩ ଜଣ ସାଙ୍ଗ ଶାଶୁଘରକୁ ଆସିଥିଲେ। ତାଙ୍କ ସ୍ୱାମୀ ପଠାଇଥିବା କହି ତାଙ୍କୁ ସାଙ୍ଗରେ ଢେଙ୍କାନାଳ ନେବାକୁ କହିଥିଲେ। ପୂର୍ବରୁ ବହୁବାର ସେମାନେ ସ୍ୱାମୀଙ୍କ ସାଙ୍ଗରେ ଶାଶୁଘରକୁ ଆସିଥିବାରୁ ସେମାନଙ୍କ କଥାରେ ବିଶ୍ୱାସ କରି ପୀଡ଼ିତା ସାଙ୍ଗରେ ଯାଇଥିଲେ। ମାତ୍ର ସ୍ୱାମୀଙ୍କ ୩ ସାଙ୍ଗ ବୁଢାବୁଢୀ ଘାଟି ଜଙ୍ଗଲ ରାସ୍ତାରେ ଗାଡି ରଖି ତାଙ୍କୁ ଗଣବଳାତ୍କାର କରିଥିଲେ। ପରେ ସେମାନେ ପୀଡ଼ିତାଙ୍କୁ ମହିଧରପୁର ଗ୍ରାମକୁ ନେଇ ଜଣଙ୍କ ଘରେ ରଖି ୨ଦିନ ଧରି ଗଣବଳାତ୍କାର କରିଥିଲେ। ସେ ପ୍ରବଳ କାନ୍ଦିବାରୁ ଅଭିଯୁକ୍ତମାନେ ତାଙ୍କ ବାପାଙ୍କୁ ଫୋନ କରି ସେଠାରୁ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କୁ ତାଙ୍କ ବାପା ହିନ୍ଦୋଳ ତାରେଣୀ ମନ୍ଦିର ନିକଟରୁ ଉଦ୍ଧାରକରି ନିଜ ଗାଁକୁ ନେଇ ଆସିଥିଲେ। ହେଲେ ଗ୍ରାମବାସୀଙ୍କ ପରାମର୍ଶ ଅନୁଯାୟୀ ଥାନାରେ ଜଣାଇ ନ ଥିଲେ। ଏହାପରେ ପୀଡ଼ିତାଙ୍କ ସ୍ୱାମୀ ଢେଙ୍କାନାଳରୁ ଘରକୁ ଫେରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ କରି ନ ଥିଲେ। ଏପରିକି ତାଙ୍କୁ ଆଉ ପାଖରେ ରଖିବେ ନାହିଁ ବୋଲି କହିଥିଲେ। ଫଳରେ ପୀଡିତାଙ୍କ ବାପା ବାଧ୍ୟ ହୋଇ ଥାନାରେ ଅଭିଯୋଗ କରିଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି। ମାତ୍ର ପୋଲିସ ପୀଡ଼ିତାଙ୍କ ସ୍ୱାମୀଙ୍କ ପ୍ରରୋଚନାରେ ପଡ଼ି ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଛି। ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଦଣ୍ଡ ଦେବାକୁ ପୀଡ଼ିତାଙ୍କ ବାପା ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ନିକଟରେ ନିବେଦନ କରିଛନ୍ତି।

ଏ ସମ୍ପର୍କରେ ନରସିଂହପୁର ଥାନା ଅଧିକାରୀ ବିଶ୍ୱଭୂଷଣ ସାମନ୍ତସିଂହାର କହିଛନ୍ତି, ପୀଡ଼ିତାଙ୍କ ବାପାଙ୍କ ଏତଲା ରଖାଯାଇଛି। ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।



ଭୁବନେଶ୍ୱର ସୂଚନାଭବନଠାରେ ବୁଧବାର ଅନୁଷ୍ଠିତ ହରିହର ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଷ୍ଠାନର ୧୦ମ ବାର୍ଷିକ ଉତ୍ସବରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

**ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ**

# ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ, ୧୨।୬**

ବରଗଡ଼ ଜଳସମ୍ପଦ ଡିଭିଜନର ସହକାରୀ ଯନ୍ତ୍ରୀ ଟଙ୍କଧର ମେହେରଙ୍କ ଘରେ ବୁଧବାର ଭିଜିଲାନ୍ସ ଯାଞ୍ଚ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ମେହେରଙ୍କ ଘର, ଅଫିସ ସମେତ ମୋଟ୍ ୫ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଯାଞ୍ଚରୁ ମୋଟ୍ ୧ କୋଟି ୧୦ ଲକ୍ଷ ୪୭ହଜାର ୨୧୮ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଯାଞ୍ଚ ସ୍ଥାନଗୁଡ଼ିକ ହେଉଛି ବରଗଡ଼ ଇରିଗେଶନ କଲୋନୀଠାରେ ଥିବା ମେହେରଙ୍କ ସରକାରୀ କ୍ୱାର୍ଟର, ପଦ୍ମପୁର ଥାନା ଅଧୀନ ସରଗିବାହାଲଠାରେ ଥିବା ଦୁଇମହଲା କୋଠା, ବରଗଡ଼ ସହରର ବାଲାଜୀ ସିଟି କମ୍ପ୍ଲେକ୍ସଠାରେ ଥିବା ଗୋଟିଏ ଡୁପ୍ଲେକ୍ସ, ଲରମ୍ବା ଥାନା ଅଧୀନ ଘାସିଆଁ ନିକଟରେ ଥିବା ସମ୍ପର୍କୀୟଙ୍କ ଘର ଓ ବରଗଡ଼ ଇରିଗେଶନ ଡିଭିଜନ ଅଫିସ। ଠାବ ସମ୍ପତ୍ତିଗୁଡ଼ିକର ମୂଲ୍ୟାୟନ ଅନୁଯାୟୀ, ବାଲାଜୀ କମ୍ପ୍ଲେକ୍ସରେ ଥିବା ଡୁପ୍ଲେକ୍ସର ମୂଲ୍ୟ ୪୩ ଲକ୍ଷ ୩୦ହଜାର ଟଙ୍କା, ସରଗିବାହାଲଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୩୨ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ପଦ୍ମପୁର ଓ ବରଗଡ଼ ଆଦି ସ୍ଥାନରେ ମେହେରଙ୍କର ୯ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୭ ଲକ୍ଷ ୨୩ହଜାର ୬୯୦ ଟଙ୍କା ହେବ ବୋଲି ଭିଜିଲାନ୍ସ କହିଛି। ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ମେହେର ୫ ଲକ୍ଷ ୭୦ହଜାର ୧୭୪ ଟଙ୍କା ଜମା ରଖିଥିବା ବେଳେ ଜୀବନ ବୀମା ପଲିସି ବାବଦରେ ୪ ଲକ୍ଷ ୮୬ହଜାର ୯୦୨ ଟଙ୍କା ଜମା ରଖିଛନ୍ତି। ମେହେରଙ୍କର ୩ ଲକ୍ଷ ୮୭ହଜାର ୮୭୦ ଟଙ୍କା ମୂଲ୍ୟର ଗୋଟିଏ କାର୍ ଥିବାବେଳେ ୧ ଲକ୍ଷ ୭୩ହଜାର ୫୨୮ ଟଙ୍କା ମୂଲ୍ୟର ଦୁଇଟି ବାଇକ୍ ରହିଛି। ଘର ଯାଞ୍ଚ ବେଳେ ୮ ଲକ୍ଷ ୫୭ହଜାର ୫୪ ଟଙ୍କାର ସୁନାଗହଣା ଓ ୧୮ ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି। ସେହିପରି ମେହେରଙ୍କ ଘରେ ଥିବା ଗୃହ ଉପକରଣ ସାମଗ୍ରୀର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି।

# ମୃତ କନଷ୍ଟେବଲଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କଲେ କମିଶନର

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଡ୍ୟୁଟି ବେଳେ ପିସିଆର ଭ୍ୟାନ ଭିତରେ ଟଳି ପଡିଥିବା ଖାରବେଳନଗର ଥାନା ଭୌମ୍ୟନଗର ଫାଣ୍ଡିର କନଷ୍ଟେବଲ ସୁଶାନ୍ତ କୁମାର ଗୁରୁ(୪୫)ଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ସୁଶାନ୍ତଙ୍କ ମରଶରୀରକୁ ବୁଧବାର ପୂର୍ବାହ୍ଣ ସାଢେ ୧୦ଟାବେଳେ ରିଜର୍ଭ ପୋଲିସ ପଡିଆକୁ ଅଣାଯିବା ପରେ ସେଠାରେ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅନୁପ ସାହୁ, ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି ପ୍ରମୁଖ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହାପରେ ମରଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ମୁତାବକ, ସୁଶାନ୍ତଙ୍କ ଘର ଜଗତ୍‌ସିଂପୁରରେ। ସେ କମିଶନରେଟ ପୋଲିସ ୬୬୮ ନଂ. କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗଳବାର ସନ୍ଧ୍ୟା ସାଢେ ୭ଟା ବେଳେ ପିସିଆର ନଂ. ୨୭ରେ ପ୍ୟାଟ୍ରୋଲିଂ କରୁଥିବାବେଳେ ହଠାତ୍ ସେ ବେହୋସ ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିବା ସହ ତାଙ୍କୁ ହୃଦ୍‌ଘାତ ହୋଇଥିବା ଜଣାଇଥିଲେ।

## ଅସହ୍ୟ ତାତି





ବୁଧବାର ପ୍ରବଳ ଖରା ଓ ଝାଞ୍ଜିରେ ଭୁବନେଶ୍ୱରରେ ଯାତ୍ରୀମାନେ ମୁଣ୍ଡରେ କପଡ଼ା ବାନ୍ଧି ଯାଉଛନ୍ତି।





ତାତିରୁ ମୁକ୍ତି ପାଇଁ ଲୋକେ ଭୁବନେଶ୍ୱରର ଏକ ଓଭରବ୍ରିଜ୍ ତଳେ ବିଶ୍ରାମ ନେଉଛନ୍ତି ଏବଂ ଝାଞ୍ଜିରେ ଦେହ ପୋଡ଼ିଯାଉଥିବାରୁ ଜଣେ ଲୋକ ପାଣିରେ ମୁହଁ ଧୋଉଛନ୍ତି। (**ଫଟୋ: ବିକାଶ ନାୟକ**)

## ଆରଏସ୍‌ଏସ୍‌ର ସଂଘ ଶିକ୍ଷାବର୍ଗ ଉଦ୍‌ଯାପିତ

# ବିଶ୍ୱରେ ଭାରତର ଗୌରବ ବୃଦ୍ଧି ପାଉଛି

**କଟକ ଅଫିସ, ୧୨।୬**



ସମାରୋପ ଉତ୍ସବରେ ଯୋଗଦେଇଥିବା ଅତିଥି।

ସଂଘର ୯୪ ବର୍ଷ ସାଧନାରେ ଭାରତରେ ହିନ୍ଦୁତ୍ୱର ପ୍ରଭାବ ତୀବ୍ରଗତିରେ ବଢ଼ିବାରେ ଲାଗିଛି। ଭାରତ ହିନ୍ଦୁତ୍ୱ ରାସ୍ତାରେ ଚାଲିବାକୁ ଆରମ୍ଭ କରିଥିବା କାରଣରୁ ବିଶ୍ୱରେ ଦେଶର ଗୌରବ ବୃଦ୍ଧି ପାଇଛି। ସଂଘଶିକ୍ଷା ବର୍ଗରେ ଏପରି କାର୍ଯ୍ୟକର୍ତ୍ତା ସୃଷ୍ଟି କରିବା ପ୍ରକ୍ରିୟା ୧୯୨୭ରୁ ଚାଲି ଆସିଛି। ଚଳିତବର୍ଷ ୮୬ଟି ସ୍ଥାନରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥି ପ୍ରଶିକ୍ଷଣ ନେଉଛନ୍ତି। ଭାରତର ଗୌରବ ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବା ସହିତ ବିଶ୍ୱଗୁରୁ ଆଶା ସାକାର ହେବାକୁ ଯାଉଛି ବୋଲି ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସ୍‌ଏସ୍)ର ସଂଘଶିକ୍ଷା ବର୍ଗ ଉଦ୍‌ଯାପନ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି।

କଟକ ଜିଲା ଗତିରାଉତପାଟଣାସ୍ଥିତ କେଶବଧାମଠାରେ ଗତ ମେ ୨୨ ତାରିଖଠାରୁ ୨୧ ଦିନ ବ୍ୟାପି ଚାଲୁଥିବା ସଂଘଶିକ୍ଷା ବର୍ଗର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଅନୁଷ୍ଠିତ ତିନୋଟି ବର୍ଗର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ୫୪ ଜଣ ଶିକ୍ଷକ ଓ ଅଧ୍ୟାପକ, ୩୧ କୃଷକ, ୭୧ ବ୍ୟବସାୟୀ, ୩୨ କର୍ମଚାରୀ, ୨ ଡାକ୍ତର, ୧୫ ଓକିଲ, ୨୦୩ ଛାତ୍ର ଓ ୨୦ ଜଣ ଅନ୍ୟ ଶିକ୍ଷାର୍ଥୀ ଭାଗ ନେଇଛନ୍ତି। ଶିକ୍ଷାର୍ଥୀମାନେ ଯୋଗ, ସୂର୍ଯ୍ୟ ନମସ୍କାର, ବ୍ୟାୟାମ, ସ୍ୱଦେଶୀ ଖେଳ, ପଦବିନ୍ୟାସ, ସମତା, ଆଚାରପଦ୍ଧତି, ଚେରୱାଡି ଆଦି ପ୍ରଦର୍ଶନ କରିଥିଲେ। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଞ୍ଜୟ କୁମାର ପଣ୍ଡା ମୁଖ୍ୟଅତିଥି ଓ କ୍ଷେତ୍ର କାର୍ଯ୍ୟବାହ ପ୍ରାଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ବର୍ଷ ବିଶେଷର ବର୍ଗାଧିକାରୀ ହେମନ୍ତ କୁମାର ଧର, ପ୍ରଥମ ବର୍ଷ ସାମାନ୍ୟର ବର୍ଗାଧିକାରୀ ମନୋରଞ୍ଜନ ସାହୁ ଓ ସଂଘର ପ୍ରାନ୍ତ ସଂଘଚାଳକ ଓଡିଶା ପୂର୍ବର ସମୀର କୁମାର ମହାନ୍ତି ମଞ୍ଚରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଥମ ବର୍ଷ ସାମାନ୍ୟରେ ୨୧୧ ଜଣ, ପ୍ରଥମ ବର୍ଷ ବିଶେଷରେ ୬୮ ଜଣ ଓ ଦ୍ୱିତୀୟ ବର୍ଷ ସାମାନ୍ୟରେ ୧୫୬ଜଣ ସ୍ୱୟଂସେବକ ଶିକ୍ଷାର୍ଥୀ ଭାଗ ନେଇଥିଲେ। ଶିକ୍ଷାର୍ଥୀମାନଙ୍କୁ ଶାରୀରିକ ଶିକ୍ଷା ଓ ଅଭିଜ୍ଞ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରାକୃତିକ ଚିକିତ୍ସା, ଆକ୍ୟୁପ୍ରେସର ଆଦି ଶିକ୍ଷା ଦିଆଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ. ମୋହନ ମଧୁକର ରାଓ ଭାଗବତ ଜୀ, ସହ ସରକାର୍ଯ୍ୟବାହ ଡ. କୃଷ୍ଣ ଗୋପାଳ ଜୀ, ଭି. ଭାଗେୟାଜୀ ଏବଂ ମନମୋହନ ବୈଦ୍ୟଜୀ ଉପସ୍ଥିତ ରହି ସ୍ୱୟଂସେବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରାନ୍ତୀୟ ଅଧିକାରୀଙ୍କ ସହିତ ୫୫ ଜଣ ଶିକ୍ଷକ ଓ ୧୨୦ ଜଣ ବିଭିନ୍ନ ବିଷୟର ବିଶେଷଜ୍ଞ ପ୍ରଶିକ୍ଷଣରେ ସହଯୋଗ କରିଥିଲେ।



ପାନେ ବିଷ ଜଣକୁ ମାରିଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
- ଥୋମାସ ମୁରେ



## ସଂକ୍ଷେପରେ

### ଓଭର ଡ୍ୟୁଟି ଦାବି କଲେ ୩ ମୁଖ୍ୟ ମହାରଣା

**ପୁରୀ ଅଫିସ, ୧୨।୬:** ତିନି ରଥର ୪ ନାହାକ କାମ ଚାଲିଛି। ତେବେ ଦେବସ୍ନାନ ପୂର୍ଣ୍ଣମୀରେ ୪ନାହାକ ଉଠିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। କାଠ ସାଇଜ ନ ଥିବାରୁ କାମରେ ବିଳମ୍ବ ଘଟୁଛି ବୋଲି କେତେଜଣ ମହାରଣା କହିଛନ୍ତି। ଅନ୍ୟପଟେ ତିନି ରଥ ମୁଖ୍ୟ ମହାରଣା ଓଭର ଡ୍ୟୁଟି ଲାଗି ନୀତି ପ୍ରଶାସକଙ୍କୁ ଦାବି ଜଣାଇଛନ୍ତି। ମଙ୍ଗଳବାର ସେମାନେ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଦୈନିକ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାମ ହେଉଛି। ୧୧ଟା ପରିବର୍ତ୍ତେ ସକାଳ ୮ଟାରୁ କାମ ଆରମ୍ଭ କରାଯାଉ। ସେହିପରି ୩ଘଣ୍ଟା ଓଭର ଡ୍ୟୁଟି ଲାଗି ଦେଢ଼ା ମଜୁରି ବୃଦ୍ଧି ଲାଗି ସେ ଦାବି କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ଏ ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଯିବ। ତାଙ୍କ ନିଷ୍ପତ୍ତି ଅନୁଯାୟୀ ଯାହାକିଛି ପଦକ୍ଷେପ ନିଆଯିବ।

### ବ୍ଲୁ ଫ୍ଲାଗ ବିଚ୍: ୧୫ଦିନ ମଧ୍ୟରେ ଆରମ୍ଭ ହେବ କାମ

**ପୁରୀ ଅଫିସ, ୧୨।୬:** ପୁରୀ ବେଳାଭୂମିକୁ ମିଳିଛି ବ୍ଲୁ ଫ୍ଲାଗ ମାନ୍ୟତା। ଏହାର କାମ ଆରମ୍ଭ ଲାଗି ବୁଧବାର ଜିଲାପାଳ ବଳବନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ୪/୫ଦିନ ମଧ୍ୟରେ ବ୍ଲୁ ଫ୍ଲାଗ ବିଚ୍‌ରେ କାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ୧୫ଦିନ ମଧ୍ୟରେ ବାଙ୍ଗାଲୋରର ଏକ ସଂସ୍ଥା କାମ ଆରମ୍ଭ କରି ୪ ମାସ ମଧ୍ୟରେ ଏହା ଶେଷ କରିବାକୁ ଧାର୍ଯ୍ୟ ହୋଇଛି। ରାଜଭବନ ପଛପାର୍ଶ୍ୱ ବେଳାଭୂମିଠାରୁ ବାଙ୍କୀ ମୁହାଣ ବେଳାଭୂମି ପର୍ଯ୍ୟନ୍ତ ଅଞ୍ଚଳକୁ ବ୍ଲୁ ଫ୍ଲାଗ ବିଚ୍ ପାଇଁ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ସର୍କିଟ ହାଉସ୍ ପଛ ପାର୍ଶ୍ୱରୁ ପାନ୍ଥ ନିବାସ ପଛପାର୍ଶ୍ୱ ବେଳାଭୂମି ପର୍ଯ୍ୟନ୍ତ ୪୦୦ ମିଟର ଅଞ୍ଚଳରେ କାମ ଆରମ୍ଭ କରାଯିବ। କିନ୍ତୁ ଦୁଇପାର୍ଶ୍ୱରେ ଆଉ ୩୦୦ ମିଟର ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ରଖାଯିବ। ଏହି ୪୦୦ ମିଟର ଅଞ୍ଚଳରେ ଟଏଲେଟ୍, ଚେଞ୍ଜିଂରୁମ୍, ସନ୍‌ବାଥ ଚେୟାର ଆଦି ବିଭିନ୍ନ ପ୍ରକାର କାମ ହେବ । କୌଣସି ସ୍ଥାୟୀ ନିର୍ମାଣ ହେବ ନାହିଁ। କାମ ସରିବା ଏକ ଘରୋଇ ସଂସ୍ଥାକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯିବ। ଏହା ଭିତରକୁ ପର୍ଯ୍ୟଟକମାନେ ବିନା ଶୁଳ୍କରେ ପ୍ରବେଶ କରିପାରିବେ। କିନ୍ତୁ କୌଣସି ଜିନିଷ ବ୍ୟବହାର କଲେ ସେମାନଙ୍କୁ ଦେୟ ଦେବାକୁ ପଡ଼ିବ। ଏଥିପାଇଁ ପ୍ରାୟ ୧୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଦାଶ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ ଜେନା, ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା, ଆଇସିଜେଡ୍‌ଏମ୍‌ପିର ପ୍ରତିନିଧି ଏବଂ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଣସରରେ ପାଇବେ ପୂଜା

### ଚାଲିଛି ପଟିଦିଅଁ ପ୍ରସ୍ତୁତି

**ପ୍ରଭାତ ପାଣିଗ୍ରାହୀ**
**ପୁରୀ ଅଫିସ, ୧୨।୬**

ଶୀତଳ ଷଷ୍ଠୀଠାରୁ ଚାଲିଛି ତିନିଠାକୁରଙ୍କ ପଟିଦିଅଁ ନିର୍ମାଣ। ଚିତ୍ରକର ସାହିରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ବାସେଳୀ ସାହିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଟିଦିଅଁ କାମ ଚାଲିଛି। ଚିତ୍ରକର ସାହିରେ ବୁଢ଼ା ମହାରଣାଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର ଚନ୍ଦନ ଏହି କାମ କରୁଛନ୍ତି। ସେହିପରି ବାସେଳୀ ସାହିରେ ବରିଷ୍ଠ ଚିତ୍ରକର ନାରାୟଣ ମହାରଣା ପଟି କାମରେ ଲାଗିଛନ୍ତି।

ଜ୍ୟେଷ୍ଠ ମାସରେ ମହାପ୍ରଭୁ ସ୍ନାନବେଦିରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଅସୁସ୍ଥ ହୋଇପଡ଼ନ୍ତି। ଏହାପରେ ଠାକୁରମାନେ ଜଗମୋହନରେ ସ୍ୱତନ୍ତ୍ର ଭାବେ ନିର୍ମିତ ଅସ୍ଥାୟୀ ଅଣସର ଘରେ ରହନ୍ତି। ଏହି ସମୟରେ ଗୁପ୍ତ ନୀତି ହୋଇଥାଏ। ଠାକୁରମାନଙ୍କ ଦର୍ଶନ ମିଳେ ନାହିଁ। ତେଣୁ ଠାକୁରମାନଙ୍କ ପ୍ରତିନିଧି ସ୍ୱରୂପ ପଟିଦିଅଁ ପୂଜା ପାଆନ୍ତି। ଅଣସର ସମୟରେ ପୂଜା ପାଉଥିବାରୁ ଏହାକୁ ଅଣସର ପଟି ମଧ୍ୟ କୁହାଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ସ୍ୱରୂପ ଯଜ୍ଞନାରାୟଣ, ପ୍ରଭୁ ବଳଭଦ୍ରଙ୍କ ପ୍ରତିନିଧି ଅନନ୍ତ ବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ଭୁବନେଶ୍ୱରୀ ପୂଜା ପାଇଥାନ୍ତି।

ବରିଷ୍ଠ ଚିତ୍ରକର ନାରାୟଣ କହନ୍ତି, ସୂତା କପଡ଼ାରେ ଖଡ଼ିଗୁଣ୍ଡ, ଅଠା ମିଶ୍ରିତ ଏକ ମଣ୍ଡ ଲେପନ କରି ପଟି ପ୍ରସ୍ତୁତ କରାଯାଏ। ପଟିକୁ ଖରାରେ ଶୁଖାଯାଏ। ପରେ ଏକ ମସୃଣ ପଥରରେ ପଟି ଘଷାଯାଏ। ପାରମ୍ପରିକ ରୀତିରେ ହିଙ୍ଗୁଳ, ହରିତାଳ, ଶଙ୍ଖ ଓ ପୋଡ଼ା ଷଢେଇରେ ପ୍ରସ୍ତୁତ ରଙ୍ଗ (ନାଲି, ହଳଦିଆ, ଧଳା, କଳା) ପ୍ରସ୍ତୁତ କରାଯାଏ। ରୁକୁଣା ଏକାଦଶୀଠାରୁ ପ୍ରସ୍ତୁତ ପଟିରେ ରଙ୍ଗ ଦେଇ ପାରମ୍ପରିକ ଶୈଳୀରେ ଚିତ୍ର ଅଙ୍କନ କରାଯାଏ। ଅଣସର ବେଳେ ଶ୍ରୀମନ୍ଦିରରେ ପୂଜିତ ଏହି ପଟିଦିଅଁଙ୍କଠାରୁ ଓଡ଼ିଶାର ପଟଚିତ୍ର ଶିଳ୍ପର ଉତ୍ପତ୍ତି ବୋଲି ଐତିହ୍ୟ ଗବେଷକ ଦେବୀ ନନ୍ଦ ମତବ୍ୟକ୍ତ କରିଛନ୍ତି। ଦେଶ ତଥା ବିଦେଶରେ ଏହି ପଟଚିତ୍ରର ବେଶ୍ ଚାହିଦା ରହିଛି।









ଜଣେ ଚିତ୍ରକାର ସେବକ ପଟିଦିଅଁଙ୍କ ଚିତ୍ର ଅଙ୍କନ କରୁଛନ୍ତି।

### ପଟିଦିଅଁ (ଅଣସର ପଟି)ଙ୍କ ବିବରଣୀ

**ବଳଭଦ୍ର:** ଅନନ୍ତ ବାସୁଦେବ ବା ଶେଷନାଗ ଭାବେ ପୂଜିତ। ଦେହ ବର୍ଣ୍ଣ ଶୁଭ୍ର। ନୀଳ ରଙ୍ଗ ବସ୍ତ୍ର, ମୁଣ୍ଡ ଉପରେ ସପ୍ତଫେଣୀ ନାଗ ସହିତ ପଦ୍ମାସନରେ ଉପବିଷ୍ଟ। ପାର୍ଶ୍ୱଦେବତା : ବାମରେ ଇନ୍ଦ୍ର, ଦକ୍ଷିଣରେ ଶିବ। ଆୟୁଧ: ଉପର ବାମହସ୍ତରେ ଶଙ୍ଖ, ଉପର ଦକ୍ଷିଣ ହସ୍ତରେ ଚକ୍ର, ନିମ୍ନ ବାମହସ୍ତରେ ହଳ, ନିମ୍ନ ଦକ୍ଷିଣ ହସ୍ତରେ ମୂଷଳ ରହିଥିବାବେଳେ ବେକରେ ଚମ୍ପାକଢ଼ି ମାଳ ଝୁଲିଥାଏ।

**ଦେବୀ ସୁଭଦ୍ରା:** ଯାଜ୍ଞସେନୀ ବା ଭୁବନେଶ୍ୱରୀ ଭାବେ ପୂଜିତା। ପଦ୍ମାସନରେ ଉପବିଷ୍ଟ। ଦେହବର୍ଣ୍ଣ ହଳଦିଆ, ବସ୍ତ୍ର-ଶୁଭ୍ର ବର୍ଣ୍ଣରେ ସାମାନ୍ୟ ଛିଟା। ପାର୍ଶ୍ୱଦେବୀ: ଜୟା ଓ ବିଜୟା। ଆୟୁଧ : ଉପର ଦୁଇ ହସ୍ତରେ ପଦ୍ମ, ତଳ ବାମହସ୍ତରେ ବରଦ ମୁଦ୍ରା ଓ ଦକ୍ଷିଣ ତଳ ହସ୍ତରେ ଅଭୟ ମୁଦ୍ରା, ବେକରେ ପଦ୍ମକଢ଼ି ମାଳ ରହିଥାଏ।

**ଶ୍ରୀଜଗନ୍ନାଥ :** ପଦ୍ମାସନରେ ଉପବିଷ୍ଟ। ଏହି ରୂପ ଯଜ୍ଞ ନାରାୟଣ ଭାବେ ପୂଜିତ। ଦେହ ବର୍ଣ୍ଣ କଳା, ବସ୍ତ୍ର- ହଳଦିଆ ରଙ୍ଗ। ପାର୍ଶ୍ୱରେ ସପ୍ତଋଷି ବିଦ୍ୟମାନ। ଆୟୁଧ : ଉପର ବାମ ହସ୍ତରେ ଶଙ୍ଖ, ଦକ୍ଷିଣରେ ଚକ୍ର, ନିମ୍ନ ବାମ ହସ୍ତରେ ଗଦା, ଦକ୍ଷିଣରେ ପଦ୍ମ ଶୋଭା ପାଏ। ବେକରେ ପଦ୍ମମାଳ ରହିଥାଏ।

### ସ୍ନାନପୂର୍ଣ୍ଣମୀରେ ପଟୁଆରରେ ଶ୍ରୀମନ୍ଦିରକୁ ଯାଆନ୍ତି ପଟିଦିଅଁ

ସ୍ନାନପୂର୍ଣ୍ଣମୀରେ ତିନିଠାକୁରଙ୍କ ପଟିଦିଅଁରେ ଚିତ୍ର ଅଙ୍କନ କାର୍ଯ୍ୟ ସମାପ୍ତ ହୋଇଥାଏ। ଏହି ଦିନ ଚିତ୍ରକର ପରିବାରରେ ଉତ୍ସବ ପାଳନ କରାଯାଏ। ଚିତ୍ରିତ ପଟିଦିଅଁଙ୍କୁ କାନ୍ଥରେ ଟଙ୍ଗାଯାଏ। ଧୂପ, ଦୀପ, ଫଳମୂଳ ଆଦି ନୈବେଦ୍ୟ ଅର୍ପଣ ପୂର୍ବକ ପୂଜା କରାଯାଏ। ତିନି ଠାକୁର ସ୍ନାନମଣ୍ଡପରେ ବିଜେ ହେବା ପରେ ଶ୍ରୀମନ୍ଦିରରୁ ଆସିଥିବା ଶଙ୍ଖ, ବୀର କାହାଳୀ ଓ ବାଦ୍ୟବାଜଣା ସହ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସମ୍ପୃକ୍ତ ଚିତ୍ରକର ପଟି ଦିଅଁଙ୍କୁ ପାଟପତନିରେ ସଯତ୍ନରେ ଗୁଡ଼ାଇ ଶ୍ରୀମନ୍ଦିରକୁ ଯାଇଥାନ୍ତି। ସିଂହଦ୍ୱାର ନିକଟରେ ତିନି ପଟିଦିଅଁ ଏକତ୍ର ଶ୍ରୀମନ୍ଦିର ଭିତରକୁ ଯାଇଥାନ୍ତି। ସ୍ନାନପୂର୍ଣ୍ଣମୀ ରାତିରେ ତିନି ଠାକୁର ଅଣସର ଘରକୁ ଯିବା ପରେ ଜୟବିଜୟ ଦ୍ୱାର ପାଖରେ ଏହି ପଟିଦିଅଁଙ୍କୁ ବିଜେ କରାଯାଏ। ନବଯୌବନ ଦର୍ଶନ ପୂର୍ବଦିନ ପର୍ଯ୍ୟନ୍ତ ପଟିଦିଅଁଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥାନ୍ତି।

## ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

**କଣାସ, ୧୨।୬(ସ୍ୱ.ପ୍ର.)**

ପୁରୀ ଜିଲା କଣାସ ବ୍ଲକ ନବନିର୍ମାଣ କୃଷକ ସଂଘଠନ ପକ୍ଷରୁ କୃଷକମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଶତାଧିକ କୃଷକ ବୁଧବାର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷକମାନେ ଦୋକନ୍ଦା ମେଳଣ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି କଣାସ ଗୋଲା ବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ, ବ୍ଲକ ବଜାର ଦେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସଂଘଠନର ରାଷ୍ଟ୍ରୀୟ ନେତା ଅକ୍ଷୟ କୁମାରଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ଦୁର୍ଗା ବାରିକ, ଦୁର୍ଗା ଦାସ, କବୀର ସାହୁ, ନିରଞ୍ଜନ ପ୍ରଧାନ, ଭରତ ସ୍ୱାଇଁ, ସୁରେନ୍ଦ୍ର ନାଥ ମହାରଣା, ମହେଶ୍ୱର ଜେନା, ସନ୍ତୋଷ ପାତ୍ର, ଅଶ୍ୱିନୀ ଜେନା ବକ୍ତାଭାବେ ଯୋଗ ଦେଇଥିଲେ। କ୍ଷତିଗ୍ରସ୍ତଙ୍କୁ ବାସଗୃହ ଯୋଗାଇ ଦେବା, ଫସଲ କ୍ଷତିପୂରଣ ଦେବା ଏବଂ ବିଭିନ୍ନ ସହାୟତା ଯୋଗାଇ ଦେବା ପାଇଁ ଦାବି କରିବା ସହିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରତିଭା ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତାରୋକୋ

**ନିମାପଡ଼ା,୧୨।୬(ଡି.ଏନ୍.ଏ.)**

ବାତ୍ୟାକୁ ୪୦ଦିନ ବିତିଯାଇଥିଲେ ହେଁ ନିମାପଡ଼ା ବ୍ଲକ ଅନ୍ତର୍ଗତ ଶଗଡା, ଆଙ୍କୁଶପୁର, ଶଗଡ଼ା ହେଉଳିଆଦି ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ କି ପୁନରୁଦ୍ଧାର କାର୍ଯ୍ୟ ହୋଇପାରିନାହିଁ। ଗୋଟିଏ ପଟେ ଦିନକୁ ଦିନ ଖରାର ପ୍ରକୋପ ବଢୁଥିବାବେଳେ ଅନ୍ୟପଟେ ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବ ଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏସବୁ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କରିବା ଦାବିରେ ଶତାଧିକ ଗ୍ରାମବାସୀ ବୁଧବାର ନିମାପଡ଼ା-ପିପିଲି ରାସ୍ତାର ଏକମକୋଣା ଛକଠାରେ ଟାୟାରଜାଳି ରାସ୍ତାରୋକୋ କରିଥିଲେ। ଖବରପାଇ ନିମାପଡ଼ା ତହସିଲଦାର କମଳଜିତ ଦାଶ, ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ବିଦ୍ୟୁତ ବିଭାଗ ଏସ୍‌ଡିଓ ଡ.ଜୟ କୁମାର ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଶହ ଆଲୋଚନା କରିଥିଲେ। ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧଭିତିରେ ଚାଲିଥିବାବେଳେ ଖୁବଶୀଘ୍ର କାର୍ଯ୍ୟ ସରିବା ପରେ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ବିଦ୍ୟୁତ ବିଭାଗ ଏସଡିଓ ପ୍ରତିଶ୍ରୁତି ଦେବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରାୟ ଦୁଇ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିବାରୁ ଉଭୟପାର୍ଶ୍ୱରେ ଥିବା ଶତାଧିକ ଯାନବାହନ ଅଟକି ରହିଥିଲା। ରାସ୍ତାରୋକୋ ହଟିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

## କ୍ଷୟକ୍ଷତି ଆକଳନ ପାଇଁ ଜିଲାପାଳଙ୍କୁ ଦାବି

**ବ୍ରହ୍ମଗିରି, ୧୨।୬(ଡି.ଏନ୍.ଏ.):** ବାତ୍ୟା ଫନୀରେ ବ୍ରହ୍ମଗିରିରେ ବ୍ୟାପକ କ୍ଷତି ହୋଇଛି। ଘରଦ୍ୱାର ଭାଙ୍ଗିବା ସହ ଫସଲ ଓ ଜଙ୍ଗଲ କ୍ଷୟକ୍ଷତି ହୋଇଛି। ଫଳରେ କୃଷକମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି । ଏପର୍ଯ୍ୟନ୍ତ ସରକାରୀ ସ୍ତରରେ ଠିକ୍ ଭାବେ ଆକଳନ କରାଯାଇନାହିଁ। ଯାହାବି ଆକଳନ ହୋଇଛି ସେଥିରେ ପାତର ଅନ୍ତର ହୋଇଥିବା ନେଇ ଅଭିଯୋଗ ଆସୁଛି। ତେଣୁ କ୍ଷୟକ୍ଷତିର ଠିକ ତଦନ୍ତ ପାଇଁ ବୁଧବାର 'ନିଖିଳ ଉତ୍କଳ କୃଷକ ମହାସଂଘ' ତରଫରୁ ଜିଲାପାଳ, ବିଡିଓ ଓ ବ୍ରହ୍ମଗିରି ତହସିଲଦାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଯଦି ଏ ନେଇ କୌଣସି ପଦକ୍ଷପ ଗ୍ରହଣ କରା ନ ଯାଏ ତେବେ କୃଷକ ଆନ୍ଦୋଳନ ତେଜିବ ବୋଲି ମହାସଂଘର ସଭାପତି ସଞ୍ଜୟ ପରିଡ଼ା, ମାଧବ ସାହୁ, କାଳୁ ପଲାଇ ପ୍ରମୁଖ ଜଣାଇଛନ୍ତି।

## ପୁରୀ ଜିଲାରେ ବଢୁଛି ଝାଡ଼ାବାନ୍ତି



ଝାଡ଼ାବାନ୍ତିରେ ଆକ୍ରାନ୍ତମାନଙ୍କ ଚିକିତ୍ସା କରାଯାଉଛି।

**ପୁରୀ ଅଫିସ, ୧୨।୬:** ପୁରୀ ଜିଲାରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ବୁଧବାର ବିଭିନ୍ନ ସ୍ଥାନରୁ ୫୫ଜଣ ଆକ୍ରାନ୍ତ ଆସି ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ପ୍ରଥମେ ପୁରୀ ସହରସ୍ଥ ବଳିଆପଣ୍ଡା ବସ୍ତି ଓ ପରେ ପୁରୀ ସଦର ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏବେ ନିମାପଡ଼ା ଅଞ୍ଚଳରେ ଶତାଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଜିଲା ଯକ୍ଷ୍ମା ଓ ସଂକ୍ରମଣ ଚିକିତ୍ସାଳୟକୁ ଆସିଥିବା ଆକ୍ରାନ୍ତଙ୍କ ମଧ୍ୟରୁ କେତେଜଣ ଚିକିତ୍ସିତ ହୋଇ ଫେରିଯାଇଛନ୍ତି। ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ପର୍ଶୁରାମ ଚମ୍ପତିରାୟ କହିଛନ୍ତି, ଏଠାରେ ଯକ୍ଷ୍ମା ଓ ଡାଇରିଆ ରୋଗୀଙ୍କ ପାଇଁ ମାତ୍ର ୧୦୦ଟି ଶଯ୍ୟା ରହିଛି। କେବଳ ଗୁରୁତର ରୋଗୀଙ୍କୁ ଏଠାରେ ଭର୍ତ୍ତି କରାଯାଉଛି।

■ ଓପନ ଶେଲ୍‌ଟରରୁ ଚମ୍ପଟ ମାରି ବସ୍‌ଷ୍ଟାଣ୍ଡରୁ ଧରାପଡ଼ିଲେ ୨ ନାବାଳକ

## ବ୍ୟବସ୍ଥା ପ୍ରତି ଧ୍ୟାନ ଦେଉନାହାନ୍ତି କର୍ତ୍ତୃପକ୍ଷ

**ପୁରୀ ଅଫିସ,୧୨।୬:** ୩ଦିନ ତଳେ ଓପନ ଶେଲ୍‌ଟରରୁ ୨ଜଣ ନାବାଳକ ଚମ୍ପଟ ମାରିଥିଲେ। ମାତ୍ର ବିଳମ୍ବିତ ରାତିରେ ଦୁହେଁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଧରା ପଡ଼ିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଦୁହିଁଙ୍କୁ ଉଦ୍ଧାର କରି ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲେ। ଦୁହେଁ ପୁଣି ଓପନ ଶେଲ୍‌ଟରକୁ ଫେରିଥିଲେ। ତେବେ ଏ ନେଇ କର୍ତ୍ତୃପକ୍ଷ କାହିଁକି ଥାନାରେ ଅଭିଯୋଗ କରି ନ ଥିଲେ ତାହା ପ୍ରଶ୍ନବାଚୀ ହୋଇଛି। ଘଟଣାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ଅନ୍ୟପଟେ ଓପନ ଶେଲ୍‌ଟରରେ ବିଭିନ୍ନ ସ୍ଥାନରୁ ଉଦ୍ଧାର ହେଉଥିବା ନାବାଳିକା ଓ ନାବାଳକ କିଭଳି ଅବସ୍ଥାରେ ରହୁଛନ୍ତି, ସେମାନଙ୍କୁ ଉପଯୁକ୍ତ ସେବା ମିଳୁଛି କି ନାହିଁ, ଏହାର ବାତାବରଣ ଶିଶୁଙ୍କ ଲାଗି ଉପଯୁକ୍ତ କି ନୁହେଁ, ସେ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ଅନୁଧ୍ୟାନ ହେଉନାହିଁ କି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ସୂଚନା ଅନୁଯାୟୀ, ଫେରାର ନାବାଳକ ଦ୍ୱୟ ରାତିରେ ବସଷ୍ଟାଣ୍ଡରେ ବୁଲୁଥିବା ଜନୈକ ଯୁବକ ଦେଖି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଫୋନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପହଞ୍ଚି ଦୁହିଁଙ୍କୁ ଫେରାଇ ଆଣି ଚାଇଲ୍ଡ ଲାଇନ ଜିମା ଦେଇଥିଲେ।

ଓପନ ଶେଲ୍‌ଟର ଦାୟିତ୍ୱରେ ରହିଥିବା ଚାଇଲ୍ଡଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ କହିଛନ୍ତି, ଏହା ଏକ ଖୋଲାଦ୍ୱାର। ସେଠାରୁ ପିଲାମାନେ ଯିବେ ଆସିବେ। ଏଥିରେ କୌଣସି ନୂତନତ୍ୱ ନାହିଁ। ଅନ୍ୟପକ୍ଷେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ କହିଛନ୍ତି, ଦୁହେଁ ଓପନ ଶେଲଟରରୁ ଖସି ପଳାଇଥିବା ସମ୍ପର୍କରେ ଜାଣିନାହିଁ। କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବି। ଆବଶ୍ୟକ ପଡ଼ିଲେ କର୍ତ୍ତୃପକ୍ଷଙ୍କୁ ନୋଟିସ କରାଯିବ।



ପୁରୀ ସହରରେ ଥିବା ଏକ ସୁଇମିଂପୁଲରେ ବୁଧବାର ପିଲାମାନେ ପହଁରା ଅଭ୍ୟାସ କରୁଛନ୍ତି।

## ତିନି ରଥ ଦଣ୍ଡାରେ ନିରାଡ଼ି ସଂଯୋଗ



ରଥ ଖଳାରୁ...

ରଥଦଣ୍ଡାରେ ନିରାଡ଼ି ସଂଯୋଗ କରାଯାଉଛି।

**ପୁରୀ ଅଫିସ,୧୨।୬**

ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥକାମ। ତିନି ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ମହାରଣା ସେବକମାନେ କାମରେ ବ୍ୟସ୍ତ ରହିଛନ୍ତି। ତିନି ରଥର ୪୨ଚକ ଅଖ ଡେରା ସମାପ୍ତ ହୋଇଛି। ରଥଖଳା ବାହାରେ ବୁଧବାରଠାରୁ ଦଣ୍ଡାରେ ନିରାଡ଼ି ସଂଯୋଗ ଚାଲିଛି। ଦଣ୍ଡାରେ ଦୁଇଟି ଲେଖାଏଁ ମୁହାଁଟ, ପାର୍ଶ୍ୱ ମୁହାଁଟ, ନିରାଡ଼ି ଓ କଣଗୁଜ ସଂଯୋଗ କରାଯାଉଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏହା ଶେଷ ହୋଇଯିବ ବୋଲି ନନ୍ଦିଘୋଷ ରଥ ମୁଖ୍ୟ ମହାରଣା ବିଜୟ ମହାପାତ୍ର କହିଛନ୍ତି। ଅନ୍ୟପଟେ ରଥଖଳାରେ ୪ନାହାକ ଓ ଗରଗରା କାଠ ଚିରଟ ଚାଲିଛି। ନନ୍ଦିଘୋଷ ରଥ ରୂପକାର ସେବକ ଲିଙ୍ଗରାଜ ମହାପାତ୍ର କହିଛନ୍ତି, ତିନି ରଥର ୪୪ଟି କଣଗୁଜ ସରିଛି। ତନ୍ମଧ୍ୟରେ ନନ୍ଦିଘୋଷ ଓ ତାଳଧ୍ୱଜ ରଥର ୧୬ଟି ଲେଖାଏଁ ଏବଂ ଦେବୀ ରଥର ୧୨ଟି ରହିଛି। ଗୁରୁବାରଠାରୁ ନାଟଗୋଡ଼ ଓ ସିଂହାସନ କାମ ଆରମ୍ଭ ହେବ। ତିନି ରଥ ଲାଗି ୮ଟି ଲେଖାଏ ମୋଟ ୨୪ଟି ତିଆରି କରାଯିବ। ସିଂହାସନରେ ଗଛ, ଡାଳି, ପଦ୍ମ ପାଖୁଡ଼ା ଚିତ୍ର ଅଙ୍କନ କରାଯିବ। ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ପଟାଗୁଜ, ପରଭା, ଚାର ପରିଛା, ଘୋଡ଼ା, ସାରଥି ମରାମତି ଆରମ୍ଭ ହେବ। ମହାରଣା ଓ ଭୋଇ ସେବକ ଦଣ୍ଡାରେ ନିରାଡ଼ି ସଂଯୋଗରେ ଲାଗିଛନ୍ତି କମାରଶାଳରେ କମାର ସେବକମାନେ ଗୟଲ, ଯୋଖା କଣ୍ଟା ପ୍ରସ୍ତୁତ କରୁଛନ୍ତି। କରତି ସେବକ ଗୟଲ କାଠ ଚିରଟରେ ବ୍ୟସ୍ତ ରହିଛନ୍ତି।

### ରଥଖଳାରେ କାମ ପାଇଁ ଶ୍ରଦ୍ଧାଭାବ ଆବଶ୍ୟକ

ନନ୍ଦିଘୋଷ ରଥର ଅନ୍ୟତମ ବରିଷ୍ଠ ରୂପକାର ଲିଙ୍ଗରାଜ ମହାପାତ୍ର। ୫ବର୍ଷ ବୟସରେ ସେ ବାପା ଶ୍ରୀଧରଙ୍କ ସହିତ ରଥଖଳାକୁ ଆସିଥିଲେ। ଜେଜେ ବାପା ଆର୍ତ୍ତତ୍ରାଣଙ୍କଠାରୁ ସେ ବାରିସୀ, ନିହଣ ଧରିବା ଶିଖିଥିଲେ। ଲିଙ୍ଗରାଜ କହିଛନ୍ତି, ସ୍କୁଲ ଛୁଟି ହେଲେ ବହିବସ୍ତାନି ସହ ରଥଖଳାକୁ ଚାଲି ଆସୁଥିଲି। ଏବେ ମୋ' ସହ ୩ଭାଇଙ୍କ ସମେତ ପୁଅ ପ୍ରକାଶ ଏବଂ ପୁତୁରାମାନେ କାମ କରୁଛନ୍ତି। ରଥଖଳାକୁ ଆସିବା ପୂର୍ବରୁ ଦାଣ୍ଡଦୁଆରରେ ପତିତପାବନ ଓ ନୀଳଚକ୍ର ଉଦ୍ଦେଶ୍ୟରେ



ଲିଙ୍ଗରାଜ ମହାପାତ୍ର

**ମୋ' ଅନୁଭୂତି...**

ମୁଣ୍ଡିଆ ମାରିଥାଏ। ମହାପ୍ରଭୁଙ୍କ ଦୟାରୁ ଆଜିପର୍ଯ୍ୟନ୍ତ କୌଣସି ଅଘଟଣ ଘଟିନାହିଁ। ଜୀବନରେ ବହୁ ବାଧାବିଘ୍ନ ଆସିଛି। ମାତ୍ର ବିଚଳିତ ନ ହୋଇ ମହାପ୍ରଭୁଙ୍କୁ ସ୍ମରଣ କରିଛି। ସବୁ ସମସ୍ୟା ଲାଘବ ହୋଇଯାଇଛି। ରଥଖଳାରେ କାମ କରିବା ଲାଗି ମନରେ ଶ୍ରଦ୍ଧା ଓ ନିଷ୍ଠାଭାବ ରହିବା ଆବଶ୍ୟକ। ମୁଁ ମହାପ୍ରଭୁଙ୍କ ସେବାରେ ଲାଗିଥିବାରୁ ନିଜକୁ ଧନ୍ୟ ମନେ କରେ। ଏଥିରୁ ଆନନ୍ଦ ମିଳେ। ରଥକାମ ସମୟରେ ଯେତେ କାମ ଥିଲେ ମଧ୍ୟ ମୁଁ ପୁରୀ ଛାଡ଼ି ଅନ୍ୟତ୍ର କେଉଁଆଡେ ଯାଏ ନାହିଁ। ଯେଉଁଠିକୁ ଯାଇଥିଲେ ମଧ୍ୟ ଅକ୍ଷୟତୃତୀୟା ପୂର୍ବରୁ ଏଠାକୁ ଚାଲିଆସେ।



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।

- ଜନ୍‌ସନ



## ସଂକ୍ଷେପରେ

### ହୋଟେଲ ପାର୍କିଂରୁ ଖବରଦାତାଙ୍କ ବାଇକ୍ ଚୋରି

ଭୁବନେଶ୍ୱର,୧୨।୬(ବ୍ୟୁରୋ):ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ହୋଟେଲ ପାର୍କିଂରୁ ବୁଧବାର ରାତିରେ ଜଣେ ଖବରଦାତାଙ୍କ ବାଇକ୍ ଚୋରି ହେବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବାଙ୍କୀ ଥାନା ଅଞ୍ଚଳର ରାଜକିଶୋର ମହାନ୍ତି ଭୁବନେଶ୍ୱରସ୍ଥିତ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ଖବରଦାତା ଭାବେ କାର୍ଯ୍ୟ କରୁଥିଲେ । ସେ ଶହୀଦ ନଗରସ୍ଥିତ କାର୍ଯ୍ୟାଳୟରୁ ବାହାରି ନୟାପଲ୍ଲୀ ଆସିଥିଲେ। ସେଠାରେ ଏକ ହୋଟେଲ ନିକଟରେ ଗାଡି ପାର୍କିଂ କରି ଭିତରକୁ ଯାଇଥିଲେ। କିନ୍ତୁ ଫେରିବା ବେଳୁ ସେଠାରେ ବାଇକ ନଥିବା ଦେଖିବାକୁ ପାଇଥିଲେ । ସେଠାରେ ଥିବା ସିକ୍ୟୁରିଟିଙ୍କୁ ପଚାରିବାରୁ ସେ ଗାଡି ବିଷୟରେ ଜାଣି ନଥିବା କହିଥିଲେ। ଶେଷରେ ନିରାଶ ହୋଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଲକ୍ଷାଧିକ ଟଙ୍କାର ତାର ଚୋରି

ବାଲକାଟୀ,୧୨।୬(ଡି.ଏନ୍.ଏ.): ବାଲକାଟୀସ୍ଥିତ କଲେଜ ପାଖରେ ଥିବା ଏକ ଘରୋଇ ସ୍କୁଲ ପରିସରରୁ ସେସୁର ଲକ୍ଷାଧିକ ଟଙ୍କାର ବିଦ୍ୟୁତ ତାର ମଙ୍ଗଳବାର ରାତିରେ ଚୋରି ହୋଇଯାଇଛି। ଏ ନେଇ କାମ ନେଇଥିବା ଠିକାଦାର ବୁଧବାର ବାଲକାଟୀ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବାଲକାଟୀ ସାତକୋଶିଆସ୍ଥିତ ଗ୍ରୀଡ଼କୁ ୩୩କେଭି ବିଦ୍ୟୁତ ତାର ସଂଯୋଗ ପାଇଁ ଭୁବନେଶ୍ୱରର ଏକ ଠିକାଦାର ସଂସ୍ଥା କାମ ନେଇଛି। ଏଥିଲାଗି ଠିକାଦାର ସଂସ୍ଥା ସ୍ଥାନୀୟ କଲେଜ ପାଖରେ ଥିବା ଏକ ଘରୋଇ ବିଦ୍ୟାଳୟରେ ବିଦ୍ୟୁତ ତାର ଏବଂ ସରଞ୍ଜାମ ଗଚ୍ଛିତ ରଖିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସ୍କୁଲ ଗେଟ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ତାର ବଣ୍ଡଲ ଚୋରି କରି ନେଇଛନ୍ତି। ସକାଳେ ସ୍ଥାନୀୟ ଲୋକେ କଲେଜ ପଡ଼ିଆ ଜଙ୍ଗଲରେ ଏକ ତାର ବଣ୍ଡଲ ପଡିଥିବା ବେଳେ ସେଥିରୁ ପ୍ରାୟ ୪୦୦୦ମିଟର ତାର କଟାଯାଇଥିବା ଦେଖିଥିଲେ। ଆଶ୍ଚର୍ଯ୍ୟର କଥା ଯେ, ସ୍କୁଲରେ ଜଗୁଆଳି ଥିବା ସତ୍ତ୍ୱେ ଏତେ ଓଜନ ବିଶିଷ୍ଟ ତାର ବଣ୍ଡଲ ପ୍ରାୟ ୨ଶହ ମିଟର ଦୂର ପର୍ଯ୍ୟନ୍ତ ନେବା କିଭଳି ସମ୍ଭବ ତାହା ତଦନ୍ତ ସାପେକ୍ଷ। ଚୋରି ହୋଇଥିବା ତାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବାଲକାଟୀ ସେସୁ ଯନ୍ତ୍ରୀ ତନ୍ମୟ ପୃଷ୍ଟି ସୂଚନା ଦେଇଛନ୍ତି।

### ପ୍ରଶିକ୍ଷାର୍ଥୀଙ୍କୁ ମାନସିକ ନିର୍ଯାତନା ଦେବା ଅଭିଯୋଗ

ବାରଙ୍ଗ,୧୨।୬(ଡି.ଏନ୍.ଏ.):ଚନ୍ଦକା ନିକଟରେ ଥିବା ଏସ୍‌ଓଜି କ୍ୟାମ୍ପସରେ ଥିବା ଜଣେ କମାଣ୍ଡାଣ୍ଟ ସେଠାର ଜଣେ ପ୍ରଶିକ୍ଷାର୍ଥୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରି ମାନସିକ ନିର୍ଯାତନା ଦିଆଯାଉଥିବା ବୁଧବାର ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଡିଜିପିଙ୍କ ପାଖକୁ ମଧ ଦେଖାକରିବାକୁ ଛାଡୁନାହାନ୍ତି। ଯାହାଫଳରେ ସେ ମାନସିକ ଯନ୍ତ୍ରଣା ଭିତରେ ରହୁଛନ୍ତି ବୋଲି ପ୍ରଶିକ୍ଷାର୍ଥୀ ବିଶ୍ୱଜିତ ବେହେରା କହିଛନ୍ତି। ବିଶ୍ୱଜିତଙ୍କ କହିବା ମୁତାବକ, ସେ ଏବେ ଘଟଗାଁ ଥାନାରେ କାମ କରୁଛନ୍ତି। ଏସଓଜିକୁ ପ୍ରଶିକ୍ଷଣ ପାଇଁ ଆସିଥିଲେ। କିନ୍ତୁ ତାଙ୍କର ଅଣ୍ଟାରେ କଷ୍ଟ ଅନୁଭବ ହେବାରୁ ସେଠାରେ ଥିବା ଡାକ୍ତର ତାଙ୍କୁ ବିଶ୍ରାମ ପାଇଁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ବେଳେ ଦୌଡିବା ସମୟରେ ତାଙ୍କର ଅଣ୍ଟାରେ କଷ୍ଟ ଅନୁଭବ କରିବାରୁ ସେ ଦୌଡିପାରୁନାହାନ୍ତି। ଏ ସମ୍ପର୍କରେ ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ଅଦ୍ୟାବଧି କୌଣସି ଅଭିଯୋଗ ଥାନାରେ ହୋଇନାହିଁ ବୋଲି ସେ କହିଛନ୍ତି।

## ବାତ୍ୟାର ମାସେ ପରେ...

# ରାଜଧାନୀରେ ଟ୍ରାଫିକ୍ ସିଗ୍‌ନାଲ ଅସଜଡ଼ା

- ଅଧିକାଂଶ ଟ୍ରାଫିକ୍ ଛକରେ ଜଳୁନି ସିଗ୍‌ନାଲ
- ଅନେକ ସମୟରେ ଘଟୁଛି ଦୁର୍ଘଟଣା

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ବାତ୍ୟା 'ଫନୀ' ଯିବାର ଇତିମଧ୍ୟରେ ମାସେ ୮ ଦିନ ବିତିଗଲାଣି। ହେଲେ ରାଜଧାନୀରେ ଫନୀ ମାଡରେ ଭାଙ୍ଗି ଯାଇଥିବା ଟ୍ରାଫିକ ସିଗ୍‌ନାଲ ସଜଡା ହୋଇପାରୁନି। ଏକାଧିକ ଛକରେ ଭଙ୍ଗା ସିଗ୍‌ନାଲ ଖୁଣ୍ଟଗୁଡିକ ଛିଡା ହୋଇଛି। ସେସବୁ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜୁଛି। ସିଗ୍‌ନାଲ ନ ଥିବାରୁ ଗାଡି ଚାଳକମାନେ ମନଇଚ୍ଛା ଯାଉଛନ୍ତି। ଆଉ କେତେକ ସ୍ଥାନରେ ସିଗ୍‌ନାଲ ଭୁଲ୍ ରହୁଛି। ଯେଉଁଠି ଟ୍ରାଫିକ୍ ପୋଲିସ ରହୁନାହାନ୍ତି ସେଠାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ପୁଣି ସିଗ୍‌ନାଲ ସହ ଲୋକେ ଅଭ୍ୟସ୍ତ ହେଉଥିବାବେଳେ ଟ୍ରାଫିକ ପୋଲିସ ହାତ ହଲାଇ ଦେଉଥିବା ସିଗ୍‌ନାଲକୁ ଜାଣିବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ କେତେକ ଛକରେ ସିଗ୍‌ନାଲ ଖୁଣ୍ଟଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସିଗ୍‌ନାଲ ଲାଇଟ୍ ପବନରେ ମୋଡି ହୋଇ ଅନ୍ୟ ଦିଗକୁ ରହିଥିବାବେଳେ ଅନେକ ସ୍ଥାନରେ ଖୁଣ୍ଟଗୁଡିକ ଦୋହଲୁଛି। ରାଜଧାନୀରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଟ୍ରାଫିକ୍ ସିଗ୍‌ନାଲକୁ ସଜାଡିବା ସହ ଦୁର୍ବଳ ଖୁଣ୍ଟକୁ ମରାମତି କରିବା ପାଇଁ ଦାବି ହେଉଛି।



### ଟ୍ରାଫିକ ଉପରେ ନଜର ରଖିପାରୁନି ସିସିଟିଭି

ସହରର ଏକାଧିକ ଛକରେ ଲାଗିଥିବା ସିସିଟିଭି ମଧ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସେଗୁଡିକ ମରାମତି କରାଯାଇ ନ ଥିବାରୁ ଏବେ ସହରର ଟ୍ରାଫିକ ଉପରେ ନଜର ରହୁନି। ସେହିଭଳି ସିସିଟିଭି ମାଧ୍ୟମରେ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ପୋଲିସ ଏବେ ଏ କ୍ଷେତ୍ରରେ ମଧ ସମସ୍ୟାରେ ପଡୁଛି। ଭାଙ୍ଗିଯାଇଥିବା ସିସିଟିଭି ମାଧ୍ୟମରେ ଅନେକ ବେପରୁଆ ଗାଡି ଚାଳକଙ୍କୁ ଚିହ୍ନଟ କରି ପୋଲିସ ଘରକୁ ନୋଟିସ୍ ପଠାଇଥାଏ। ହେଲେ ସିସିଟିଭି ଭାଙ୍ଗିଯିବାରୁ ତାହା ଏବେ କରିବା ଏକପ୍ରକାର ଅସମ୍ଭବ ହୋଇଛି। ଅନେକ ଛକରେ ହାତଗଣତି କ୍ୟାମେରା କାମ କରୁଥିଲେ ମଧ ତାହା ଯଥେଷ୍ଟ ହେଉନି।

### ବିଏମ୍‌ସି କାର୍ଯ୍ୟ କହି ଦୋଷ ଖସାଉଛି ପୋଲିସ

ତେବେ ଏ ପରିସ୍ଥିତି ପାଇଁ ଦୋଷୀ କିଏ? ଏହି ଦାୟିତ୍ୱ କାହାର। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଟ୍ରାଫିକ୍ ସିଗ୍‌ନାଲ ଓ ସିସିଟିଭି ବ୍ୟବସ୍ଥା କାମ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର। ହେଲେ ସେମାନେ କାହିଁକି ଏସବୁ କାମ କରୁନାହାନ୍ତି ଆମେ ଜାଣୁନାହୁଁ। ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଅନେକ ସମସ୍ୟା ଦେଖାଦେଉଛି। କିନ୍ତୁ ଏନେଇ ଆମେ ତୁରନ୍ତ ବିଏମ୍‌ସି ସହ କଥାହୋଇ ସମାଧାନ କରିବୁ ବୋଲି ଆଶା କରୁଛୁ। ଏପରିସ୍ଥଳେ ଟ୍ରାଫିକ୍ ସିଗ୍‌ନାଲ ଓ ସିସିଟିଭି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ଏଯାଏ ବିଏମ୍‌ସି ଷ୍ଟ୍ରିଟ୍‌ଲାଇଟ୍ ସମସ୍ୟା ଦୂର କରିପାରି ନାହିଁ। କିନ୍ତୁ ବିଏମ୍‌ସି କ'ଣ ପାଇଁ ଏସବୁ ଜରୁରୀ ବ୍ୟବସ୍ଥାକୁ ସଜାଡୁନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସଂକ୍ରାନ୍ତରେ ବିଏମ୍‌ସି ଅଧିକାରୀଙ୍କ ମତାମତ ମିଳିପାରିନି।

## ରାଜଧାନୀରେ ମାତିଛନ୍ତି ମହିଳା ଗ୍ୟାଙ୍ଗ୍

# ହଷ୍ଟେଲରୁ ମୋବାଇଲ, ଟଙ୍କା ଚୋରି

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ପିଲାଙ୍କୁ ମୋହରା କରି ଚାଲାକର ସହ ଲୁଟ ଓ ଚୋରି କରୁଥିବା ମହିଳା ଗ୍ୟାଙ୍ଗ ପୁଣି ରାଜଧାନୀରେ ସକ୍ରିୟ ହୋଇ ଉଠିଛନ୍ତି। ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ମହିଳା ହଷ୍ଟେଲରେ ଉକ୍ତ ମହିଳା ଚୋରି କରିବା ନେଇ ବୁଧବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ଥାନା ଅଞ୍ଚଳରେ ଉଗ୍ରତାରା ମହିଳା ହଷ୍ଟେଲରେ ପାଠପଢାଠାରୁ ଆରମ୍ଭ କରି ଚାକିରି କରୁଥିବା ଯୁବତୀ, ମହିଳା ରୁହନ୍ତି। ଗଣମାଧ୍ୟମରେ କାମ କରୁଥିବା ସବିତାରାଣୀ ଏବଂ ରୁମମେଟ୍ ପ୍ରିୟଙ୍କା ଜେନା ଏବଂ ଦୀପିକା ଦାସ ଏକାଠି ରୁହନ୍ତି। ଗତ ରବିବାର ସକାଳେ ସବିତା ଏବଂ ଦୀପିକା ମନ୍ଦିରକୁ ଯାଇଥିବା ବେଳେ ପ୍ରିୟଙ୍କା ଏକାକୀ ରୁମରେ ଶୋଇଥିଲେ। ଦୀପିକା ଏବଂ ସବିତା ଫେରିଲା ବେଳକୁ ରୁମରୁ ୨ଟି ମୋବାଇଲ, ୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଏବଂ ଏଟିଏମ୍ ସମେତ ଅନେକ ଜରୁରୀ କାଗଜପତ୍ର ଚୋରି ହୋଇଯାଇଥିଲା। ହଷ୍ଟେଲ ସିସିଟିଭି ଫୁଟେଜ ନ ଥିବାରୁ ନିକଟସ୍ଥ ଘର ସିସିଟିଭି ଫୁଟେଜ ଯୋଗାଡ କରିଥିଲେ। ଜଣେ ମହିଳା ପାଖରେ ଏକ ଛୋଟ ପିଲାକୁ ଧରିଥିବା ବେଳେ ଆଉ ଜଣେ ଛୋଟ ପିଲା ହଷ୍ଟେଲ ଭିତରକୁ ପଶିଥିଲା। ସେ ପଦାକୁ ବାହାରିବା ବେଳେ ହାତରେ ଦୁଇଟି ଭ୍ୟାନିଟି ବ୍ୟାଗ ଧରଥିଲେ। ଉକ୍ତ ସିସିଟିଭି ଫୁଟେଜ ସହ ଅଭିଯୋଗ ପୋଲିସକୁ ଦେବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପୋଲିସ ସୂଚନା ମୁତାବକ, ଉକ୍ତ ମହିଳା ରାଜଧାନୀର ବିଭିନ୍ନ ଅଞ୍ଚଳରେ ସମାନ ଢଙ୍ଗରେ ଚୋରି ଲୁଟପାଟ କରୁଛନ୍ତି। ଶହୀଦନଗର ଥାନା ଅଞ୍ଚଳରେ ଘରୁ ମୋବଇଲ, ଟଙ୍କା ଏବଂ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ହଷ୍ଟେଲରୁ ଲ୍ୟାପଟପ, ଟଙ୍କା ଚୋରି ହୋଇଥିଲା। ଦୁଇଟି ଘଟଣାର ସିସିଟିଭି ଫୁଟେଜରେ ଜଣେ ମହିଳା ଦୁଇଟି ଛୋଟ ଛୁଆଙ୍କୁ ଧରି ଚୋରି କରୁଥିବା ଜଣାପଡିଛି। ଯଦି ସେମାନଙ୍କୁ କେହି ଧରୁଛି ସେମାନେ ମୂକ ଅଭିନୟ କରି ଖସି ଯାଉଛନ୍ତି। ହଷ୍ଟେଲରୁ ଲୁଟ ଘଟଣାରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରୁଛି।

## ନିଶା ବେପାରୀ, ଗ୍ରାହକଙ୍କୁ ଧରିଲେ ଯୁବକ

ଜଟଣୀ,୧୨।୬(ଡି.ଏନ୍.ଏ.)



ଧରାଯାଇଥିବା ନିଶା ସାମଗ୍ରୀ।

ଜଟଣୀରେ ବ୍ୟାପକ ନିଶା କାରବାର ଚାଲିଛି। ପୋଲିସ ସବୁ ଜାଣୁଥିଲେ ହେଁ ନୀରବ ରହୁଛି। ପୋଲିସ ଉପରୁ ଲୋକେ ଆସ୍ଥା ତୁଟାଇଲେଣି। ବିଶେଷକରି ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା ବ୍ୟାପକ କାରବାର ହେବାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢିବାରେ ଲାଗିଛି। ଏହାକୁ ରୋକିବାରେ ପୋଲିସ ବିଫଳ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ପୋଲିସ ଉପରୁ ବିଶ୍ୱାସ ତୁଟାଇ ସ୍ଥାନୀୟ କୁଦିଆରୀ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଯୁବକ ବୁଧବାର ସନ୍ଧ୍ୟାରେ ନିଶା ବିରୋଧୀ ଅଭିଯାନରେ ବାହାରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ପହଞ୍ଚି ନିଶା ବେପାରୀ ଓ ସେବନକାରୀ ୩ ଜଣଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଯୁବକମାନେ ବିକ୍ରୟ ହେଉଥିବା ବ୍ରାଉନ୍‌ସୁଗାର, ଗଞ୍ଜେଇକୁ ଧରି ପୋଲିସକୁ ଦେଇଛନ୍ତି। ପ୍ରଥମେ ଲୋକୋ କଲୋନୀ ନିକଟ ମାଣିଆ ଛକ ଓ ପରେ ବାଲିଛକ ମୁଣ୍ଡିଆସାହିରେ ନିଶାଦ୍ରବ୍ୟ ବିକ୍ରୟ ହେବା ସ୍ଥାନରେ ପହଞ୍ଚି ଯୁବକମାନେ କୌଶଳକ୍ରମେ ସେମାନଙ୍କୁ ଧରିଥିଲେ। ଉଭୟ ସ୍ଥାନରେ ସେମାନେ ନିଶାଦ୍ରବ୍ୟ ମଧ ପାଇଥିଲେ। ତେବେ ମୁଣ୍ଡିଆସାହିରେ ବିକ୍ରୟ କରୁଥିବା ବ୍ୟକ୍ତିଙ୍କୁ ଧରି ଥାନାକୁ ନେବା ପାଇଁ ପୋଲିସକୁ ବାରମ୍ବାର କୁହାଯାଇଥିଲା। ହେଲେ କେହି ପୋଲିସ ଘଟଣାସ୍ଥଳକୁ ଆସି ନ ଥିବା ନିଶା ବିରୋଧୀ ଅଭିଯାନର ନେତୃତ୍ୱ ନେଉଥିବା ସଂଯୋଗ ସୁନ୍ଦରାୟ ଓ ପ୍ରଶାନ୍ତ ସାହୁ କହିଛନ୍ତି। ତେବେ ଏହାର ତଦନ୍ତ ଓ ଅନୁଧାନ ହେଉଥିବା ପୋଲିସ କହିଛି।




ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଜନମଙ୍ଗଳ ପରିଷଦ ପକ୍ଷରୁ ଅନୁଷ୍ଠିତ ସ୍ପେଶାଲ ବ୍ରାଞ୍ଚ ଗୋଇନ୍ଦା ବିଭାଗର ଏସ୍‌ଆଇ ସ୍ୱର୍ଗତ ବାବୁଲା କହଁରଙ୍କ ଏକାଦଶ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟମାନେ।

### ୧୨ଗାଡ଼ିରୁ ୨ ଲକ୍ଷ ଜରିମାନା ଆଦାୟ

ବାରଙ୍ଗ,୧୨।୬(ଡି.ଏନ୍.ଏ.): ଭୁବନେଶ୍ୱର ତହସିଲ ଓ ଚନ୍ଦକା ଥାନାର ମିଳିତ ଉଦ୍ୟମରେ ବୁଧବାର ବାଲିବୋଝେଇ ଓ ମାଙ୍କଡାପଥର ବୋଝେଇ ଟ୍ରକଗୁଡିକୁ ଯାଞ୍ଚ କରାଯାଇଛି। ଆଡସିନାଲ ତହସିଲଦାର ଇପିସିତ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଦାରୁଠେଙ୍ଗ ବସଷ୍ଟାଣ୍ଡଠାରେ ବାରଙ୍ଗ–ଚନ୍ଦକା ମୁଖ୍ୟରାସ୍ତାରେ ଆସୁଥିବା ଟ୍ରକଗୁଡିକୁ ଯାଞ୍ଚ କରିଥିଲେ। ଏହି ଟିମ ୧୨ଟି ଟ୍ରକକୁ ଯାଞ୍ଚ କରି ସେମାନଙ୍କଠାରୁ ୨ଲକ୍ଷ ଟଙ୍କା ଜରିମାନା ବାବଦରେ ଆଦାୟ କରିଥିଲେ। ବାଲିଗାଡିକୁ ୧୦ହଜାରେ ଓ ମାଙ୍କଡା ପଥର ଗାଡିକୁ ୨୫ହଜାରେ କରି ଜରିମାନା ଧାର୍ଯ୍ୟ କରିଥିଲେ। ଏହି ଖବରପାଇ ଯାଞ୍ଚ ସ୍ଥାନଠାରୁ କିଛି ଦୂରରେ ଚନ୍ଦକା–ବାରଙ୍ଗ ମୁଖ୍ୟରାସ୍ତାକଡରେ ବାଲିବୋଝେଇ ଗାଡିଗୁଡିକ ଅଟକି ରହିଥିବାର ଦେଖିବାକୁ ମିଳିଥିଲା।

## ପୋଲିସ-ପବ୍ଲିକ୍ ଇଣ୍ଟରଫେସ୍

# ନିଶା କାରବାର ରୋକିବାକୁ ଲୋକଙ୍କ ନିବେଦନ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଲୋକଙ୍କ ନିକଟତର ହେବା ପାଇଁ କମିଶନରେଟ ପୋଲିସ ଭିନ୍ନ ପ୍ରୟାସ ଆରମ୍ଭ କରିଛି। ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମାଧ୍ୟମରେ ଲୋକଙ୍କ ସହିତ ମିଶି ସେମାନଙ୍କ ସମସ୍ୟା ଜାଣିବାକୁ ଚେଷ୍ଟା କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ପୋଖରୀପୁଟ ଅଞ୍ଚଳରେ ପୋଲିସ ଓ ପବ୍ଲିକ୍ ଇଣ୍ଟରଫେସ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି, ଡିସିପି ଅନୁପ କୁମାର ସାହୁ, ଜୋନ୍–୨ ଏସିପି ସୁବାସ ଚନ୍ଦ୍ର ପଣ୍ଡା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସକାଳ ୯ଟାରେ ମାଗଣା ସ୍ୱାସ୍ଥ୍ୟ

**ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା**

ପରୀକ୍ଷା ଆରମ୍ଭ କରାଯାଇଥିଲା। ଧଉଳି, ଲିଙ୍ଗରାଜ, ଏୟାରଫିଲ୍ଡ, ଏୟାରପୋର୍ଟ ଆଦି ଅଞ୍ଚଳରୁ ଏକାଧିକ ଲୋକ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହାପରେ ଲୋକଙ୍କ ସହ ପୋଲିସର ଆଲୋଚନା ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଥିବା ସମସ୍ୟା ସମ୍ପର୍କରେ ଲୋକେ ନିଜର ମତ ରଖିଥିଲେ। ସବୁଠୁ ବଡ଼ ସମସ୍ୟା ଭାବେ ଉଭା ହୋଇଥିଲା ନିଶା କାରବାର। ଉପରୋକ୍ତ ସମସ୍ତ ଥାନା ଅଞ୍ଚଳରେ ଡ୍ରଗ୍ସ, ବ୍ରାଉନସୁଗାର, ଗଞ୍ଜେଇ, ମଦ ଆଦି ବ୍ୟାପକ ମାତ୍ରାରେ ଚୋରା କାରବାର ହେଉଥିବା ବେଳେ ଅନେକ ପିଲା ଏହା କବଳରେ ପଡ଼ି ନିଜ ଜୀବନକୁ ବରବାଦ କରୁଛନ୍ତି। ତେଣୁ ପ୍ରଥମେ ଏହି ସବୁ ଅଞ୍ଚଳରେ ନିଶା କାରବାରକୁ ରୋକିବା ପାଇଁ ଅଞ୍ଚଳବାସୀ ପୋଲିସ କମିଶନରଙ୍କୁ ନିବେଦନ କରିଥିଲେ। ନିଶା କାରବାର କରୁଥିବା ମାଫିଆମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସ କମିଶନର ଥାନା ଅଧିକାରୀ ଓ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ପାଟ୍ରୋଲିଂ ପୂର୍ବ ଅପେକ୍ଷା ଧିମା ପଡ଼ିଥିବା ଲୋକମାନେ କମିଶନରଙ୍କୁ ଜଣାଇଥିଲେ। ଅନ୍ୟପକ୍ଷରେ ଗ୍ୟାରେଜ ଛକ ନିକଟରେ ଜାଗା ଚିହ୍ନଟ ହୋଇଥିଲେ ମଧ ପୋଲିସ ବିଟ୍ ହାଉସ୍ ହୋଇପାରିନାହିଁ। ତୁରନ୍ତ ଏହି ସ୍ଥାନରେ ବିଟ୍ ହାଉସ୍ କରାଯିବ ବୋଲି କମିଶନର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ପୂର୍ବତଟ ରେଳପଥ କେନ୍ଦ୍ରୀୟ କର୍ମଚାରୀ କଲ୍ୟାଣ ପାଣ୍ଠି ଆନୁକୂଲ୍ୟରେ ରେଳୱେ କର୍ମଚାରୀଙ୍କ ପିଲାମାନଙ୍କୁ ନେଇ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ରେଲୱେ ଅଡିଟୋରିୟମ୍‌ଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ବିଦ୍ୟାଭୂଷଣ ଭିନ୍ନ ଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏଥିସହିତ ଏହି ଶିବିରରୁ ସାଉଁଟିଥିବା ଅନୁଭବ ଓ ଉପଲବ୍ଧିକୁ ସେମାନଙ୍କ ଭବିଷ୍ୟତ ଜୀବନରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ରେଲୱେ କର୍ମଚାରୀଙ୍କର ପ୍ରାୟ ୩୭୫ରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେମାନେ ଯୋଗ, ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ, ସନ୍ତରଣ, ଅଭିନୟ, ହସ୍ତଶିଳ୍ପ, ବୁଣାବୁଣି, ବାଲୁକା କଳା, ସାମରିକ କଳା ଭଳି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହାସହ ତାଲିମପ୍ରାପ୍ତ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ପୂର୍ବତଟ ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ତଥା କେନ୍ଦ୍ରୀୟ କର୍ମଚାରୀ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ପି.ସି. ନାୟକ, ମୁଖ୍ୟ କାରଖାନା ପ୍ରବନ୍ଧକ ତଥା ପୂର୍ବତଟ ରେଳପଥ ଭାରତ ସ୍କାଉଟ୍ ଓ ଗାଇଡ୍ କେନ୍ଦ୍ରୀୟ ପରିଷଦ ସଭାପତି ଏନ୍.କେ. ପୋଦ୍ଦାର ଯୋଗ ଦେଇଥିଲେ।

## ପନ୍ଦରଫୁଙ୍ଗା ବ୍ରିଜ୍‌ର ସ୍ଲାବ୍ ଭାଙ୍ଗିଲା

ବାରଙ୍ଗ,୧୨।୬(ଡି.ଏନ୍.ଏ.)

ବାରଙ୍ଗସ୍ଥିତ କଳାଝରି ଗ୍ରାମ ପାଖରେ ଦୟା କେନାଲ ଉପରେ ଯାଇଥିବା ଏକ ବ୍ରିଜ (ପନ୍ଦରଫୁଙ୍ଗା ବ୍ରିଜ୍ ଭାବେ ଜଣାଶୁଣା)ର ଗୋଟିଏ ସ୍ଲାବ୍‌ରୁ କିଛି ଅଂଶ ମଙ୍ଗଳବାର ଭାଙ୍ଗିଯାଇଛି। ଏହି ଅଣଓସାରିଆ ବ୍ରିଜ ଦେଇ ଏକ କାର୍ ଅତିକ୍ରାନ୍ତ କରୁଥିବାବେଳେ ଏହି ଘଟଣା ଘଟିଥିଲା। କାର୍ ପଛରେ ଆସୁଥିବା ଜଣେ ବାଇକ୍ ଆରୋହୀ ସୌଭାଗ୍ୟବଶତଃ ବର୍ତ୍ତି ଯାଇଥିଲେ। ଏହି ବ୍ରିଜର କଳାରାହଙ୍ଗ ଗ୍ରାମ ପଟରୁ ଥିବା ଗୋଟିଏ ସ୍ଲାପର ପ୍ରାୟ ୩ଫୁଟ ଲମ୍ବାର ଗର୍ତ୍ତ ହୋଇଯାଇଛି। ଖବରପାଇ କଳାଝରୀ ଗ୍ରାମର ଯୁବକମାନେ ସେହି ରାସ୍ତାଦେଇ ଆସୁଥିବା ଲୋକମାନଙ୍କୁ ସଚେତନ କରିବାସହ କିଛି ଦୂରରେ ପଥର ରଖି ରାସ୍ତାକୁ ଏକପ୍ରକାର ବନ୍ଦ କରିଛନ୍ତି।

## ଭାଜପା ପକ୍ଷରୁ କୃତଜ୍ଞତା ସଭା

ବାଲିପାଟଣା,୧୨।୬(ଡି.ଏନ୍.ଏ.)

ବାଲିପାଟଣା ବ୍ଲକ ଅନ୍ତର୍ଗତ ମେଳନ ପଡ଼ିଆରେ ଭାଜପା ପକ୍ଷରୁ ଏକ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗଦେଇ ଆମ ସଂସଦୀୟ କ୍ଷେତ୍ରରେ ଭୋଟର ଭଉଣୀଭାଇମାନେ ମୋତେ ଭୋଟ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ପାଞ୍ଚ ମାସର ଦରମା ଦାନ କରୁଛି। ଏହାସହ ମୋର ଏକ ଟୋଲ ଫ୍ରିନଂ ଦେବି, ଆପଣମାନେ ସିଧାସଳଖ ସେହି ନଂ ଜରିଆରେ ସମସ୍ୟା ଜଣାଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ନାଥ ନାୟକ, ଜିଲା ସଭାପତି ସୁବାଷ ଜେନା, ବସନ୍ତ ନାୟକ, ଜିଲା ଉପସଭାପତି ପ୍ରଶାନ୍ତ ଅଦିତ୍ୟ ଉପସ୍ଥିତ ଥିଲେ।




ଭଞ୍ଜକଳା ମଣ୍ଡପରେ ବୁଧବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ କବି ଅନନ୍ତ ପଟ୍ଟନାୟକଙ୍କ ଜୟନ୍ତୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

## ସାଇ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ବାଲିଅନ୍ତା,୧୨।୬(ଡି.ଏନ୍.ଏ.): ବାଲିଅନ୍ତା ବଂଶୀବିହାରସ୍ଥିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରର ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାକଡ ଆଳତି, କଳସଯାତ୍ରା, ମହାଭିଷେକ, ପାରାୟଣ, ଯଜ୍ଞ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଓ ୧୬ନଂ ଜିଲା ପରିଷଦ ଜୋନ ସଭ୍ୟାଙ୍କ ପ୍ରତିନିଧି ଦିଲୀପ କୁମାର ସାହୁ ଯୋଗଦେଇଥିଲେ। ସାଇସେବା ସଦନର ସଭାପତି ନିରଞ୍ଜନ ରଣା, ଉପସଭାପତି ବିଜୟ କୁମାର ଭୋଇ, ସଂଯୋଜକ, ଚିତ୍ତରଞ୍ଜନ ପଣ୍ଡା ଓ ଉପସଂଯୋଜକ ମୂରଲୀଧର ପରିଡା ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

**ଚନ୍ଦକା ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ବୁଧବାର ପୂର୍ବାହ୍ନରେ ଟାଣ ଖରାରେ ଦୌଡୁଥିବାବେଳେ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତିହୋଇଥିବା ଯବାନ ଓ ପୋଲିସ ଅଧିକାରୀ।**







# ନବୀନ..ନବୀନ ଗୀତ ୬ଥର ଶୁଣିଥିଲେ ମୁଖ୍ୟମନ୍ତ୍ରୀ



## ମୋ ଅନୁଭୂତି

ବହୁ ଲୋକ ଦୁଃଖ ଗୀତକୁ ପସନ୍ଦ କରନ୍ତି। ଏଣୁ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଦେବାଶିଷ ମଲ୍ଲିକ(ଜାପାନୀ)ଙ୍କ ପାଇଁ ଦୁଃଖ ଗୀତଗୁଡ଼ିକ ହିଁ ଆଶୀର୍ବାଦ ହୋଇ ଆସିଲା। କିଛି ମାସ ତଳେ ଯାଜପୁରରେ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ ଆସିଥିଲା। ସେଠାରେ ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଗୀତ ପରିବେଷଣ ମଧ୍ୟ ହୋଇଥିଲା। ହେଲେ କାର୍ଯ୍ୟକ୍ରମ ଶେଷରେ ଜଣେ ଯୁବକ ହଠାତ୍ ଆସି ତାଙ୍କ ହାତ ଧରି କାନ୍ଦିବା ସହ କେମିତି ଏପରି ଦୁଃଖ ଗୀତ ପ୍ରସ୍ତୁତ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏପରିକି ତାଙ୍କ ଭିତରେ କ'ଣ ଦୁଃଖ ଅଛି ତାହା ପଚାରିଥିଲେ। ତାହା ତାଙ୍କୁ ଯେତିକି ବିସ୍ମୟ କରୁଥିଲା ସେତିକି ହାସ୍ୟମୟ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥିଲା। ତାଙ୍କ ଭିତରେ କିଛି ଦୁଃଖ ନାହିଁ ବୋଲି କହିଥିଲେ ମଧ୍ୟ ଯୁବକ ଜଣକ ମାନିବାକୁ ରାଜି ହୋଇ ନ ଥିଲେ, ଯାହା ଅଭୁଲା ଅନୁଭୂତି ହୋଇରହିବ ବୋଲି ଜାପାନୀ କହିଛନ୍ତି।

ସେହିପରି ଗତ ନିର୍ବାଚନରେ ବିଜେଡିର ଦଳୀୟ ଗୀତ ନବୀନ..ନବୀନ ପ୍ରସ୍ତୁତ କରି ଜାପାନୀ ନିଜ କଳାର ପ୍ରସିଦ୍ଧିକୁ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ନବୀନ ଗୀତ ପ୍ରସ୍ତୁତ କରିବାର ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଗୀତ ତିଆରି ହେବା ପରେ ହିଟ୍ କି ଫ୍ଲପ୍ ହେବ ତାହା ଜଣା ନ ଥିଲା। ତଥାପି ଆଶା ଥିଲା ଭଲ ହେବ। ହଠାତ୍ ଫୋନ ଆସିଲା ମୁଖ୍ୟମନ୍ତ୍ରୀ ଗୀତ ଶୁଣିବାକୁ ଚାହୁଁଛନ୍ତି। ପେନ୍‌ଡ୍ରାଇଭରେ ଆଣି ତାଙ୍କ ବାସଭବନରେ ପହଞ୍ଚିବାକୁ ନିର୍ଦ୍ଦେଶ ଆସିଲା। ସେଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ହାତକୁ ପେନ୍‌ଡ୍ରାଇଭ ବଢ଼ାଇ ଦେଇଥିଲି। ହେଲେ ନର୍ଭସ ଥିଲି ଗୀତ ଶୁଣିବା ପରେ ସେ ପ୍ରତିକ୍ରିୟା କ'ଣ ଦେବେ। ଗୀତ ବାଜିବା ଆରମ୍ଭ ହେଲା। ଥରେ ଶୁଣିଲା ପରେ ପୁଣି ଥରେ ବଜାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଲଗାତର ୬ଥର ନବୀନ..ନବୀନ ଗୀତ ବାଜିଲା। ଶେଷରେ ଗୁଡ୍ ଜବ୍ ବୋଲି ମୁଖ୍ୟମନ୍ତ୍ରୀଙ୍କ ପାଟିରୁ ଶୁଣି ଖୁସି ମିଳିଥିଲା ବୋଲି ଜାପାନୀ କୁହନ୍ତି।

ଜଗତ୍‌ସିଂହପୁର ବାଲିକୁଦାରେ ଜନ୍ମିତ ଦେବାଶିଷଙ୍କ ପିଲାବେଳର ନାମ ଜାପାନୀ। ଗ୍ରାମଦେବତୀ ଜାଗୁଳାଇଙ୍କଠାରେ ପୂଜାର୍ଚ୍ଚନା କରି ପଣ୍ଡିତଙ୍କ ପରାମର୍ଶରେ ପିତାମାତା ଜାପାନୀ ନାମ ରଖିଥିଲେ ବୋଲି ସେ କୁହନ୍ତି। ପ୍ରଥମେ ଅଭିନୟରେ ପାଦ ଥାପିଥିବା ଜାପାନୀ ୨୦୦୨ରୁ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଧନଲୋ ଧନ, ଏ ମନ ମୋ ମନ, ତୋ କଥା ମନେ ପଡ଼ୁଛି, ଆଖିରେ ଆଖି ମିଶେଇ ଦେଇ ଗୀତ ୟୁ-ଟ୍ୟୁବ୍‌ରେ ସବୁଠାରୁ ଅଧିକ ଲୋକପ୍ରିୟ ତାଲିକାର ଶୀର୍ଷରେ ରହିଛି।

-ରିପୋର୍ଟ: କୁମାରଶ୍ରୀ ସାହୁ

# ଛୋଟ ବେଳୁ ମଡେଲିଂ ପ୍ରୀତି ଇଚ୍ଛା ଦେଇଛି ସଫଳତା



## ଧରିତ୍ରୀ ଆଳାପ ତନୁଶା ମିଶ୍ର

ଇଚ୍ଛା ଥିଲେ ଉପାୟ ଆପେ ଆପେ ମିଳିଥାଏ। ଛୋଟ ବେଳୁ ମଡେଲ ଓ ଗ୍ଲାମର ଦୁନିଆରେ ନିଜ ପରିଚୟ ସୃଷ୍ଟି କରିବାର ଇଚ୍ଛା ଆଜି ତାଙ୍କୁ ଆଣି ଦେଇଛି ସଫଳତା। ମାତ୍ର ୧୫ ବର୍ଷ ବୟସରେ ଇଷ୍ଟଜୋନ୍‌ସ୍ତରରେ ଅନୁଷ୍ଠିତ ହୋଇଥିବା 'ମିସ୍ ଏଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ର୍‍ୟାମ୍ପ ଶୋ'ରେ ଭାଗ ନେଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ହେଉଛନ୍ତି ଅରବିନ୍ଦ ନଗରର ପ୍ରଦୀପ କୁମାର ମିଶ୍ର ଓ ସୌଦାମିନୀ ମିଶ୍ରଙ୍କ କନିଷ୍ଠା କନ୍ୟା ତନୁଶା ମିଶ୍ର। ରାମହରି ନଗର ଶିଶୁ ମନ୍ଦିରରେ ଅଧ୍ୟୟନ କରି ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ୯୧.୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମେ ୧୯ରେ ଭୁବନେଶ୍ୱରରେ ଅନୁଷ୍ଠିତ 'ମିଷ୍ଟର ଏଣ୍ଡ ମିସ ଟିନ୍ ଇଣ୍ଡିଆ ର୍‍ୟାମ୍ପ ସୋ'ରେ ତନୁଶା ଭାଗ ନେଇଥିଲେ। ଗତ ୭ରେ ବାହାରିଥିବା ଫଳାଫଳରେ ସେ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆସନ୍ତା ୨୨ତାରିଖରେ ଦିଲ୍ଲୀରେ ସେମିଫାଇନାଲ ପ୍ରତିଯୋଗିତାରେ ଭାଗ ନେବେ। କମ ବୟସରୁ ମଡେଲିଂରେ ସଫଳତାର ପ୍ରଥମ ପାହାଚ ଚଢିଥିବା ତନୁଶାଙ୍କ ସହ ଧରିତ୍ରୀର ଆଳାପ.....

ପ୍ରସ୍ତୁତି : ଦୀପକ କୁମାର ପଣ୍ଡା

★ **ମଡେଲିଂ କରିବାକୁ ଆଗ୍ରହ କାହିଁକି ?**

▶ ଛୋଟବେଳୁ ଅଭିନୟ ପ୍ରତି ଦୁର୍ବଳତା ରହିଛି। ଏପରିକି ହିନ୍ଦୀ ଚଳଚ୍ଚିତ୍ର ଦେଖିବା ପରେ ଅଭିନେତ୍ରୀଙ୍କ ଅଭିନୟକୁ ନକଲ କରି ଆସୁଥିଲି। ମୋର ନକଲି ଓ ଅଭିନୟକୁ ଦେଖି ଅଭିନୟ କରିବାକୁ ପରିବାରରେ ପ୍ରେରଣା ମିଳୁଥିଲା। ଗ୍ଲାମର ତଥା ଅଭିନୟ କ୍ଷେତ୍ରରେ ପ୍ରବେଶ ପାଇଁ ମେଡେଲିଂ ଏକମାତ୍ର ରାସ୍ତା। ତେଣୁ ମଡେଲିଂ ପ୍ରତି ଆଗ୍ରହ ପ୍ରକାଶ କରିଛି।

★ **ଫାଇନାଲ ପାଇଁ ନିଜକୁ କିପରି ପ୍ରସ୍ତୁତ କରୁଛନ୍ତି ?**

▶ ମଡେଲିଂ ତଥା ର୍‍ୟାମ୍ପ ଶୋ ସମ୍ପର୍କରେ ତାଲିମ ଦେବାକୁ କେହି ନାହାନ୍ତି। କେବଳ ସୋସିଆଲ ମିଡିଆ, ୟୁଟ୍ୟୁବରୁ ମଡେଲିଂ ଓ ର୍‍ୟାମ୍ପ ଶୋର ଟେକ୍ନିକ୍‌କୁ ଅନୁକରଣ କରି ଅଭ୍ୟାସ କରୁଛି। ଏଥିସହ ଡ୍ୟାନ୍ସ ଓ ଅନ୍ୟାନ୍ୟ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ସମ୍ପର୍କରେ ସୋସିଆଲ ମିଡିଆରୁ ହିଁ ଶିକ୍ଷା ଗ୍ରହଣ କରି ତାକୁ ଅନୁକରଣ କରୁଛି। ତଥାପି ଫାଇନାଲରେ ବିଜେତା ହେବା ନେଇ ଆଶା ରଖିଛି।

★ **ଅଭିନୟ ଓ ମଡେଲିଂ କ୍ଷେତ୍ରରେ କାହାକୁ ନିଜର ଆଦର୍ଶ ମାନନ୍ତି ?**

▶ ଅଭିନୟ କ୍ଷେତ୍ରରେ ଶ୍ରୀଦେବୀଙ୍କୁ ନିଜର ଆଦର୍ଶ ମନେକରେ। ତାଙ୍କର ଅଭିନୟ ଶୈଳୀ ମୋତେ ଜଣେ ଅଭିନେତ୍ରୀ ହେବାକୁ ପ୍ରେରଣା ଦେଇଥାଏ। ମଡେଲିଂ କ୍ଷେତ୍ରରେ ୨୦୧୭ରେ ମିସ୍ ୱାର୍ଲ୍ଡ ଟାଇଟଲ ହାସଲ କରିଥିବା ମାନୁସୀ ଛିଲରଙ୍କୁ ଅନୁକରଣ କରେ। ତାଙ୍କର ଆଟିଚ୍ୟୁଡ ମୋତେ ଅଧିକ ଅନୁପ୍ରାଣିତ କରିଥାଏ।

★ **ଆଗକୁ କ'ଣ ଲକ୍ଷ୍ୟ ରହିଛି ?**

▶ ଗ୍ଲାମର ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହୁଁଛି। ଡାକ୍ତର ହେବାକୁ ଇଚ୍ଛା ରହିଛି। ସେହିପରି ଜଣେ ସଫଳ ଅଭିନେତ୍ରୀ ଭାବେ ମଧ୍ୟ ପରିଚୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି।

★ **ମଡେଲିଂ ତଥା ଅଭିନୟ କ୍ଷେତ୍ରରେ ସଫଳ ହେବାକୁ କ'ଣ ଆବଶ୍ୟକ ମନେ କରୁଛନ୍ତି ?**

▶ ପ୍ରତିଯୋଗିତା ଛୋଟ ହେଉ ଅବା ବଡ, ସେଥିପାଇଁ ସର୍ବଦା ନିଜକୁ ପ୍ରସ୍ତୁତ କରି ଭାଗ ନେବାକୁ ହେବ। ମଡେଲିଂର ଟେକ୍ନିକ୍ ତଥା ସଫଳ ବ୍ୟକ୍ତିତ୍ୱଙ୍କ ଜୀବନ ଆଦର୍ଶକୁ ଅନୁକରଣ କରି ଶିକ୍ଷା ଗ୍ରହଣ କରିବାକୁ ହେବ। ଆତ୍ମବିଶ୍ୱାସକୁ ବଜାୟ ରଖି ସଫଳତା ହାସଲ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିବାକୁ ହେବ।

# ଚିକେନ ଯୋଗା

## ଖାଦ୍ୟ ରୁଚି

ଆଜିକାଲି ଯୁବଗୋଷ୍ଠୀ ଖାଇବାରେ ସବୁବେଳେ କିଛି ନା କିଛି ନୂଆ ଚାହୁଁଥିବା ବେଳେ ସ୍ୱାଦକୁ ମଧ ଗୁରୁତ୍ୱ ଦେଉଛନ୍ତି। ଏମାନଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ହୋଟେଲରେ ମଧ ବିଭିନ୍ନ ଡିସ୍ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର ନାଁ ମଧ ଦିଆଯାଉଛି। ଏହିଭଳି ବାରିପଦା କେସି ସର୍କଲ ସ୍ଥିତ ହୋଟେଲ ମୟୂରଭଞ୍ଜରେ ଏକ ସ୍ୱତନ୍ତ୍ର ଡିସ୍ ଗ୍ରାହକଙ୍କୁ ପରଷାଯାଉଛି। ଯାହାର ନାଁ ରହିଛି 'ଚିକେନ ଯୋଗା'। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମାଷ୍ଟର ସେଫ ପବନ ବେହେରା ଯାହା କୁହନ୍ତି।



ରିପୋର୍ଟ: ରବିନାରାୟଣ ଚଲାନ୍

### ଆବଶ୍ୟକ ସାମଗ୍ରୀ

**(ଗୋଟିଏ ପ୍ଲେଟ୍ ପାଇଁ)**

- ବୋନଲେସ୍ ଚିକେନ-୩୦୦ ଗ୍ରାମ
- ତେଲ- ଆବଶ୍ୟକ ପରିମାଣର
- ଅଦା-ରସୁଣ ପେଷ୍ଟ ୧ ଚାମଚ
- ମଇଦା-୨ ଚାମଚ
- କର୍ନ ଫ୍ଲୋର-୨ ଚାମଚ,
- ହ୍ୱାଇଟ ପେପର-୧ ଚାମଚ,
- ଟମୋଟୋ ସସ୍- ୧ ଚାମଚ
- ଚିଲି ସସ୍-୧ ଚାମଚ
- ଗାର୍ଲିକ ସସ୍-୧ ଚାମଚ
- କାଜୁ- ୮ଟି କାଜୁ
- ଆବଶ୍ୟକ ଅନୁସାରେ ଅଣ୍ଡା
- ପୋଦିନା ପତ୍ର
- ଧନିଆ ପତ୍ର
- ଭୃର୍ସୁଙ୍ଗ ପତ୍ର
- କିଛି ଶୁଖିଲା ଲଙ୍କା ଓ ଅଳ୍ପ ଗରମ ମସଲା ଗୁଣ୍ଡ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବୋନଲେସ୍ ଚିକେନକୁ ଭଲ ଭାବେ ଧୋଇଦିଅନ୍ତୁ । ପରେ ଅଦା-ରସୁଣ ପେଷ୍ଟ, ମଇଦା, କର୍ନ ଫ୍ଲୋର, ହ୍ୱାଇଟ ପେପର, ଅଣ୍ଡା ଓ ଲୁଣକୁ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣ(ମାରିନେଟ)କୁ ୧୦ ମିନିଟ ରଖିଦିଅନ୍ତୁ। ଏହା ପରେ କଡ଼େଇରେ ତେଲ ପକାନ୍ତୁ। ପୂର୍ବ ପ୍ରସ୍ତୁତ ମାରିନେଟ ଚିକେନକୁ ଛାଣି ଦେଇ ଅନ୍ୟ ଏକ ପାତ୍ରରେ ରଖନ୍ତୁ। ଚୁଲା ଲଗାଇ କଡେଇରେ ତେଲ ଗରମ କରନ୍ତୁ। ଏଥିରେ ପୋଦିନା ପତ୍ର, ଧନିଆ ପତ୍ର, ଭୃର୍ସୁଙ୍ଗ ପତ୍ର, କାଜୁ ଓ ଶୁଖିଲା ଲଙ୍କାକୁ ଫ୍ରାଏ କରନ୍ତୁ। ଭଲ କରି ଫ୍ରାଏ କରିବା ପରେ ଏଥିରେ ପୂର୍ବରୁ ଛଣା ହୋଇଥିବା ଚିକେନ ସାମଗ୍ରୀକୁ ପକାନ୍ତୁ ଏବଂ ଭଲ ଭାବେ ଫ୍ରାଏ କରନ୍ତୁ। ଶେଷରେ ଗରମ ମସଲା ଗୁଣ୍ଡ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ଯୋଗା। ଏହାକୁ ଘରେ ମଧ ବନାଇପାରିବେ। ନିଜେ ଖାଇବା ସହିତ ଅନ୍ୟମାନଙ୍କୁ ମଧ ଖୁଆଇ ପାରିବେ।



ମାଷ୍ଟର ସେଫ ପବନ ବେହେରା

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସୌମ୍ୟଶ୍ରୀ



ନାଗେଶ୍ୱର



ପ୍ରକାଶ



ବନ୍ଦିତା



ଶଶିକାନ୍ତ



ବିଷ୍ଣୁ



ସଉ



ଦେବରାଜ



ଦେବାଶିଷ

# ପୁଣି ବାଜିବ ଆଶୁତୋଷଙ୍କ ସାହାନାଇ


ଆଶୁତୋଷ


ଝିଲିକ୍


ଅମ୍ଲାନ

ଥରେ ମନେ ପକାନ୍ତୁ ନା ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'ବାଜିବ ଲୋ ସାହାନାଇ'କୁ। ସେହି ସମୟରେ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟି ଯାତ୍ରାପ୍ରେମୀଙ୍କୁ ଫୁଲ୍ ଏଣ୍ଟରଟେନମେଣ୍ଟ କରିଥିଲା। ହେଲେ ଏବେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ହେଲେ ଏଥର ଯାତ୍ରା ମଞ୍ଚରେ ନୁହେଁ ବଡ ପରଦାରେ। ଅର୍ଥାତ୍, ଏହି କାହାଣୀକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେବାକୁ ଯାଉଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ଏହାର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ'। ତା'ସହ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଆଶୁତୋଷ। ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ବିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ।


ସମ୍ବିତ


କ୍ରିତି ସାନନ୍

## ବଲିଉଡ୍ ହାଲ୍‌ଚାଲ୍

❖ରିଲିଜ ଅପେକ୍ଷାରେ ଥିବା 'ଅର୍ଜୁନ ପାତିଆଲା', 'ହାଉସଫୁଲ-୪' ଏବଂ 'ପାନିପଥ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କ୍ରିତି ସାନନ୍।

❖ତୁଷାର ହୀରାନନ୍ଦିନୀଙ୍କ ନିର୍ଦ୍ଦେଶିତ 'ସାନ୍ଦ କି ଆଁଖ୍' ଚଳିତବର୍ଷ ଅକ୍ଟୋବର ୨୫ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାପସୀ ପାନ୍ନୁ ଜଣେ ବୟସ୍କା ମହିଳା ଭୂମିକାରେ ଅଭିନୟ କରିଛନ୍ତି।

❖ପାରିଶ୍ରମିକ ପାଇଁ ସାରା ଅଲ୍ଲୀ ଖାଁ ଏକ ଭଲ ଅଫରକୁ ହାତଛଡା କରି ଅନୁତାପ କରୁଛନ୍ତି।

❖ଅକ୍ଷୟ କୁମାର ଏବେ ଥାଇଲାଣ୍ଡରେ ଡେରା ପକାଇଛନ୍ତି। କାରଣ ସେ ଅଭିନୟ କରୁଥିବା ରୋହିତ ସେଟ୍ଟିଙ୍କ 'ସୂର୍ଯ୍ୟବଂଶୀ'ର ଶୁଟିଂ ସେଠାରେ ଚାଲିଛି।

❖କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ସିନେମା '୮୩'ରେ ଦୀପିକା ପାଦୁକୋନ ଅଭିନୟ କରିବେ। ଏଥିରେ ସେ କପିଳଙ୍କ ପତ୍ନୀ ରୋମି ଭୂମିକାରେ ଅବତୀର୍ଣ୍ଣ ହେବେ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ କବୀର ଖାଁ। ଏଥିରେ କପିଳ ଚରିତ୍ରରେ ଦେଖାଦେବେ ରଣବୀର ସିଂ।

# ସ୍ମୃତିରେ ରଜ

ଓଡ଼ିଆ ପର୍ବପର୍ବାଣି ମଧ୍ୟରେ ରଜ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ। ତିନି ଦିନର ମାହୋଲର ପ୍ରତିଟି ମୁହୂର୍ତ୍ତରେ କେବଳ ମଜା ହିଁ ଭରି ରହିଥାଏ । ଦୋଳି, ତାସ ଖେଳକୁ ବାଦ୍ ଦେଲେ ପିଠାପଣାର ଆସର ଏହି ପର୍ବକୁ ଆହୁରି ରଙ୍ଗିନ କରିଦିଏ। ଏହି ସମୟରେ ପ୍ରାୟ ଅନେକେ ପ୍ରେକ୍ଷାଳୟ ଭିତରେ ଓଡ଼ିଆ ସିନେମାର ମଜା ନେଇ ଥାଆନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତ ସହ ଜଡିତ ବ୍ୟକ୍ତିବିଶେଷଙ୍କ ପାଇଁ ଏହି ପର୍ବ କେତେ ସ୍ମରଣୀୟ ହୋଇଥାଏ ସେ ସମ୍ପର୍କରେ କେତେ ଜଣ ଯାହା କହନ୍ତି...



**ଅଶୋକ ପତି (ନିର୍ଦ୍ଦେଶକ) :** ରଜରେ ମଉଜମସ୍ତି କରିବାକୁ ଓଡ଼ିଶାବାସୀ ବେଶ୍ ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଥାଆନ୍ତି। କାରଣ ଏହା ହେଉଛି ଏଣ୍ଟରଟେନମେଣ୍ଟର ଏକ ବଡ ଉତ୍ସବ। ରଜ ତିନି ଦିନ ଛୁଟି ଥାଏ। ଏହି ପର୍ବର ମଜା କିପରି ନେବେ ସେଥିପାଇଁ ଅନେକ ପୂର୍ବରୁ ଯୋଜନା କରିସାରିଥାଆନ୍ତି। ପିଠାପଣା, ଦୋଳିଖେଳକୁ ବାଦ୍ ଦେଇ ଅନେକ ଓଡ଼ିଆ ସିନେମାଟିଏ ଦେଖିବାକୁ ଯାଇଥାଆନ୍ତି। ସେହି ସମୟରେ ସ୍କୁଲ କଲେଜ ଛୁଟି ଥାଏ। ତେଣୁ ଯୁବପିଢ଼ିଙ୍କ ମନରେ ଓଡ଼ିଆ ସିନେମାକୁ ନେଇ ଏକ ସ୍ୱତନ୍ତ୍ର ଭାବନାଥାଏ। ଅନେକ ସପରିବାର ସିନେମା ଦେଖିବାକୁ ଯାଆନ୍ତି, କାରଣ ଏକାଠି ଏହି ପର୍ବର ମଜା ଉଠାଇବାର ଅନୁଭୂତି ନିଆରା। ମୋ ମତରେ ଓଡ଼ିଆ ସିନେମାଟିଏ ରିଲିଜ କରି କିଛି ବିଜ୍‌ନେସ କରିବାର ବେଷ୍ଟ ସମୟ ହେଉଛି ରଜ। ତେଣୁ ରଜ ସମୟରେ ଓଡ଼ିଆ ଫିଲ୍ମ ଯେତେବେଳେ ବଡ ପରଦା ଉପରକୁ ଆସେ ସେତେବେଳେ ତାହାର ସଫଳତାକୁ ନେଇ କେବଳ ସେଥିରେ ଅଭିନୟ କରୁଥିବା କଳାକାର ନୁହନ୍ତି, ପ୍ରଯୋଜକ, ନିର୍ଦ୍ଦେଶକ ଅନେକ ଆଶା ବାନ୍ଧିଥାଆନ୍ତି। ମୋ ନିର୍ଦ୍ଦେଶିତ 'ମୁଁ ତତେ ଲଭ୍ କରୁଛି' ରଜରେ ରିଲିଜ ହୋଇ ହିଟ୍ ହୋଇଥିଲା। ଏହାବ୍ୟତୀତ ମୋ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ସଞ୍ଜୁ ଆଉ ସଞ୍ଜନା', 'ସୁପର ମିଛୁଆ', 'ଲଭ୍ ଷ୍ଟେଶନ', 'ସିଷ୍ଟର ଶ୍ରୀଦେବୀ', 'ସୁନ୍ଦରଗଡର ସଲମାନ ଖାଁ' ରଜରେ ରିଲିଜ ହୋଇ ଭଲ ବିଜ୍‌ନେସ କରିଥିଲା। ଏହି ଫିଲ୍ମଗୁଡ଼ିକ ପାଇଁ ଯେଉଁ ପରିଶ୍ରମ ହୋଇଥିଲା ତାହାର ଉପଯୁକ୍ତ ମୂଲ୍ୟ ମିଳିଥିଲା ଏବଂ ତାହା ସବୁ ମୋ ମନରେ ଏବେ ବି ସ୍ମୃତି ହୋଇ ରହିଛି।



**ପ୍ରଶାନ୍ତ ପାଢ଼ୀ (ସ୍ୱର ସଂଯୋଜକ) :** ରଜ ସମୟରେ ଓଡ଼ିଆ ସିନେପ୍ରେମୀଙ୍କର ଏକ ପାର୍ବଣ ମୁଡ୍ ଥାଏ। ତେଣୁ ତାହାକୁ ଆଖି ଆଗରେ ରଖି ସିନେମା ନିର୍ମାଣ କରାଯାଏ। ମୋ ସ୍ୱର ସଂଯୋଜନାରେ ରଜରେ ରିଲିଜ ହୋଇଥିଲା 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'। ଫିଲ୍ମଦ୍ୱୟର ଗୀତଗୁଡିକ ସେ ସମୟରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା, ଯାହା ମୋ ପାଇଁ ସ୍ମୃତି ହୋଇ ରହିଥିବ।

**ସଞ୍ଜୟ ନାୟକ (ଟୁଟୁ, ପ୍ରଯୋଜକ) :** ମୋ ମତରେ ସବୁ ପର୍ବ ଭିତରେ ରଜ ବେଷ୍ଟ। ଆମ ପରମ୍ପରାରେ ଏହି ପର୍ବର ମଜା ନିଆରା। ବିଶେଷଭାବରେ ଝିଅମାନେ ଏହି ସମୟରେ ନୂଆ ଡ୍ରେସ ପିନ୍ଧି ବୁଲାବୁଲି କରି ଏହାର ମଜା ଉଠାନ୍ତି। ରଜରେ ପରିବାର ସଦସ୍ୟଙ୍କ ସହ ଓଡ଼ିଆ ସିନେମାଟିଏ ଦେଖିବାକୁ କିଏ ବା ପସନ୍ଦ ନ କରେ କହିଲେ ? ତେଣୁ ଏହି ସମୟରେ ଅଧିକାଂଶ ପ୍ରଯୋଜକ



ଓଡ଼ିଆ ଫିଲ୍ମଟିଏ ରିଲିଜ କରି ଭଲ ବିଜ୍‌ନେସ ଟାର୍ଗେଟରେ ଥାଆନ୍ତି। ମୋର ମନେ ଅଛି ଆମ ବ୍ୟାନର-ବ୍ରଜରାଜ ମୁଭିଜରେ ନିର୍ମିତ 'ପକା କମ୍ବଳ ପୋତ ଛତା' ରଜରେ ରିଲିଜ ହୋଇଥିଲା। ସେ ସମୟରେ ମୁଁ ଦେଖିଛି ଓଡ଼ିଆ ସିନେମା ଦେଖିବାକୁ ଲୋକମାନେ କିପରି ପାଗଳ ପରି ହେଉଥିଲେ। ଯଦି ଗୋଟିଏ ଶୋ' ପାଇଁ ଟିକେଟ ନ ମିଳିଲା ପରବର୍ତ୍ତୀ ଶୋ ଦେଖିବାକୁ ସେମାନେ ଅପେକ୍ଷା କରୁଥିଲେ। କାରଣ ସେତେବେଳେ ଭଲ ଓଡ଼ିଆ ଫିଲ୍ମ ପ୍ରସ୍ତୁତ ହେଉଥିଲା ଏବଂ ଦର୍ଶକ ସେଗୁଡିକୁ ବାରମ୍ବାର ଦେଖୁଥିଲେ। ଏବେ ସେ ମାହୋଲ ଆଉ ନାହିଁ। ଆମ ବ୍ୟାନରରେ 'ମୋ କୋଳ ତୋ ଝୁଲଣା', 'ପ୍ରେମୀ ନମ୍ବର ୱାନ' ପରି ସିନେମା ରଜରେ ରିଲିଜ ହୋଇ ଦର୍ଶକାଦୃତ ହୋଇଛି, ଯାହା ମୋ ପାଇଁ ସବୁବେଳେ ସ୍ମୃତି ହୋଇ ରହିବ।

**ଡ. ରଜନୀ ରଞ୍ଜନ (ସଂଳାପକାର) :** ରଜରେ ସିନେମାଟି ରିଲିଜ ହେବା ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବା ସବୁଠାରୁ ବଡ଼ କଥା। କାରଣ ଏଥିପାଇଁ କେବଳ କାହାଣୀ କିମ୍ବା ଦୃଶ୍ୟାୟନ ନୁହେଁ, ଚଳଚ୍ଚିତ୍ରର ସଂଳାପ, ଚିତ୍ରନାଟ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ମୋର ମନେ ପଡୁଛି ଲୁଟୁ ମହାନ୍ତିଙ୍କ ପ୍ରଯୋଜିତ ତଥା ବାବୁସାନ୍



ଅଭିନୀତ 'ସଞ୍ଜୁ ଆଉ ସଞ୍ଜନା' ରଜରେ ରିଲିଜ ହୋଇଥିଲା। ଏହାର ପ୍ରିମିୟମ ପରେ କେତେକ ଦର୍ଶକ ଏହି ସିନେମାର ପ୍ରତିଟି ବିଭାଗକୁ ବେଶ୍ ପ୍ରଶଂସା କରିଥିଲେ। ଏହା ତ ମୋ ପାଇଁ ଏକ ସ୍ମୃତି, ତା' ବ୍ୟତୀତ 'ମୁଁ ପ୍ରେମୀ ମୁଁ ପାଗଳ' ମଧ୍ୟ ରଜରେ ପରଦା ଉପରକୁ ଆସିଥିଲା। ଏହି ଫିଲ୍ମର ସଂଳାପ ମଧ୍ୟ ମୋ ଓଡ଼ିଆ ସିନେମା କ୍ୟାରିୟରରେ ସ୍ମରଣୀୟ ହୋଇ ରହିଛି। ବାକି ରହିଲା ରଜ କଥା। ରଜର ମାହୋଲ ଯେମିତି ନିଆରା ଠିକ୍ ସେମିତି ଏହି ସମୟରେ ରିଲିଜ ହେଉଥିବା ସିନେମାରୁ ଭରପୂର ମନୋରଞ୍ଜନ ପାଇବାକୁ ଦର୍ଶକ ଚାହିଁ ବସିଥାଆନ୍ତି। ମୋର ଏହି ଫିଲ୍ମଦ୍ୱୟ ସେ ସମୟରେ ଦର୍ଶକଙ୍କୁ ଯେମିତି ପ୍ରଭାବିତ କରିଥିଲା ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।


'ତୁ ମୋ ଲଭ୍ ଷ୍ଟୋରି-୨' ଚଳଚ୍ଚିତ୍ରରେ ସ୍ୱରାଜ-ଭୂମିକା

# ଏଥର ରଜରେ..

ଚଳିତବର୍ଷ ରଜରେ ଦୁଇଟି ସିନେମା- 'ତୁ ମୋ ଲଭ୍ ଷ୍ଟୋରି-୨' ଏବଂ 'ଗୋଲମାଲ୍ ଲଭ୍' ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା ଏହି ଫିଲ୍ମଦ୍ୱୟ ଗୋଟିଏ ବ୍ୟାନର (ତରଙ୍ଗ ସିନେ ପ୍ରଡକ୍ସନ)ରେ ନିର୍ମିତ ହୋଇଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ଲଭ୍ ଷ୍ଟୋରି'ରେ ସ୍ୱରାଜ-ଭୂମିକା ଯୋଡିକୁ ରିପିଟ୍ କରାଯାଇଛି। ଲଭ୍,ଇମୋଶନକୁ ନେଇ ପ୍ରସ୍ତୁତ ଏହି ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏହି ଯୋଡି ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀଙ୍କୁ ମଧ ଏଥିରେ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ଏହି ବ୍ୟାନରରେ ତଥା ତାପସଙ୍କ ନିର୍ଦ୍ଦେଶନାରେ ପୂର୍ବରୁ ନିର୍ମିତ ହୋଇଥିଲା ଟିନ୍ ଏଜ ପ୍ରେମ କାହାଣୀକୁ ଆଧାର କରି ସିନେମା 'ତୁ ମୋ ଲଭ୍ ଷ୍ଟୋରି'। ଏଥିରେ ପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ସ୍ୱରାଜ ବାରିକ ଏବଂ ଭୂମିକା ଦାଶଙ୍କୁ ନାୟକ-ନାୟିକା ଭାବରେ ବ୍ରେକ୍ ମିଳିଥିଲା।

ଅନ୍ୟପକ୍ଷରେ ରଜ ମଇଦାନରେ ପୁଣି ଥରେ ଅବତୀର୍ଣ୍ଣ ହେଉଛନ୍ତି ଓଲିଉଡ୍‌ର ଫେଭରାଇଟ୍ ଯୋଡି 'ଅଶୋକ ପତି ଏବଂ ବାବୁସାନ୍'। ଫିଲ୍ମଟି ହେଲା 'ଗୋଲମାଲ ଲଭ୍'। କମେଡିର ଫୁଲ୍ ତଡକା ଏଥିରେ ଦର୍ଶକ ପାଇବେ ବୋଲି କହନ୍ତି ନିର୍ଦ୍ଦେଶକ। ଏହି ଫିଲ୍ମରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ତମନ୍ନା। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ଇଲୁ ବାନାର୍ଜୀ, ଶ୍ରୀତମ ଦାସ, ଜୀବନ ପଣ୍ଡା ଏବଂ ନିକଟରେ ପରଲୋକଗତ ହାସ୍ୟ ଅଭିନେତା ସଲିଲ ମିତ୍ର ମଧ୍ୟ ଅଭିନୟ କରିଛନ୍ତି। ସ୍ୱର ସଂଯୋଜକ ଅଭିଜିତ ମଜୁମଦାର ମଧ୍ୟ ନିଜ ଗୀତଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

ଏହି ଫିଲ୍ମ ଦ୍ୱୟ ବ୍ୟତୀତ ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ ଏବଂ ପପୁ ପମପମଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଚିରକୁଟ୍' ରିଲିଜ ହେବାର ଯୋଜନା ରହିଛି। ଏଥିରେ ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ନବାଗତ ଯୋଡି 'ଅରୋଜିତ-ଅନନ୍ୟା'।


'ଗୋଲମାଲ୍ ଲଭ୍' ଚଳଚ୍ଚିତ୍ରରେ ବାବୁସାନ୍-ତମନ୍ନା

$ Dollar 69.34 ↓10 | Sensex ↓193.65 39,756.81 | Nifty ↓59.40 11,906.20 | Gold ↑₹200 33,570.00 | Silver ↑₹330 37,890.00



“ଆଞ୍ଜେଲ ଇନ୍‌ଭେଷ୍ଟର ଓ ଲାଇଟସ୍ପିଡ୍ ଭେଞ୍ଚର ପାର୍ଟନରଙ୍କ ଠାରୁ ୟେଲୋ ମେସେଞ୍ଜର ୪ ମିଲିୟନ ଡଲାର ପାଣ୍ଠି ସଂଗ୍ରହ କରିପାରିଛି। ଏହି ଅର୍ଥକୁ କଟିଂଏଜ୍ ଟେକ୍ନୋଲୋଜି ଡେଭଲପ୍ କରିବାରେ ବ୍ୟବହାର କରାଯିବ।

– ରଘୁ ରବିନୁତାଲା, ସିଇଓ, ୟେଲୋ ମେସେଞ୍ଜର



“ରେଡବସ୍ ପକ୍ଷରୁ ବେଙ୍ଗାଲୁରୁରେ ଆର୍‌ପୁଲ୍ ସେବା ଆରମ୍ଭ କରାଯାଇଛି। ଅଫିସ୍‌ଯାତ୍ରୀମାନେ ଏହାର ସୁବିଧା ନେଇପାରିବେ। ଏହାଦ୍ୱାରା ଭିଡ଼କୁ କମାଯାଇପାରିବ।

– ପ୍ରକାଶ ସଙ୍ଗମ, ସିଇଓ, ରେଡବସ୍

■ ଲଣ୍ଡନ ହାଇକୋର୍ଟରେ ଆବେଦନ ଖାରଜ

# ଜାମିନ ପାଇବାରେ ନୀରବ ୪ର୍ଥ ଥର ବିଫଳ

**ଲଣ୍ଡନ,୧୨-୬**

ପିଏନ୍‌ବି ମହାଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ବୁଧବାର ଲଣ୍ଡନ ହାଇକୋର୍ଟରୁ ଜୋରଦାର ଝଟକା ଲାଗିଛି। ବିଚାରପତି ଇନଗ୍ରିଡ ସିମଲର ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ରାୟ ପ୍ରକାଶ କଲାବେଳେ ନୀରବଙ୍କ ବିରୋଧରେ କଡ଼ା ଟିପ୍ପଣୀ କରିଥିଲେ। ତାଙ୍କୁ ଜାମିନ ଦିଆଗଲେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ପୁନର୍ବାର ଆତ୍ମସମର୍ପଣ କରି ନ ପାରନ୍ତି ବୋଲି ବିଚାରପତି ତାଙ୍କ ରାୟରେ ମନ୍ତବ୍ୟ ଦେଇଛନ୍ତି। ହାଇକୋର୍ଟ ପୂର୍ବରୁ ୱେଷ୍ଟମିନ୍‌ଷ୍ଟର କୋର୍ଟ ମଧ୍ୟ ସମାନ ଆଶଙ୍କାବ୍ୟକ୍ତ କରି ନୀରବଙ୍କ ଜାମିନ ଆବେଦନକୁ ୩ଥର ଖାରଜ କରିଦେଇଥିଲେ।

ସୂଚନାଥାଉ କି, ତୃତୀୟଥର ଜାମିନ ଆବେଦନ ଖାରଜ ହୋଇଯିବା ପରେ ନୀରବ ମେ’ ୩୧ରେ ହାଇକୋର୍ଟରେ ଆବେଦନ କରିଥିଲେ। ତାଙ୍କ ଆବେଦନ ଉପରେ ମଙ୍ଗଳବାର ଶୁଣାଣି ହୋଇଥିଲା। ତେବେ ରାୟ ପ୍ରକାଶ ଲାଗି ସମୟ ଆବଶ୍ୟକ ଦର୍ଶାଇ ଅଦାଲତ ବୁଧବାର ପର୍ଯ୍ୟନ୍ତ ଏହାକୁ ଟାଳିଦେଇଥିଲେ। ଦୀର୍ଘ ୮୬ ଦିନ ଧରି ମୋଦି ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି। ତାଙ୍କୁ ମାର୍ଚ୍ଚ ୧୯ରେ ଗିରଫ କରାଯାଇଥିଲା। ୱେଷ୍ଟମିନ୍‌ଷ୍ଟର କୋର୍ଟ ଭଳି ହାଇକୋର୍ଟରେ ମଧ୍ୟ ନୀରବଙ୍କ ଓକିଲ କ୍ଲେୟର୍ ମଣ୍ଟେଗୋମରୀ ମଙ୍ଗଳବାର ଜାମିନ ପାଇବା ଲାଗି ସମାନ ପ୍ରସ୍ତାବ ଦେଇଥିଲେ। ଜାମିନ ପାଇବା ପରେ ମୋଦିଙ୍କ ଶରୀରରେ ଇଲେକ୍ଟ୍ରୋନିକ ଡିଭାଇସ୍ ଲଗାଯାଇ ତାଙ୍କ ଉପରେ ନଜର ରଖାଯାଇପାରିବ। ଏହାଛଡା ତାଙ୍କର ଫୋନକୁ ମଧ୍ୟ ଟ୍ରାକ୍ କରାଯାଇପାରିବ। ମୋଦି ଏଠାରେ ଅର୍ଥ ରୋଜଗାର କରିବାକୁ ଆସିଛନ୍ତି। ସେ ପଳାଇ ପାରନ୍ତି ବୋଲି କୌଣସି ତଥ୍ୟ ଅଦ୍ୟାବଧି ସାମ୍ନାକୁ ଆସିନାହିଁ। ଏହାବ୍ୟତୀତ ତାଙ୍କର ଝିଅ ଓ ପୁଅ ମଧ୍ୟ ଏଠାରେ ପାଠପଢ଼ିବାକୁ ଆସିବେ ବୋଲି ମଣ୍ଟେଗୋମରୀ ଯୁକ୍ତି ଦର୍ଶାଇଥିଲେ। ତେବେ ଶୁଣାଣି ବେଳେ ବିଚାରପତି କହିଥିଲେ ଯେ, ଜାମିନ ମିଳିବା ପରେ ଅଭିଯୁକ୍ତ ସାକ୍ଷ୍ୟପ୍ରମାଣ ନଷ୍ଟ କରିଦେବାକୁ ଉଦ୍ୟମ କରିବେ ନାହିଁ ଏହା ବିଶ୍ୱାସ କରିହେବ ନାହିଁ। ଭବିଷ୍ୟତରେ କ’ଣ ହେବ, ଏହା କେହି କହିପାରିବେ ନାହିଁ। ବିଚାରପତି ଏହା ମଧ୍ୟ କହିଥିଲେ ଯେ, ଆବେଦନକାରୀଙ୍କ ବିରୋଧରେ ଏକାଧିକ ଦେଶରେ ଠକେଇ ଓ ଜାଲିଆତି ମାମଲା ଦାଏର ହୋଇଛି। ଏଭଳି ସ୍ଥିତିରେ ଜାମିନ ଦେବା ଉଚିତ୍ ହେବ ନାହିଁ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ଶୁଣାଣିରେ ସାମିଲ ହୋଇଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ(ସିପିଏସ୍) ପକ୍ଷରୁ କୁହାଯାଇଥିଲା ଯେ, ନୀରବଙ୍କ ବିରୋଧରେ ଆପରାଧିକ ଏବଂ ଜାଲିଆତି ଅଭିଯୋଗ ରହିଛି।

## ଔଦ୍ୟୋଗିକ ଉତ୍ପାଦନ, ମୁଦ୍ରାସ୍ଫୀତି ବୃଦ୍ଧି

**ନୂଆଦିଲ୍ଲୀ,୧୨-୬:** ଖଣି ଓ ବିଜୁଳି ଉତ୍ପାଦନରେ ସୁଧାର ହେବା କାରଣରୁ ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ବିକାଶ ହାର ୩.୪% କୁ ବୃଦ୍ଧି ପାଇଛି, ଯାହା କି, ୬ ମାସର ସର୍ବୋଚ୍ଚ ସ୍ତର କୁହାଯାଉଛି। ଅନ୍ୟପକ୍ଷରେ ମେ’ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୦୫%କୁ ବୃଦ୍ଧିପାଇଛି, ଯାହା କି, ୭ ମାସର ସର୍ବୋଚ୍ଚ ସ୍ତର ରହିଛି। ସିଏସ୍‌ଓ ପକ୍ଷରୁ ବୁଧବାର ଜାରି ପରିସଂଖ୍ୟାନ ଅନୁଯାୟୀ, ୨୦୧୮ ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ୪.୫% ରହିଥିଲା। ଖଣି ଖନନ କ୍ଷେତ୍ରର ଉତ୍ପାଦନ ୫.୧% ବୃଦ୍ଧିପାଇଛି। ପୂର୍ବ ବର୍ଷର ସମାନ ଅବଧିରେ ଏହା ୩.୮% ରହିଥିଲା। ଆଲୋଚ୍ୟ ଅବଧିରେ ବିଜୁଳି ଉତ୍ପାଦନ ୬% ବଢ଼ିଛି। ଗତବର୍ଷ ଏହା ୨.୧% ଥିଲା। ତେବେ ମାନୁଫାକ୍ଚରିଂ କ୍ଷେତ୍ର ଧିମା ପଡ଼ିଯାଇଛି। ଏଥିପୂର୍ବରୁ ଗତବର୍ଷ ଅକ୍ଟୋବରରେ ଔଦ୍ୟୋଗିକ ଉତ୍ପାଦନ ସର୍ବୋଚ୍ଚ ସ୍ତର ୮.୪% ଥିଲା। ସେହିପରି ଖାଦ୍ୟପଦାର୍ଥ ମୂଲ୍ୟ ବୃଦ୍ଧି କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ମେ’ରେ ବୃଦ୍ଧି ପାଇଛି।

# ହୋଣ୍ଡା ଆଣିଲା ନୂଆ ଆକ୍ଟିଭା




**ନୂଆଦିଲ୍ଲୀ,୧୨-୬**

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ପ୍ରିମିୟମ ଆକ୍ଟିଭା ୧୨୫ ମଡେଲର ବଜାର ପ୍ରବେଶ କରାଯାଇଛି। ଏହା ବିଏସ୍-୬ ଅନୁପାଳନ କରୁଥିବା ଇଞ୍ଜିନ ସହ ଆସିଛି। ସରକାର ଧାର୍ଯ୍ୟ କରିଥିବା ୨୦୨୦ ସୀମା ପୂର୍ବରୁ କମ୍ପାନୀ ଅତ୍ୟାଧୁନିକ ଇଞ୍ଜିନ କ୍ଷମତା ସହ ଏହି ମଡେଲକୁ ବଜାରରେ ଉପଲବ୍ଧ କରାଇଛି। ଏହା କମ୍ପାନୀର ପ୍ରଥମ ବିଏସ୍-୬ ମାନକଯୁକ୍ତ ମଡେଲ। ଏକ ସବୁଜ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଇଣ୍ଡଷ୍ଟ୍ରିର ପ୍ରମୁଖ ଫିଚର ସହ ଏଥିରେ ଗ୍ରାହକମାନେ ଉନ୍ନତ ଭାଲ୍ୟୁ ଲାଭ କରିପାରିବେ। ସ୍ୱତନ୍ତ୍ର ମୋବିଲିଟି ସଲ୍ୟୁଶନ ଦ୍ୱାରା ସାରା ବିଶ୍ୱରେ ଗ୍ରାହକଙ୍କୁ ଗୁଣଯୁକ୍ତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ହୋଣ୍ଡା କାର୍ଯ୍ୟ କରୁଥିବା ହୋଣ୍ଡା ମୋଟର କର୍ପୋରେଶନ ମୋଟର ସାଇକେଲ ଅପରେଶନ୍ସ ମ୍ୟାନେଜିଂ ଅଫିସର ନୋରିଆକି ଆବେ ସୂଚନା ଦେଇଛନ୍ତି। ଟେକ୍ନୋଲୋଜି ଏବଂ ଉଦ୍ଭାବନକୁ ସର୍ବଦା ପ୍ରାଥମିକତା ଦେଉଥିବା ବେଳେ ଶକ୍ତିଶାଳୀ ଟେକ୍ନୋଲୋଜି ସହ ଏହି ମଡେଲର ବଜାର ପ୍ରବେଶ କରାଯାଇଥିବା କମ୍ପାନୀର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ନୂଆ ମଡେଲକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସେଲ୍‌ସ ଏବଂ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦ୍‌ବିନ୍ଦର ସିଂ ଗୁଲେରିୟା କହିଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଏହି ମଡେଲଟି ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ସୂଚନା ଦେଇଛି।

### ପିଜିଏଲ୍ ହୋଣ୍ଡାରେ ଲାଇଭଷ୍ଟ୍ରିମିଂ ଯୋଗେ ଉନ୍ମୋଚନ

ଏହି ମଡେଲଟିକୁ ସ୍ଥାନୀୟ ପିଜିଏଲ୍ ହୋଣ୍ଡାଠାରେ ଲାଇଭ ଷ୍ଟ୍ରିମିଂ ଯୋଗେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ହୋଣ୍ଡାର ଗ୍ରାହକଙ୍କୁ ଆମନ୍ତ୍ରଣ କରାଯିବା ସହ ମଡେଲ ସମ୍ପର୍କରେ ବିଭିନ୍ନ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶୋ’ରୁମ ପକ୍ଷରୁ ଜିଏମ୍ କୃଷ୍ଣଚନ୍ଦ୍ର ମଲ୍ଲିକ, ବିଜ୍‌ନେସ ହେଡ ରାଜେଶ କେଡିଆ, ଆଡ୍‌ମିନ ହେଡ ସୁଜାତା ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସେଣ୍ଟ୍ରାଲରେ ରଜ ଉତ୍ସବ





**ଭୁବନେଶ୍ୱର,୧୨-୬(ବ୍ୟୁରୋ)**

ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି। ଗତ ୪ ବର୍ଷ ଧରି ଏହା ଗ୍ରାହକଙ୍କ ସହ ମିଳିତ ହୋଇ ରାଜ୍ୟର ଏହି ପ୍ରମୁଖ ଲୋକପ୍ରିୟ ଗଣପର୍ବକୁ ପାଳନ କରୁଛି। ଏହି ଅବସରରେ ପ୍ରତିବର୍ଷ ଭଳି ସ୍ୱତନ୍ତ୍ର ଅଫର ଗ୍ରାହକଙ୍କ ଲାଗି ଘୋଷଣା କରାଯାଇଛି। ରଜକୁ ସ୍ୱତନ୍ତ୍ର କରିବା ଲାଗି ଅଫରକୁ ଆହୁରି ଉନ୍ନତ ଏବଂ ବୃହତ୍ କରାଯାଇଛି। ଗ୍ରାହକମାନେ ରଜ ମଧ୍ୟରେ ସେଣ୍ଟ୍ରାଲ ଷ୍ଟୋରରୁ ୫୦୦୦ ଟଙ୍କାର କ୍ରୟ ଉପରେ ୨୦୦୦ ଟଙ୍କାର ଭାଉଚର ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି ଅଫରକୁ ଭଲ ରେସପନ୍ସ ମିଳିଛି। ଲୋକମାନଙ୍କ ଦ୍ୱାରା ଏହା ବେଶ୍ ପସନ୍ଦ ହେଉଥିବା ଗ୍ରାହକଙ୍କ ମତାମତରୁ ଜଣାପଡିଛି ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ଅଫର ଲାଭ ଗ୍ରାହକମାନେ ଶେଷ ରଜ ଯାଏ ନେଇ ପାରିବେ।

ଏହାବାଦ୍ ଷ୍ଟୋର ବାହାରେ ଏକ ରଜ ଦୋଳି ବ୍ୟବସ୍ଥା କରାଯାଇଛି। ଏଠାରେ ଗ୍ରାହକମାନେ ସେମାନଙ୍କ ପରିବାର ସହ ଆସି ଦୋଳି ଖେଳିବାର ମଜା ନେଇ ପାରିବେ। ସେହିଭଳି ଷ୍ଟୋର ପକ୍ଷରୁ ମେହେନ୍ଦି ଏବଂ ପାନ କାଉଣ୍ଟର ସୁବିଧା ମଧ୍ୟ କରାଯାଇଛି। ସେଣ୍ଟ୍ରାଲ ପକ୍ଷରୁ ବିସ୍ତୃତ ବର୍ଗରେ ବିଭିନ୍ନ କଲେକ୍ସନ ରଜ ଉପଲକ୍ଷେ ସାମିଲ କରାଯାଇଛି। ଲେଡିଜ ୱେଷ୍ଟର୍ନ, ଲେଡିଜ ଏଥ୍‌ନିକ୍ ସହ ପୁରୁଷ ଏବଂ ଶିଶୁଙ୍କ ବର୍ଗରେ ପୋଷାକପତ୍ର ସାମିଲ ରହିଛି। ଭୁବନେଶ୍ୱର ସେଣ୍ଟ୍ରାଲ ଏହି ଅବସରରେ ଗ୍ରାହକଙ୍କୁ ରଜର ଶୁଭେଚ୍ଛା ଜଣାଇଛି।




# ଏମ୍‌ଜି ମୋଟର୍ସର ନୂଆ ‘ହେକ୍ଟର’



**ଭୁବନେଶ୍ୱର,୧୨-୬**

ଏମ୍‌ଜି (ମୋରିସ୍ ଗ୍ୟାରେଜେସ୍) ମୋଟର ପକ୍ଷରୁ ଏହାର କନେକ୍‌ଟେଡ୍ ଏସ୍‌ୟୁଭି ‘ହେକ୍ଟର’ର ବଜାର ପ୍ରବେଶ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଏହି ମଡେଲଟିକୁ ମୋରିସ୍ ଗ୍ୟାରେଜ୍‌ର ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ନୂପୁର ଜୈନ, ଏମ୍ପିଓ ହ୍ୱିଲ୍ସ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ଗଙ୍ଗାଧର ସାମଲ, ଏମ୍‌ଡି ଅଭିନାଶ ସାମଲ, କୁମାର ଗୌରବ ସାମଲ ଏବଂ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ବଜାର ପ୍ରବେଶ କରାଇଥିଲେ। ନୂଆ ଯାନଟିରେ ୫୦ରୁ ଅଧିକ କନେକଟେଡ ଫିଚର ଏବଂ ୧୯ ଏକ୍ସକ୍ଲୁସିଭ୍ ଫିଚର ସାମିଲ ରହିଛି। ପରବର୍ତ୍ତୀ ପିଢ଼ିର ଆଇସ୍ମାର୍ଟ ଟେକ୍ନୋଲୋଜି ସହ ସ୍ୱତନ୍ତ୍ର ଏଚ୍‌ଡି ସ୍କ୍ରିନ, ୪୮ ଭି ଟେକ୍ନୋଲୋଜି ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି।

DSPL - 26






**ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ଏହାଦ୍ୱାରା ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିପାରିବା ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା ଓ ଅନ୍ୟକୁ ବଞ୍ଚାଇ ନିଜେ ହସିବା । ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10080/13/0002/1920

DSPL - 26





**ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା**

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି । ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି । ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଜୀବନ ବଂଚାଇବାରେ ସହଯୋଗର ହାତ ବଢ଼ାଇ ଜୀବନ ସାର୍ଥକ କରିବା ନିମନ୍ତେ ଆମ୍ଭେମାନେ ବ୍ରତୀ ହେବା ବାଞ୍ଛନୀୟ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୁଖିଲା ମୁହଁରେ ହସ ଭରିବା, ଅନ୍ୟକୁ ବଂଚାଇ ନିଜେ ହସିବା । ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭକାମନା ।

(ନବକିଶୋର ଦାସ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

10080/13/0002/1920

**ଅର୍ଥର ଅର୍ଥ**

# ଜୀବନ ବୀମା ସୁରକ୍ଷାର ସମୀକ୍ଷା ଜରୁରୀ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**➔ମୁଁ ପ୍ରତ୍ୟେକ ବର୍ଷ ଆୟକର ଛାଡ ପାଇବା ପାଇଁ ଏଲଆଇସି ପ୍ରିମିୟମ ଓ ଅନ୍ୟ ସବୁ ସ୍କିମରେ ନିବେଶ କରୁଛି, ଯାହାକି ଧାର ୮୦ ସିର ଅନ୍ତର୍ଭୁକ୍ତ। ମ୍ୟୁଚୁଆଲ ଫଣ୍ଡ ଇଏଲ୍‌ଏସ୍‌ଏସ୍ ସ୍କିମରେ ମଧ୍ୟ କିଛି ନିବେଶ କରୁଛି । ଏନ୍‌ପିଏସ୍ ସ୍କିମ୍‌ରେ ନିବେଶ କରିବା ଉଚିତ ହେବ କି? ଏଥିରେ ନିବେଶ କରି ଅଧିକ ଆୟକର ଛାଡ ସୁବିଧା ପାଇପାରିବି କି ?**

**– ସରୋଜିନୀ ସାହୁ, ଭୁବନେଶ୍ୱର**

☆ଆପଣଙ୍କର ଆୟକର ସଞ୍ଚୟ କାର୍ଯ୍ୟସବୁ ଆପଣଙ୍କ ଆର୍ଥିକ ଯୋଜନାରେ ଏକ ଅଂଶ ହେବା ନିହାତି ଜରୁରୀ । କେବେ ବି କେବଳ ଆୟକର ଛାଡ ସୁବିଧା ପାଇବା ପାଇଁ ସ୍କିମ୍ ସବୁ କିଣନ୍ତୁ ନାହିଁ । ଏହା ଆପଣଙ୍କ ଜୀବନର ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବାରେ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ ଓ କରିବା ଉଚିତ ମଧ୍ୟ । ଚୟନ କରିଥିବା ସ୍କିମ୍‌ର ଅବଧି ଆପଣଙ୍କ ନିବେଶ ସମୟସୀମା ସହିତ ସମାନ ଓ ଖାପଖୁଆଇବା ଉଚିତ ।

ଏନ୍‌ପିଏସ୍ (ନ୍ୟାଶନାଲ ପେନସନ ସିଷ୍ଟମ୍) ନିବେଶ କରିବା ଉଚିତ୍ ହେବ। ଏଥିରେ ନିବେଶ କରି ଆପଣ ଅତିରିକ୍ତ ୫୦,୦୦୦ ଟଙ୍କା ଧାରା ୮୦ସିସିଡି(୧ବି) ଅନୁଯାୟୀ ଅଧିକ ଆୟକର ଛାଡ ସୁବିଧା ପାଇପାରିବେ। ଏହା ଆପଣଙ୍କ ଧାରା ୮୦ ସି ଅନୁଯାୟୀ ବାର୍ଷିକ ୧.୫ ଲକ୍ଷ ଟଙ୍କା ନିବେଶ ରାଶିଠାରୁ ଅଲଗା । ଅର୍ଥାତ୍ ଆପଣ ସମୁଦାୟ ୨ ଲକ୍ଷ ଟଙ୍କା ଆୟକର ଛାଡ ପାଇଁ ଦାବି କରିପାରିବେ। ଯଦି ଆପଣ ସରକାରୀ ସ୍କିମରୁ ପେନସନ ଆଶା କରୁଛନ୍ତି, ତେବେ ଏନପିଏସ୍ ସ୍କିମ୍‌ରେ ନିବେଶ କରିବା ଉଚିତ ହେବ। ଆପଣଙ୍କୁ ୬୦ ବର୍ଷ ପର୍ଯ୍ୟନ୍ତ ନିବେଶ କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ । ମନେରଖିବାକୁ ହେବ ଯେ, ୬୦ ବର୍ଷ ବୟସ ବେଳକୁ ଆପଣଙ୍କ ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଣ କରିବା କ୍ଷେତ୍ରରେ କିଛି କଟକଣା ଅଛି।

✪୬୦ ବର୍ଷ ବୟସ ହୋଇଯାଇଛି, ତେବେ ଅବସରକାଳୀନ ପାଣ୍ଠିର ୪୦% ଅର୍ଥକୁ ପେନ୍‌ସନ ପାଇବା ପାଇଁ ନିବେଶ କରିବାକୁ ପଡିବ ଏବଂ ବଳକା ଅର୍ଥକୁ (ଅର୍ଥାତ୍ ୬୦% ପାଣ୍ଠି ଆପଣ ଏକକାଳୀନ ଉଠାଣ କରିପାରିବେ ।

✪୬୦ ବର୍ଷ ବୟସ ପୂର୍ବରୁ ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଣ କରିବାକୁ ଚାହୁଁଥିଲେ ଅବସରକାଳୀନ ପାଣ୍ଠିର ୮୦% ଅର୍ଥକୁ ଆପଣ ମାସିକ ପେନ୍‌ସନ ପାଇଁ ନିବେଶ କରିବାକୁ ପଡିବ। ଅର୍ଥାତ୍ ପେନ୍‌ସନ ପଲିସି କିଣିବା କ୍ଷେତ୍ରରେ ନିବେଶ କରାଯିବ ଏବଂ ବଳକା ଅର୍ଥକୁ (ଅର୍ଥାତ୍ ୨୦% ପାଣ୍ଠି)କୁ ଆପଣ ଏକକାଳୀନ ଉଠାଣ କରିପାରିବେ।

| ଏନପିଏସ୍ ନିବେଶ କରି ଆୟକର ଛାଡ ସୁବିଧା ସବୁ | | |
|---|---|---|
| କ’ଣ ସବୁ ଆୟକର ଛାଡ ପାଇଁ କରାଯାଏ | ସର୍ବାଧିକ ନିବେଶ | ଆୟକର ନିୟମ ଅନୁଯାୟୀ |
| ଅବସରକାଳୀନ ସଞ୍ଚୟ କରିବା ପାଇଁ ଦରମାରୁ ଆଦେଶ ସୂଚକ ଅର୍ଥ କଟାଯାଇ ଏନପିଏସ ସ୍କିମରେ ନିବେଶ କରାଯାଏ | ୧.୫ ଲକ୍ଷ ଟଙ୍କା | 80CCD (1) |
| ନିଯୁକ୍ତିଦାତାଙ୍କ ଦ୍ୱାରା ଦରମାରୁ ସ୍ୱେଚ୍ଛାକୃତ ଅର୍ଥ ଏନପିଏସ୍ ସ୍କିମରେ ନିବେଶ କରାଯାଏ | ୧୦% ମୂଳ ଦରମାର | 80CCD (2) |
| ସ୍ୱଚ୍ଛାକୃତ ଭାବେ ଜଣେ ବ୍ୟକ୍ତି ଏନପିଏସ୍ ସ୍କିମରେ ନିବେଶ କରିବ | ୫୦୦୦୦/- | 80CCD (1B) |

ଆମର ପରାମର୍ଶ କୌଣସି ସ୍କିମ୍‌ରେ ନିବେଶ ପୂର୍ବରୁ ଏ ବିଷୟରେ ଭଲ ଭାବରେ ବୁଝିବା ନିହାତି ଜରୁରୀ। ଦୀର୍ଘକାଳୀନ, ମଧ୍ୟବର୍ତ୍ତିକାଳୀନ ଓ ସ୍ୱଳ୍ପକାଳୀନ ଆର୍ଥିକ ଲକ୍ଷ୍ୟସବୁ କ୍ଷେତ୍ରରେ ଆପଣ ଚୟନ କରିଥିବା ସ୍କିମ୍‌ର ପ୍ରଭାବ କ’ଣ ରହିବ ଏହାକୁ ମଧ୍ୟ ଦୃଷ୍ଟି ଦେବା ଜରୁରୀ।

**➔ମୁଁ ପିପିଏଫ୍ ସ୍କିମ୍‌ରେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ଚାହୁଁଛି। ୧୫ ବର୍ଷ ପରେ କେତେ ଟଙ୍କାର ପାଣ୍ଠି ଗଠନ ହୋଇପାରିବ?**

**–ମାୟାଧର ସ୍ୱାଇଁ, କେନ୍ଦ୍ରାପଡ଼ା**

☆ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍) ବାର୍ଷିକ ୮% ସୁଧହାର ବର୍ତ୍ତମାନ ଅଛି। ସ୍ୱଳ୍ପ ସଞ୍ଚୟ ସବୁର ସୁଧହାର ପ୍ରତି ତ୍ରୈମାସିକ ସମୀକ୍ଷା ଅନୁଯାୟୀ ସ୍ଥିର କରାଯାଏ। ସର୍ବନିମ୍ନ ୫୦୦ ଟଙ୍କା ଏବଂ ସର୍ବୋଚ୍ଚ ସୀମା ବାର୍ଷିକ ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ନିବେଶ କରିପାରିବେ। ଯଦି ବାର୍ଷିକ ୮% ସୁଧହାର ଧରିନେବା ଆପଣ ବାର୍ଷିକ ୧.୫ ଲକ୍ଷ ଟଙ୍କା ନିବେଶ କରି ୧୫ ବର୍ଷ ପରେ ୪୩.୯୮ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଏହି ପରିପକ୍ୱ ରାଶି ସମ୍ପୂର୍ଣ୍ଣ ଆୟକରରୁ ଆପଣଙ୍କ ନିକଟସ୍ଥ ଡାକଘର ଶାଖା କିମ୍ବା ବ୍ୟାଙ୍କରେ ପିପିଏଫ୍ ଆକାଉଣ୍ଟ ଖୋଲିପାରିବେ।

**➔ମୋର ବୟସ ୩୭ ବର୍ଷ ଓ ବିବାହିତ। ପୁଅ ୧ ବର୍ଷ ଓ ଝିଅ ୪ ବର୍ଷ ଅଛନ୍ତି। ୪ ବର୍ଷ ପୂର୍ବରୁ, ୩୦ ଲକ୍ଷ ଟଙ୍କାର ଏକ ଟର୍ମ ପ୍ଲାନ କିଣିଥିଲି। ଗତ ୨ ବର୍ଷ ହେବ ମୋର ଦରମା ପାଖାପାଖି ୪୫% ବଢ଼ିଯାଇଛି। ପରିବାରର ଆର୍ଥିକ ସୁରକ୍ଷା ପାଇଁ ଅଧିକ ଜୀବନବୀମା ସୁରକ୍ଷା ଆବଶ୍ୟକତା ଅଛି କି?**

**– ମାନସ ବେହେରା, ବାଲୁଗାଁ**

☆ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନବୀମା ପଲିସି ଏକାନ୍ତ ଆବଶ୍ୟକ। କେତେ ଟଙ୍କାର ଜୀବନବୀମା ସୁରକ୍ଷା ଆବଶ୍ୟକ ଏହାକୁ ହିସାବ କରି ଦେଖିବାକୁ ପଡ଼ିବ। କିନ୍ତୁ ୩/୪ ବର୍ଷ ବ୍ୟବଧାନରେ ଜୀବନବୀମା ସୁରକ୍ଷା ରାଶିର ଆବଶ୍ୟକତା ପାଇଁ ସମୀକ୍ଷା ନିହାତି ଜରୁରୀ। କେତେବେଳେ ଏହି ସମୀକ୍ଷା ଆପଣଙ୍କୁ କରିବାକୁ ପଡ଼ିବ? ନିମ୍ନଲିଖିତ ଦିଗକୁ ଦୃଷ୍ଟି ଦିଅନ୍ତୁ।

✪ପଲିସିର ନବୀକରଣ ସମୟରେ
✪ଘରର କିଛି ପରିବର୍ତ୍ତନ କରୁଛନ୍ତି କିମ୍ବା ଗୁରୁତ୍ୱପୂର୍ଣ୍ଣ ବଡ଼ କିଛି କିଣାକିଣି କରୁଛନ୍ତି
✪ଜୀବନର ମୁଖ୍ୟ ଜୀବନଶୈଳୀର ପରିବର୍ତ୍ତନ ସମୟ
✪ପରିବାରକୁ ନୂଆ ସଦସ୍ୟଙ୍କ ଆଗମନ
✪ବାହାଘର କିମ୍ବା ଛାଡ଼ପତ୍ର ସମୟରେ
✪ଆପଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କ୍ଷେତ୍ରରେ
✪ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ଦାୟିତ୍ୱ ଗ୍ରହଣ
✪ଘରଟିଏ କିଣିବା ସମୟରେ
✪ନିଜର ଅତିପ୍ରିୟ ବ୍ୟକ୍ତିଙ୍କର ଦୀର୍ଘକାଳୀନ ଦାୟିତ୍ୱ ନେବା କ୍ଷେତ୍ରରେ

ନିୟମିତ ବ୍ୟବଧାନରେ ଜୀବନବୀମା ସୁରକ୍ଷାର ସମୀକ୍ଷା ନିହାତି ଜରୁରୀ। ନିୟମିତ ସମୀକ୍ଷା କରିବା ସହିତ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଜଣେ ଚାର୍ଟାର୍ଡ ୱେଲଥ୍ ମ୍ୟାନେଜର କିମ୍ବା ସାର୍ଟିଫାଏଡ୍ ଫାଇନାନ୍ସିଆଲ୍ ପ୍ଲାନରଙ୍କ ସହ ପରାମର୍ଶ ଓ ସମୀକ୍ଷା କରି ପଦକ୍ଷେପ ନେବା ଉଚିତ୍ ହେବ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ଟିମ୍ ଇଣ୍ଡିଆର ମିଶନ ନ୍ୟୁଜିଲାଣ୍ଡ

**ନଟିଂହାମ,୧୨।୬(ପିଟିଆଇ)**

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବିଭିନ୍ନ ଦୃଷ୍ଟିକୋଣରୁ ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତ ପାଇଁ ଗୁରୁତ୍ୱ ବହନ କରୁଛି। ତାରକା ଓପନର ଶିଖର ଧାୱନ ଆହତ ହେବା ପରେ ଭାରତ ପାଇଁ ଏକ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହୋଇଛି। ପୁଣି ଖରାପ ପାଗ ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ସମ୍ଭାବନା ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡର ବୋଲିଂ ବିଶ୍ୱସ୍ତରୀୟ ହୋଇଥିବାରୁ ଭାରତୀୟ ବ୍ୟାଟିଂ ଲାଇନ୍ ପରୀକ୍ଷାର ସମ୍ମୁଖୀନ ହେବ। ଆହତ ଧାୱନଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଇନ୍‌ଫର୍ମ ଓପନର ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିବେ। ତେଣୁ ନ୍ୟୁଜିଲାଣ୍ଡର କ୍ୱାଲିଟି ବୋଲିଂ ଆଗରେ ଏହି ଦୁଇ ଓପନର କଡ଼ା ପରୀକ୍ଷାର ସମ୍ମୁଖୀନ ହେବେ।

ଧାୱନ ଏବେ ଅତିକମ୍‌ରେ ୩ଟି ମ୍ୟାଚ୍ ଖେଳିପାରିବେ ନାହିଁ। ବଲ୍‌ବାଜିବା କାରଣରୁ ବାମ ବୁଢା ଆଙ୍ଗୁଳି ଭାଙ୍ଗିଯାଇଥିବାରୁ ତାଙ୍କୁ ୩ ସପ୍ତାହ ବିଶ୍ରାମ ନେବାକୁ କୁହାଯାଇଛି। ଆଇସିସି ଇଭେଣ୍ଟରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ରେକର୍ଡ ବେଶ୍ ଭଲ ରହିଛି। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ତେଣୁ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚତୁର୍ଥ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଭାରତ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ପରେ ଅଷ୍ଟ୍ରେଲିଆକୁ ହରାଇଥିଲେ ମଧ୍ୟ ଧାୱନଙ୍କ ଅନୁପସ୍ଥିତି ଅଧିନାୟକ କୋହଲି ଓ କୋଚ୍ ରବି ଶାସ୍ତ୍ରୀଙ୍କୁ ଚିନ୍ତିତ କରିଛି ଓ ଭିନ୍ନ ରଣନୀତି ଆପଣେଇବାକୁ ବାଧ କରିଛି। ଧାୱନ ଓ ରୋହିତ ମିଳିତ ଭାବେ ଓପନିଂ ଯୋଡିରେ ୪୬୮୧ ରନ ସଂଗ୍ରହ କରିଛନ୍ତି। ତେଣୁ ପ୍ରତିଷ୍ଠ ପାଇଥିବା ଏହି ଓପନିଂ ଯୋଡିର ବିକଳ୍ପ ଖୋଜିବା ନିହାତି କଷ୍ଟକର। ତେବେ ଏହା ଭାରତ ପାଇଁ ପ୍ଲାନ୍ ବି'ର ପରୀକ୍ଷା ନେଇ ସୁଯୋଗ ସୃଷ୍ଟି କରିଛି। ଲୋକେଶ ରାହୁଲ ଇନିଂସ ଓପନ କଲେ ବ୍ୟାଟିଂ କ୍ରମର ୪ ନମ୍ବରରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକଙ୍କୁ ସୁଯୋଗ ମିଳିପାରେ। କାର୍ତ୍ତିକଙ୍କ ନିକଟରେ ଅଭିଜ୍ଞତା ରହିଥିବା ବେଳେ ଶଙ୍କରଙ୍କ ପାଖରେ ଅଲରାଉଣ୍ଡ ପ୍ରଦର୍ଶନ କରିବାର କଳା ରହିଛି। ତେଣୁ ଏହି ଦୁହିଁଙ୍କ ମଧ୍ୟରୁ କିଏ ୪ ନମ୍ବରରେ ବ୍ୟାଟିଂ କରିବ ତାହା ମ୍ୟାଚ୍ ଆରମ୍ଭ ହେବା ପରେ ଜଣା ପଡିବ।

ମେଘୁଆ ପାଗ ହେଲେ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ। ତେବେ ଏଥିପାଇଁ ଦୁଇ ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ବେଞ୍ଚରେ ବସିବାକୁ ପଡିବ। ପୁଣି ଯଦି ଉଭୟ ଶଙ୍କର ଓ କାର୍ତ୍ତିକଙ୍କୁ ଅନ୍ତିମ ଏକାଦଶରେ ସୁଯୋଗ ମିଳେ ତାହେଲେ କେଦାର ଯାଦବଙ୍କୁ ବାହାରେ ବସିବାକୁ ପଡିବ। ତେବେ ପରିସ୍ଥିତି ଅନୁଯାୟୀ କୋହଲି କୋଚ୍ ଶାସ୍ତ୍ରୀଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନେବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଠିକ୍ ନିଷ୍ପତ୍ତି ନେବାରେ ଶାସ୍ତ୍ରୀ ସିଦ୍ଧହସ୍ତ। ବିଶ୍ୱକପ୍ ଏବେ ଦ୍ୱିତୀୟ ସପ୍ତାହରେ ପହଞ୍ଚିଛି। ଗୁରୁବାର ଟ୍ରେଣ୍ଟ ବ୍ରିଜ୍‌ରେ ବଲ୍ ଭଲ ବାଉନ୍ସ ହେଲେ ମଧ୍ୟ ବ୍ୟାଟିଂ ଉପଯୋଗୀ ହେବ ବୋଲି ଆଶା କରାଯାଉଛି।

ତେବେ ଏଭଳି ପରିସ୍ଥିତିରେ ରାହୁଲଙ୍କ ପାଇଁ ଇନିଂସ ଓପନ କରିବା ସେତେଟା ସୁବିଧାଜନକ ହେବ ନାହିଁ। ପ୍ରତିଭାସମ୍ପନ୍ନ ରାହୁଲ କିଭଳି ସୁଯୋଗ ସଦ୍‌ବ୍ୟବହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଯଦି ରାହୁଲ ଟ୍ରେଣ୍ଟ ବୋଲ୍ଟ ଓ ତାଙ୍କ ସାଥୀ ବୋଲରଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରି ବଡ଼ ସ୍କୋର ହାସଲ କରନ୍ତି ତାହେଲେ ଅନ୍ୟ ମ୍ୟାଚ୍‌ଗୁଡିକରେ ଭଲ ଖେଳିବା ପାଇଁ ଆତ୍ମବିଶ୍ୱାସ ହାସଲ କରିବେ। ଏହା ହେଲେ ରୋହିତ ଶର୍ମାଙ୍କ ସହ ତାଙ୍କ ଯୋଡି ଜମିବ। ରୋହିତ ପରିସ୍ଥିତି ଅନୁସାରେ ଉପଯୋଗୀ ବ୍ୟାଟିଂ କରି ଭାରତ ପ୍ରଥମ ଦୁଇଟି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଓ ଏହା ପ୍ରଶଂସନୀୟ। ରୋହିତଙ୍କ ଭଳି ଷ୍ଟ୍ରୋକ୍ ପ୍ଲେୟାର ପାୱାର ପ୍ଲେ'ରେ ଅପେକ୍ଷାକୃତ କମ୍ ରିସ୍କ ନେବା ଉଚିତ ହେବ। ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶତକ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ରୋହିତ ଓ ରାହୁଲ ଟ୍ରେଣ୍ଟ ବୋଲ୍ଟ ବୋଲିଂରେ ଅସଲି ପରୀକ୍ଷାର ସମ୍ମୁଖୀନ ହେବେ। ଖାସ୍ କରି ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ବୋଲ୍ଟ ସମସ୍ୟାରେ ପକାଇଥାନ୍ତି।

ଭାରତ ତା'ର ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ବୋଲ୍ଟ ଭାରତୀୟ ବ୍ୟାଟିଂ ଲାଇନ୍‌ର ବିପର୍ଯ୍ୟୟ ଘଟାଇଥିଲେ। ଇତିମଧ୍ୟରେ ଅଢେଇ ସପ୍ତାହ ବିତିଛି। ବୋଲ୍ଟ ମଧ୍ୟ ସେତେଟା ବଲ୍ ସୁଇଂ କରିପାରିନାହାନ୍ତି। ଯଦିଓ ପ୍ରତିକୂଳ ପରିସ୍ଥିତି ତାଙ୍କ ବୋଲିଂ ଶୈଳୀ ପ୍ରଭାବିତ କରିପାରି ନ ଥାଏ। ତେବେ ମେଘୁଆ ପାଗରୁ ବୋଲ୍ଟ ନିଶ୍ଚିତ ଭାବେ ସହାୟତା ପାଇବେ। ଘଣ୍ଟା ପ୍ରତି ୧୫୦ କି.ମି. ବେଗରେ ବୋଲିଂ କରୁଥିବା ନ୍ୟୁଜିଲାଣ୍ଡର ଅନ୍ୟତମ ଦ୍ରୁତ ବୋଲର ଲୋକି ଫର୍ଗୁସନ ମଧ୍ୟ ଭାରତ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଏହି ପିଚ୍‌ରେ ୱେଷ୍ଟଇଣ୍ଡିଜ ବୋଲରମାନେ ଉଭୟ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେଣୁ ନ୍ୟୁଜିଲାଣ୍ଡ ବୋଲରମାନେ ମଧ୍ୟ ଟ୍ରେଣ୍ଟ ବ୍ରିଜ୍‌ର ଏହି ବାଉନ୍ସି ପିଚ୍‌ରୁ ଫାଇଦା ଉଠାଇବେ ବୋଲି ଆଶା କରାଯାଉଛି। ଟ୍ରେଣ୍ଟ ବ୍ରିଜରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ଉପସ୍ଥିତ ରହି ଟିମ୍ ଇଣ୍ଡିଆକୁ ଉତ୍ସାହିତ କରିବେ। ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କେଦାର ଯାଦବ, ବିଜୟ ଶଙ୍କର, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ଓ ଶିଖର ଧାୱନ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ମ୍ୟାଟ ହେନେରୀ, ଟମ୍ ଲାଥମ, କଲିନ ମୁନରୋ, ଜିମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧୀ, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ଟିମ୍ ସାଉଦି, ରସ୍ ଟେଲର ଓ ଟମ୍ ବ୍ଲଣ୍ଡେଲ।


ଅଭ୍ୟାସ ସେସନ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ।

## ଭାରତକୁ ପାଗ, ଧାୱନଙ୍କ ଇଞ୍ଜୁରି ଚିନ୍ତା

## ପନ୍ତଙ୍କୁ ଡାକରା



ନୂଆଦିଲ୍ଲୀ, ୧୨।୬: ଦିଲ୍ଲୀ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ବୁଧବାର ଇଂଲଣ୍ଡରେ ପହଞ୍ଚିଛନ୍ତି। ତାଙ୍କୁ ବ୍ୟାକ୍‌ଅପ ଖେଳାଳି ଭାବେ ଭାରତୀୟ ଦଳରେ ଯୋଗଦେବା ପାଇଁ ଡାକରା ଦିଆଯାଇଛି ବୋଲି ସୂତ୍ରରୁ ଜଣାପଡ଼ିଛି। ଆହତ ସମସ୍ୟା ଦେଇ ଗତି କରୁଥିବା ଶିଖର ଧାୱନ ଭାରତୀୟ ଦଳରୁ ବାଦ୍ ପଡ଼ିବେ ନାହିଁ। ସେ ଫିଟ୍ ହେବା ପର୍ଯ୍ୟନ୍ତ ଦଳୀୟ ମ୍ୟାନେଜମେଣ୍ଟ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ରିଷଭଙ୍କୁ ଅତିରିକ୍ତ ଷ୍ଟାଣ୍ଡବାଇ ଖେଳାଳି ଭାବେ ଡାକରା ଦିଆଯାଇଛି। ପରବର୍ତ୍ତୀ ଭାଗରେ ଯଦି ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ନ୍ତି ତେବେ ପନ୍ତ ସେଠାରେ ଅଭ୍ୟସ୍ତ ହୋଇସାରିଥିବେ। ଏବେ ଖେଳାଳି ବଦଳ ପାଇଁ ଆଇସିସି ଅନୁମତି ଦରକାର ଏବଂ ପନ୍ତ ଶୀଘ୍ର ଭାରତୀୟ ଦଳରେ ଯୋଗଦେବେ ବୋଲି ସୂଚନା ମିଳିଛି। ବାମହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ନଟିଂହାମଠାରେ ଜାତୀୟ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି। ଯେଉଁଠାରେ ଭାରତୀୟ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ି ନ ଥିବାରୁ ପନ୍ତ ଭାରତୀୟ ଦଳର ଅଂଶ ହୋଇପାରିବେ ନାହିଁ। ଏଣୁ ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଧାୱନଙ୍କ ସ୍ଥାନରେ ଲୋକେଶ ରାହୁଲ ରୋହିତ ଶର୍ମାଙ୍କ ସହ ଓପନିଂ ଭାର ସମ୍ଭାଳିବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୪ ନଂ କ୍ରମରେ ବ୍ୟାଟିଂ କରିବେ, ଯାହା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ କରିଥିଲେ। ଦୀନେଶ କାର୍ତ୍ତିକ ନିମ୍ନ କ୍ରମରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**

**ଭାରତ ବନାମ ନ୍ୟୁଜିଲାଣ୍ଡ**

ସ୍ଥାନ: ନଟିଂହାମ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆମୀରଙ୍କୁ ମାଡ଼ ମାରିଥିଲେ ଆଫ୍ରିଦୀ

**କରାଚୀ,୧୨।୬(ପିଟି)**

ପାକିସ୍ତାନ ଦଳର ପୂର୍ବତନ ଦିନିକିଆ ଅଧିନାୟକ ଶାହିଦ ଆଫ୍ରିଦୀ ମାଡ଼ ମାରିବା ପରେ ମହମ୍ମଦ ଆମୀର ସ୍ପଟ୍ ଫିକ୍ସିଂ ମାମଲାରେ ଜଡ଼ିତ ଥିବା ଦୋଷ ସ୍ୱୀକାର କରିଥିଲେ ବୋଲି ପୂର୍ବତନ ଅଲରାଉଣ୍ଡର ଅବଦୁଲ ରଜାକ କହିଛନ୍ତି। ଆଫ୍ରିଦୀ ମୋତେ ତାଙ୍କ ରୁମରୁ ବାହାରକୁ ଯିବାକୁ କହିଥିଲେ। ରୁମ ବାହାରେ ଚାପୁଡା ମାରିବା ଶବ୍ଦ ଶୁଣାଯାଇଥିଲା। ଏହାପରେ ଅମିର ସବୁକିଛି ମୋତେ କହିଥିଲେ ବୋଲି ଏକ ନ୍ୟୁଜ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ୩୯ ବର୍ଷୀୟ ପୂର୍ବତନ କ୍ରିକେଟର ରଜାକ କହିଛନ୍ତି। ମୋ ମତରେ ସ୍ପଟ୍ ଫିକ୍ସିଂର ତଦନ୍ତ କରିବା ପାଇଁ ଆଇସିସିର ଦ୍ୱାରସ୍ଥ ହେବା ପରିବର୍ତ୍ତେ ପିସିବି ନିଜେ ଏହାର ଭାର ନେବାର ଥିଲା। ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ ଉକ୍ତ ୩ ଜଣ ଖେଳାଳିଙ୍କୁ ସ୍ୱଦେଶ ଫେରାଇବା ଉଚିତ ଥିଲା। ସେମାନଙ୍କୁ ପିସିବି ବାସନ୍ଦ କରିଥାନ୍ତା। ଏହା ନ କରି ପିସିବି ପାକିସ୍ତାନ କ୍ରିକେଟକୁ ଅନ୍ତର୍ଜାତୀୟ ସ୍ତରରେ ଲୋକହସା କରାଇଥିଲା ବୋଲି ସେ କହିଛନ୍ତି। ଆଇସିସିର ଦୁର୍ନୀତି ବିରୋଧୀ ଟ୍ରିବ୍ୟୁନାଲ ସ୍ପଟ୍ ଫିକ୍ସିଂ ମାମଲାର ତଦନ୍ତ କରିବା ପରେ ଅମିରଙ୍କ ସମେତ ସଲମନ ବଟ ଓ ମହମ୍ମଦ ଆସିଫଙ୍କୁ ୫ ବର୍ଷ ଲାଗି ବାସନ୍ଦ କରିଥିଲେ। ବାସନ୍ଦାଦେଶ ଶେଷ କରିବା ପରେ ସମସ୍ତେ କ୍ରିକେଟକୁ ଫେରିଛନ୍ତି।

# ୱାର୍ନରଙ୍କ ଶତକ: ପାକିସ୍ତାନକୁ ହରାଇଲା ଅଷ୍ଟ୍ରେଲିଆ

**ଟଣ୍ଟନ,୧୨।୬(ଏଏଫ୍‌ପି)**

ଚଳିତ ବିଶ୍ୱକପ୍‌ର ୧୭ତମ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ୪୧ ରନରେ ପାକିସ୍ତାନକୁ ପରାସ୍ତ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନରଙ୍କ ଶତକ ସହ ୪୯ ଓଭରରେ ୩୦୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୪୫.୪ ଓଭରରେ ୨୬୬ ରନ କରି ଅଲଆଉଟ ହୋଇଛି। ଏଥିସହିତ ଅଷ୍ଟ୍ରେଲିଆ ୪ ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୬ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ନ୍ୟୁଜିଲାଣ୍ଡ ସମାନ ୬ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ରନ୍ ରେଟ ଭିତ୍ତିରେ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପଟେ ପାକିସ୍ତାନ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ୧୦୭ ରନର ଶତକୀୟ ପାଳି ଖେଳିଥିବା ୱାର୍ନର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୦୮ ରନ ଟାର୍ଗେଟର ପିଛା କରି ପାକିସ୍ତାନ ଲଢେଇ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳ ତରଫରୁ ଓପନର ଇମାମ ଉଲ-ହକ୍ ସର୍ବାଧିକ ୫୩, ମହମ୍ମଦ ହାଫିଜ ୪୬, ୱାହାବ ରିୟାଜ ୪୫, ଅଧିନାୟକ ସର୍ଫରାଜ ଅହମ୍ମଦ ୪୦, ହାସନ ଅଲି ୩୨ ଓ ବାବର ଆଜମ ୩୦ ରନ କରି ଆଉଟ ହୋଇଥିଲେ। ଓପନର ଫାକର ଜମାନ, ଅଭିଜ୍ଞ ସୋଏବ ମଲିକ ଓ ମହମ୍ମଦ ଆମୀର ଖାତା ଖୋଲିପାରି ନ ଥିଲେ। ଅଷ୍ଟମ ଉଇକେଟରେ ରିୟାଜ ଓ ସର୍ଫରାଜ ୬୪ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ରିୟାଜ ଆଉଟ ହେବା ପରେ ଶେଷ ଦୁଇଟି ଉଇକେଟର ପତନ ହୋଇଥିଲା। ତୃତୀୟ ଉଇକେଟରେ ହାଫିଜ ଓ ଇମାମ ୮୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କମିନ୍ସ ୩, ମିଚେଲ ଷ୍ଟାର୍କ ଓ କେନ ରିଚାର୍ଡସନ ଦୁଇଟି ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଅଷ୍ଟ୍ରେଲିଆ ଜବରଦସ୍ତ ଆରମ୍ଭ କରିଥିଲା। ମିଡଲ ଅର୍ଡର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ବିଫଳ ହେବା ଫଳରେ ଅଷ୍ଟ୍ରେଲିଆ ୩୦୭ ରନରେ ସୀମିତ ରହିଥିଲା। ପ୍ରଥମ ଉଇକେଟ ଯୋଡିରେ ଦୁଇ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍ ୧୪୬ ରନ ସଂଗ୍ରହ କରିଥିଲେ। ଦଳ ପ୍ରଥମ ୧୦ ଓଭରରେ ୫୦ ରନ କରି ଦେଖିଚାହିଁ ଆରମ୍ଭ କରିଥିଲା। ତେବେ ୮୪ ବଲରୁ ୬ ଚୌକା ଓ ୪ ଛକା ସହ ଫିଞ୍ଚ୍ ୮୨ ରନ କରି ଆମୀରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଆମୀର ଏହି ବ୍ରେକ ଥ୍ରୁ ଦେବାପରେ ଅଷ୍ଟ୍ରେଲିଆ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। ସେହିପରି ୱାର୍ନର ୧୧୧ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହ ୧୦୭ ରନ କରିଥିଲେ। ଶାହିନ ଆଫ୍ରିଦିଙ୍କ ବଲ୍‌ରେ ଇମାମ ଉଲ ହକ୍‌ଙ୍କୁ ଡିପ୍ ପଏଣ୍ଟରେ କ୍ୟାଚ୍ ଦେଇ ସେ ପ୍ୟାଭିଲିୟନ ଫେରିଥିଲେ। ଶତକ ହାସଲ କରିବା ସହ ୱାର୍ନର ତାଙ୍କ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ବାକି ସମସ୍ତେ ବିଫଳ ହୋଇଥିଲେ। ଏହି କ୍ରମରେ ଷ୍ଟିଭେନ ସ୍ମିଥ୍ ୧୦, ଗ୍ଲେନ ମ୍ୟାକ୍ସୱେଲ ୧୦ ବଲରୁ ୨୦, ଶନ ମାର୍ଶ ୨୩, ଉସ୍‌ମାନ ଖ୍ୱାଜା ୧୮ ଓ ଉଇକେଟକିପର ଆଲେକ୍ସ କାରୀ ୨୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ଆମୀର ୩୦ ରନ ବ୍ୟୟ କରି ୫ ଉଇକେଟ ହାସଲ କରିଥିଲେ।


ଶତକ ଅର୍ଜନ ପରେ ଡେଭିଡ ୱାର୍ନରଙ୍କ ସେଲିବ୍ରେଶନ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୪୯ ଓଭରରେ ୩୦୭ ଅଲଆଉଟ୍ (ୱାର୍ନର– ୧୦୭, ଫିଞ୍ଚ୍– ୮୨, ଆମୀର– ୫/୩୦, ଆଫ୍ରିଦି– ୨/୭୦)।
ପାକିସ୍ତାନ ୪୫.୪ ଓଭରରେ ୨୬୬ ଅଲଆଉଟ (ଇମାମ– ୫୩, ହାଫିଜ– ୪୬, ରିୟାଜ– ୪୫, ସର୍ଫରାଜ– ୪୦, କମିନ୍ସ– ୩/୩୩, ଷ୍ଟାର୍କ– ୨/୪୩, ରିଚାର୍ଡସନ– ୨/୬୨)।

**ପଏଣ୍ଟ ଟେବୁଲ**

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଅଷ୍ଟ୍ରେଲିଆ | ୪ | ୩ | ୧ | ୦ | ୦ | ୬ | +୦.୫୭୦ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ବାଂଲାଦେଶ | ୨ | ୧ | ୧ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୪ | ୧ | ୨ | ୦ | ୧ | ୩ | -୧.୭୯୬ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

## 'ମୋତେ ପ୍ରସ୍ତୁତ ରହିବାକୁ କହିଛନ୍ତି ଶାସ୍ତ୍ରୀ'

**ନୂଆଦିଲ୍ଲୀ,୧୨।୬**

ନେଟ୍ସ ବୋଲର ଦାୟିତ୍ୱ ଶେଷ କରିଥିବା ପେସର ଦୀପକ ଚହର ଇଂଲଣ୍ଡରୁ ଫେରିବା ପୂର୍ବରୁ ସେ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଭେଟିଥିଲେ। ମୁଁ ଇଂଲଣ୍ଡ ଛାଡ଼ିବା ପୂର୍ବରୁ ସଭିଙ୍କୁ ଭେଟିଥିଲି। ମୋତେ ଦଳୀୟ କୋଚ୍ ଶାସ୍ତ୍ରୀ ପ୍ରଶଂସା କରିବା ସହ ମୋ କାର୍ଯ୍ୟରେ ଖୁସି ପ୍ରକାଶ କରିଥିଲେ। ଆଉ ସେ ମୋତେ ପ୍ରସ୍ତୁତ ରହିବାକୁ କହିଛନ୍ତି। ଯଦି କୌଣସି ବୋଲର ଆଘାତ ପାଆନ୍ତି, ତେବେ ମୋତେ ଡାକରା ଦିଆଯିବ ବୋଲି ଚହର କହିଛନ୍ତି। ତାଙ୍କ ସମେତ ଖଲିଲ ଅହମ୍ମଦ, ନବଦୀପ ସଇନି ଓ ଅଭେଷ ଖାନ୍‌ଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଟ୍ସରେ ବୋଲିଂ କରିବା ଲାଗି ଚୟନ କରାଯାଇଥିଲା।

## 'ଭାରତ' ମୁଭି ଦେଖିଲେ ଟିମ୍ ଇଣ୍ଡିଆ ସଦସ୍ୟ


'ଭାରତ' ମୁଭି ଦେଖିବାକୁ ଯାଇଥିବା ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ।

**ଟ୍ରେଣ୍ଟ ବ୍ରିଜ୍,୧୨।୬**

ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ରୁ ବ୍ରେକ୍ ନେଇ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ସୁପରଷ୍ଟାର ସଲମାନ ଖାଁଙ୍କ ଅଭିନୀତ ଭାରତ ସିନେମା ଦେଖିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବଙ୍କ ସମେତ ଅନ୍ୟ ଖେଳାଳିମାନେ ଏହି ସିନେମାକୁ ଦେଖି ବେଶ୍ ଆମୋଦିତ ହୋଇଛନ୍ତି। କେଦାର ଟୁଇଟରରେ ଏନେଇ ଏକ ଗ୍ରୁପ୍ ଫଟୋ ଶେୟାର କରିଛନ୍ତି। ସଲମାନ ମଧ୍ୟ ଏହାର ଜବାବ ରଖିଛନ୍ତି। ଆପଣମାନେ ଏହି ସିନେମା ଦେଖିଥିବାରୁ ଧନ୍ୟବାଦ ଜଣାଉଛି ବୋଲି ସଲମାନ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଭାରତ ଗୁରୁବାର ନ୍ୟୁଜିଲାଣ୍ଡ ଓ ରବିବାର ପାକିସ୍ତାନକୁ ଭେଟିବ।

# ବର୍ଷାକୁ ନେଇ ଆଇସିସିର ମୁଣ୍ଡବ୍ୟଥା

**ସୌରଭ ଗାଙ୍ଗୁଲି**

ବ୍ରିଟେନରେ ଗ୍ରୀଷ୍ମ ଏପର୍ଯ୍ୟନ୍ତ ପହଞ୍ଚିନାହିଁ। କିନ୍ତୁ ଗତ ଦୁଇଦିନ ହେବ ଏଠାରେ ପ୍ରବଳ ବର୍ଷା ହୋଇଛି। ଯାହା ଫଳରେ ତାପମାତ୍ରାରେ ଅବନତି ହୋଇଛି। ପର୍ଯ୍ୟଟକଙ୍କ ପାଇଁ ଏହା ଏକ ବଡ଼ ଉପଶମ ସାବ୍ୟସ୍ତ ହୋଇଛି। ତେବେ ବର୍ଷା କାରଣରୁ ଦୁଇଟି ମ୍ୟାଚ୍ ବାତିଲ ହୋଇଛି। ଏହା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏଥିପାଇଁ ରିଜର୍ଭ ଡେ' ନେଇ ଦାବି ଜୋର ଧରିଛି। ତେବେ ବିଶ୍ୱକପ୍ ଭଳି ଲମ୍ବା ଟୁର୍ନାମେଣ୍ଟରେ ଆଇସିସି ରିଜର୍ଭ ଡେ ଲାଗୁ କରିବ ବୋଲି ମୁଁ ଆଦୌ ନିଶ୍ଚିତ ନୁହେଁ। ଗୁରୁବାର ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ତେଣୁ ଏଭଳି ସ୍ଥିତିରେ ଆଇସିସିର ଚିନ୍ତା ଆହୁରି ବଢିବ। କାରଣ ଭାରତର ମ୍ୟାଚ୍ ଯେକୌଣସି ଟୁର୍ନାମେଣ୍ଟ ପାଇଁ ଭିନ୍ନ ତଥା ଅଧିକ ଗୁରୁତ୍ୱ ବହନ କରିଥାଏ। ଏହି ମ୍ୟାଚ୍ ପାଇଁ ସବୁ ଟିକେଟ ବିକ୍ରି ସରିଛି। ତେଣୁ ଏଭଳି ସ୍ଥିତିରେ ମ୍ୟାଚ୍ ବାତିଲ ହେଲେ ବହୁ ପରିମାଣରେ ଅର୍ଥିକ କ୍ଷତି ହେବା ସଙ୍ଗେ ସଙ୍ଗେ ଏକ ଉଚ୍ଚକୋଟୀର ମ୍ୟାଚ୍ ଦେଖିବାରୁ ପ୍ରଶଂସକ ବଞ୍ଚିତ ହେବେ।

ବର୍ଷା ଯୋଗୁ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ବାତିଲ ହେଉଥିବା ବେଳେ ଯୁବରାଜ ସିଂ ସବୁପ୍ରକାର ଆନ୍ତର୍ଜାତିକ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥି ସହିତ ଯୁବିଙ୍କ ଚମତ୍କାର କ୍ୟାରିୟରର ଅନ୍ତ ଘଟିଛି। ହ୍ୱାଇଟ୍ ବଲ୍ ଫର୍ମାଟରେ ଯୁବି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଅନ୍ୟତମ ବିବେଚି ହୁଅନ୍ତି। ସେ ଜଣେ ଶତପ୍ରତିଶତ ମ୍ୟାଚ୍ ୱିନର। ଦେଶ ପାଇଁ ସେ ଯାହା କରିଛନ୍ତି ତାକୁ ନେଇ ସେ ଖୁସି ହେବା ଉଚିତ। କେବଳ କ୍ରିକେଟ ପଡିଆରେ ନୁହେଁ ସେ ଜୀବନ ଯୁଦ୍ଧରେ ମଧ୍ୟ ଜଣେ ବିଜେତା। କ୍ୟାନସରକୁ ପରାଜିତ କରି ସେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ। ଏହ ତାଙ୍କ ଲଢୁଆ ମନୋବୃତ୍ତିର ପରିଚୟ ଦେଇଛି।

ଗତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା। ବୃହତ୍ ବ୍ୟବଧାନରେ ଭାରତ ଏହି ଡିଫେଣ୍ଡିଂ ଚାମ୍ପିୟନକୁ ପରାସ୍ତ କରିଥିଲା। ଭାରତର ବ୍ୟାଟିଂ ଦମ୍‌ଦାର ଥିଲା। ବିରାଟ କୋହଲିଙ୍କ ନେତୃତ୍ୱ ମଧ୍ୟ ଚମତ୍କାର ଥିଲା। ପୂର୍ବାପେକ୍ଷା ଭାରତ ଏହି ମ୍ୟାଚ୍‌ରେ ଆହୁରି ଶକ୍ତିଶାଳୀ ମନେହେଉଥିଲା। ଶିଖର ଧାୱନ ପୁଣି ଥରେ ଦିନିକିଆ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥିଲେ। ଆଘାତ ସମସ୍ୟା କାରଣରୁ ସେ ଏବେ କେତୋଟି ମ୍ୟାଚ୍‌ରୁ ବାଦ୍ ପଡିବେ। ତାଙ୍କ ସ୍ଥାନ ନେବା କଷ୍ଟକର। ଲୋକେଶ ରାହୁଲ ତାଙ୍କ ସ୍ଥାନରେ ଇନିଂସ ଓପନ୍ କରିବେ। ଫଳରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ତେବେ ୪ ନମ୍ବରରେ ଶଙ୍କର ବ୍ୟାଟିଂ କରିବା ଉଚିତ ବୋଲି ମୋର ମତ।

ନଟିଂହାମଠାରୁ ଟ୍ରେଣ୍ଟ ବ୍ରିଜ୍‌ର ପରିବେଶ ଟିକେ ଭିନ୍ନ। ମେଘୁଆ ପାଗ ନ୍ୟୁଜିଲାଣ୍ଡ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ବର୍ଷା ହେଲେ ପିଚ୍ ଜୀବିତ ରହିବ। ଫଳରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଫାଇଦା ଉଠାଇପାରିବେ। ବିଶ୍ୱକପ୍ ପୂର୍ବରୁ ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଜବରଦସ୍ତ ବୋଲିଂ କରି ଭାରତକୁ ଚକ୍‌ମା ଦେଇଥିଲା। ଯଦି କେନ୍ ୱିଲିୟମସନ ଟସ୍ ଜିତନ୍ତି ତାହେଲେ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିବେ। ଧାୱନଙ୍କୁ ବାଦ ଦେଲେ ଭାରତୀୟ ଦଳରେ ଆଉ କୌଣସି ପରିବର୍ତ୍ତନ ହେବନାହିଁ। ଟସ୍ ଜିତିବା କିମ୍ବା ହାରିବା ଭାରତ ପାଇଁ ସେତେଟା ଫରକ ଆଣିବ ନାହିଁ। ସବୁ ପ୍ରକାର ପରସ୍ଥିତିରେ ଭାରତ ବିଜୟୀ ହେବାକୁ ଚାହିଁବ। ମହମ୍ମଦ ସାମିଙ୍କ ବଦଳରେ ଭୁବନେଶ୍ୱର କୁମାରଙ୍କୁ ଦଳରେ ସାମିଲ କରି ଭାରତ ସାହସିକତାର ପରିଚୟ ଦେଇଛି। ଭୁବନେଶ୍ୱର ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ନିଜର ଖେଳକୁ ନେଇ ନିଜର ଜବରଦସ୍ତ ଆଭିମୁଖ୍ୟ ଭୁବନେଶ୍ୱରଙ୍କୁ ଜଣେ ଉନ୍ନତ ଖେଳାଳି ରୂପେ ଗଢି ତୋଳିଛି।

(ଗେମ୍ ପ୍ଲାନ୍)


SEAGRAM'S
ROYAL STAG
MEGA MUSIC CDs

# ଭାରତ-ଜାପାନ ସେମିଫାଇନାଲ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ସେମିଫାଇନାଲରେ ଏସୀୟ ଚାମ୍ପିୟନ ଜାପାନକୁ ଭେଟିବ। ବୁଧବାର ଅନୁଷ୍ଠିତ ପ୍ରଥମ କ୍ରସ୍ ଓଭର ମ୍ୟାଚ୍ ପରେ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାଚରେ ଜାପାନ ୬-୨ ଗୋଲରେ ପୋଲାଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଗାମୀ ୧୪ରେ ସେମିଫାଇନାଲ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ପୋଲାଣ୍ଡ ସେହିଦିନ ୫ମ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ। ପୂର୍ବରୁ ଭାରତ ଗ୍ରୁପ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ ଜିତି ୯ ପଏଣ୍ଟ ସହ ପୁଲ୍'ଏ'ରୁ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲା।

ଏଠାରେ ଜାପାନ ବିପକ୍ଷରେ ପୋଲାଣ୍ଡ ଭଲ ଆରମ୍ଭ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଦଳ ୭ମ ମିନିଟରେ ଏକ ଗୋଲ ଦେଇ ପ୍ରତିପକ୍ଷ ଜାପାନ ଉପରେ ଚାପ ପ୍ରୟୋଗ କରିଥିଲା। ମିକୋଲାଜ୍ ଗୁମ୍‌ନି ଏହି ଫିଲ୍ଡ ଗୋଲଟି ଦେଇଥିଲେ। ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ରହିବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ୍ୟ ପୋଲାଣ୍ଡର ପ୍ରଭାବୀ ପ୍ରଦର୍ଶନ ଜାରି ରହିଥିଲା। ମାତ୍ର ଗୋଲ ପରିଶୋଧ ଚକ୍କରରେ ଥିବା ଜାପାନ ସୁଯୋଗ ଅପେକ୍ଷାରେ ଥିଲା। ୨୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଜାପାନର ଶୋତା ୟାମାଦା ଗୋଲରେ ପରିଣତ କରିବାରୁ ମ୍ୟାଚ ୧-୧ ସମାନ ସ୍ତରକୁ ଚାଲି ଆସିଥିଲା। ୨ ମିନିଟ ଅନ୍ତରରେ ଜାପାନ ଲଗାତର ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ହିରୋତକା ଜେଣ୍ଡାନା ଏହାକୁ ଗୋଲରେ ପରିଣତ କରିବାରୁ ଜାପାନ ୨-୧ରେ ଅଗ୍ରଣୀ ନେଇ ଯାଇଥିଲା। ମାତ୍ର ୨୬ତମ ମିନିଟରେ ପୋଲାଣ୍ଡର ମାଟେଉଜ୍ ହୁଲବୋଜ ଫିଲ୍ଡ ଗୋଲ ସ୍କୋର କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ସ୍ଥିତିକୁ ଚାଲିଆସିଥିଲା।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ଜାପାନ। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ କେନ୍‌ତା ତନକା ଏବଂ ୩୬ତମ ମିନିଟରେ କୋଜି ୟାମାସାକି ଗୋଲ ଦେବାରୁ ଜାପାନ ୪-୨ରେ ଅଗ୍ରଣୀ ଲାଭ କରିଥିଲା। ଏହି ୨ ଗୋଲ ବରଣ ପରେ ଚାପକୁ ଚାଲି ଆସିଥିଲା ପୋଲାଣ୍ଡ। ଫଳରେ ଖେଳର ଅବଶିଷ୍ଟ ସମୟରେ ଦଳ ସ୍ୱାଭାବିକ ପ୍ରଦର୍ଶନ କରିପାରି ନ ଥିଲା। ଏହାର ସୁଯୋଗ ନେଇ ୪ର୍ଥ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୭ତମ ମିନିଟରେ କେନ୍‌ଜି କିତାଜାତୋ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ପୋଲାଣ୍ଡର ଦୁର୍ଦ୍ଦଶା ଏତିକିରେ ସରି ନ ଥିଲା। ମ୍ୟାଚ ସରିବାର ଅଳ୍ପକିଛି କ୍ଷଣ ପୂର୍ବରୁ ୬୦ତମ ମିନିଟରେ କୋଜି ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ୬ଷ୍ଠ ଗୋଲଟି ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କ୍ରିକେଟର ଦେବାଶିଷ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜାପାନର କାଜୁମା ମୁରାତା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।




## ଖୁସି ଓ ଦୁଃଖର ସମାହାର



କଳିଙ୍ଗ ଷ୍ଟାଡିୟମରେ ବୁଧବାର ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଦ୍ୱିତୀୟ କ୍ରସ୍ ଓଭର ମ୍ୟାଚ ପରେ ବିଜୟୀ ଦକ୍ଷିଣ ଆଫ୍ରିକା ଓ ପରାଜିତ ରୁଷିଆ ଖେଳାଳିମାନେ ପଡ଼ିଆରେ ଶୋଇରହି ନିଜ ନିଜର ଭାବ ପ୍ରକାଶ କରୁଛନ୍ତି।

# ନର୍ଥ ଷ୍ଟାଣ୍ଡରେ ଭାରତୀୟ ଖେଳାଳି

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଜାପାନ-ପୋଲାଣ୍ଡ ମ୍ୟାଚ ଅବସରରେ ଦର୍ଶକ ମରୁଡ଼ି ପରିଲକ୍ଷିତ ହୋଇଥିଲା। ତେବେ ନର୍ଥ ଷ୍ଟାଣ୍ଡରେ ଭାରତୀୟ ହକି ଦଳର ଖେଳାଳିମାନେ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। ଭାରତୀୟ ଖେଳାଳିମାନେ ଉପସ୍ଥିତ ରହିବାର କାରଣ ମଧ୍ୟ ରହିଥିଲା। କାରଣ ଜାପାନ-ପୋଲାଣ୍ଡ ମ୍ୟାଚର ବିଜେତା ସେମିଫାଇନାଲରେ ଭାରତକୁ ଭେଟିବା ସ୍ଥିର ହୋଇ ସାରିଥିଲା। ତେଣୁ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ଦଳର ଖେଳ ଷ୍ଟାଇଲ୍ ଏବଂ ରଣନୀତି ସହିତ ପରିଚିତ ହେବାପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମ୍ୟାଚ ଶେଷରେ ଜାପାନ ୬-୨ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ଭାରତକୁ ଭେଟିବା ପଥ ପରିଷ୍କାର କରିଥିଲା। ମ୍ୟାଚ ଶେଷ ହେବାପରେ ଭାରତୀୟ ଖେଳାଳିମାନେ ନର୍ଥଷ୍ଟାଣ୍ଡ ଛାଡ଼ି ଚାଲିଯାଇଥିବା ପରିଲକ୍ଷିତ ହୋଇଥିଲା।

# ରୁଷିଆ ବିଦା, ଦକ୍ଷିଣ ଆଫ୍ରିକା ସେମିରେ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଆମେରିକା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୧୪ ତାରିଖରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ରସ୍ ଓଭର ମ୍ୟାଚ ପରେ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ୨-୧ ଗୋଲରେ ରୁଷିଆକୁ ପରାସ୍ତ କରିଛି। ପୁଲ୍ ପର୍ଯ୍ୟାୟରେ ଖରାପ ଖେଳିଥିଲେ ହେଁ ଗୋଟିଏ ବିଜୟ ସହ କ୍ରସ୍ ଓଭରକୁ ଆସିଥିବା ଦକ୍ଷିଣ ଆଫ୍ରିକା ଭାଗ୍ୟ ସାଥ୍ ବଳରେ ପ୍ରତିଯୋଗିତାର ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଅନ୍ୟପକ୍ଷରେ ରୁଷିଆର ଅଭିଯାନ କ୍ରସ୍ ଓଭରରୁ ଶେଷ ହୋଇଛି। ଏହି ଦଳ ୧୪ରେ ପୋଲାଣ୍ଡ ସହ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ।

ରୁଷିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗ୍ରୁପ ପର୍ଯ୍ୟାୟରେ ଅପେକ୍ଷାକୃତ ଭଲ ଖେଳି ରୁଷିଆ କ୍ରସ୍ ଓଭରକୁ ଆସିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଦକ୍ଷିଣ ଆଫ୍ରିକା। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଦ୍ୟମ ଜୋରଦାର ହୋଇଥିଲା। ୪୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ଦକ୍ଷିଣ ଆଫ୍ରିକାର ଏନକୋବିଲ ଏନଟୁଲି ମ୍ୟାଚରେ ଉଷ୍ମତା ଭରିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ମାତ୍ର ୪ର୍ଥ କ୍ୱାର୍ଟର ଆରମ୍ଭର ଅଳ୍ପକିଛି ସମୟ ପରେ ଅର୍ଥାତ୍ ୪୭ତମ ମିନିଟରେ ରୁଷିଆକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲକରି ରୁଷିଆର ଜର୍ଜ ଆରୁସିଆ ମ୍ୟାଚକୁ ୧-୧ ସମାନ ସ୍ତରକୁ ନେଇ ଆସିଥିଲେ। ମାତ୍ର ଦକ୍ଷିଣ ଆଫ୍ରିକା ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ୫୩ତମ ମିନିଟରେ ର୍ୟାନ ଜୁଲିଅସଙ୍କ ଫିଲ୍ଡ ଗୋଲ ବଳରେ ଦଳ ପୁଣି ଅଗ୍ରଣୀ ହାସଲ କରିଥିଲା। ଶେଷ ମିନିଟରେ ଗୋଲ ପରିଶୋଧ ପାଇଁ ରୁଷିଆ ସୁବର୍ଣ୍ଣ ସୁଯୋଗ ପାଇଥିଲା। ମାତ୍ର ପେନାଲ୍ଟି କର୍ଣ୍ଣର ମିସ୍ କରି ଦଳ ଏହାକୁ ହାତଛଡ଼ା କରିଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଦକ୍ଷିଣ ଆଫ୍ରିକାର ଅଷ୍ଟିନ ସ୍ମିଥ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୁଲ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ୦-୨ରେ ଆମେରିକାଠାରୁ ଏବଂ ୦-୨ରେ ଜାପାନଠାରୁ ହାରିଥିବାବେଳେ ମେକ୍ସିକୋକୁ ୬-୦ ଗୋଲରେ ହରାଇ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଏବେ ସେମିଫାଇନାଲରେ ଆମେରିକାକୁ ଭେଟିବାକୁ ଯାଉଥିବାରୁ ପରାଜୟ ମଧୁର ପ୍ରତିଶୋଧ ନେବାପାଇଁ ଦକ୍ଷିଣ ଆଫ୍ରିକା ନିକଟରେ ସୁଯୋଗ ରହିଛି। ପୁଲ୍ 'ଏ'ରୁ କେବଳ ଭାରତ ଏବଂ ପୁଲ୍ 'ବି'ରୁ ୩ ଦଳ ଜାପାନ, ଆମେରିକା ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଛି।

# ଅତ୍ୟଧିକ ଗରମ ଯୋଗୁ ସମୟରେ ପରିବର୍ତ୍ତନ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ସମୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅତ୍ୟଧିକ ଗରମ ଯୋଗୁ ଶୁକ୍ରବାର ୫ମ ସ୍ଥାନ ପାଇଁ ହେବାକୁଥିବା ପ୍ଲେସିଂ ମ୍ୟାଚକୁ ସକାଳ ୮ଟାରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ସକାଳ ମ୍ୟାଚ ଗୁଡ଼ିକ ୮ଟା ୪୫ରେ ଆରମ୍ଭ ହେଉଥିଲା। ଏହା ଏକ ଏଫ୍‌ଆଇଏଚ୍(ଅନ୍ତର୍ଜାତୀୟ ହକି ଫେଡେରେଶନ) ମ୍ୟାଚ ହୋଇଥିବାରୁ ଏଥିରେ ଖେଳାଳି, ଦର୍ଶକ, ଭଲ୍ୟୁଣ୍ଟର ଏବଂ ଅଫିସିଆଲମାନେ ସାମିଲ ଥିବାରୁ ବ୍ରଡ୍‌କାଷ୍ଟ ଏବଂ କମର୍ସିଆଲ ପାର୍ଟନରଙ୍କ ସହ ଆଲୋଚନା ପରେ ହକି ଇଣ୍ଡିଆ ଏପରି ନିଷ୍ପତ୍ତି ନେଇଛି। ଏହା ବ୍ୟତୀତ ବୁଧବାରଠାରୁ ସକାଳ ଏବଂ ଅପରାହ୍ନ ୫ଟା ବେଳ ମ୍ୟାଚର ପ୍ରତି କ୍ୱାର୍ଟର ମଝିରେ ୪ ମିନିଟର ବ୍ରେକ୍ ଦେବାକୁ ନିଷ୍ପତ୍ତି ହୋଇଛି। ମେକ୍ସିକୋ-ଉଜ୍‌ବେକିସ୍ତାନ ମ୍ୟାଚରୁ ଏହା ଲାଗୁ କରାଯାଇଛି। ପୂର୍ବରୁ ପ୍ରତି କ୍ୱାର୍ଟର ମଝିରେ ୨ ମିନିଟର ବ୍ରେକ୍ ରହୁଥିଲା। ଅନ୍ତର୍ଜାତୀୟ ଇଭେଣ୍ଟ ଗୁଡ଼ିକରେ ପାଗର ଭିନ୍ନତାକୁ ଦୃଷ୍ଟିରେ ରଖି ସମୟରେ ପରିବର୍ତ୍ତନ କରିବାର ନିୟମ ରହିଛି। ଉଜ୍‌ବେକିସ୍ତାନ-ମେକ୍ସିକୋ ମ୍ୟାଚରେ ପ୍ରତି ୭ ମିନିଟ୍‌ରେ ଥରେ ଲେଖାଏ ଡ୍ରିଙ୍କ୍ସ ବ୍ରେକ୍ କରାଯାଇଥିଲା।



ଜାପାନ-ପୋଲାଣ୍ଡ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିବା ଦେବାଶିଷ ମହାନ୍ତି (ଡାହାଣ)।

## ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

### ଜୁନ୍ ୧୪ର କାର୍ଯ୍ୟସୂଚୀ

- ପୋଲାଣ୍ଡ ବନାମ ରୁଷିଆ (୫-୬ ପ୍ଲେସିଂ ମ୍ୟାଚ) ସକାଳ ୮ଟା
- ଭାରତ ବନାମ ଜାପାନ (ପ୍ରଥମ ସେମିଫାଇନାଲ) ସମୟ: ଅପରାହ୍ନ ୫ଟା
- ଆମେରିକା ବନାମ ଦକ୍ଷିଣ ଆଫ୍ରିକା (ଦ୍ୱିତୀୟ ସେମିଫାଇନାଲ) ସମୟ: ରାତି ୭ଟା ୧୫

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

# ବିଜୟ ସହ ମେକ୍ସିକୋ ୭ମ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଶେଷ କରିଛି ମେକ୍ସିକୋ। ଯୁବ ମେକ୍ସିକୋ ଦଳ ବୁଧବାର ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୪-୩ ଗୋଲରେ ହରାଇ ୭ମ ସ୍ଥାନ ଅଧିକାର କରିଛି। ଗ୍ରୁପ ପର୍ଯ୍ୟାୟରେ ୩ଟି ଯାକ ମ୍ୟାଚରେ ପରାଜିତ ହୋଇଥିବା ମେକ୍ସିକୋ ଶେଷରେ ସମ୍ମାନର ସହ ସ୍ୱଦେଶ ଫେରିଛି। ଅନ୍ୟପକ୍ଷରେ ସମସ୍ତ ୪ ମ୍ୟାଚ୍ ପରାଜୟ ସହ ଉଜ୍‌ବେକିସ୍ତାନ ଏହାର ଅଭିଯାନ ଶେଷ କରିଛି।



ମେକ୍ସିକୋ-ଉଜ୍‌ବେକିସ୍ତାନ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ତେବେ ଏହାର ଶେଷଭାଗରେ ଅର୍ଥାତ୍ ୨ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ମେକ୍ସିକୋ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୨୯ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ମାକ୍ସିମିଲିଆନୋ ମେଣ୍ଡେଜ ଗୋଲରେ ପରିଣତ କରିଥିବାବେଳେ ୩୦ତମ ମିନିଟରେ ଆଲେକଜାଣ୍ଡର ପାଲ୍‌ମା ଫିଲ୍ଡ ଗୋଲ ଦେଇ ଉଜ୍‌ବେକିସ୍ତାନ ଉପରେ ଚାପ ପ୍ରୟୋଗ କରିଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଗୋଲ ପରିଶୋଧ ଚକ୍କରରେ ରହିଥିଲା ଉଜ୍‌ବେକିସ୍ତାନ। ତୃତୀୟ କ୍ୱାର୍ଟର ଶେଷଭାଗରେ ୩ ମିନିଟ ମଧ୍ୟରେ ୩ ଗୋଲ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଏହି ଦଳ। ଉଜ୍‌ବେକିସ୍ତାନ ପକ୍ଷରୁ ୪୧ତମ ମିନିଟରେ ଗୟବୁଲୋ ଖ୍ୟାତବୋୟେଭ ଓ ୪୨ତମ ମିନିଟରେ ଓଖୁନଜନ ମିର୍ଜାକରିମୋଭ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୪୪ତମ ମିନିଟରେ ମେକ୍ସିକୋ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଉଜ୍‌ବେକିସ୍ତାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ରୁସଲାନ ସାର୍ଲିକୋଭ ଏହାକୁ ଗୋଲରେ ପରିଣତ କରିବାରୁ ୩ୟ କ୍ୱାର୍ଟର ଶେଷସୁଦ୍ଧା ଉଜ୍‌ବେକିସ୍ତାନ ୩-୨ରେ ଅଗ୍ରଣୀ ହୋଇଥିଲା। ଅନ୍ତିମ କ୍ୱାର୍ଟରରେ କଡ଼ା ସଂଘର୍ଷ ହୋଇଥିବାବେଳେ ଭାଗ୍ୟ ମେକ୍ସିକୋ ସପକ୍ଷରେ ରହିଥିଲା। ୫୪ତମ ମିନିଟରେ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରି ୟାମିଲ ମେଣ୍ଡେଜ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଶେଷ ହେବାର ୧ ମିନିଟ ପୂର୍ବରୁ ମେକ୍ସିକୋ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ସୁଯୋଗର ଭରପୂର ସଦ୍‌ବ୍ୟବହାର କରି ଅଧିନାୟକ ରୋବେର୍ଟୋ ଗାର୍ସିଆ ଗୋଲ ଦେବାରୁ ମେକ୍ସିକୋ ବିଜୟ ପଥ ପରିଷ୍କାର ହୋଇଥିଲା।

# ଅନ୍ତର୍ଜାତୀୟ ରେଫରି ମାନ୍ୟତା ଲକ୍ଷ୍ୟ

## କବାଡ଼ି ପ୍ରତିଭା ମନସ୍ୱିନୀଙ୍କ ପାଇଁ ଅର୍ଥ ସାଜିଛି ବାଧକ

ରସୁଲପୁର,୧୨।୬(ଡି.ଏନ.ଏ.)

ଗାଉଁଲି ଝିଅ ବି କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛି। ମାତ୍ର ଏଥିପାଇଁ ତାଙ୍କୁ ବହୁ କଷ୍ଟ ଓ କଣ୍ଟକିତ ରାସ୍ତା ଦେଇ ଗତି କରିବାକୁ ହୋଇଛି। ଅନେକ ସଂଘର୍ଷପୂର୍ଣ୍ଣ ଯାତ୍ରା ପରେ ସେ ସଫଳତା ପାଇଛନ୍ତି। ନାନା ସାମାଜିକ ସମସ୍ୟାରେ ଛନ୍ଦିହୋଇ ସଫଳତା ପାଇବା ପୂର୍ବରୁ ଅଧା ବାଟରେ ଅଟକି ଯିବାର ସମ୍ଭାବନା ମଧ୍ୟ ଦେଖାଦେଇଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ତାଙ୍କ ପାଇଁ ସ୍ୱପ୍ନରେ ପରିଣତ ହୋଇଯିବ। ଏଭଳି ଏକ ବାସ୍ତବ ଓ ସତ୍ୟ ଘଟଣା ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତ ଅଧିନସ୍ଥ ପାଳସାହି ଗ୍ରାମର କବାଡ଼ି ପ୍ରତିଭା ମନସ୍ୱିନୀ ସାହୁଙ୍କ କ୍ଷେତ୍ରରେ ଦେଖାଯାଇଛି। କବାଡ଼ି ଖେଳ ଓ ପରିଚାଳନାକୁ ନେଇ ତାଙ୍କର ସଂଘର୍ଷପୂର୍ଣ୍ଣ ଅଭିଯାନ ଉପରେ ରସୁଲପୁର ବ୍ଲକ ଧରିତ୍ରୀ ପ୍ରତିନିଧି ରଞ୍ଜିତ ରାଉତଙ୍କ ବିଶେଷ ଉପସ୍ଥାପନା।

ମୂଳରୁ ମନସ୍ୱିନୀଙ୍କ ପରିବାରର ଆର୍ଥିକସ୍ଥିତି ଅତ୍ୟନ୍ତ ଦୁର୍ବଳ। ପିତା ପେସାରେ କାଠ ବ୍ୟବସାୟୀ, ଆଉ ମାତା ଜଣେ ଗୃହିଣୀ ଥିଲେ। ବ୍ୟବସାୟ ବନ୍ଦ ହୋଇଗଲା ପରେ ପରିବାରର ଆର୍ଥିକ ସ୍ଥିତି ଦୋହଲିଗଲା । ପରିବାରର ତିନୋଟି ସନ୍ତାନ ମଧ୍ୟରୁ ମନସ୍ୱିନୀ ମଧ୍ୟମ କନ୍ୟା ଅଟନ୍ତି। ସମସ୍ତଙ୍କୁ ପାଠପଢ଼ାଇ ଉଚ୍ଚ ଶିକ୍ଷିତ କରିବା ଅଭିଭାବକଙ୍କ ଲକ୍ଷ୍ୟ ଅଧାରେ ଅଟକିଯାଇଛି। ହେଲେ ମନସ୍ୱିନୀଙ୍କ ଖେଳକୁଦ ପ୍ରତି ବିଶେଷ ଆଗ୍ରହରୁ ତାଙ୍କୁ କେତେକ ସଫଳତା ମିଳିପାରିଛି। ସେ ବିଦ୍ୟାଳୟ କ୍ରୀଡ଼ାରୁ ତାଙ୍କର ପ୍ରତିଭା ଓ ପରାକାଷ୍ଠା ଦେଖାଇ ପାରିଥିଲେ। ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ସେ କବାଡ଼ି ଖେଳିବାକୁ ମନ ବଳାଇଲେ। ୨୦୦୯ରୁ ଏହି ବ୍ଲକର ଖଣ୍ଡିତର ସ୍ଥିତ ଯାଜପୁର କବାଡ଼ି ଆସୋସିଏଶନ ତାଙ୍କୁ ଖେଳିବାକୁ ସୁଯୋଗ ଦେଇ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ପରିପ୍ରକାଶ କରିବାରେ ସହାୟକ ହୋଇଥିଲା। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତାଙ୍କ ସଫଳତାର ଲମ୍ବା ତାଲିକାକୁ ଅବଲୋକନ କଲେ ଜଣାଯାଏ ସେ ୨୦୧୦ରେ ଓଡ଼ିଶା ସବ୍‌ଜୁନିଅର କବାଡ଼ି ଦଳର ସଦସ୍ୟ ହୋଇ ବିହାର ଖେଳିବାକୁ ଯାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ କରି ୨୦୧୧ରେ ରାଜ୍ୟ ଜୁନିଅର କବାଡ଼ି ଦଳରେ ସ୍ଥାନ ପକ୍କା ପାଇବା ସହ ଛତିଶଗଡର ଭିଲାଇ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ପରବର୍ଷ ୨୦୧୨ରେ ରାଜ୍ୟ ସିନିଅର ଦଳ ପାଇଁ ପ୍ରତିନିଧିତ୍ୱ କରିବା ସହ ୨୦୧୪ ଓ ୨୦୧୬ ମସିହାରେ ମଧ୍ୟ ସ୍ଥାନ ଜମାଇ ରଖିବାକୁ ସକ୍ଷମ ହୋଇପାରିଥିଲେ। ଏହା ଭିତରେ ସେ ୨୦୧୩ରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ସୁପର ନ୍ୟାଶନାଲ ଓ ମହିଳା କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ ପାଇଁ ରାଜ୍ୟ ପକ୍ଷରୁ ମନୋନୀତ ହୋଇଥିଲେ। ସମଗ୍ର ରାଜ୍ୟରେ କବାଡ଼ି କ୍ଷେତ୍ରରେ ଅଗ୍ରଣୀ ଲାଭ କରିଥିବା ଯାଜପୁର ମହିଳା ଦଳର ନେତୃତ୍ୱ ୫ବର୍ଷ (୨୦୧୩-୨୦୧୭) ପାଇଁ ତୁଲାଇଥିଲେ। ଏହାଛଡା ସେ ବହୁ ସର୍ବଭାରତୀୟ ଓପନ କବାଡ଼ି ଟୁର୍ଣ୍ଣାମେଣ୍ଟ ଖେଳିଛନ୍ତି। ଇତି ମଧ୍ୟରେ ସେ ଖେଳରୁ ଖେଳ ପରିଚାଳିକା ହେବାକୁ ମନ ବଳାଇଥିଲେ। ସେ ଦିଗରେ ସେ ପ୍ରୟାସ ଆରମ୍ଭ କରିବା ସହ ୨୦୧୨ ମସିହାରେ ଓଡିଶା କବାଡ଼ି ଆସୋସିଏସନ(ଓକେଏ) ପରୀକ୍ଷା ଦେଇଥିଲେ। ୨୦୧୫ରେ ଆର୍ମେଚର କବାଡ଼ି ଫେଡେରେଶନ୍ ଅଫ ଇଣ୍ଡିଆ(ଏକେଏଫଆଇ) ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ୨୦୧୬ରୁ ସେ ଅଫିସିଆଲ ଭାବରେ କାର୍ଯ୍ୟ କରିଆସୁଛନ୍ତି। ୨୦୧୬-୧୭ରେ କଟକଠାରେ ଅନୁଷ୍ଠିତ ଜୁନିଅର ଜାତୀୟ କବାଡ଼ି ପ୍ରତିଯୋଗିତା, ମୁମ୍ବାଇ, ପୁନେ ଓ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ସିନିଅର ପ୍ରତିଯୋଗିତା, ସୁପର ନ୍ୟାଶନାଲ ପ୍ରତିଯୋଗିତା, ସର୍ବଭାରତୀୟ ପ୍ରତିଯୋଗିତା ଆଦି ପରିଚାଳନା କରିବାକୁ ସୁଯୋଗ ମଧ୍ୟ ପାଇଥିଲେ। ଖେଳ ପରିଚାଳନାର ଦକ୍ଷତା ଆର୍ମେଚର କବାଡ଼ି ଫେଡରଶନର କର୍ମକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା। ୨୦୧୮ରୁ ସେ ଜାତୀୟସ୍ତରର ରେଫରୀଙ୍କ ତାଲିକାରେ ସାମିଲ ହୋଇଛନ୍ତି। ପ୍ରୋ-କବାଡ଼ିର ପ୍ରାୟୋଜକ ଷ୍ଟାର ସ୍ପୋର୍ଟ୍ସପକ୍ଷରୁ କଟକଠାରେ ଅନୁଷ୍ଠିତ ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ସେ ୫ ଅକ୍ଟୋବରରୁ ୫ ଜାନୁଆରୀ ୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରୋ-କବାଡ଼ି ଖେଳ ପରିଚାଳନା କରିବା, ଚଳିତ ବର୍ଷ ଜାନୁଆରୀ ୧୨ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ରାଜ୍ୟ ଓ ଜିଲା ପାଇଁ ଗର୍ବ ଆଣିବା ସହ ତାଙ୍କର ସଫଳତା ବଜାୟ ରଖିଛନ୍ତି। ଚଳିତ ବର୍ଷ ଜୁଲାଇରୁ ଅନୁଷ୍ଠିତ ହେବାକୁ ଥିବା ପ୍ରୋ-କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ତାଲିମ ଶିବିରକୁ ଡାକରା ଆସିଛି। ତାଙ୍କୁ କ୍ରୀଡା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଥିସହ ସେ ଏବେ ମଧୁବନ ନୋଡାଲ ହାଇସ୍କୁଲରେ କ୍ରୀଡା ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଅଛନ୍ତି। ଏ ବାବଦରେ ତାଙ୍କୁ ମିଳୁଛି ମାତ୍ର ମାସକୁ ୬ ହଜାର ଟଙ୍କା। ତାଙ୍କ ବଡ ଭଉଣୀ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ତାଙ୍କର ସ୍ୱଳ୍ପ ଦରମା ସାଙ୍ଗକୁ ମନସ୍ୱିନୀଙ୍କ ମାସ ଦରମାରେ ଘର ଚଳିବା କଷ୍ଟ ହେଉଛି। ସେଭଳି ସ୍ଥଳେ ମା'ଙ୍କ ହୃଦୟ ସଂକ୍ରମଣ ରୋଗ ତାଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସାଜିଛି। ତାଙ୍କ ସଫଳତା ପଛରେ ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମାନେଜର ଅଭୟ କୁମାର ମହାନ୍ତିଙ୍କ ଆର୍ଥିକ ସହାୟତା ଏକ ମହୌଷଧି ଭଳି କାମ କରିଛି। ଏହାଛଡା ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସମ୍ପାଦକ ଅଜୟ କୁମାର ବେହେରା, ଓଡିଶା ରେଫରି ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ସୂର୍ଯ୍ୟକାନ୍ତ ମହାନ୍ତି, ଯାଜପୁର କବାଡ଼ି ଆସୋସିଏଶନ୍‌ର ଉପସଭାପତି କୃଷ୍ଣକାନ୍ତ ପଣ୍ଡା ପ୍ରମୁଖଙ୍କ ସାହାଯ୍ୟ ସହଯୋଗ ତାଙ୍କ ସଫଳତାର ଏକ ବଡ଼ ମାପକାଠି। ଏ ସବୁ ସତ୍ତ୍ୱେ ସେ ଅନ୍ତର୍ଜାତୀୟସ୍ତରରେ ରେଫରି ହେବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ତାଙ୍କର ଦୁର୍ବଳ ଆର୍ଥିକ ପରିସ୍ଥିତି ତାଙ୍କ ଲକ୍ଷ୍ୟ ପଥରେ ବାଧକ ସାଜିଛି। ଏହାଛଡା ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସେ ଆର୍ଥିକ ଅଭାବ ଅନାଟନ ଦେଇ ଗତି କରୁଛନ୍ତି। ଯାହା କିଛି ଉପାର୍ଜନ ହେଉଛି ସେଥିରେ ମା'ଙ୍କ ଚିକିତ୍ସା ଓ ପରିବାର ଚଳିବା କଷ୍ଟ ହେଉଛି। ଅନ୍ତର୍ଜାତୀୟ ରେଫରି ଲକ୍ଷ୍ୟ ହାସଲ ଦିଗରେ ନିଜକୁ ପ୍ରସ୍ତୁତି କରିବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ। କେତେଦିନ ଆଉ ପରହାତ ଟେକାକୁ ଅନାଇ ବାଟ ଚାଲିବେ। ଯଦି ରାଜ୍ୟ ସରକାର ଏ ଦିଗରେ ସହାୟତାର ହାତ ବଢାନ୍ତେ ତେବେ ସେ ଆହୁରି ଆଗକୁ ବଢିବା ସହ ଲକ୍ଷ୍ୟପୂରଣ ଦିଗରେ ସହାୟକ ହୋଇପାରନ୍ତା। ଏହଛଡା ଜିଲା ପ୍ରଶାସନ ମା'ଙ୍କ ଚିକିତ୍ସା ଭାର ହାତକୁ ନେଲେ, ତାଙ୍କର ଆର୍ଥିକ ବୋଝ ହାଲୁକା ହୋଇପାରିବ ବୋଲି ମନସ୍ୱିନୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୩/୨୦୧୯ | Bhubaneswar, Thursday, June 13/ 2019

# ଭୁବନେଶ୍ୱରରେ ହୋଇପାରେ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବେ ଚାଲିଛି ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ। ଖୁବ୍ ଶୀଘ୍ର ଓଡ଼ିଶାର ହକିପ୍ରେମୀଙ୍କ ପାଇଁ ଆଉ ଏକ ଖୁସି ଖବର ଆସିବା ସମ୍ଭାବନା ରହିଛି। ଏଠାରେ ଏଫଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି ଟୁର୍ନାମେଣ୍ଟ ହେବା ସମ୍ଭାବନା ରହିଛି। ଆନୁଷ୍ଠାନିକଭାବେ ଏହି ମେଗା ପ୍ରତିଯୋଗିତାର କାର୍ଯ୍ୟସୂଚୀ ଓ ସମୟସୀମା ନିର୍ଦ୍ଧାରିତ ହୋଇ ନ ଥିଲେ ହେଁ ଧରିତ୍ରୀକୁ ମିଳିଥିବା ସୂଚନା ଅନୁସାରେ ଏହା ଦୀପାବଳି ପରେ ଆଗାମୀ ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବା ଏକପ୍ରକାର ନିଶ୍ଚିତ।

ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିବେ। ତିନୋଟି ଏଫଆଇଏଚ୍ ସିରିଜ ଫାଇନାଲରୁ ଶ୍ରେଷ୍ଠ ୬ଟି ଦଳ, ଏଫଆଇଏଚ୍ ପ୍ରୋ ଲିଗ୍‌ରୁ ୪ ଦଳ ଏବଂ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରି ନ ଥିବା କିମ୍ବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥିବା ଏଫଆଇଏଚ୍ ର୍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୪ ଦଳକୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଫଆଇଏଚ୍ ପ୍ରୋ ଲିଗ୍ ସମ୍ପ୍ରତି ନେଦରଲାଣ୍ଡ୍ସର ଆମ୍‌ଷ୍ଟେଲଭିନରେ ଅନୁଷ୍ଠିତ ହେଉଛି। ଏଥିରେ ଅଷ୍ଟ୍ରେଲିଆ, ବେଲଜିୟମ, ନେଦରଲାଣ୍ଡ୍ସ, ଜର୍ମାନୀ, ଆର୍ଜେଣ୍ଟିନା, ଗ୍ରେଟ୍ ବ୍ରିଟେନ, ସ୍ପେନ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରୁଛନ୍ତି। ଜୁନ ୩୦ରେ ଏହି ପ୍ରତିଯୋଗିତା ସରିବ। ଏଫଆଇଏଚ୍ ସିରିଜ ଫାଇନାଲ୍ସର ପ୍ରଥମ ଚରଣ କୁଆଲାଲମ୍ପୁରରେ ଅନୁଷ୍ଠିତ ହୋଇଥିଲା। ଏଥିରୁ କାନାଡ଼ା ଓ ମାଲେସିଆ ଯୋଗ୍ୟତା ଅର୍ଜନ କରିଛନ୍ତି। ଭୁବନେଶ୍ୱରରେ ହେଉଥିବା ଟୁର୍ନାମେଣ୍ଟରୁ ୨ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଯୋଗ୍ୟ ବିବେଚିତ ହେବେ। ଫ୍ରାନ୍ସର ଲି ଟୌକ୍ୱେଟଠାରେ ଏଫଆଇଏଚ୍ ସିରିଜ ଫାଇନାଲ୍ସର ୩ୟ ତଥା ଅନ୍ତିମ ଚରଣ ଅନୁଷ୍ଠିତ ହେବ। ଏଥିରୁ ୨ଟି ଦଳ ଯୋଗ୍ୟତା ପାଇବେ। ୨୦୧୯ ସେପ୍ଟେମ୍ବର ୨୦ ସୁଦ୍ଧା ଏଫଆଇଏଚ୍ ର୍ୟାଙ୍କିଙ୍ଗର ଶ୍ରେଷ୍ଠ ଦଳ ଗୁଡ଼ିକ ମଧ୍ୟରୁ ୪ଟି ଟିମ୍ ସେମାନଙ୍କ ସହ ସାମିଲ ହେବେ। ତେଣୁ ଅଘୋଷିତଭାବେ ଭାରତର କ୍ରୀଡ଼ା ରାଜଧାନୀର ମାନ୍ୟତା ପାଇଥିବା ଭୁବନେଶ୍ୱରରେ ବର୍ଷ ଶେଷଭାଗରେ ଆଉ ଏକ ବଡ଼ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ହେବା ଏକପ୍ରକାର ନିଶ୍ଚିତ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

# ଭାଲେଣ୍ଟିନାଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇର ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଗତ ୧୦ ଓ ୧୧ ତାରିଖ ଦୁଇଦିନଧରି ଅନୁଷ୍ଠିତ କାଇ (କରାଟେ ଆସୋସିଏଶନ ଅଫ୍ ଇଣ୍ଡିଆ) ଜାତୀୟ ସିନିୟର କରାଟେ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଭାଲେନା ଭାଲେଣ୍ଟିନା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ତାମିଲନାଡୁ ପ୍ରତିଯୋଗୀଙ୍କୁ ୨୫.୫୬-୨୪.୩୬ ପଏଣ୍ଟ ବ୍ୟବଧାନରେ ପରାସ୍ତ କରିଛନ୍ତି।

# ଭାରତୀୟ ପୁରୁଷ ତୀରନ୍ଦାଜୀ ଟିମ୍‌କୁ ଅଲିମ୍ପିକ୍ ଟିକେଟ୍

ଡେନ୍ ବୋଶ୍ଚ (ନେଦରଲାଣ୍ଡ୍ସ), ୧୨।୬(ପି.ଟି.)

ଭାରତୀୟ ପୁରୁଷ ରିକର୍ଭ ତୀରନ୍ଦାଜୀ ଦଳ ୨୦୨୦ ଟୋକିଓ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଛି। ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲକୁ ପ୍ରବେଶ କରି ଭାରତୀୟ ଦଳ ଏହି ସଫଳତା ପାଇଛି। ତରୁଣଦୀପ ରାଇ, ଅତନୁ ଦାସ ଓ ପ୍ରବୀଣ ଯାଦବଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ ୫-୩ ସ୍କୋରରେ କାନାଡାକୁ ପରାସ୍ତ କରିଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପରେ ପ୍ରଥମଥର ଲାଗି ଭାରତର ୩ଜଣିଆ ଦଳ କ୍ରୀଡ଼ାର ମହାକୁମ୍ଭକୁ ଯୋଗ୍ୟତା ହାସଲ କରିଛି। ୨୦୧୬ରେ ଅତନୁ କେବଳ ବ୍ୟକ୍ତିଗତ ବର୍ଗରେ ଅଲିମ୍ପିକ ଟିକେଟ୍ ପାଇଥିଲେ। ଅପରପକ୍ଷରେ ଭାରତୀୟ ମହିଳା ଦଳ କିନ୍ତୁ ନିରାଶ କରିଛନ୍ତି। ଦୀପିକା କୁମାରୀ, ଲାଇସରାମ ବୋମ୍ବାଲ୍ୟା ଦେବୀ ଓ କୋମଳିକା ବରିଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ୨-୬ରେ ନିମ୍ନମାନ୍ୟତା ଦଳ ବେଲାରୁଶ ନିକଟରୁ ହାରି ଅଲିମ୍ପିକ ଯୋଗ୍ୟତାରୁ ବଞ୍ଚିତ ହୋଇଛି।

## ଇଣ୍ଡୋ-ପାକ୍ ବିଶ୍ୱକପ୍ ମ୍ୟାଚ୍ ବିଜ୍ଞାପନକୁ ସାନିଆଙ୍କ ବିରୋଧ

ନୂଆଦିଲ୍ଲୀ, ୧୨।୬(ପିଟି)

ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ବହୁ ପ୍ରତୀକ୍ଷିତ ମ୍ୟାଚ୍ ଲାଗି ପ୍ରସାରଣକାରୀ ଚ୍ୟାନେଲରେ ଦେଉଥିବା କିଛି ସ୍ୱତନ୍ତ୍ର ବିଜ୍ଞାପନ ଉଭୟ ଦେଶର କ୍ରିକେଟ ପ୍ରଶଂସକଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି କରୁଛି। ଏହି ବିଜ୍ଞାପନକୁ ଟେନିସ ଷ୍ଟାର ସାନିଆ ମିର୍ଜା ବୁଧବାର ବିରୋଧ କରିଛନ୍ତି। ପାକିସ୍ତାନର ଜାଜ୍ ଟିଭି ଏକ ବିଜ୍ଞାପନ ପ୍ରସାରଣ କରୁଛି, ଯେଉଁଥିରେ ବାଲକୋଟ ଆକ୍ରମଣ ପରେ ପାକିସ୍ତାନ ଆର୍ମି ଦ୍ୱାରା ଗିରଫ ହୋଇଥିବା ଭାରତୀୟ ୱିଙ୍ଗ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ସଦୃଶ୍ୟ ଦେଖାଯାଉଥିବା ଏକ ଚରିତ୍ର ରହିଛି। ୩୩ ସେକେଣ୍ଡ ବିଶିଷ୍ଟ ବିଜ୍ଞାପନରେ ଭାରତୀୟ ଦଳର ଜର୍ସି ପିନ୍ଧିଥିବା ବର୍ଥମାନଙ୍କ ଚରିତ୍ର ତାଙ୍କ ଷ୍ଟାଇଲରେ ନିଶ ମଧ୍ୟ ରଖିଛି। ସେଥିରେ ତାଙ୍କୁ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ର ଭାରତୀୟ ଦଳର ରଣନୀତି ସମ୍ପର୍କରେ ପ୍ରଶ୍ନ କରାଯାଉଛି। ଆଉ ଉକ୍ତ ଚରିତ୍ର ଭାଇରାଲ ଡାଇଲଗ 'ମୁଁ ଦୁଃଖିତ। ତୁମକୁ ଏହା କହି ପାରିବି ନାହିଁ' ବୋଲି କହୁଛନ୍ତି। ଅନ୍ୟପକ୍ଷରେ ଭାରତରେ ପ୍ରସାରିତ ବିଜ୍ଞାପନରେ ଟିମ୍ ଇଣ୍ଡିଆର ପ୍ରଶଂସକମାନେ ନିଜକୁ ପାକିସ୍ତାନର ଆବୁ (ବାପା) ବୋଲି ଅଭିହିତ କରୁଛନ୍ତି। ସୀମାର ଉଭୟ ପାର୍ଶ୍ୱରେ ଏଭଳି ବିଜ୍ଞାପନ ଯୋଗୁ ବହୁତ ସାଙ୍ଘାତିକ ଫଳାଫଳ ହୋଇପାରେ। ମ୍ୟାଚ୍‌ର ଆଉ ପ୍ରସାର କରିବା ଦରକାର ନାହିଁ। ଏହାକୁ ବହୁତ ଗୁରୁତ୍ୱ ଦିଆଯାଉଛି। ଏହା କେବଳ ଏକ କ୍ରିକେଟ ମ୍ୟାଚ୍। ତା'ଠାରୁ ଅଧିକ କିଛି ନୁହେଁ ବୋଲି ସାନିଆ ଟୁଇଟ୍ କରିଛନ୍ତି।

# ଶାସ୍ତ୍ରୀ, ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ, ୧୨।୬(ପି.ଟି.)

ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଓ ତାଙ୍କ ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ଚଳିତ ବିଶ୍ୱକପ୍ ପରେ ଶେଷ ହେଉଥିବା ବେଳେ ଏହାକୁ ବୃଦ୍ଧି କରାଯାଇଛି। ବିଶ୍ୱକପ୍ ପରେ ଏମାନଙ୍କ ଚୁକ୍ତି ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କ୍ରିକେଟ ପ୍ରଶାସକ କମିଟି (ସିଓଏ) ଏମାନଙ୍କ କାର୍ଯ୍ୟକାଳକୁ ଆଉ ୪୫ ଦିନକୁ ବୃଦ୍ଧି କରିଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସିଓଏ ମୁଖ୍ୟ ବିନୋଦ ରାଏ ବିଶ୍ୱକପ୍‌ରେ ବିଭିନ୍ନ ପଦ ପାଇଁ ସାକ୍ଷାତକାର ନେବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୱେବସାଇଟ୍‌ରେ ସିଓଏ ତା'ର ବୈଠକ ନେଇ ବିବରଣୀ ଅପ୍‌ଲୋଡ୍ କରିଛି। ବୈଠକରେ ଆଲୋଚନା କରିବାପରେ କାର୍ଯ୍ୟକାଳ ବୃଦ୍ଧି କରିବାକୁ ସିଓଏ ନିଷ୍ପତ୍ତି ନେଇଛି। ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର, ବୋଲିଂ କୋଚ୍ ଭାରତ ଅରୁନ ଓ ଫିଲ୍ଡିଂ କୋଚ୍ ଆର. ଶ୍ରୀଧରଙ୍କୁ ନେଇ ଭାରତୀୟ ସପୋର୍ଟ ଷ୍ଟାଫ୍ ଗଠିତ। ଗତ ମାର୍ଚ୍ଚରେ ସୁପ୍ରିମକୋର୍ଟରେ ହୋଇଥିବା ଶୁଣାଣିରେ ସପୋର୍ଟଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ତଥା ଚୁକ୍ତି ବୃଦ୍ଧି ନେଇ ନିଷ୍ପତ୍ତି ନିଆଯାଇଥିଲା। ୨୦୧୭ରେ ଅନିଲ କୁମ୍ବଲେ ପଦରୁ ଓହରିବା ପରେ ଶାସ୍ତ୍ରୀ ଭାରତର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ନିଯୁକ୍ତି ବେଳେ ଶାସ୍ତ୍ରୀ ଓ ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟକାଳ ବୃଦ୍ଧିନେଇ କୌଣସି କ୍ଲଜ ନଥିଲା। ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ହୋଇଛି।



ରବି ଶାସ୍ତ୍ରୀ

# ଅନୁପମାଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିୟର ଓ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ ରୌପ୍ୟ ପଦକ ହାସଲ କରିଛନ୍ତି। ୫୫ କେଜି ମହିଳା ଫାଇଟ୍‌ରେ ସେ କଡ଼ା ଟକ୍କର ଦେଇଥିଲେ ହେଁ ୫-୭ ପଏଣ୍ଟ ବ୍ୟବଧାନରେ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଏହି ସଫଳତା ପାଇଁ ଅନୁପମାଙ୍କୁ ରାଜ୍ୟ କରାଟେ ସଂଘର ସମ୍ପାଦକ ତଥା ଜାତୀୟ କରାଟେ ଫେଡେରେଶନର ଟେକ୍ନିକାଲ ଡାଇରେକ୍ଟର ସିହାନ ଡ. ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

# 'ପ୍ରତ୍ୟେକ ମ୍ୟାଚ୍ ଲାଗି ରିଜର୍ଭ ଦିବସ ସମ୍ଭବ ନୁହେଁ'

ନଟିଂହାମ, ୧୨।୬ (ପିଟି)

ଚଳିତ ବିଶ୍ୱକପ୍‌ରେ ବର୍ଷା ଯୋଗୁ ୩ ମ୍ୟାଚ୍ ବାତିଲ ହୋଇସାରିଛି। ଆଉ କିଛି ମ୍ୟାଚ୍ ମଧ୍ୟ ବର୍ଷା ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ରହିଛି। କିନ୍ତୁ ଏଥିରେ କିଛି କରାଯାଇ ପାରିବ ନାହିଁ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ବୁଧବାର କୁହାଯାଇଛି। କାରଣ ଇଂଲଣ୍ଡରେ ଏବେ ବର୍ଷାଋତୁ ଚାଲି ନାହିଁ। ହଠାତ ଦେଶକୁ କଳା ବାଦଲ ମାଡ଼ି ଆସିଛି। ପାକିସ୍ତାନ ଓ ବାଂଲାଦେଶ ବିପକ୍ଷରେ ଶ୍ରୀଲଙ୍କାର ଦୁଇଟି ମ୍ୟାଚ୍‌କୁ ବର୍ଷା ସମ୍ପୂର୍ଣ୍ଣ ଧୋଇ ଦେଇଥିବାବେଳେ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ସାଉଥାମ୍ପଟନଠାରେ ଅନୁଷ୍ଠିତ ମ୍ୟାଚ୍ କେବଳ ୭.୩ ଓଭର ପର୍ଯ୍ୟନ୍ତ ଖେଳାଯାଇ ପାରିଥିଲା। ଗୁରୁବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ରେ ମଧ୍ୟ ବାଧା ସୃଷ୍ଟି କରିପାରେ। କାରଣ ନଟିଂହାମଠାରେ ବର୍ଷା ଜାରି ରହିଛି। ପ୍ରତ୍ୟେକ ଲିଗ୍ ମ୍ୟାଚ୍ ପାଇଁ ଏକ ଅତିରିକ୍ତ ଦିନ ହାତରେ ରଖିବା ସମ୍ଭବପର ନୁହେଁ। କାରଣ ଏହା ଦ୍ୱାରା ଇଭେଣ୍ଟ ଖୁବ ଲମ୍ବା ହୋଇଯାଇଥାନ୍ତା। ୟୁନାଇଟେଡ୍ କିଙ୍ଗ୍‌ଡମର ପାଣିପାଗ ରିପୋର୍ଟ ଅନୁଯାୟୀ ଜୁନ ମାସରେ କେବଳ ଦୁଇ ଥର ଆଭରେଜ ବୃଷ୍ଟିପାତ ହୋଇଛି। ୨୦୧୮ ଜୁନରେ ମାତ୍ର ୨ ମିଲି ମିଟର (ଏମ୍‌ଏମ୍) ବର୍ଷା ହୋଇଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ-ପୂର୍ବ ଇଂଲଣ୍ଡରେ ୧୦୦ ଏମ୍‌ଏମ୍ ବର୍ଷା ହୋଇଛି ବୋଲି ଆଇସିସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡେଭ୍ ରିଚାର୍ଡସନ କହିଛନ୍ତି। ଏଥିସହ ସହ ସେ ପ୍ରତ୍ୟେକ ମ୍ୟାଚ୍ ପାଇଁ ରିଜର୍ଭ ଦିନ ଧାର୍ଯ୍ୟ କରିବା ଦ୍ୱାରା କେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା ସେ ସମ୍ପର୍କରେ ମଧ୍ୟ କହିଛନ୍ତି। ଏହା ଦ୍ୱାରା ପିଚ୍ ପ୍ରସ୍ତୁତି, ଖେଳାଳିଙ୍କ ଟ୍ରାଭେଲ ଓ ରହିବା ସୁବିଧା, ଭେନ୍ୟୁର ଉପଲବ୍ଧ, ଟୁର୍ନାମେଣ୍ଟ ଷ୍ଟାଫିଂ, ମ୍ୟାଚ୍ ଅଫିସିଆଲ ଓ ପ୍ରସାରଣ ପ୍ରକ୍ରିୟାରେ ଅସୁବିଧା ହୋଇଥାନ୍ତା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦର୍ଶକଙ୍କୁ ମଧ୍ୟ ଟ୍ରାଭେଲ ଓ ରହିବା ଲାଗି ସମାନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାନ୍ତା। ଏହାବାଦ୍ ରିଜର୍ଭ ଦିନରେ ବର୍ଷା ନ ହେବ ବୋଲି ତା'ର ଗ୍ୟାରେଣ୍ଟି କିଏ ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଗୋଆଠାରୁ ହାରି ଓଡ଼ିଶା ବିଦା

କଟକ ଅଫିସ, ୧୨।୬- ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରୁ ଘରୋଇ ଓଡ଼ିଶା ଦଳ ବିଦାୟ ନେଇଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୦-୨ ଗୋଲରେ ଗୋଆଠାରୁ ପରାସ୍ତ ହୋଇଛି। ଗୋଆ ପକ୍ଷରୁ ୨୧ତମ ମିନିଟରେ ଥାଇସ ମ୍ୟାରି ଓ ୮୦ତମ ମିନିଟରେ ଭିଏନା ଜୁଲିଆ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ବୁଧବାର ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ରେ ମଣିପୁର ୨-୦ରେ ଦିଲ୍ଲୀକୁ, ମେଘାଳୟ ୭-୧ରେ ଜମ୍ମୁ ଓ କଶ୍ମୀରୀକୁ, ଅରୁଣାଚଳ ପ୍ରଦେଶ ୪-୦ରେ ହିମାଚଳପ୍ରଦେଶକୁ, ମିଜୋରାମ ୧୨-୦ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ଶତପଥୀ



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
-ଜନ୍‌ସନ



## ସଂକ୍ଷେପରେ

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ବଡ଼ମ୍ବା, ୧୨।୬ (ଡ଼ି.ଏନ୍.ଏ.):** ବଡ଼ମ୍ବା ରଥଯାତ୍ରା ପାଇଁ ତହସିଲ୍ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଅନିଲ୍ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଡ଼ମ୍ବା ଗଡ଼ ଗ୍ରାମପଞ୍ଚାୟତ ସରପଞ୍ଚ ସୁଧାଂଶୁ ଶେଖର ମହାନ୍ତି, ସମିତି ସଭ୍ୟ ମୁରଲୀଧର ମହାପାତ୍ର, କଟକ ଏମ୍‌ପିଙ୍କ ପ୍ରତିନିଧି ଦୀପକ କୁମାର ସାହୁ, ରାଜ କିଶୋର ରଣା, ବଡ଼ମ୍ବାଗଡ଼ ପୂର୍ବତନ ସରପଞ୍ଚ ରବୀନ୍ଦ୍ର କିଶୋର ରଣା, ମହେନ୍ଦ୍ର ପଡ଼ିଆରୀ, ପଞ୍ଚାୟତ ସମିତି ପୂର୍ବତନ ଉପାଧକ୍ଷ ବୃନ୍ଦାବନ ପରିଡ଼ା, ବଡ଼ମ୍ବା ବିକାଶ ପରିଷଦ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଥଯାତ୍ରା ସଫଳତାର ସହ ସମ୍ପନ୍ନ କରିବା ପାଇଁ ବିଭିନ୍ନ ମତବ୍ୟକ୍ତ ହୋଇଥିଲା। ଜୁଲାଇ ୪ରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ୧୨ରେ ବାହୁଡ଼ା ଯାତ୍ରା, ଏକାଦଶୀ ଯାତ୍ରା ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ରାଜବାଟୀରେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କୁ ବିଜେ କରାଇବା, ଶ୍ରୀ ଗୁଣ୍ଡିଚା ଓ ବାହୁଡ଼ା ଦିନରେ ଛେରା ପହଁରା, ବଡ଼ମ୍ବା ରାଜା ସାହେବ ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ରଙ୍କୁ ନିମନ୍ତ୍ରଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ଦେବୋତ୍ତର ବିଭାଗ ପକ୍ଷରୁ ଠାକୁରଙ୍କ ଦୈନନ୍ଦିନ ନିତିକାନ୍ତି କାର୍ଯ୍ୟ କରାଯିବା, ବଡ଼ମ୍ବା ରାଜବାଟୀରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଓ ନାଳନର୍ଦ୍ଦମା ସଫା କରିବା, ବିଶୁଦ୍ଧ ପାନୀୟଜଳ ପ୍ରଦାନ କରିବା, ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷାକରିବା, ଯାତ୍ରାପାଇଁ ଗୁଣ୍ଡିଚା ମନ୍ଦିର ଓ ସ୍ନାନ ମଣ୍ଡପ ରଙ୍ଗ କରିବା ଆଦି ବିଷୟରେ ଚର୍ଚ୍ଚା ହୋଇଥିଲା। ସେହିପରି ଚଳିତ ବର୍ଷ ଯାତ୍ରାକୁ ସରସ ସୁନ୍ଦର କରାଯିବାପାଇଁ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସହଯୋଗ କରିବା ଲାଗି ନିବେଦନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧରେ ବଡ଼ମ୍ବା ଥାନା ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କ ସମେତ ବିଭିନ୍ନ କର୍ମକର୍ତ୍ତାଙ୍କ ଓ ଜନସାଧାରଣ ଯୋଗ ଦେଇଥିଲେ।

### ଶ୍ରମିକଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ, ୧୨।୬(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ କୁସପଙ୍ଗୀ ଗ୍ରାମ ନିକଟ ଏକ ନବନିର୍ମିତ ରାସ୍ତା ଉପରୁ ପୋଲିସ ପ୍ରଦୀପ ମଣ୍ଡଲ ନାମକ ଶ୍ରମିକଙ୍କ ମୃତଦେହକୁ ଉଦ୍ଧାର କରିଛି। ତାଙ୍କ ଘର ପଶ୍ଚିମବଙ୍ଗ ମାଲଦା ଅଞ୍ଚଳରେ ହୋଇଥିବାବେଳେ ସେ କୁସପଙ୍ଗୀଠାରେ ଜଣେ ଠିକାଦାରଙ୍କ ଅଧୀନରେ ରହି ଶ୍ରମିକ ଭାବେ ରାସ୍ତା କାମ କରୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ପ୍ରଦୀପ ରାସ୍ତାରେ ଚାଲି ଚାଲି ଆସୁଥିବାବେଳେ ପ୍ରଚଣ୍ଡ ଖରା ଯୋଗୁ ଟଳିପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩/୧୯ ରୁଜୁ ହୋଇଛି।

## ■ ବାତ୍ୟାର ମାସେ ପରେ...

# ଟ୍ରାଫିକ୍ ସିଗ୍‌ନାଲ ଅସଜଡ଼ା

■ଅଧିକାଂଶ ଟ୍ରାଫିକ୍ ଛକରେ ଜଳୁନି ସିଗ୍‌ନାଲ

■ଅନେକ ସମୟରେ ଘଟୁଛି ଦୁର୍ଘଟଣା

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**



ବାତ୍ୟା 'ଫନୀ' ଯିବାର ଇତିମଧରେ ମାସେ ୮ ଦିନ ବିତିଗଲାଣି। ହେଲେ ରାଜଧାନୀରେ ଫନୀ ମାଡରେ ଭାଙ୍ଗି ଯାଇଥିବା ଟ୍ରାଫିକ ସିଗ୍‌ନାଲ ସଜଡା ହୋଇପାରୁନି। ଏକାଧିକ ଛକରେ ଭଙ୍ଗା ସିଗ୍‌ନାଲ ଖୁଣ୍ଟଗୁଡିକ ଛିଡା ହୋଇଛି। ସେସବୁ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜୁଛି। ସିଗ୍‌ନାଲ ନ ଥିବାରୁ ଗାଡି ଚାଳକମାନେ ମନଇଚ୍ଛା ଯାଉଛନ୍ତି। ଆଉ କେତେକ ସ୍ଥାନରେ ସିଗ୍‌ନାଲ ଭୁଲ୍ ରହୁଛି। ଯେଉଁଠି ଟ୍ରାଫିକ୍ ପୋଲିସ ରହୁନାହାନ୍ତି ସେଠାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ପୁଣି ସିଗ୍‌ନାଲ ସହ ଲୋକେ ଅଭ୍ୟସ୍ତ ହେଉଥିବାବେଳେ ଟ୍ରାଫିକ ପୋଲିସ ହାତ ହଲାଇ ଦେଉଥିବା ସିଗ୍‌ନାଲକୁ ଜାଣିବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ କେତେକ ଛକରେ ସିଗ୍‌ନାଲ ଖୁଣ୍ଟଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସିଗ୍‌ନାଲ ଲାଇଟ୍ ପବନରେ ମୋଡି ହୋଇ ଅନ୍ୟ ଦିଗକୁ ରହିଥିବାବେଳେ ଅନେକ ସ୍ଥାନରେ ଖୁଣ୍ଟଗୁଡିକ ଦୋହଲୁଛି। ରାଜଧାନୀରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଟ୍ରାଫିକ୍ ସିଗ୍‌ନାଲକୁ ସଜାଡିବା ସହ ଦୁର୍ବଳ ଖୁଣ୍ଟକୁ ମରାମତି କରିବା ପାଇଁ ଦାବି ହେଉଛି।

### ଟ୍ରାଫିକ ଉପରେ ନଜର ରଖିପାରୁନି ସିସିଟିଭି

ସହରର ଏକାଧିକ ଛକରେ ଲାଗିଥିବା ସିସିଟିଭି ମଧ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସେଗୁଡିକ ମରାମତି କରାଯାଇ ନ ଥିବାରୁ ଏବେ ସହରର ଟ୍ରାଫିକ ଉପରେ ନଜର ରହୁନି। ସେହିଭଳି ସିସିଟିଭି ମାଧ୍ୟମରେ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ପୋଲିସ ଏବେ ଏ କ୍ଷେତ୍ରରେ ମଧ ସମସ୍ୟାରେ ପଡୁଛି। ଭାଙ୍ଗିଯାଇଥିବା ସିସିଟିଭି ମାଧ୍ୟମରେ ଅନେକ ବେପରୁଆ ଗାଡି ଚାଳକଙ୍କୁ ଚିହ୍ନଟ କରି ପୋଲିସ ଘରକୁ ନୋଟିସ୍ ପଠାଇଥାଏ। ହେଲେ ସିସିଟିଭି ଭାଙ୍ଗିଯିବାରୁ ତାହା ଏବେ କରିବା ଏକପ୍ରକାର ଅସମ୍ଭବ ହୋଇଛି। ଅନେକ ଛକରେ ହାତଗଣତି କ୍ୟାମେରା କାମ କରୁଥିଲେ ମଧ ତାହା ଯଥେଷ୍ଟ ହେଉନି।

### ବିଏମ୍‌ସି କାର୍ଯ୍ୟ କହି ଦୋଷ ଖସାଉଛି ପୋଲିସ

ତେବେ ଏ ପରିସ୍ଥିତି ପାଇଁ ଦୋଷୀ କିଏ ? ଏହି ଦାୟିତ୍ୱ କାହାର। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଟ୍ରାଫିକ୍ ସିଗ୍‌ନାଲ ଓ ସିସିଟିଭି ବ୍ୟବସ୍ଥା କାମ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର। ହେଲେ ସେମାନେ କାହିଁକି ଏସବୁ କାମ କରୁନାହାନ୍ତି ଆମେ ଜାଣୁନାହୁଁ। ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଅନେକ ସମସ୍ୟା ଦେଖାଦେଉଛି। କିନ୍ତୁ ଏନେଇ ଆମେ ତୁରନ୍ତ ବିଏମ୍‌ସି ସହ କଥାହୋଇ ସମାଧାନ କରିବୁ ବୋଲି ଆଶା କରୁଛୁ। ଏପରିସ୍ଥଳେ ଟ୍ରାଫିକ୍ ସିଗ୍‌ନାଲ ଓ ସିସିଟିଭି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ଏଯାଏ ବିଏମ୍‌ସି ଷ୍ଟ୍ରିଟ୍‌ଲାଇଟ୍ ସମସ୍ୟା ଦୂର କରିପାରି ନାହିଁ। କିନ୍ତୁ ବିଏମ୍‌ସି କ'ଣ ପାଇଁ ଏସବୁ ଜରୁରୀ ବ୍ୟବସ୍ଥାକୁ ସଜାଡୁନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସଂକ୍ରାନ୍ତରେ ବିଏମ୍‌ସି ଅଧିକାରୀଙ୍କ ମତାମତ ମିଳିପାରିନି।

# ଘରଭଙ୍ଗା ତଦନ୍ତରେ ଅନିୟମିତତା ଅଭିଯୋଗ

**ଆଠଗଡ଼,୧୨।୬ (ସ୍ୱ.ପ୍ର.)**

**ଫନୀ କ୍ଷତିଗ୍ରସ୍ତଙ୍କ ତାଲିକା**

ଫନୀ ବାତ୍ୟାରେ ଆଠଗଡ ବ୍ଲକ ଅନ୍ତର୍ଗତ ସମସରପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ କ୍ଷୟକ୍ଷତି ହୋଇଥିଲା। ଏଥିରେ ବହୁ ଘର ଭାଙ୍ଗିଯାଇଥିଲା। ସରକାରୀ ନିର୍ଦ୍ଦେଶ ମୁତାବକ ପରବର୍ତ୍ତୀ ସମୟରେ ଆଠଗଡ଼ ତହସିଲ ପକ୍ଷରୁ ତଦନ୍ତ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ସମ୍ପୃକ୍ତ ତାଲିକାଟିକୁ ତହସିଲ ପକ୍ଷରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପଠାଯାଇଥିଲା। ଏବେ ପଞ୍ଚାୟତ ସମିତି ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଣ ନିମନ୍ତେ ତାଲିକା ଯାଞ୍ଚ ଚାଲିଛି। ମାତ୍ର ଏହି ସମୟରେ ସମ୍ପୃକ୍ତ ପଞ୍ଚାୟତର ବହୁ କ୍ଷତିଗ୍ରସ୍ତଙ୍କ ନାମ ବାଦ ପଡିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ବୁଧବାର ସମସରପୁର ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ଭେଟିଥିଲେ। ତାଲିକାରୁ ନାମ ବାଦ ପଡିଥିବା ନେଇ ସେମାନେ ଅଭିଯୋଗ କରିଥିଲେ। କ୍ଷତିଗ୍ରସ୍ତଙ୍କ ନାମ ବଦଳରେ ଏଥିରେ କୋଠାଘର ଥିବା ବ୍ୟକ୍ତିଙ୍କ ନାମ ରହିଛି ବୋଲି ସେମାନେ କହିଥିଲେ। ଏହି ଘଟଣାର ତଦନ୍ତ କରିବାକୁ ଦାବି କରିଥିଲେ। ଉପଜିଲାପାଳ ସାହୁ ଅଭିଯୋଗ ପତ୍ର ଗ୍ରହଣ କରି ବିଧିବଦ୍ଧ ତଦନ୍ତ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ଖୁଣ୍ଟକଟା ସର୍କଲ ରାଜସ୍ୱ ନିରୀକ୍ଷକ ଦିବାକର ବେହେରା କହିଛନ୍ତି, ୨ଟି ପର୍ଯ୍ୟାୟରେ ତଦନ୍ତ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ତାଲିକାଗୁଡିକ ତହସିଲ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ପଞ୍ଚାୟତ ସମିତି ପକ୍ଷରୁ ପ୍ରକାଶିତ ତାଲିକା ସେ ଦେଖି ନଥିବା ବେଳେ ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଅରାଚଣ୍ଡୀ ପାଟରେ ଗ୍ରୀଷ୍ମକାଳୀନ ପକ୍ଷୀ ସର୍ବେକ୍ଷଣ



ଅରାଚଣ୍ଡୀ ପାଟରେ ବୁଲୁଥିବା ପକ୍ଷୀ।

**ବାଙ୍କୀ,୧୨।୬(ସ୍ୱ.ପ୍ର)**

ବାଙ୍କୀ ଗ୍ରୀଷ୍ମକାଳୀନ ପକ୍ଷୀ ସର୍ବେକ୍ଷଣ ବୁଧବାର ସକାଳେ କଟକ ଜିଲା ଅରାଚଣ୍ଡୀ ପାଟଠାରେ ହୋଇଯାଇଛି। ସିଆରଟି.ଡି ସଂସ୍ଥା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଲଳିତ ମୋହନ ପଣ୍ଡା ଅଧକ୍ଷତା କରିଥିଲେ। ଏଥିରେ ଦୁର୍ଗାମାଧବ ମହାପାତ୍ର, ଅମୀତ୍ କୁମାର ସାହୁ, ସି.ଆର.ଟି.ଡିର ସଦସ୍ୟ ସୁଜିତ୍ ମହାପାତ୍ର, ମୀନତିବାଳା ସାହୁ, ଅର୍ଚ୍ଚନା ଦାଶ ଓ ବାଙ୍କୀ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସର୍ବେକ୍ଷଣ ସମୟରେ ପେଣ୍ଟେଡ୍ ଷ୍ଟର୍କ୍, ମୋର ହେନ୍ , ଲେସର ହୁଇସିଲ୍ ଡକ୍, ପାଏଡ୍ କ୍ରେଷ୍ଟେଡ୍ କୁକୋ, ପାଏଡ୍ ହାରିଅର୍ ଆଦି ଆର୍ଦ୍ରଭୂମି ପରଦର୍ଶନ କରାଯାଇଥିଲା।

ସୂଚନାଯୋଗ୍ୟ, ଅରାଚଣ୍ଡୀ ପାଟ ନିକଟବର୍ତ୍ତୀ ମହାନଦୀ ଓ ଅଂଶୁପା ହ୍ରଦର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ଏହି ଜଳାଶୟମାନଙ୍କରେ ପାହାଡର ପାଣି ଜମାହୋଇ ସେଠାରେ ଜଳସ୍ତର ବୃଦ୍ଧି ହୋଇଥାଏ। ଏଥିଯୋଗୁ ଶୀତଋତୁରେ ଅନେକ ବିଦେଶାଗତ ପକ୍ଷୀଙ୍କର ଏଠାରେ ସମାବେଶ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଏହି ସର୍ବେକ୍ଷଣ କରାଯାଇଥିଲା। ବାଙ୍କୀ ଅରାଚଣ୍ଡୀ ପାଟରେ ପ୍ରାକୃତିକ ପର୍ଯ୍ୟଟନର ବିକାଶ ନିମନ୍ତେ ସିଆରଟିଡି ସଂସ୍ଥା ଓ ଗ୍ରାମବାସୀଙ୍କ ପକ୍ଷରୁ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବବର୍ଷ ଏହି ଆଦ୍ରଭୂମିରେ ସରକାରୀ ଓ ସିଆରଟିଡି ତରଫରୁ ପକ୍ଷୀମାନଙ୍କର ଗଣନା ଓ ସର୍ବେକ୍ଷଣ କାର୍ଯ୍ୟ ହାତକୁ ନିଆଯାଇଥିଲା।

### ରେଳଯାତ୍ରୀଙ୍କ ସୁରକ୍ଷା ପାଇଁ ସଚେତନତା

**କଟକ ଅଫିସ,୧୨।୬**

ଟ୍ରେନ୍‌ରେ ଯାତ୍ରାବେଳେ ବହୁ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥାଏ। ଯାତ୍ରାବେଳେ ବିଶେଷକରି ମହିଳା ଓ ଶିଶୁମାନେ ନିଜକୁ ସୁରକ୍ଷିତ ମଣି ନ ଥାନ୍ତି। ବେଳେବେଳେ ସେମାନଙ୍କୁ ଦୁର୍ବ୍ୟବହାର ଶିକାର ହେବାକୁ ମଧ ପଡିଥାଏ। ଏପରିସ୍ଥଳେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଲୱେ ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ କଟକ ରେଳ ଷ୍ଟେଶନରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଯଦି ରେଳଯାତ୍ରା ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବା କେହି ସମସ୍ୟା ସୃଷ୍ଟି କରୁଛନ୍ତି ତେବେ ତୁରନ୍ତ ଟୋଲ୍‌ଫ୍ରି ନମ୍ବର– ୧୮୨ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଟୋଲ ଫ୍ରି ନମ୍ବର ଲଗାଇବା କ୍ଷଣି କଣ୍ଟ୍ରୋଲ ରୁମ୍‌ରେ ଥିବା ସୁରକ୍ଷା କର୍ମୀ ଯଥାଶୀଘ୍ର ପାଖରେ ପହଞ୍ଚି ସହଯୋଗ କରିବେ ବୋଲି ରେଲୱେ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ରେଲୱେ ଓ ଆରପିଏଫ୍‌ର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଆରପିଏଫ୍ ଆଇଆଇସି ପ୍ରବୀଣ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁଶ୍ରମିକ ସମାଜ ପାଇଁ ଏକ ଅଭିଶାପ



ଆଠଗଡ଼ସ୍ଥିତ ତାଲୁକ ଆଇନ ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

**ଆଠଗଡ଼,୧୨।୬ (ସ୍ୱ.ପ୍ର.)**

ଆଠଗଡ଼ ତାଲୁକ ଆଇନସେବା କମିଟି ପକ୍ଷରୁ ବୁଧବାର ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳିତ ହୋଇଯାଇଛି। ମଧ୍ୟାହ୍ନ ସମୟରେ ସ୍ଥାନୀୟ ଅଦାଲତ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ତାଲୁକ ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ଅମୃତ ରଞ୍ଜନ ନନ୍ଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିଶୁ ଶ୍ରମ ନିରୋଧ ପାଇଁ ବହୁବିଧ ଆଇନମାନ ପ୍ରଣୟନ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି ବୋଲି ନନ୍ଦ କହିଥିଲେ। ଅନ୍ୟମାନଙ୍କ ମଧରେ ଏସଡିଜେଏମ ଶାଶ୍ୱତ ମିଶ୍ର, ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାସ, ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ରାଉତ, ପ୍ରଶାନ୍ତ କୁମାର ମିଶ୍ର, ସତ୍ୟେନ ପଣ୍ଡା, ଲଳିତ ରଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ବାଙ୍କୀ,(ସ୍ୱ.ପ୍ର)–** ବାଙ୍କୀ ତାଲୁକ ଆଇନ୍ ସେବା କମିଟି ଆନୁକୁଲ୍ୟରେ ବୁଧବାର ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ପାଳନ ହୋଇଯାଇଛି। ଗୋପାଳପୁରସ୍ଥିତ ପଣ୍ଡିତ ଗୋବିନ୍ଦ ରଥ ବିଦ୍ୟାଳୟ ପରିସରରେ ଏନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ଉପଖଣ୍ଡସ୍ତରୀୟ ବିଚାରପତି ଡ.ମମତା ମହାନ୍ତି ସଭାପତିତ୍ୱ କରିଥିଲେ। ଶିଶୁଶ୍ରମିକ ସମାଜ ପାଇଁ ଏକ ଅଭିଶାପ ଓ ମାରାତ୍ମକ ବ୍ୟାଧି । ଏହାକୁ ଦୂର କରିବା ପାଇଁ ହୃଦୟ ଭରା ସହିତ ସଂକଳ୍ପ ଲୋଡା ବୋଲି ମହାନ୍ତି କହିଥିଲେ। ବରିଷ୍ଠ ଓକିଲ ଜିତେନ୍ କୁମାର ପଣ୍ଡା ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ମା'ବାପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ତାଲୁକ୍ ଆଇନ୍ ସେବା କମିଟି ସଭ୍ୟ ଶରତ ଚନ୍ଦ୍ର ମହାପାତ୍ର ଓ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ସମ୍ପାଦକ କେଶବ ଚନ୍ଦ୍ର ବେହେରା ଏଥିରେ ଯୋଗଦେଇ ଶିଶୁ ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ୍ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ମତ ରଖିଥିଲେ। ଏହି ସଚେତନତା ସଭାରେ ଗ୍ରାମାଞ୍ଚଳର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ପଣ୍ଡିତ ଗୋବିନ୍ଦ ରଥ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଲତିକା ଦେଇ, ଶିକ୍ଷକ ଶରତ କୁମାର ରଥ, କୀର୍ତ୍ତି ରଞ୍ଜନ ବେହେରା, ସ୍ୱସ୍ତି ମହାପାତ୍ର, ମନୋରଞ୍ଜନ ବେହେରା ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାରାଲିଗାଲ୍ କର୍ମୀ ବରେନ୍ଦ୍ର ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିଗିରିଆରେ ମନ୍ତ୍ରୀ, ଏମ୍‌ପିଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଏମ୍‌ପି, ମନ୍ତ୍ରୀ ଓ ଅନ୍ୟମାନେ।

**ଟିଗିରିଆ, ୧୨।୬ (ଡିଏନଏ)**

ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ଗାନ୍ଧୀ ସ୍ମୃତି ପଡ଼ିଆରେ ଟିଗିରିଆ ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଟିଗିରିଆ ଓକିଲ ସଂଘ ସଭାତିପ ସୂର୍ଯ୍ୟ ନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ ଅଧକ୍ଷା ରୂପା ଦଳେଇ, ପୂର୍ବତନ ବ୍ଲକ ଅଧକ୍ଷ ଭାଗିରଥୀ ନନ୍ଦ, ବ୍ଲକ ବିଜେଡ଼ି ସଭାପତି ଅଜିତ ଧୀରଙ୍କ ସମେତ ଓକିଲ ସଂଘର ସଦସ୍ୟ, ବ୍ଲକର ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟିଗିରିଆ ଓକିଲ ସଂଘ, ଗଣମାଧ୍ୟମ ପ୍ରତିନିଧି ସଂଘ, ବରିଷ୍ଠ ନାଗରିକ ମଞ୍ଚ, ତହସିଲ, ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର, ସମବାୟ ସମିତି ଆଦି ସରକାରୀ ଅନୁଷ୍ଠାନ ସହ ବ୍ଲକର ୧୪ ପଞ୍ଚାୟତର କର୍ମକର୍ତ୍ତା, ବିଜୁ ଯୁବ ବାହିନୀ, ବିଭିନ୍ନ କ୍ଲବ, ସାଂସ୍କୃତିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡ଼ି ସଂଘ ଓ ଶିକ୍ଷକ ସଂଘ ପକ୍ଷରୁ ମନ୍ତ୍ରୀ ସ୍ୱାଇଁ ଏବଂ ଏମ୍‌ପି ମହତାବଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ମିଳୁନି ସରକାରୀ ବିହନ: ଚାଷୀ ହତାଶ

**ନରସିଂହପୁର ୧୨।୬ (ଡି.ଏନ୍.ଏ.)**

ନରସିଂହପୁର ବ୍ଲକକୁ ସରକାରୀ ଧାନ ବିହନ ଏପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ । ଖାଲଜମି ଚାଷ କରି ଚାଷୀ ହତାଶ ହୋଇ ପଡ଼ିଛନ୍ତି । କୃଷି ବିଭାଗର ଅପରଗତା ବର୍ତ୍ତମାନ ପଦାରେ ପଡିଯାଇଛି । ଦୀର୍ଘଦିନ ଧରି ଏଠାରେ କୃଷି ବିଭାଗ ସ୍ଥାଣୁ ଭାବେ କାର୍ଯ୍ୟ କରୁଥିବା ବେଳେ ରାଜନୈତିକ ନେତାଙ୍କ ହାତବାରସୀ ସାଜି ଅଧିକାରୀମାନେ ସାଧାରଣ ଚାଷୀଙ୍କ ସ୍ୱାର୍ଥପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ନରସିଂହପୁର ବରିଷ୍ଠ ଚାଷୀ ସଦାଶିବ ବେହେରା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ସରକାରୀ ନିୟମ ଅନୁଯାୟୀ ବ୍ଲକର ୧୮ ସମବାୟ ସମିତି କୃଷି କାର୍ଯ୍ୟାଳୟକୁ ସରକାରୀ ଧାନ ବିହନ ଆସିଥାଏ । ଚଳିତ ଖରିପ୍ ଧାନ ଚାଷ ଲାଗି ବ୍ଲକର ବାଲିଝରୀଠାରୁ କମଳାଡିହ ପର୍ଯ୍ୟନ୍ତ ୩୭ ପଞ୍ଚାୟତର ୧୨ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଧାନ ଚାଷ ହେଉଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ମାତ୍ର ଧାନ ବିହନ ଆସି ନଥିବାରୁ କେତେଜଣ ଚାଷୀ ଗତବର୍ଷର ସରକାରୀ ବିହନକୁ ଅନିଚ୍ଛା ସତ୍ୱେ ଖାଲୁଆ ଅଞ୍ଚଳରେ ବୁଣିବା ଆରମ୍ଭ କରିଛନ୍ତି । ଚଳିତ ବର୍ଷ ବିହନ ଲାଗି ବହୁ ଚାଷୀ ସମବାୟ ସମିତି ସହ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇଛନ୍ତି । ପଡୋଶୀ ବ୍ଲକଗୁଡିକରେ ସରକାରୀ ବିହନ ପହଞ୍ଚିଛି ବୋଲି ଜାଣିବା ପରେ ନରସିଂହପୁର ଅଞ୍ଚଳର ଚାଷୀମାନେ ଏବେ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ସଜବାଜ ହେଉଛନ୍ତି ବୋଲି ଚାଷୀ ରାଜନ ରାଉତ କହିଛନ୍ତି । ଏ ସମ୍ପର୍କରେ ବ୍ଲକ କୃଷି ସହକାରୀ ଅଧିକାରୀ ବେଣୁଧର ପଣ୍ଡା କହିଛନ୍ତି, ୧୮ ସମବାୟ ସମିତି ମଧ୍ୟରୁ ବାଲିସାହି, ରେଗେଡା, ନିଜିଗଡ, ଅଲରାର ୪ ସମିତିକୁ ମାତ୍ର ୧୫୦ କୁଇଣ୍ଟାଲ ଧାନ ବିହନ ଆସିଛି କିନ୍ତୁ ଏହା କାହାରିକୁ ଦିଆଯାଇ ନାହିଁ । ଧାନ ବିହନ ଦିଆଗଲେ ଆମେ ଜଣାଇବୁ। ଏପରିସ୍ଥଳେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଚାଷୀ ଏବେ ହତାଶ ହୋଇ ଯାଇଛନ୍ତି।

## ଫଟୋରେ ଖବର



ଡମପଡ଼ାସ୍ଥିତ ପ୍ରଭୁ ଲୋକନାଥଙ୍କ ପ୍ରତିମାକୁ ସ୍ୱତନ୍ତ୍ର ବିମାନରେ ଗ୍ରାମ ପରିକ୍ରମା କରାଯାଉଛି।



ଟିଗିରିଆ ବ୍ଲକ ଅନ୍ତର୍ଗତ ଚଣ୍ଡୀବଜାରସ୍ଥିତ ହୃଷୀକେଶ ସାହୁଙ୍କ ପାନ ଦୋକାନରେ ରଜ ଉପଲକ୍ଷେ ୯୦ ପ୍ରକାରର ସାଦା ପାନ ମସଲାରେ ବନାରସୀ ପାନ ବିକ୍ରି ହେଉଛି।



"ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
- ଜନ୍‌ସନ



## ସଂକ୍ଷେପରେ

### ଆତ୍ମାର ସାଧାରଣ ବୈଠକ

**କଟକ ସଦର, ୧୨।୬(ଡି.ଏନ୍.ଏ.):** କଟକ ସଦର ବ୍ଲକ ଆତ୍ମା (କୃଷି ବୈଷୟିକ ପରିଚାଳନା ସଂସ୍ଥା)ର ସାଧାରଣ ବୈଠକ ବୁଧବାର ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ସଭାପତି ସମର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସହକାରୀ କୃଷି ଅଧିକାରୀ ମୋନାଲିସା ବେହେରା, ଉପଦେଷ୍ଟା ଦାମୋଦର ଦଳାଇ ଯୋଗଦେଇଥିଲେ। ପ୍ରାରମ୍ଭରେ ବିପ୍ର ଚରଣ ଭୋଳ ଓ ବିଦ୍ୟାଧର ପାତ୍ର ଖରିଫ ବିହନ ଯୋଗାଣରେ ବିଳମ୍ବକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଫସଲ କ୍ଷୟକ୍ଷତି ଆକଳନରେ ରାଜସ୍ୱ ବିଭାଗ ସହଯୋଗ କରି ନ ଥିବା କଥା ବୈଠକରେ ଉତ୍‌ଥାପନ ହୋଇଥିଲା। ଚଳିତ ଅବଧି ଆତ୍ମାର କାର୍ଯ୍ୟକାଳ ଶେଷ ହେଉଥିବାରୁ ନୂଆ କମିଟି ଗଠନ ପର୍ଯ୍ୟନ୍ତ ପୁରୁଣା କମିଟିର ପରାମର୍ଶରେ ବାତ୍ୟା କ୍ଷୟକ୍ଷତି ସହାୟତା ବଣ୍ଟନ କାର୍ଯ୍ୟ ଚାଲୁ ରଖିବା ପାଇଁ ମତପ୍ରକାଶ ପାଇଥିଲା। ଏହାଛଡା ମୃତ୍ତିକା ପରୀକ୍ଷା ପାଇଁ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ କିଶୋର ସାହୁ, ବିଜୟ ରାଉତରାୟ, ବାବାଜୀ ଚରଣ ସାହୁ, ମନୋରଞ୍ଜନ ଦାସ, ପ୍ରିୟ ରଞ୍ଜନ ଦାସ ଯୋଗଦେଇଥିଲେ।

### ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

**କଟକ ଅଫିସ, ୧୨।୬:** କଟକ ଜିଲା ଆଇନସେବା ପ୍ରାଧିକରଣର ଆନୁକୂଲ୍ୟରେ ନୂଆପଡ଼ାସ୍ଥିତ ଉତ୍କଳ ବାଳାଶ୍ରମଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ସଚେତନତା ଶିବିରରେ ଶିଶୁ ଶ୍ରମିକ ସମସ୍ୟା ପ୍ରତି ସମସ୍ତେ ଯତ୍ନବାନ ହେବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି। କୋମଳମତି ଶିଶୁଙ୍କୁ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ଶିଶୁ ଶ୍ରମିକ ନିରୋଧ ଓ ନିୟନ୍ତ୍ରଣ ଆଇନ ପ୍ରଣୟନ କରାଯାଇଛି। ହେଲେ ଏହା କାର୍ଯ୍ୟକାରୀ ହୋଇ ନ ପାରିବା ପରିତାପର ବିଷୟ ବୋଲି ବକ୍ତାମାନେ କହିଛନ୍ତି। ଏହି ଶିବିରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଗାର୍ଗୀ ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ଅଧକ୍ଷା ମନ୍ଦାକିନି ଜେମା, ଉତ୍କଳ ବାଳାଶ୍ରମ ଅଧୀକ୍ଷକ ପ୍ରଜ୍ଞାସେନି ପ୍ରଧାନ ଏବଂ ଶିଶୁ ମଙ୍ଗଳ କମିଟି ସଭ୍ୟ ଶ୍ରୀକାନ୍ତ ମହାନ୍ତି ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ନିମନ୍ତେ କିପରି ସମସ୍ତେ ସଚେତନ ହେବା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉତ୍କଳ ବାଳାଶ୍ରମ ପରିସରରେ ଚାରାରୋପଣ କରାଯାଇଥିବାବେଳେ ବାଳାଶ୍ରମର ଛୋଟ ପିଲାମାନେ ନିଜର କଳାକୃତି ପ୍ରଦର୍ଶନ କରିଥିଲେ।

### ପୋଲିସ-ପବ୍ଲିକ ଇଣ୍ଟରଫେସ

**କଟକ ଅଫିସ,୧୨।୬:** ପୋଲିସ ଓ ଜନସାଧରଣଙ୍କ ମଧ୍ୟରେ ଥିବା ଦୂରତାକୁ କମ୍ କରିବା ପାଇଁ ପୋଲିସ-ପବ୍ଲିକ୍ ଆଲୋଚନା ବୁଧବାର କଟକ ଜୋନ୍-୩ ଅଞ୍ଚଳର ଏକ ଘରୋଇ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଜୋନ୍-୩ ଅନ୍ତର୍ଗତ ମର୍କତନଗର, ସିଡିଏ ଫେଜ୍-୨, ବିଡାନାସୀ ଏବଂ ଲାଲ୍‌ବାଗ ଥାନା ଅଞ୍ଚଳର ସବୁବର୍ଗର ଲୋକେ ଏଥିରେ ଯୋଗଦେଇଥିଲେ। ଏଥିରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକମାନଙ୍କୁ ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଶେଷକରି ଜୋନ୍-୩ ଅଞ୍ଚଳରେ ନିଶାଖୋରଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ପୋଲିସ ପାଟ୍ରୋଲିଂ କମ୍ ହେଉଥିବା ଯୋଗୁ ନିଶାଶକ୍ତ ବ୍ୟକ୍ତି ଲୋକମାନଙ୍କୁ କମେଣ୍ଟ ମାରୁଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଏହିସହିତ ରାସ୍ତାରେ ଗୋରୁ ବୁଲୁଥିବା ଯୋଗୁ ଦୁର୍ଘଟଣା ଘଟୁଥିବା ନେଇ ଆଉକିଛି ଲୋକ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୋନ- ୩ ଏସିପି ନାରାୟଣ ଚନ୍ଦ୍ର ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

■ବାତ୍ୟାର ମାସେ ପରେ...

# ଟ୍ରାଫିକ୍ ସିଗ୍‌ନାଲ ଅସଜଡ଼ା

ଭୁବନେଶ୍ୱର,୧୨।୬(ବ୍ୟୁରୋ)



■ଅଧିକାଂଶ ଟ୍ରାଫିକ୍ ଛକରେ ଜଳୁନି ସିଗ୍‌ନାଲ
■ଅନେକ ସମୟରେ ଘଟୁଛି ଦୁର୍ଘଟଣା

ବାତ୍ୟା 'ଫନୀ' ଯିବାର ଇତିମଧ୍ୟରେ ମାସେ ୮ ଦିନ ବିତିଗଲାଣି। ହେଲେ ରାଜଧାନୀରେ ଫନୀ ମାଡରେ ଭାଙ୍ଗି ଯାଇଥିବା ଟ୍ରାଫିକ ସିଗ୍‌ନାଲ ସଜଡା ହୋଇପାରୁନି। ଏକାଧିକ ଛକରେ ଭଙ୍ଗା ସିଗ୍‌ନାଲ ଖୁଣ୍ଟଗୁଡିକ ଛିଡା ହୋଇଛି। ସେସବୁ ସ୍ଥାନରେ ଟ୍ରାଫିକ ସମସ୍ୟା ଉପୁଜୁଛି। ସିଗ୍‌ନାଲ ନ ଥିବାରୁ ଗାଡି ଚାଳକମାନେ ମନଇଚ୍ଛା ଯାଉଛନ୍ତି। ଆଉ କେତେକ ସ୍ଥାନରେ ସିଗ୍‌ନାଲ ଭୁଲ୍ ରହୁଛି। ଯେଉଁଠି ଟ୍ରାଫିକ୍ ପୋଲିସ ରହୁନାହାନ୍ତି ସେଠାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ପୁଣି ସିଗ୍‌ନାଲ ସହ ଲୋକେ ଅଭ୍ୟସ୍ତ ହେଉଥିବାବେଳେ ଟ୍ରାଫିକ ପୋଲିସ ହାତ ହଲାଇ ଦେଉଥିବା ସିଗ୍‌ନାଲକୁ ଜାଣିବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷରେ କେତେକ ଛକରେ ସିଗ୍‌ନାଲ ଖୁଣ୍ଟଗୁଡିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସିଗ୍‌ନାଲ ଲାଇଟ୍ ପବନରେ ମୋଡି ହୋଇ ଅନ୍ୟ ଦିଗକୁ ରହିଥିବାବେଳେ ଅନେକ ସ୍ଥାନରେ ଖୁଣ୍ଟଗୁଡିକ ଦୋହଲୁଛି। ରାଜଧାନୀରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଟ୍ରାଫିକ୍ ସିଗ୍‌ନାଲକୁ ସଜାଡିବା ସହ ଦୁର୍ବଳ ଖୁଣ୍ଟକୁ ମରାମତି କରିବା ପାଇଁ ଦାବି ହେଉଛି।

**ଟ୍ରାଫିକ ଉପରେ ନଜର ରଖିପାରୁନି ସିସିଟିଭି**

ସହରର ଏକାଧିକ ଛକରେ ଲାଗିଥିବା ସିସିଟିଭି ମଧ୍ୟ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି। ସେଗୁଡିକ ମରାମତି କରାଯାଇ ନ ଥିବାରୁ ଏବେ ସହରର ଟ୍ରାଫିକ ଉପରେ ନଜର ରହୁନି। ସେହିଭଳି ସିସିଟିଭି ମାଧ୍ୟମରେ ଆପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖୁଥିବା ପୋଲିସ ଏବେ ଏ କ୍ଷେତ୍ରରେ ମଧ୍ୟ ସମସ୍ୟାରେ ପଡୁଛି। ଭାଙ୍ଗିଯାଇଥିବା ସିସିଟିଭି ମାଧ୍ୟମରେ ଅନେକ ବେପରୁଆ ଗାଡି ଚାଳକଙ୍କୁ ଚିହ୍ନଟ କରି ପୋଲିସ ଘରକୁ ନୋଟିସ୍ ପଠାଇଥାଏ। ହେଲେ ସିସିଟିଭି ଭାଙ୍ଗିଯିବାରୁ ତାହା ଏବେ କରିବା ଏକପ୍ରକାର ଅସମ୍ଭବ ହୋଇଛି। ଅନେକ ଛକରେ ହାତଗଣତି କ୍ୟାମେରା କାମ କରୁଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନି।

**ବିଏମ୍‌ସି କାର୍ଯ୍ୟ କହି ଦୋଷ ଖସାଉଛି ପୋଲିସ**

ତେବେ ଏ ପରିସ୍ଥିତି ପାଇଁ ଦୋଷୀ କିଏ ? ଏହି ଦାୟିତ୍ୱ କାହାର। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଟ୍ରାଫିକ୍ ସିଗ୍‌ନାଲ ଓ ସିସିଟିଭି ବ୍ୟବସ୍ଥା କାମ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର। ହେଲେ ସେମାନେ କାହିଁକି ଏସବୁ କାମ କରୁନାହାନ୍ତି ଆମେ ଜାଣୁନାହୁଁ। ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଅନେକ ସମସ୍ୟା ଦେଖାଦେଉଛି। କିନ୍ତୁ ଏନେଇ ଆମେ ତୁରନ୍ତ ବିଏମ୍‌ସି ସହ କଥାହୋଇ ସମାଧାନ କରିବୁ ବୋଲି ଆଶା କରୁଛୁ। ଏପରିସ୍ଥଳେ ଟ୍ରାଫିକ୍ ସିଗ୍‌ନାଲ ଓ ସିସିଟିଭି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ଏଯାଏ ବିଏମ୍‌ସି ଷ୍ଟ୍ରିଟ୍‌ଲାଇଟ୍ ସମସ୍ୟା ଦୂର କରିପାରି ନାହିଁ। କିନ୍ତୁ ବିଏମ୍‌ସି କ'ଣ ପାଇଁ ଏସବୁ ଜରୁରୀ ବ୍ୟବସ୍ଥାକୁ ସଜାଡୁନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସଂକ୍ରାନ୍ତରେ ବିଏମ୍‌ସି ଅଧିକାରୀଙ୍କ ମତାମତ ମିଳିପାରିନି।

# କଟକରୁ ରେଳ ଡାକସେବା କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

କଟକ ଅଫିସ, ୧୨।୬

**ମୁଖ୍ୟ ମହାଡାକପାଳଙ୍କୁ ଭେଟିଲେ ବିଧାୟକ**

ଓଡ଼ିଶାର ସର୍ବପୁରାତନ ଐତିହାସିକ କଟକ ସହରରୁ ରେଳ ଡାକସେବା କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଛି। ଏହାକୁ ସ୍ଥାନାନ୍ତର ନ କରିବା ପାଇଁ ବୁଧବାର ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ରାଜ୍ୟ ମୁଖ୍ୟ ମହାଡାକପାଳ (ସିପିଏମ୍‌ଜି)ଙ୍କୁ ସାକ୍ଷାତ କରି ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ବିଧାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ମହାଡାକପାଳଙ୍କ ସହିତ ଆଲୋଚନା ବେଳେ ରେଳ ଡାକସେବା (ଆର୍‌ଏମ୍‌ଏସ୍) କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଗୃହ ଜିଲା ପ୍ରଶାସନ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ମଧ୍ୟ ସୂଚନା ଦେଇଥିଲେ। କଟକ ସହରର ସ୍ୱାଭିମାନ ଓ ସମ୍ମାନକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟର ପୁରୁଣା ରାଜଧାନୀ କଟକରୁ ରେଳ ଡାକସେବାର କ୍ୟାଣ୍ଟନମେଣ୍ଟସ୍ଥିତ ଏଚ୍‌ଆର୍‌ଓ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯିବ ନାହିଁ ବୋଲି ମୁଖ୍ୟ ମହାଡାକପାଳ ଗୁରୁତ୍ୱର ସହ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବିଧାୟକ ମୋକିମ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ଅଶ୍ୱିନୀ ମହାରଣା, ନମିତା ମଞ୍ଜରୀ ସାହୁ, କ୍ଷୀରୋଦ ସାହୁ, ମୋହିନୀ ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରାର୍ଥୀଙ୍କର ନିର୍ବାଚନୀ ଖର୍ଚ୍ଚ ଯାଞ୍ଚ ହେବ

କଟକ ଅଫିସ, ୧୨।୬

ଗତ ସାଧାରଣ ନିର୍ବାଚନରେ ଜିଲାରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନଙ୍କର ବିଧାନସଭା ଓ ଲୋକସଭା ନିର୍ବାଚନୀ ଖର୍ଚ୍ଚର ଯାଞ୍ଚ କରାଯିବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇଙ୍କ ଅଧକ୍ଷତାରେ ଜିଲାପାଳଙ୍କ ସମ୍ମଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନେ ଅଂଶଗ୍ରଣ କରିଥିଲେ। ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ନିୟମ ଓ ପ୍ରଣାଳୀ, ଖର୍ଚ୍ଚର ବିବରଣୀ ଦାଖଲ ଆଦି ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏହି ବୈଠକରେ ଡେପୁଟି କଲେକ୍ଟର ରଞ୍ଜିତା ସାହୁ, ସହକାରୀ ଜିଲାପାଳ ପ୍ରିୟଙ୍କା ମଲ୍ଲିକ, ଅତିରିକ୍ତ ଟ୍ରେଜେରୀ ଅଧିକାରୀ ରମେଶ ଚନ୍ଦ୍ର ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିୟୋଜିତ ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ଦ୍ୱାରା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚର ସବିଶେଷ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ।

# ରେଳଯାତ୍ରୀଙ୍କ ସୁରକ୍ଷା ପାଇଁ ସଚେତନତା




ଯାତ୍ରୀଙ୍କ ସୁରକ୍ଷା ପାଇଁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

କଟକ ଅଫିସ,୧୨।୬

ଟ୍ରେନ୍‌ରେ ଯାତ୍ରାବେଳେ ବହୁ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥାଏ। ଯାତ୍ରାବେଳେ ବିଶେଷକରି ମହିଳା ଓ ଶିଶୁମାନେ ନିଜକୁ ସୁରକ୍ଷିତ ମଣି ନ ଥାନ୍ତି। ବେଳେବେଳେ ସେମାନଙ୍କୁ ଦୁର୍ବ୍ୟବହାର ଶୀକାର ହେବାକୁ ମଧ୍ୟ ପଡିଥାଏ। ଏପରିସ୍ଥଳେ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଲୱେ ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ କଟକ ରେଳ ଷ୍ଟେଶନରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଯଦି ରେଳଯାତ୍ରା ସମୟରେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବା କେହି ସମସ୍ୟା ସୃଷ୍ଟି କରୁଛନ୍ତି ତେବେ ତୁରନ୍ତ ଟୋଲ୍‌ଫ୍ରି ନମ୍ବର- ୧୮୨ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଟୋଲ ଫ୍ରି ନମ୍ବର ଲଗାଇବା କ୍ଷଣି କଣ୍ଟ୍ରୋଲ ରୁମ୍‌ରେ ଥିବା ସୁରକ୍ଷା କର୍ମୀ ଯଥାଶୀଘ୍ର ପାଖରେ ପହଞ୍ଚି ସହଯୋଗ କରିବେ ବୋଲି ରେଲୱେ ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ରେଲୱେ ଓ ଆରପିଏଫ୍‌ର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଆରପିଏଫ୍ ଆଇଆଇସି ପ୍ରବୀଣ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାରସ୍ୱତ କବିତା ଆସର

କଟକ ଅଫିସ,୧୨।୬

ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସାରସ୍ୱତ କବିତା ଆସର ଜଗତ୍‌ପୁରସ୍ଥିତ ଉତ୍କଳମଣୀ ଶିଶୁ ଉଚ୍ଚଶିକ୍ଷାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ ସାହୁ, ମୁଖ୍ୟବକ୍ତା ଶ୍ରାବଣୀ ସାହିତ୍ୟ ସଂସଦର ସଭାପତି ଉଦୟକେଶରୀ ବର୍ମା, ବରେଣ୍ୟ ଅତିଥି ଭାବେ ଆଦର୍ଶ ପ୍ରତିଭା ବିକାଶ ପରିଷଦର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ସେଠୀ ଓ ଅଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ କବି ମନୋରଞ୍ଜନ ପଣ୍ଡା କବିତା ସଂଯୋଜନା, କବି ଆଦିତ୍ୟ ରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା ଓ ମହେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ବିପର୍ଯ୍ୟୟ ମୁକାବିଲା ବୈଠକ

କଟକ ଅଫିସ, ୧୨।୬

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ସରକାରୀ ଅଧିକାରୀ ଓ ସାମାଜିକ ସଂଗଠନଗୁଡିକର ମିଳିତ ବୈଠକ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ଅଧକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିପର୍ଯ୍ୟୟ ସମୟରେ ସାମାଜିକ ସଙ୍ଗଠନଗୁଡିକର ଭୂମିକା, ପ୍ରଭାବିତ ଲୋକମାନଙ୍କୁ ସେବା ଯୋଗାଇଦେବା, ସ୍ୱାସ୍ଥ୍ୟ ତଥା ପରିମଳ ଓ ପରିବେଶକୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ସଚେତନ କରିବା ବିଷୟରେ ଅତିରିକ୍ତ ଜିଲାପାଳ ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାମାଜିକ ସଙ୍ଗଠନଗୁଡିକର ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ ପରାମର୍ଶ ଦେଇଥିଲେ। ଏହି ବୈଠକରେ ୮୦ଟି ଅଗ୍ରଣୀ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲା ଜରୁରୀ ଅଧିକାରୀ ସ୍ମିତା ରଥଙ୍କ ସମେତ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ସିଏମ୍‌ସିରେ କାର୍ଯ୍ୟକ୍ଷମ ହେବ ବାୟୋମେଟ୍ରିକ୍, ଜିପିଆର୍‌ଏସ୍

କଟକ ଅଫିସ, ୧୨।୬

କଟକ ମହାନଗର ନିଗମ(ସିଏମ୍‌ସି)ରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଅଫିସରେ ବାୟୋମେଟ୍ରିକ ଏବଂ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ କରିବା ପାଇଁ ଗାଡିରେ ଜିପିଆରଏସ୍(ଜେନେରାଲ ପକେଟ ରେଡିଓ ସର୍ଭିସ) ବ୍ୟବସ୍ଥା ୨୦୧୭ ଜାନୁୟାରୀରେ ଲାଗୁ କରାଯାଇଥିଲା। ମାତ୍ର ଲାଗୁ ହେବାର କିଛି ଦିନ ପର୍ଯ୍ୟନ୍ତ ଠିକ୍ ଭାବେ ଚାଲିବା ସହ ଏହି ବ୍ୟବସ୍ଥା ବନ୍ଦ ହୋଇପଡ଼ିଛି। ଏହାର ସୁଯୋଗ ନେଇ ଆବର୍ଜନା ସଫେଇ କରୁଥିବା ସଂସ୍ଥା ମନମୁଖି ଭାବେ କାର୍ଯ୍ୟ କରୁଥିବା ସହ କର୍ମଚାରୀମାନେ ଠିକ୍ ସମୟରେ ଅଫିସ ଆସୁ ନ ଥିବା ଏବଂ ଅଫିସ କାର୍ଯ୍ୟ ଶେଷ କରି ଯାଉ ନ ଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏନେଇ ସିଏମ୍‌ସି ଏବେ ତତ୍ପର ହୋଇଉଠିଛି। ଖୁବ୍‌ଶୀଘ୍ର ଏଥିପାଇଁ ଏକ ଅଡିଟ୍ କରାଯାଇ ଏଥିନିମନ୍ତେ ଏକ କଣ୍ଟ୍ରୋଲ ରୁମ୍ ନିର୍ମାଣ କରାଯିବ। ଯେପରି ସବୁଦିନ ଏହି ବ୍ୟବସ୍ଥା ଚାଲୁ ରହିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ କହିଛନ୍ତି।

ଏହି ବ୍ୟବସ୍ଥା ଲାଗୁ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସିଏମସିରେ ଥିବା ଗାଡି କେତେବେଳେ କାର୍ଯ୍ୟ ଆରମ୍ଭ କଲା, ୱାର୍ଡରେ କେତେ ଟ୍ରିପ ଆବର୍ଜନା ଉଠାହେଲା, ଗାଡି କେଉଁ ୱାର୍ଡ ବୁଲି ଆବର୍ଜନା ସଂଗ୍ରହ କଲା ତା'ର ତଥ୍ୟ ସିଏମ୍‌ସି ରଖିପାରିବ। ସେହିପରି ବାୟୋମେଟ୍ରିକ ଯୋଗୁ ସିଏମ୍‌ସିରେ କାର୍ଯ୍ୟରତ ଉଭୟ ବିଜୁ ଭବନ ଏବଂ ବିକାଶ ଭବନରେ କର୍ମଚାରୀମାନେ କେଉଁ ସମୟରେ ଆସୁଛନ୍ତି, କେଉଁ ସମୟରେ ଯାଉଛନ୍ତି ତାହାର ଠିକ୍ ରିପୋର୍ଟ ସିଏମ୍‌ସି ରଖିପାରିବ। ଏହି ସିଷ୍ଟମ ଅଚଳ ହେବା ଫଳରେ ଯାନବାହନଗୁଡ଼ିକ ଠିକ ଜାଗାରେ ବ୍ୟବହାର ହେଉ ନାହିଁ। ଏ ନେଇ ଆଇନଜୀବୀ ରାଜୀବ ପଟ୍ଟନାୟକ କୁହନ୍ତି, ଜିପିଆରଏସ୍ ବ୍ୟବସ୍ଥା ଅକାମୀ ହେବା ଯୋଗୁ ସିଏମ୍‌ସିଠାରୁ ଦୁର୍ନୀତିଖୋର ଲୋକେ ଟଙ୍କା ଲୁଟ୍ କରୁଛନ୍ତି। ଏଣୁ ସିଏମ୍‌ସି ଏଥିପ୍ରତି ଦୃଷ୍ଟି ଦେଇ ଏଥିରେ ସୁଧାର ଆଣିଲେ ଅନେକ ସମସ୍ୟ ଦୂର ହୋଇପାରିବ।

■୨ ଚିକିତ୍ସା କେନ୍ଦ୍ରରେ ଖାଲିପଡିଥିବା ପଦବୀ ପୂରଣ ଦାବି

# ଏସ୍‌ୟୁସିଆଇ(ସି)ର ବିକ୍ଷୋଭ

କଟକ ଅଫିସ, ୧୨।୬




ଏସ୍‌ୟୁସିଆଇ(ସି) ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ଏସ୍‌ସିବି ମେଡିକାଲ ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ତୁରନ୍ତ ଆବଶ୍ୟକ ଡ୍ରେସର ନିଯୁକ୍ତି କରିବା, ଖାଲିପଡିଥିବା ସମସ୍ତ ଗ୍ରୁପ 'ଡି' ତଥା ଆଟେଣ୍ଡାଣ୍ଟ ପଦବୀଗୁଡିକ ତୁରନ୍ତ ପୂରଣ କରିବା ଦାବିରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ବୁଧବାର ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆବଶ୍ୟକ ପଦବୀଗୁଡ଼ିକ ଖାଲି ପଡ଼ିଥିବାରୁ ରୋଗୀସେବା ବ୍ୟାହତ ହେଉଛି। ସେହିପରି ରୋଗୀ ସଂଖ୍ୟାକୁ ଆଖିଆଗରେ ରଖି ମେଡିକାଲ ଦ୍ୱୟର ସମ୍ପ୍ରସାରଣ କରିବା ପାଇଁ ଦଳ ଦାବି କରିଛି। ଅଭିଯୋଗରେ ଦର୍ଶାଯାଇଛି, ଏସ୍‌ସିବିର ଶବ ବ୍ୟବଚ୍ଛେଦ ଗୃହରେ ଥିବା ଅଚଳ ଫ୍ରିଜର ଯୋଗୁ ଏଠାରେ ମୃତଦେହ ଶଢୁଛି। ନିରାମୟରେ ରୋଗୀମାନଙ୍କୁ ସମସ୍ତ ଔଷଧ ଉପଲବ୍ଧ ହେଉନାହିଁ। ଏସ୍‌ସିବିରେ ୬୦୦ରୁ ଉର୍ଦ୍ଧ୍ୱ ଗ୍ରୁପ 'ଡି' ପଦବୀ ଖାଲିପଡିଛି। କିଛିଦିନ ତଳେ ୧୮୧ ଆଟେଣ୍ଡାଣ୍ଟ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ଚୟନ ପ୍ରକ୍ରିୟା ସରିଥିଲେ ମଧ୍ୟ ଏଯାବତ ତାହା ପୂରଣ ହୋଇ ନ ଥିବା ଦଳ ଅଭିଯୋଗ କରିଛି। ଉଭୟ ଚିକିତ୍ସାନୁଷ୍ଠାନରେ ବେଡ୍ ସଂଖ୍ୟା ତୁଳନାରେ ପ୍ରାୟ ୩ ଗୁଣା ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ସେମାନେ ବେଡ୍ ନ ପାଇ ଚଟାଣରେ ପଡି ରହୁଛନ୍ତି। ତେଣୁ ତୁରନ୍ତ ଏହି ସବୁ ସମସ୍ୟାର ସମାଧାନ ପାଇଁ ଦଳ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ତୁରନ୍ତ ପୂରଣ ନ ହେଲେ ଆଗାମୀ ଦିନରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏସ୍‌ୟୁସିଆଇ(ସି)ର ଜିଲା କମିଟିର ସମ୍ପାଦକ ବିଶ୍ୱାବସୁ ଦାସଙ୍କ ଅଧକ୍ଷତାରେ ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ଶିବାଶିଷ ପ୍ରହରାଜ, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ବିନୋଦ ସେଠୀ, ଦିପକ ଦାସ, ତରୁଣସେନ ନାୟକ ଓ ସଙ୍ଗଠକ ପାଭେଲ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ।




ପଶ୍ଚିମବଙ୍ଗର ଏନ୍‌ଆରଏସ୍‌ଏମ୍‌ସିଏଚ୍‌ର ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣର ପ୍ରତିବାଦରେ ବୁଧବାର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପିଜି ଆଣ୍ଡ ୟୁଜି ଷ୍ଟୁଡେଣ୍ଟ ୟୁନିୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।




କଟକ ଶ୍ରୀରାମଚନ୍ଦ୍ର ଭବନରେ କବି ନନ୍ଦକିଶୋର ସାମଲଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
-ଜନ୍‌ସନ



## ସଂକ୍ଷେପରେ

### ଶ୍ମଶାନ ଜମି ଜବରଦଖଲକୁ ପ୍ରତିବାଦ

**ଖୋର୍ଦ୍ଧା ଅଫିସ,୧୨।୬:**ଖୋର୍ଦ୍ଧା ସହରର ଜେମାଦେଈ ମୌଜାରେ ଥିବା ହାଡ଼ଗାଡିଆ ଶ୍ମଶାନ ଜବରଦଖଲ ହୋଇଛି। ଏହି ଶ୍ମଶାନ ଉପରେ ନିର୍ଭରଶୀଳ ମୁକୁନ୍ଦପ୍ରସାଦ, ଜେମାଦେଈ, ସାମନ୍ତରାପୁର, ଶାଗୁଆନ ବଗିଚା, ବୁଢ଼ୀ ବଗିଚା, ଠେଙ୍ଗାହାଟ, ନବୀନାବାଗ, ଉପରସାହି, ବାସେଲିସାହିର ଲୋକ ଜବରଦଖଲକୁ ବିରୋଧ କରୁଛନ୍ତି। ଏପରିସ୍ଥଳେ ସ୍ଥାନୀୟ ଅଞ୍ଚଳର କେତେଜଣ ବାସିନ୍ଦା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ରଙ୍କୁ ଭେଟି ଶ୍ମଶାନ ଜମି ଜବରଦଖଲ ନେଇ ବୁଧବାର ସ୍ମାରକପତ୍ର ଦେଇଛନ୍ତି। ଶ୍ମଶାନ ମଧ ଦେଇ ଶକ୍ତିପୀଠ ବରୁଣେଈକୁ ରାସ୍ତା ପଡିଛି। ପୂର୍ବରୁ କେତେଜଣ ଲୋକ ଓ କିଛି ଶିକ୍ଷ ଅନୁଷ୍ଠାନ ଶ୍ମଶାନ ଜମିକୁ ଅକ୍ତିଆର କରି ରହିଛନ୍ତି। ଏବେ ଏକ କମ୍ପାନୀ ଜବରଦଖଲ କରିଥିବା ଅଭିଯୋଗ ରହିଛି। ଏ ନେଇ ଉପଜିଲାପାଳ ଓ ଖୋର୍ଦ୍ଧା ତହସିଲଦାରଙ୍କୁ ମଧ ଅବଗତ କରାଯାଇଛି।

### ଖୋର୍ଦ୍ଧାରେ ଗୋଶାଳା ପ୍ରତିଷ୍ଠା ଦାବି

**ଖୋର୍ଦ୍ଧା ଅଫିସ,୧୨।୬:** ଖୋର୍ଦ୍ଧା ଜିଲାରେ ଗୋମାତାଙ୍କ ପ୍ରତି ଅଣଦେଖା କରାଯାଉଛି। ଏଭଳିସ୍ଥିତିରେ ଜିଲାରେ ବେଆଇନ ଗୋଚାଲାଣ ମୁଖ୍ୟ ସମସ୍ୟା ହୋଇଛି। ଏହା ଉପରେ ଲଗାମ ନାହିଁ। ଏପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଗୋରୁ ଜବତ କରାଗଲେ ଏମାନଙ୍କୁ ରଖିବାକୁ ଗୋଶାଳା ନାହିଁ। ଏଣୁ ଖୋର୍ଦ୍ଧା ଜିଲାର ବେଆଇନ ଗୋଚାଲାଣ ଉପରେ ଲଗାମ ଲଗାଇବା ସହ ଏଠାରେ ଏକ ଗୋଶାଳା ନିର୍ମାଣ କରିବାକୁ ଗୋ ପ୍ରେମୀମାନେ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି।

### ସ୍କୁଲ ମରାମତି ଲାଗି ଜିଲାପାଳଙ୍କୁ ଫେରାଦ

**ଖୋର୍ଦ୍ଧା ଅଫିସ,୧୨।୬:**ଖୋର୍ଦ୍ଧା ବ୍ଲକ ନରଣଗଡ ଚିନ୍ତାମଣି ବିଦ୍ୟାନିକେତନର ସ୍କୁଲ ଗୃହ ଫନୀରେ ଭାଙ୍ଗି ପରିତ୍ୟକ୍ତ ହୋଇ ପଡିରହିଛି। ଏଠାରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯିବା ସମ୍ଭବ ନୁହେଁ। ବାତ୍ୟା ଯିବାର ୪୧ ଦିନ ବିତିଯାଇଥିଲେ ମଧ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ୧୯ ତାରିଖରେ ସ୍କୁଲ ଖୋଲିବାକୁ ରହିଥିବାବେଳେ ମରାମତି କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ପ୍ରତିବାଦ କରାଯାଇଛି। ୨୦ ତାରିଖ ମଧରେ ସ୍କୁଲ ସମସ୍ୟା ସମାଧାନ କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ନରଣଗଡର ପୂର୍ବତନ ସରପଞ୍ଚ ଦିବାକର ଭୋଇ ଜିଲାପାଳଙ୍କୁ ଭେଟି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

### ରାସ୍ତା କାମ ନିମ୍ନମାନର

**ଖୋର୍ଦ୍ଧା ଅଫିସ,୧୨।୬:**ପିତାପଲ୍ଲୀଠାରୁ କୁମାରବସ୍ତ ଦେଇ ଗୁରୁଜଙ୍ଗ ୪ କିମି ରାସ୍ତା ନିର୍ମାଣ ଚାଲିଛି। ତେବେ ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନାହିଁ। ସ୍ଥାନୀୟ ବାସିନ୍ଦା ପିଚୁକାର୍ଯ୍ୟ ନେଇ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କରୁଥିଲେ ହେଁ ଭଲକାର୍ଯ୍ୟ କରାଯାଉନାହିଁ। ଶେଷରେ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କୁ ଭେଟି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ଏହି ରାସ୍ତା ପାଇଁ ୧୨ କୋଟି ୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ବୋଲଗଡ଼,୧୨।୬(ଡି.ଏନ୍.ଏ.)-** ବୋଲଗଡ଼ ବ୍ଲକ ସାଗରଗାଁ ଗୋଡିଆଲି ଗ୍ରାମର ରଜ ପଡ଼ିଆ ପରିସର ତ୍ରିନାଥଦେବଙ୍କ ମନ୍ଦିରଠାରେ ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏହା ଆୟୋଜିତ ହେଉଥିବାବେଳେ ସୋମବାର ଶୁଭାଧିବାସ, ମଙ୍ଗଳବାର କଳସ ଯାତ୍ରା, ଅଗ୍ନି ସ୍ଥାପନ, ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ବୁଧବାର ସୂର୍ଯ୍ୟପୂଜା ବୈଦିକ ରୀତିନୀତି ଓ ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା। ଗୁରୁବାର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ।

### ପୂର୍ବତନ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ନିରାକାରପୁର, ୧୨।୬ (ଡି.ଏନ୍.ଏ)-** ନିରାକାରପୁର ଅଞ୍ଚଳର ପ୍ରଥମ ପ୍ରଶାସନିକ ଅଧିକାରୀ ଦାମୋଦର ମିଶ୍ର(୮୩)ଙ୍କ ନିଜ ବାସଭବନ କାଶୀପୁରଠାରେ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ଅବସର ନେବା ପରେ ଓଡିଶା ହାଇକୋର୍ଟରେ ଓକିଲ ଭାବେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ମିଶ୍ରଙ୍କ ୪ ଝିଅ ଅଛନ୍ତି। ତେବେ ୨ ପୁଅ ବିଦେଶରେ ରହୁଥିବାରୁ ସାନ ଝିଅ ମୁଖାଗ୍ନି ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଫନୀ ପ୍ରଭାବ: ପର୍ଯ୍ୟଟନସ୍ଥଳ ଖାଁ ଖାଁ

**ଖୋର୍ଦ୍ଧା ଅଫିସ,୧୨।୬**

ବାତ୍ୟା ଫନୀ ପ୍ରଭାବ ଖୋର୍ଦ୍ଧା ସବ୍‌ଡିଭିଜନରେ ଥିବା ପର୍ଯ୍ୟଟନସ୍ଥଳ ଉପରେ ପଡିଛି। ଫନୀ ଯିବାକୁ ୪୧ ଦିନ ବିତିଯାଇଛି। ହେଲେ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଭିଡ ଜମୁନି। ଅତ୍ରିର ଉଷ୍ମ ପ୍ରସ୍ରବଣରେ ପ୍ରାକୃତିକ ଶୋଭା ହରାଇଛି। ଏଠାରେ ଗଛ ସବୁ ଭାଙ୍ଗି ପଡିଥିଲେ ମଧ ସଫେଇ କରିବାକୁ ଲୋକ ମିଳୁନାହାନ୍ତି। ଏହି ପର୍ଯ୍ୟଟନସ୍ଥଳର ବିକାଶକୁ ଅଣଦେଖା କରାଯାଉଥିବାରୁ ଧୀରେ ଧୀରେ ଏହା ସୌନ୍ଦର୍ଯ୍ୟ ହରାଉଛି। ସେହିଭଳି ଜାଗୁଲେଇପାଟଣାସ୍ଥିତ ଶ୍ରୀଅନନ୍ତପୁରୁଷୋତ୍ତମ ଦେବଙ୍କ କ୍ଷେତ୍ରରେ ଅନୁରୂପ ଭାବେ ଗଛ ଭାଙ୍ଗି ପଡିରହିଛି। ସ୍ନାନମଣ୍ଡପ ଭାଙ୍ଗିଯାଇଥିଲା। କାରୁଣ୍ୟ କୁଣ୍ଡକୁ ଯିବାକୁ ରାସ୍ତା ନାହିଁ। ରାସ୍ତାରେ ଗଛ ପଡିରହିଛି। ବରୁଣେଇରେ ମଧ ଗଛ ଭାଙ୍ଗି ଖାଁ ଖାଁ ଲାଗୁଛି। ସେହିଭଳି ରାମେଶ୍ୱର, ଗଡମାଣତୀର, ଉଗ୍ରତାରା ମଧ ଅନୁରୂପ ଭାବେ ପ୍ରଭାବିତ ହୋଇଛି। ସବୁ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ସଂଖ୍ୟ ହ୍ରାସ ପାଇଛି। ଚିଲିକା, କାଳିଜାଇରେ ମଧ ପର୍ଯ୍ୟଟକଙ୍କ ସଂଖ୍ୟା କମିଛି। ଏହାରି ପଛରେ ଗୁଲୁଗୁଳି ସାଙ୍ଗକୁ ତାତି ମଧ ଅନ୍ୟତମ କାରଣ ବୋଲି କୁହାଯାଉଛି।



ଫନୀ ପରେ ଅତ୍ରିରେ ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି ।

### ଆକୃଷ୍ଟ ହେଉନାହାନ୍ତି ବିଦେଶୀ ପର୍ଯ୍ୟଟକ

ଖୋର୍ଦ୍ଧା ସବ୍‌ଡିଭିଜନରେ ଥିବା ପର୍ଯ୍ୟଟନସ୍ଥଳକୁ ପ୍ରକୃତି ଅଣଦେଖା କରିନାହିଁ। କିନ୍ତୁ ସରକାର ଓ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ରହିଛି। ପର୍ଯ୍ୟଟନସ୍ଥଳଗୁଡିକରେ ସୁବିଧା କମ୍ ଅସୁବିଧା ବେଶି ଥିବାରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ। କାଁ ଭାଁ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ୨୦୧୪, ୨୦୧୫ ଓ ୨୦୧୬ ରେ ଅତ୍ରି ଉଷ୍ମ ପ୍ରସ୍ରବଣ, ବାଣପୁର ଭଗବତୀ ମନ୍ଦିର, ବରୁଣେଇ, ଉଗ୍ରତାରା, ଗଡଡମାଣତୀର, ରାମେଶ୍ୱର, ଆରିକମାର କୋଶଳାଶୁଣୀ ଠାକୁରାଣୀ ପୀଠ, ମୁଣ୍ଡିଆପଡା ମଣ୍ଡନଗିରି, ଶାଳିଆ ଡ୍ୟାମ, ସଙ୍କଟମୋଚନ ମହାବୀର, ଜାଗୁଲେଇପାଟଣାସ୍ଥିତ ଶ୍ରୀଅନନ୍ତପୁରୁଷୋତ୍ତମ ଦେବଙ୍କ କ୍ଷେତ୍ରକୁ ଆଦୌ ବିଦେଶୀ ପର୍ଯ୍ୟଟକ ଆସିନାହାନ୍ତି। ଚିଲିକା ବରକୂଳକୁ ୨୦୧୪ରେ ୧୧୫୨, ୨୦୧୫ରେ ୧୨୩୭, ୨୦୧୬ରେ ୧୩୪୦ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି।

### ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି

ଶ୍ରୀଜଗନ୍ନାଥଙ୍କ ଗୋପନ ଆଶ୍ରୟସ୍ଥଳ ତଥା ଲୀଳାକ୍ଷେତ୍ର ପ୍ରତି ନଜର ନାହିଁ। ଫଳରେ ଚିଲିକା ବ୍ଲକର କାଙ୍କଣଶିଖରୀ ଓ ହରିହରେଶ୍ୱର ମନ୍ଦିର ପରି ପୀଠ ଉପେକ୍ଷିତ ହୋଇ ରହିଯାଉଛି। ସେହିଭଳି କାଙ୍କଣଶିଖରୀ ନିକଟସ୍ଥ ଚିଲିକା ପରିସରରେ କ୍ଷାରୀୟ ଲବଣାକ୍ତ ପାଣି ଅଞ୍ଚଳରେ ଅନ୍ତଃସ୍ରୋତା ଝର ଗଙ୍ଗା ଯମୁନା ନିର୍ଝର ରହିଛି। ଏହା ସତ୍ତ୍ୱେ ଏହି ଦୁଇ ଅଞ୍ଚଳକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ଦାବି ହୋଇ ଆସୁଥିଲେ ମଧ ଅଣଦେଖା କରାଯାଉଛି। ମାଦଳାପାଞ୍ଜି ଅନୁସାରେ ନଈରୀ ଗାଁ ଭିତର ହରି ହରେଶ୍ୱର ମନ୍ଦିର ଭିତରେ ଜଗତରନାଥ ଜଗନ୍ନାଥ ୭ ମାସ ୨୭ ଦିନ ଲୀଳା କରିଥିଲେ। ଯେଉଁ ଉପରେ ବିଗ୍ରହ ଅବସ୍ଥାପିତ ହୋଇଥିଲେ ସେ ପିଢ଼ିର ସ୍ମାରକୀ ବର୍ତ୍ତମାନ ସୁଦ୍ଧା ବିଦ୍ୟମାନ। ୧୭୩୨ରେ ଏହି ହରିହରେଶ୍ୱର ମନ୍ଦିରରେ ଗୋଟିଏ ବର୍ଷ ରଥଯାତ୍ରା ହୋଇଥିଲା। ସେଠାରେ ଗୋଟିଏ ଦିନ ପାଇଁ ଖୋଲା ଯାଇଥିବା ଗୁଣ୍ଡିଚା କୂପ, ବଡଦାଣ୍ଡ, ଗୁଣ୍ଡିଚା ବରଗଛ, ଆଜି ମଧ ବିଦ୍ୟମାନ। ୨୦୦୭ ରେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଶାସନିକ ଅଧିକାରୀ ଆସି ସଭା କରିଥିଲେ। ପରେ ସେଠାରେ ୨୦୦୮ରେ ସିଂହାସନ ପ୍ରତିଷ୍ଠା କରାଗଲା। ପରବର୍ତ୍ତୀ ସମୟରେ ବଡଦାଣ୍ଡରୁ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ଅଣାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହି ଦୁଇ ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦେବାକୁ ଚିଲିକା ବିଧାୟକଙ୍କୁ ଏକ ସ୍ମାରକପତ୍ର କଳିଙ୍ଗକନ୍ୟା ପାଇକ ଆଖଡା ରତନପୁର ପକ୍ଷରୁ ଦିଆଯାଇଛି।

■ ଜଟଣୀରେ ଯୁବକମାନଙ୍କ ନିଶା ବିରୋଧୀ ଅଭିଯାନ

# ବେପାରୀ, ସେବନକାରୀଙ୍କୁ ଧରି ପୋଲିସ ଜିମା ଦେଲେ

**ଜଟଣୀ,୧୨।୬(ଡି.ଏନ୍.ଏ.)**

ଜଟଣୀରେ ବ୍ୟାପକ ନିଶା କାରବାର ଚାଲିଛି। ପୋଲିସ ସବୁ ଜାଣୁଥିଲେ ହେଁ ନୀରବ ରହୁଛି। ପୋଲିସ ଉପରୁ ଲୋକେ ଆସ୍ଥା ତୁଟାଇଲେଣି। ବିଶେଷକରି ବ୍ରାଉନ୍‌ସୁଗାର ଭଳି ମାରାତ୍ମକ ନିଶା ବ୍ୟାପକ କାରବାର ହେବାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢିବାରେ ଲାଗିଛି। ଏହାକୁ ରୋକିବାରେ ପୋଲିସ ବିଫଳ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ପୋଲିସ ଉପରୁ ବିଶ୍ୱାସ ତୁଟାଇ ସ୍ଥାନୀୟ କୁଦିଆରୀ ଅଞ୍ଚଳର ୫୦ରୁ ଉର୍ଦ୍ଧ୍ୱ ଯୁବକ ବୁଧବାର ସନ୍ଧ୍ୟାରେ ନିଶା ବିରୋଧୀ ଅଭିଯାନରେ ବାହାରିଥିଲେ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରେ ପହଞ୍ଚି ନିଶା ବେପାରୀ ଓ ସେବନକାରୀ ୩ ଜଣଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଥିଲେ। ଯୁବକମାନେ ବିକ୍ରୟ ହେଉଥିବା ବ୍ରାଉନ୍‌ସୁଗାର, ଗଞ୍ଜେଇକୁ ଧରି ପୋଲିସକୁ ଦେଇଛନ୍ତି। ପ୍ରଥମେ ଲୋକୋ କଲୋନୀ ନିକଟ ମାଣିଆ ଛକ ଓ ପରେ ବାଲିଛକ ମୁଣ୍ଡିଆସାହିରେ ନିଶାଦ୍ରବ୍ୟ ବିକ୍ରୟ ହେବା ସ୍ଥାନରେ ପହଞ୍ଚି ଯୁବକମାନେ କୌଶଳକ୍ରମେ ସେମାନଙ୍କୁ ଧରିଥିଲେ। ଉଭୟ ସ୍ଥାନରେ ସେମାନେ ନିଶାଦ୍ରବ୍ୟ ମଧ ପାଇଥିଲେ। ତେବେ ମୁଣ୍ଡିଆସାହିରେ ବିକ୍ରୟ କରୁଥିବା ବ୍ୟକ୍ତିଙ୍କୁ ଧରି ଥାନାକୁ ନେବା ପାଇଁ ପୋଲିସକୁ ବାରମ୍ବାର କୁହାଯାଇଥିଲା। ହେଲେ କେହି ପୋଲିସ ଘଟଣାସ୍ଥଳକୁ ଆସି ନ ଥିବା ନିଶା ବିରୋଧୀ ଅଭିଯାନର ନେତୃତ୍ୱ ନେଉଥିବା ସଂଯୋଗ ସୁନ୍ଦରାୟ ଓ ପ୍ରଶାନ୍ତ ସାହୁ କହିଛନ୍ତି। ତେବେ ଏହାର ତଦନ୍ତ ଓ ଅନୁଧାନ ହେଉଥିବା ପୋଲିସ କହିଛି।



ଜବତ ବ୍ରାଉନସୁଗାର, ଗଞ୍ଜେଇ ।

■ ଜଟଣୀ ରେଲୱେ ଅଞ୍ଚଳର ଝୁମ୍ପୁଡ଼ି ବାସିନ୍ଦା

# ଆଗେ ଥଇଥାନ, ପଛେ ଉଚ୍ଛେଦ ଦାବି

**ଜଟଣୀ,୧୨।୬(ଡି.ଏନ.ଏ.):**

ଜଟଣୀସ୍ଥିତ ଲୋକୋ କଲୋନୀ, ଟ୍ରାଫିକ୍ କଲୋନୀ ଆଦି ରେଲୱେ ଅଞ୍ଚଳରେ ଦୀର୍ଘବର୍ଷ ହେବ ଝୁମ୍ପୁଡ଼ି ବାସିନ୍ଦା ରହିଆସିଛନ୍ତି। ସେମାନଙ୍କୁ ଆଗେ ଥଇଥାନ କରିବା ପରେ ଉଚ୍ଛେଦ ପାଇଁ ଦାବି ଜୋର ଧରିଛି। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ଡିଆର୍‌ଏମ୍ ଶଶୀକାନ୍ତ ସିଂଙ୍କୁ ବୁଧବାର ସାକ୍ଷାତ୍ କରି ଏ ସଂକ୍ରାନ୍ତରେ ଜଣାଇଛନ୍ତି। ବସ୍ତିଗୁଡ଼ିକୁ ଉଚ୍ଛେଦ ପାଇଁ ରେଲୱେ ପକ୍ଷରୁ ନୋଟିସ୍ କରାଯାଇଛି। ତେବେ ମାସେ ହେବ ବାତ୍ୟା ଫନୀ ଯାଇଥିବାବେଳେ ଆଗକୁ ଅନେକ ପର୍ବପର୍ବାଣି ରହିଥିବାରୁ ଉଚ୍ଛେଦ ପ୍ରକ୍ରିୟାକୁ ୬ ମାସ ଘୁଞ୍ଚାଇବାକୁ ବିଧାୟକ ରାଉତରାୟ ଦାବି କରିଥିଲେ। ଏହା ଭିତରେ ରାଜ୍ୟ ସରକାରଙ୍କ ଥିବା ଯୋଜନାରେ ଏହି ବସ୍ତିବାସିନ୍ଦାଙ୍କୁ ଅନ୍ୟ ସ୍ଥାନରେ ଥଇଥାନ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଥିଲେ। ଏଥିସହ ସ୍ଥାନୀୟ ସୀତାରାମ ଛକ ନିକଟ ରେଲୱେ ଅଣ୍ଡରଗ୍ରାଉଣ୍ଡ ପରିସର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ଏହା ଭିତରେ ଅଧିକାଂଶ ସମୟ ପାଣି ଜମି ରହୁଛି। ଫଳରେ ଏଠାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏଣୁ ନିର୍ମାଣାଧୀନ ବ୍ରିଜ୍ ସମ୍ପୂର୍ଣ୍ଣ ନ ହେବା ଯାଏ ଏହାର ମରାମତି ସହ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଏହିସବୁ ଦାବି ଉପରେ ବିଚାର କରାଯିବ ବୋଲି ଡିଆର୍‌ଏମ୍ ସିଂ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ୍ ଆଲୋଚନାରେ ବସ୍ତି ବାସିନ୍ଦା, ଟାଉନ୍ କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ପୂର୍ବତନ କାଉନ୍‌ସିଲର ଅଞ୍ଜଳି ମହାନ୍ତି, ଜଟାଧାରୀ ପ୍ରଧାନ, ଲୁସେନ ରାୟ, ଅନନ୍ତ ବେହେରା, ଲକ୍ଷ୍ମୀଧର ବିଶ୍ୱାଳ, ଜିଲା କଂଗ୍ରେସ ଓବିସି ସେଲ୍ ସଭାପତି କଳିଙ୍ଗ ସାହୁ, ସିଲୁ ରଥ, ସୁଧାକର ଜେନା ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



ଡିଆରଏମଙ୍କୁ ଭେଟିବାକୁ ଯାଉଥିବା ବିଧାୟକ ଓ ଅନ୍ୟମାନେ ।

### ସାଇଟିଂ ନିୟମକୁ ଅଣଦେଖା

**ଖୋର୍ଦ୍ଧା ଅଫିସ, ୧୨।୬**

ଖୋର୍ଦ୍ଧା ବ୍ଲକର ଆଖପାଖରେ ରହିଥିବା କ୍ରଶରଗୁଡିକ ସାଇଟିଂ ନିୟମକୁ ଅଣଦେଖା କରୁଛନ୍ତି। ୨୦୧୫ ଡିସେମ୍ବରରେ କ୍ରଶର ସଂଘ ପକ୍ଷରୁ ସାଇଟିଙ୍ଗ ନିୟମକୁ ପାଳନ କରାଯିବାକୁ ଜିଲାପାଳଙ୍କ ନିକଟରେ କୁହାଯାଇଥିଲା। ହେଲେ କ୍ରଶରଗୁଡ଼ିକ ନିକଟରେ ଗଛ ଲଗାଯାଇ ସବୁଜ ବଳୟ ସୃଷ୍ଟି କରାଗଲାନାହିଁ। କ୍ରଶରରୁ ବାହାରୁଥିବା ପଥର ଗୁଣ୍ଡ ଏବଂ ଧୂଳିକଣା ଯେପରି ବାୟୁରେ ମିଶି ନ ପାରିବ ସେଥିପାଇଁ ଜଳସିଞ୍ଚନ ବ୍ୟବସ୍ଥା କରାଯାଉନି। ଏହାସହ କ୍ରଶର ଚତୁଃପାର୍ଶ୍ୱରେ ଉଚ୍ଚ ପାଚେରି ନିର୍ମାଣ ପ୍ରହସନ ପାଲଟିଛି। ଜିଲା ପ୍ରଶାସନ ସବୁ ଜାଣି ଅଜଣା ପରି ରହୁଥିବା ଅଭିଯୋଗ ହେଉଛି।

### ରଜ ମହୋତ୍ସବ ୧୫ରୁ

**ଖୋର୍ଦ୍ଧା ଅଫିସ,୧୨।୬**

ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଖୋର୍ଦ୍ଧାର ଅଗ୍ରଣୀ ଅନୁଷ୍ଠାନ ଦିଷାନ୍ତ ପକ୍ଷରୁ ବରୁଣେଇ ମହୋତ୍ସବ ପାଳନ କରାଯାଇ ଆସୁଛି। ଚଳିତବର୍ଷ ୧୦ମ ବରୁଣେଇ ରଜ ମହୋତ୍ସବ ୧୫ରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ବରୁଣେଇରେ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ହୁଳହୁଳି, ଝୋଟି, ଚିତା, ବିଭନ୍ନ ପ୍ରକାରର ପିଠା, ଦୋଳି, ପୁଚି ଖେଳ, ଦୌଡି ଡିଆଁ ଏବଂ ତାସ୍ ଖେଳ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଥିବା ଅନୁଷ୍ଠାନର ସଭାପତି ତଥା ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର କହିଛନ୍ତି।

■ ୬ ମାସ ହେଲା ଭତ୍ତାରୁ ବଞ୍ଚିତ ୨୧୧ କଳାକାର

# ପଦକ୍ଷେପ ଗ୍ରହଣ ନ ହେଲେ ଆନ୍ଦୋଳନ



ଭତ୍ତାରୁ ବଞ୍ଚିତ କେତେଜଣ କଳାକାର।

**କୃଷ୍ଣପ୍ରସାଦ,୧୨।୬(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ରାଜ୍ୟ ସରକାରଙ୍କଠାରୁ ୨୧୧ ଜଣ କଳାକାର ଭତ୍ତା ପାଉଥିଲେ । ଏହି ଭତ୍ତା ପାଇବା ପରେ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଯାଇଥିଲା। ପ୍ରତିମାସରେ ସେମାନେ ୧୨୦୦ ଟଙ୍କା କଳାକାର ଭତ୍ତା ପାଉଥିଲେ। ଚଳିତ ଜାନୁୟାରୀଠାରୁ ଦୀର୍ଘ ୬ ମାସ ହେଲା ସେମାନେ ବାର୍ଦ୍ଧକ୍ୟ କିମ୍ବା କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବାରୁ ଘୋର ଦୁଃଖ, ଦୁର୍ଦ୍ଦିନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏମାନେ ହେଲେ ସାନଅଁଳର ରାମଚନ୍ଦ୍ର ସିଂ, କୁରୁପାଳର ପ୍ରଫୁଲ୍ଲ କୁମାର ଜେନା, ମୁଳିରାମ ଜେନା, ଭାବଗ୍ରାହୀ ଜେନା, ସିପିଆର ଭଗବାନ ବରାଳ, ପର୍ଶୁରାମ ପ୍ରଧାନ, ତ୍ରିନାଥ ପଲେଇ, ଗଙ୍ଗାଧର ପଲେଇ, ପଞ୍ଚାନନ ପଲେଇ, ଜଗନ୍ନାଥ ପଲେଇ, ତିିପର କେଲୁଜେନା ଓ ବଡ଼ଖାଡ଼ର ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ୨୧୧ ଜଣ କଳାକାର। ଏମାନଙ୍କ ମଧ୍ୟରୁ କେତେଜଣ ଜରାଗ୍ରସ୍ତ ହୋଇପଡ଼ିଥିବାବେଳେ ଭତ୍ତାରୁ ବଞ୍ଚିତ କରାଯାଇଥିବାରୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏଭଳି ଆର୍ଥିକ ଦୁରବସ୍ଥାବେଳେ ଦୋକାନୀମାନେ ମଧ ବାକି ସଉଦା ଦେବା ବନ୍ଦ କରିଦେଇଛନ୍ତି। ତେଣୁ ଦୈନିକ ଗଣ୍ଡେ ଆହାର ଯୋଗାଡ଼ କରିବା ମଧ ଆମ ପାଇଁ କଷ୍ଟସାଧ ହୋଇପଡିଛି ବୋଲି କେତେଜଣ କଳାକାର କହିଛନ୍ତି। ଏଥିପ୍ରତି ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଭତ୍ତାରୁ ବଞ୍ଚିତ କଳାକାର ଆନ୍ଦୋଳନ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପାଇକ ମହାସଂଘ ସମ୍ପାଦକ ସୁବାସ ଚନ୍ଦ୍ର ଜେନା କହିଛନ୍ତି ।

# ମୁଣ୍ଡାଆମ୍ବ କାଜୁ ଜଙ୍ଗଲରେ ପଥରଖଣି

**ଖୋର୍ଦ୍ଧା ଅଫିସ,୧୨।୬**

ଖୋର୍ଦ୍ଧା ତହସିଲ ମୁଣ୍ଡାଆମ୍ବ କାଜୁ ଜଙ୍ଗଲରେ ବେଆଇନ ଭାବେ ପଥର ଖଣି କରାଯାଇ ଖନନ ଚାଲିଛି। ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଭଳିସ୍ଥଳେ ସ୍ଥାନୀୟ ବାସିନ୍ଦା ବେଆଇନ ଖଣି ସମ୍ପର୍କରେ ଖୋର୍ଦ୍ଧା ବିଧାୟକଙ୍କୁ ଅବଗତ କରାଇଥିଲେ। ବୁଧବାର ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଜିଲାପାଳଙ୍କୁ ଭେଟି ମୁଣ୍ଡାଆମ୍ବ ବେଆଇନ ଖଣି ଖନନ ନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି।



ଜିଲାପାଳଙ୍କୁ ବିଧାୟକ ଭେଟି ବେଆଇନ ପଥର ଖନନ ବନ୍ଦ କରିବାକୁ କହୁଛନ୍ତି ।

# ନାଇଜରରେ ହିନ୍ଦୀ କର୍ମଶାଳା

**ଜଟଣୀ,୧୨।୬(ଡି.ଏନ.ଏ.)**

ଜଟଣୀସ୍ଥିତ ନାଇଜର ପରିସରରେ ବୁଧବାର ସଂଯୁକ୍ତ ହିନ୍ଦୀ କର୍ମଶାଳା ଆୟୋଜିତ ହୋଇଯାଇଛି। ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ରାଧାକାନ୍ତ ମିଶ୍ର ଯୋଗଦେଇ ଦେଶର ସବୁ ପ୍ରାନ୍ତରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏଥିରେ ନାଇଜର, ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ସଂସ୍ଥାନ, ତାଳଚେର ଭାରିଜଳ ବିଭାଗର ଅନେକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ନାଇଜରର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, ରାଷ୍ଟ୍ରଭାଷା ପ୍ରକୋଷ୍ଠର ସଭ୍ୟ ସମ୍ପାଦକ ଦୀନେଶ ବାହାଦୁର ସିଂ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ସଚେତନତା ଶିବିରରେ ଶିଶୁଙ୍କ ସୁରକ୍ଷା

**ଖୋର୍ଦ୍ଧା ଅଫିସ,୧୨।୬**

ଜିଲା ସଂସ୍କୃତି ଭବନ ପରିସରରେ ଆଇନ ସଚେତନତା ଶିବିରରେ ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଖୋର୍ଦ୍ଧାର ୨ୟ ଅତିରିକ୍ତ ଜିଲା ଜଜ୍ ଦିଲୀପ କୁମାର ବିଶ୍ୱାଳ ଶିବିରକୁ ବୁଧବାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ, ଖୋର୍ଦ୍ଧା ସହାକାରୀ ଶ୍ରମଅଧିକାରୀ ଦିଲୀପ କୁମାର ପାଣି, ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି ପ୍ରାଣକୃଷ୍ଣ ଦଳବେହେରା, ସମ୍ପାଦକ ପ୍ରଦୀପ କୁମାର ଦାସ, ଆଇନଜୀବୀ ସୁମନ୍ତ କୁମାର ମିଶ୍ର, ପିକକର କୋଅର୍ଡିନେଟର ବିନୋଦ କୁମାର ପ୍ରମୁଖ ଯୋଗଦେଇଥିଲେ। ସେମାନେ ଶିଶୁଙ୍କ ସୁରକ୍ଷା ଓ ସରକାରଙ୍କ ଉପରେ ବିଭିନ୍ନ ଯୋଜନା ଉପରେ ଟିପ୍ପଣୀ ଦେଇଥିଲେ। ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟିର ସହାୟକ ବସନ୍ତ ଶତପଥୀ ଏହାକୁ ସଂଯୋଜନା କରିଥିଲେ।




ଶିବିରରେ ଯୋଗ ଦେଇଥିବା ଅତିଥିମାନେ ।

# ପାଟବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

**ବୋଲଗଡ଼,୧୨।୬(ଡି.ଏନ.ଏ.)**

### ବର୍ଷା ପୂର୍ବରୁ ଜଳଭଣ୍ଡାର ପୁନରୁଦ୍ଧାର ଦାବି

ବୋଲଗଡ଼ ବ୍ଲକ ପାଟବନ୍ଧଠାରେ ମା' ବୁଢୀଦେଇ ସିଂହନାଦ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ରହିଛି। ୧୯୯୬ରେ ଏହାର ନିର୍ମାଣ ଆରମ୍ଭ ହୋଇ ୨୦୦୪ରେ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରକଳ୍ପ ଯୋଗେ ୨୫୦ ହେକ୍ଟର ଜମି ଜଳସେଚିତ ହୋଇଥାଏ। ୨ଟି ପାହାଡକୁ ପ୍ରାୟ ୧ କିମି ଦୈର୍ଘ୍ୟ ବିଶିଷ୍ଟ ବନ୍ଧ ଦ୍ୱାରା ସଂଯୋଗ କରାଯାଇ ପ୍ରକଳ୍ପଟି ନିର୍ମାଣ କରାଯାଇଛି । ହେଲେ ଏହି ଜଳଭଣ୍ଡାରରେ ବର୍ଷା ଜଳ ଜମା ହେବା ସହ ପାହାଡ଼ ଏବଂ ଜଙ୍ଗଲ ଅଞ୍ଚଳରୁ ବର୍ଷା ଜଳରେ ଧୋଇହୋଇ ଆସୁଥିବା ପଟୁମାଟି ଜଳଭଣ୍ଡାରକୁ ପୋତି ପକାଉଥିବା ବିଭିନ୍ନ ମହଲରେ କୁହାଯାଇଛି । ତେଣୁ ବର୍ଷାଦିନ ପୂର୍ବରୁ ଖୋଲାଯାଇ ଜଳଭଣ୍ଡାରଟିକୁ ପୁନରୁଦ୍ଧାର କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି। ତୁରନ୍ତ ପୁନରୁଦ୍ଧାର ନ ହେଲେ ଜଳଭଣ୍ଡାରଟି ସମ୍ପୂର୍ଣ୍ଣ ପୋତି ହେବାର ଆଶଙ୍କା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ମୁଣ୍ଡିଆପାହାଡ଼, ନାଗାପଲ୍ଲୀ ଜଙ୍ଗଲ ଅଞ୍ଚଳର ବର୍ଷାଜଳକୁ ଏହି ପ୍ରକଳ୍ପ ମାଧମରେ ଜଳଭଣ୍ଡାରରେ ଗଚ୍ଛିତ କରାଯାଇଥାଏ। କେନାଲ ମାଧମରେ ସାଗରଗାଁ ଏବଂ ବାଙ୍କୋଇ ପଞ୍ଚାୟତ ଅଞ୍ଚଳର କିଛି ଜମିକୁ ଉକ୍ତ ପ୍ରକଳ୍ପରୁ ଜଳସେଚନ କରାଯାଇଥାଏ। ସାଗରଗାଁ ପଞ୍ଚାୟତସ୍ଥ ଜରିପଡ଼ା, ଗୋଡିଆଲି, ପାଟବନ୍ଧ, ସାଗରଗାଁ, କୃଷ୍ଣପୁରବାରଦାଣ୍ଡି, ହଳଦିପଦା ଓ ବେଣାଗାଡିଆ ଅଞ୍ଚଳର ଖରିଫ ଧାନ ଜମିକୁ ମଧ ଏହି ପ୍ରକଳ୍ପରୁ ଜଳସେଚିତ କରାଯାଇଥାଏ। ସେହିପରି ବାଙ୍କୋଇଦେଶ ପଞ୍ଚାୟତସ୍ଥ ଗର୍ଭଣୀପଡ଼ା ଓ ବାଙ୍କୋଇ ଗ୍ରାମ ଅଞ୍ଚଳର କେତେକ ଜମିକୁ ମଧ ପ୍ରକଳ୍ପରୁ ଜଳସେଚିତ ହୋଇଥାଏ । ତେବେ ଜଳଭଣ୍ଡାରକୁ ପୋତି ପକାଉଥିବା ମାଟି, ପଙ୍କ ଆଦି ବର୍ଜ୍ୟବସ୍ତୁକୁ ବର୍ଷାଦିନ ପୂର୍ବରୁ ଉଦ୍ଧାର ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ପ୍ରକଳ୍ପରୁ ୩ଟି କେନାଲ ମାଧମରେ ଜମିକୁ ଜଳସେଚିତ କରାଯାଉଛି। ଏହି କେନାଲଗୁଡିକୁ ମଧ ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ କୁହାଯାଇଛି। ଲୋକଙ୍କ ଯାତାୟାତ ସୁବିଧା ପାଇଁ ପାଟବନ୍ଧ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ରହିଛି। ତେବେ ଏହି ଗ୍ରାମ ମୁଣ୍ଡଠାରୁ ପ୍ରକଳ୍ପ ପର୍ଯ୍ୟନ୍ତ ପ୍ରାୟ ଅଧା କିମି ରାସ୍ତାକୁ ପକ୍କା କରାଯିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବୋଲଗଡ଼ ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ରମେଶ ରାଉତ କୁହନ୍ତି, ପ୍ରକଳ୍ପର କେନାଲ କାର୍ଯ୍ୟ ସମ୍ପ୍ରସାରଣ ସହିତ ଜଳଭଣ୍ଡାରରୁ ମାଟି ଖୋଲାଯିବା ପାଇଁ ଲକ୍ଷ୍ୟ ରହିଛି ।



ପୋତି ହୋଇଯାଇଥିବା ଜଳଭଣ୍ଡାର ।



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟଙ୍କୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।
- ଜନ୍‌ସନ



## ସଂକ୍ଷେପରେ

### ଟ୍ରେନରୁ ମହିଳାଙ୍କ ଭ୍ୟାନିଟି ଲୁଟ୍

**ପୁରୀ ଅଫିସ,୧୨।୬:** ପୁରୁଷୋତ୍ତମ ଏକ୍ସପ୍ରେସରୁ ଜଣେ ମହିଳାଙ୍କ ଭ୍ୟାନିଟି ଲୁଟ୍ ହୋଇଛି। ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଏହି ଭ୍ୟାନିଟି ଚୋରି ହୋଇଥିବା ପୁରୀ ଜିଆର୍‌ପି ଫାଣ୍ଡିରେ ଅଭିଯୋଗ ହୋଇଛି। କ୍ରିଷ୍ଣା ଦାସଙ୍କ ସମେତ ୩ଜଣ ମହିଳା ପୁରୁଷୋତ୍ତମ ଏକ୍ସପ୍ରେସ ଯୋଗେ ଦିଲ୍ଲୀରୁ ପୁରୀ ଆସୁଥିଲେ। ବୁଧବାର ଭୋର ୪.୨୦ ମିନିଟ୍‌ରେ ଟ୍ରେନ୍‌ଟି ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଥିଲା। ଏହାର କିଛି ସମୟ ପରେ ପୁରୀ ଅଭିମୁଖେ ଛାଡ଼ିଥିଲା। ଏହି ସମୟ ମଧ୍ୟରେ ଷ୍ଟେଶନ ପରିସରରୁ ଜନୈକ ଲୁଟେରା କ୍ରିଷ୍ଣାଙ୍କ ଭ୍ୟାନିଟି ଧରି ଚମ୍ପଟ ମାରିଥିଲେ। ଟ୍ରେନ ଦ୍ରୁତଗତିରେ ଥିବାରୁ ସେ ଓହ୍ଲାଇ ପାରି ନ ଥିଲେ। ସେତେବେଳେ ଟ୍ରେନରେ ଆରପିଏଫ ନ ଥିଲେ। ଟ୍ରେନ ପୁରୀରେ ପହଞ୍ଚିବା ପରେ ସେ ଜିଆର୍‌ପି ଫାଣ୍ଡିରେ ଏତଲା ଦେଇଥିଲେ।

### ମାରୁତି ସେନାର ବୈଠକ

**ପୁରୀ ଅଫିସ,୧୨।୬ :** ଶିରୁଳି ମହାବୀର ମନ୍ଦିର ପରିସରରେ ବୁଧବାର ମାରୁତି ସେନାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେନାର ଅଧକ୍ଷ ପପୁ ଦଳବେହେରା ସଭାପତିତ୍ୱ କରିଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ପୁରୀ ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ଉମାକାନ୍ତ ନାୟକ ପୂର୍ବତନ ଜିଲାପରିଷଦ ସଭ୍ୟ ସୁଧାକର ଭୋଳ, ପୂର୍ବତନ ସଦର ପଞ୍ଚାୟତ ସମିତି ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ ଅତିଥି ଭାବେ ଯୋଗଦେଇଥିଲେ। ଅସହାୟ, ଗରିବ ରୋଗୀଙ୍କୁ ସହଯୋଗ, ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର ଆୟୋଜନ ଅନୁଷ୍ଠାନର ଲକ୍ଷ୍ୟ।

■ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ଏନ୍‌ଡିଏମ୍‌ଏ ପ୍ରତିନିଧି

# ଅଧିକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପ୍ରସ୍ତାବ

**ପୁରୀ ଅଫିସ, ୧୨।୬**

ବାତ୍ୟାରେ କ୍ଷତିଗ୍ରସ୍ତ ପୁରୀ ଜିଲାରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)ଙ୍କ ଏକ ପ୍ରତିନିଧି ଦଳ। ବୁଧବାର ସର୍କିଟ ହାଉସ୍ ପରିସରରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିନିଧି ଦଳ ଜିଲାପାଳ ବଲୱନ୍ତ ସିଂ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ କ୍ଷୟକ୍ଷତି ଓ ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ।

ବାତ୍ୟା ଫନୀରେ ଜିଲାରେ ୨,୭୮,୭୬୨ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଥିବା ଜିଲାପାଳ ପ୍ରତିନିଧି ଦଳଙ୍କୁ ଅବଗତ କରାଇଥିଲେ। ସେଥିମଧ୍ୟରୁ ୭୪ଟି ପକ୍କା ଘର, ୮,୯୮୫ଟି କଚ୍ଚା ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ୬,୧୨୭ଟି ପକ୍କାଘର ଓ ୯୮,୫୮୮ କଚ୍ଚା ଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି । ସେହିପରି ୧,୧୩,୨୮୧ଟି ପକ୍କାଘର, ୪୯,୫୨୯ଟି କଚ୍ଚା ଘର ଆଂଶିକ କ୍ଷୟକ୍ଷତି ହୋଇଥିବାବେଳେ ୨୧୭୮ଟି କୁଡ଼ିଆ ଏବଂ ୪୪,୩୭୮ଟି ଗୁହାଳ କ୍ଷତିଗ୍ରସ୍ତ ହୋଇଛି। କ୍ଷୟକ୍ଷତିରେ ଆକଳନ ପ୍ରାୟ ୧୧,୬୬୯୫.୮୫ ଲକ୍ଷ ଟଙ୍କା ହେବ। ଜିଲାରେ ଅଧିକ ସଂଖ୍ୟକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଲାଗି ପ୍ରଶାସନ ପକ୍ଷରୁ ଟିମ୍ ସଦସ୍ୟଙ୍କୁ ପ୍ରସ୍ତାବ ଦିଆଯାଇଛି। ନୂଆ ଡିଜାଇନ ସହ ପ୍ରତ୍ୟେକଟି ବାସଗୃହ ଆଶ୍ରୟସ୍ଥଳୀ ଭାବେ ଯେପରି କାର୍ଯ୍ୟକରିବ ଏ ଦିଗରେ ବିଚାର କରାଯାଉଥିବା ଟିମ୍ ସଦସ୍ୟମାନେ କହିଥିଲେ। ଅନ୍ୟପକ୍ଷରେ ଜିଲାରେ ୧୭୩ଟି ବିଦ୍ୟାଳୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ୧୬୦ ସ୍କୁଲର ୫୬୪ଟି ଶ୍ରେଣୀଗୃହ ଭାଙ୍ଗିଯାଇଛି। ଆସନ୍ତା ୧୯ତାରିଖରେ ଧାର୍ଯ୍ୟ ସମୟରେ ବିଦ୍ୟାଳୟ ଖୋଲିବ ଏବଂ ବିକଳ୍ପ ପନ୍ଥା ଗ୍ରହଣ କରାଯାଉଥିବା ଜିଲାପାଳ ସୂଚନା ଦେଇଥିଲେ। ଜିଲାରେ ପ୍ରାୟ ୧ହଜାର ମାଛଧରା ଡଙ୍ଗା କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୭୯୬ଟି ମଇଁଷି ଓ ଗାଈ, ୧୪୦୦ ମେଣ୍ଢା ଓ ଛେଳି, ୧୦୩ ବଳଦ, ଘୋଡା ଓ ଓଟ, ୪୦୬ଟି ବାଛୁରୀ ଏବଂ ୨୬,୬୮,୨୨୪ କୁକୁଡ଼ା ଓ ବତକ ମରିଛନ୍ତି। ୦.୩୩ ଲକ୍ଷ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି ଏବଂ କ୍ଷୟକ୍ଷତିର ପରିମାଣ ପ୍ରାୟ ୫୦୦୩.୧୪ ଲକ୍ଷ ଟଙ୍କା ହେବ। ସେହିପରି ୩୦୦ ହେକ୍ଟର କାଜୁ, ୪୦୦ ହେକ୍ଟର ଆମ୍ବ ଓ ନଡ଼ିଆ ବଗିଚା ନଷ୍ଟ ହୋଇଛି। ପ୍ରାଥମିକ ଭାବେ ଘରଭଙ୍ଗା ଟଙ୍କା, ବିଭିନ୍ନ କ୍ଷୟକ୍ଷତି ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ କହିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଞ୍ଜରୀ ଦାସ, ଜିଲା ଜରୁରୀକାଳିନ ଅଧିକାରୀ ଇତିଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପୂର୍ବରୁ ଟିମ୍ ସଦସ୍ୟ କମଲ କିଶୋର, ସଚିବ ଡ. ପ୍ରଦୀପ କୁମାର, ଯୁଗ୍ମ ସଚିବ ଡ. ଭି. ତିରୁପୁଗଲ, ବରିଷ୍ଠ କନ୍‌ସଲଟାଣ୍ଟ ଡ. ସ୍ୱାତୀ ସୁଲଗ୍ନା ପୁରୀ ସଦର ବ୍ଲକର ଗଙ୍ଗାନାରାୟଣପୁର, କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ପଞ୍ଚାୟତର ବଳଭଦ୍ରପୁର ଓ ଗଡ଼ ଗ୍ରାମ ପରିଦର୍ଶନ କରିଥିଲେ। ସେମାନେ କ୍ଷତିଗ୍ରସ୍ତମାନଙ୍କ ସହିତ ଆଲୋଚନା କରିବା ସହ ଥଇଥାନ ଏବଂ ରିଲିଫ୍ ସମ୍ପର୍କରେ ପଚାରି ବୁଝିଥିଲେ। ଗଙ୍ଗାନାରାୟଣପୁରଠାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଲୋକଙ୍କୁ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ନିଆଯିବ ଆପଦମିତ୍ରମାନେ ଟିମ୍ ସଦସ୍ୟଙ୍କୁ ତାହାର ଡେମୋ ଦେଖାଇଥିଲେ। ସମୀକ୍ଷା ବୈଠକ ଶେଷରେ ଟିମ୍ ସଦସ୍ୟ କମଲ କିଶୋର କହିଥିଲେ, ବାତ୍ୟାର ସତର୍କ ସୂଚନା ପାଇବା ପରେ ମହିଳା, ବୃଦ୍ଧ, ଶିଶୁ ସମସ୍ତଙ୍କୁ ନିରାପଦ ସ୍ଥାନକୁ ସ୍ଥାନନ୍ତର କରାଯାଇଥିଲା। ଯେଉଁପରି ଭାବେ ଏହି କାମ କରାଯାଇଥିଲା ତାହା ସମଗ୍ର ଦେଶ ପାଇଁ ଏକ ଉଦାହରଣ। ବର୍ତ୍ତମାନ ପୁନରୁଦ୍ଧାର କାମ ଜୋର୍‌ଦାର ଚାଲିଛି। ଜିଲାର ୮୦ପ୍ରତିଶତ ଲୋକଙ୍କ ପାଖରେ ବିଦ୍ୟୁତ୍ ପହଞ୍ଚିଲାଣି । ବାକି ଉପଭୋକ୍ତାଙ୍କୁ ବିଜୁଳି ସଂଯୋଗ ଦେବା ପାଇଁ କାମ ଦ୍ରୁତଗତିରେ ଚାଲିଛି। କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକ ମରାମତି ସରିବା ପର୍ଯ୍ୟନ୍ତ ସମ୍ପୃକ୍ତ ବିଦ୍ୟାଳୟର ପିଲାଙ୍କୁ ଅନ୍ୟ ସ୍କୁଲକୁ ଯିବା ପାଇଁ ସୁବିଧା କରାଯିବ ବୋଲି କମଲ ପ୍ରକାଶ କରିଥିଲେ।



ଗଙ୍ଗାନାରାୟଣପୁରରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯାଉଛି।

■ ଜିଲାରେ ୨, ୭୮, ୭୬୨ ବାସଗୃହ କ୍ଷତିଗ୍ରସ୍ତ
■ ଠିକ୍ ସମୟରେ ଖୋଲିବ କ୍ଷତିଗ୍ରସ୍ତ ସ୍କୁଲ
■ ବାତ୍ୟା ପୂର୍ବରୁ ସ୍ଥାନାନ୍ତର କାର୍ଯ୍ୟ ଦେଶ ପାଇଁ ଉଦାହରଣ

# ବାଇକ୍‌କୁ ଧକ୍କା ଦେଲା କାର୍, ୩ ଗୁରୁତର

**ନିମାପଡ଼ା,୧୨।୬(ଡି.ଏନ୍.ଏ.)**

ନିମାପଡ଼ା–ପିପିଲି ରାସ୍ତାର ତଳଅଣ୍ଡିଆ ଛକ ନିକଟରେ ବୁଧବାର ରାତିରେ ଏକ ବାଇକ୍‌କୁ ଗୋଟିଏ କାର୍ ପଛପଟୁ ଧକ୍କା ଦେବାରୁ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୋପ ଥାନା ଅନ୍ତର୍ଗତ ଗଡରୁପାସ ଗ୍ରାମର ଗନ୍ଧର୍ବ କାଣ୍ଡି, କାଳୁ କାଣ୍ଡି ଓ ରାମଚନ୍ଦ୍ର କାଣ୍ଡି। ପ୍ରକାଶ ଯେ, ବାଇକ ଚାଳକମାନେ ପିପିଲି ପଟୁ ଗୋପ ଅଭିମୁଖେ ଆସୁଥିବାବେଳେ କାର୍‌ଟି ସମାନ ଦିଗରେ ପଛପଟୁ ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ସ୍ଥାନୀୟଲୋକେ ଆହତ ବ୍ୟକ୍ତିମାନଙ୍କୁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ରାମଚନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୁର୍ଘଟଣା ଘଟାଇ କାର୍‌ଟି ଖସି ପଳାଇବାକୁ ଉଦ୍ୟମ କରିଥିବାବେଳେ ସ୍ଥାନୀୟ ଲୋକେ କାର୍‌ଟିକୁ ପିଛା କରି ଜୟଶ୍ରୀ ଛକଠାରେ ଅଟକାଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ନଂ ଓଡି ୩୩ ଡବ୍ଲୁ ୮୨୫୪ ବିଶିଷ୍ଟ କାରଟିକୁ ଜବତ କରିଥିବା ବେଳେ କାର୍ ଚାଳକଙ୍କୁ ଅଟକ ରଖି ପଚରାଉଚୁରା କରିଛି। ସେ ହେଲେ କାକଟପୁର ଥାନା ଅନ୍ତର୍ଗତ କୃପାସିନ୍ଧୁପୁର ଗ୍ରାମର ଚିତ୍ତରଞ୍ଜନ ମିଶ୍ର।

■ ହାଟ ମାହାସୁଲ ଆଦାୟରେ ଅନିୟମିତତା

# ଫାଇଦା ନେଉଛନ୍ତି ଦଲାଲ

**ବ୍ରହ୍ମଗିରି,୧୨।୬(ଡି.ଏନ୍.ଏ.)**

ସ୍ଥାନୀୟ ବ୍ଲକର ବ୍ରହ୍ମଗିରି ପଞ୍ଚାୟତ ଅଧୀନରେ ରହିଛି ବ୍ରହ୍ମଗିରି ହାଟ। ଏହି ହାଟ ଏ ଅଞ୍ଚଳର ମୁଖ୍ୟ ବ୍ୟବସାୟ ପେଣ୍ଠ। ପ୍ରତ୍ୟେକ ଦିନ ଏହି ହାଟକୁ ବିଭିନ୍ନ ବ୍ୟବସାୟୀମାନେ ଆସି ନିଜର ବ୍ୟବସାୟ ଚଳାଇଥାନ୍ତି । କାରବାର କରିବା ପରେ ଏମାନେ ମାହାସୁଲ ଦେଇଥାନ୍ତି। ବ୍ରହ୍ମଗିରି ପଞ୍ଚାୟତ ଏହି ମହାସୁଲ ଆଦାୟ କରିନେଇଥାଏ । ଏନେଇ ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ହାଟ ନିଲାମ ଦିଆଯାଇଥାଏ । ଏହି ନିଲାମ ଅର୍ଥ ପଞ୍ଚାୟତ ତହବିଲକୁ ଯାଇଥାଏ। କିନ୍ତୁ ଚଳିତବର୍ଷ ହାଟ ନିଲାମର ଅବଧି ମାର୍ଚ୍ଚ ମାସରୁ ସରି ଯାଇଥିବା ବେଳେ ଏପର୍ଯ୍ୟନ୍ତ ହାଟ ନିଲାମ ହୋଇନାହିଁ। ନିଲାମ ନ ହେବାରୁ ପଞ୍ଚାୟତ ନିଜ ଅଧୀନରେ ରଖି କେତେକ ୱାର୍ଡ ମେମ୍ବରଙ୍କୁ ଏହି ମହାସୁଲ ଆଦାୟରେ ଲଗାଇ ଦେଇଛି। କିନ୍ତୁ ଏହି ମହାସୁଲ ଆଦାୟରେ ଅନିୟମିତତା ଦେଖା ଦେଇଛି। ଫଳରେ କେତେକ ଦଲାଲ ଏହାର ସୁଯୋଗ ନେଇ ବ୍ୟବସାୟୀମାନଙ୍କୁ ଠକି ଫାଇଦା ନେଉଥିବା ଜଣାପଡ଼ିଛି । ଏ ନେଇ ବ୍ରହ୍ମଗିରି ବିଡିଓ ଭାସ୍କର ରଇତ କୁହନ୍ତି, ଏ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ। ତଥାପି ଏ ବିଷୟରେ ମୁଁ ବୁଝି ବିଚାର କରିବି ବୋଲି କହିଛନ୍ତି।

■ ପ୍ରତିଦିନ ରାସ୍ତାରୋକୋ ଯୋଗୁ ପୋଲିସ ହଟହଟା

# ରାସ୍ତା ଅବରୋଧକାରୀଙ୍କ ବିରୋଧରେ ହେବ ଏତଲା

**ନିମାପଡ଼ା,୧୨।୬(ଡି.ଏନ୍.ଏ.)**

ଫନୀରେ ବ୍ୟାହତ ହୋଇଥିବା ବିଦ୍ୟୁତ ସଂଯୋଗ ଦାବି ନେଇ ନିମାପଡ଼ା ଥାନା ଅଞ୍ଚଳରେ ପ୍ରତିଦିନ ବିଭିନ୍ନ ଗ୍ରାମବାସୀ ପକ୍ଷରୁ ଅନେକ ଅଞ୍ଚଳରେ ରାସ୍ତାରୋକୋ ହେଉଛି। କିନ୍ତୁ ନିତିଦିନିଆ ଏଭଳି ରାସ୍ତାରୋକୋ ଯୋଗୁ ପୋଲିସ ଅଯଥାରେ ହଟହଟା ହେଉଥିବା ସହ ଥାନା କାର୍ଯ୍ୟରେ ବାଧାପ୍ରାପ୍ତ ହେଉଛି। ଏହାସହ ବିଭିନ୍ନ ସ୍ଥାନରେ ଯାନବାହନ ଚଳାଚଳ ଓ ଯାତାୟାତରେ ଅସୁବିଧା ହେଉଛି। ପୁରୀ, କୋଣାର୍କ, କାକଟପୁର ଆଦି ପର୍ଯ୍ୟଟନ କେନ୍ଦ୍ର ଓ ମା’ ମଙ୍ଗଳାଙ୍କ ଶକ୍ତିପୀଠକୁ ଯାତାୟାତ କରିବାକୁ ବହୁ ବିଦେଶୀ ପର୍ଯ୍ୟଟକ ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀଙ୍କ ଗାଡ଼ିକୁ ରାସ୍ତାରେ ଘଣ୍ଟାଘଣ୍ଟା ଧରି ଅଟକାଇ ରଖୁଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ଏପରିକି କୌଣସି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ମଧ୍ୟ ଛାଡୁ ନାହାନ୍ତି। ଏଥିଯୋଗୁ ପୋଲିସ ଅସନ୍ତୋଷ ପ୍ରକାଶ କରିଥିବାବେଳ ଏନେଇ କଡା ପଦକ୍ଷେପ ଗ୍ରହଣ କରିଛି। ଏଣିକି ଯଦି କୌଣସି ବ୍ୟକ୍ତି ବା ସଙ୍ଗଠନ, ଅନୁଷ୍ଠାନ କୌଣସି କାରଣପାଇଁ ବେଆଇନ ଭାବେ ମୁଖ୍ୟ ରାସ୍ତା ଅବରୋଧ ସହ ରାସ୍ତାରୋକୋ କରି ସାଧାରଣ ଜନତାଙ୍କୁ ହଇରାଣ କରନ୍ତି। ତେବେ ରାସ୍ତା ଅବରୋଧକାରୀଙ୍କ ବିରୋଧରେ ପୋଲିସ ପକ୍ଷରୁ ମାମଲା ରୁଜୁ କରିବାସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିମାପଡ଼ା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି। ଜନସାଧାରଣ ଏହି ବେଆଇନ ରାସ୍ତା ଅବରୋଧରୁ ନିବୃତ୍ତ ରହି ପ୍ରତ୍ୟେକ କାର୍ଯ୍ୟରେ ପୋଲିସକୁ ସହାୟତା କରିବା ପାଇଁ ନିବେଦନ କରିଛି।

### ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତାରୋକୋ

**କୋଣାର୍କ, ୧୨।୬(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ଚାରିଗୋଟି ଗ୍ରାମରେ ଫନୀ ପରଠୁ ବିଦ୍ୟୁତ୍ ପହଞ୍ଚିନି। ପ୍ରଚଣ୍ଡ ଗରମ ହେଉଥିବାବେଳେ ବିଦ୍ୟୁତ୍ ନ ଥିବାରୁ ଲୋକେ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଏହାର ପ୍ରତିବାଦରେ କୋଣାର୍କ–ନିମାପଡା ରାସ୍ତାର ଦଶବାଟିଆ ଛକରେ ମଙ୍ଗଳବାର ଏହି ୪ଟି ଗ୍ରାମର ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ବିଦ୍ୟୁତ୍ ନ ଥିବାରୁ ଗ୍ରାମବାସୀ ହଇରାଣ ହେବା ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏନେଇ କୋଣାର୍କଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଦୀର୍ଘ ୨ଘଣ୍ଟା ଧରି ରାସ୍ତାରୋକୋ ହେବା ପରେ ଘଟଣାସ୍ଥଳରେ କୋଣାର୍କଥାନା ଏସଆଇ ସମରେନ୍ଦ୍ର ପାଇକରାୟ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଆଲୋକ ମିତ୍ର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ବିଦ୍ୟୁତ୍ ଆସିବାନେଇ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

■ ସାତପଡାରେ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି

# ସ୍ଥିତି ଅନୁଧ୍ୟାନ କଲେ, ଲୋକଙ୍କଠୁ ପଚାରି ବୁଝିଲେ

**ବ୍ରହ୍ମଗିରି, ୧୨।୬(ଡି.ଏନ୍.ଏ.)**

ପ୍ରଳୟଙ୍କରୀ ବାତ୍ୟା ଫନୀରେ ପୁରୀ ଜିଲାରେ ବିଶେଷ କ୍ଷୟକ୍ଷତି ହୋଇଛି। ବ୍ରହ୍ମଗିରି ବ୍ଲକ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଏନେଇ ବୁଧବାର ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କ ଏକ ତିନି ଜଣିଆ ଅନୁଧ୍ୟାନକାରୀ ଦଳ ସାତପଡା ଗସ୍ତ କରିଥିଲେ। ସାତପଡା ଗଡ ଓ ବଳଭଦ୍ରପୁର ଗାଁ ପରିଦର୍ଶନ କରିବା ସହିତ ବାତ୍ୟା ପରର ସ୍ଥିତି ଅନୁଧ୍ୟାନ କରିଥିଲେ। ସେଠାକାର ଲୋକଙ୍କ ସହ ମିଶି ସେମାନଙ୍କ ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବାତ୍ୟା ସମୟରେ କିପରି ସୁରକ୍ଷିତ ସ୍ଥାନରେ ରହିଥିଲେ । ଗାଁରେ ବାତ୍ୟା ଆଶ୍ରୟ ସ୍ଥଳୀ ଅଛିକି ନାହିଁ । ସରକାରଙ୍କ ତରଫରୁ ଦିଆଯାଇଥିବା ରିଲିଫ ସାମଗ୍ରୀ ମିଳିଛି କି ନାହିଁ। ଏବେ କିପରି ରହୁଛ ସେ ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷ କରି ସାତପଡା ଅଞ୍ଚଳରେ ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗାର କ୍ଷୟକ୍ଷତି ସମ୍ପର୍କରେ ବୁଝିଥିଲେ। ଏହି ଅନୁଧ୍ୟାନ କାରୀ ଦଳରେ ଏନଡିଏମଏର ସଦସ୍ୟ କମଲ କିଶୋର, ସେକ୍ରେଟାରୀ ଇନଚାର୍ଜ ପ୍ରଦୀପ କୁମାର, ଜଏଣ୍ଟ ସେକ୍ରେଟାରୀ ଭି. ଥିରୁପୁଗଝ, ସ୍ୱାତୀ ସୁଲଗ୍ନା, ପୁରୀ ଏଡିଏମଓ ଓ ଉପଜିଲାପାଳ ଉପସ୍ଥିତ ଥିଲେ ।



ସାତପଡ଼ା ଗସ୍ତରେ ଅନୁଧ୍ୟାନକାରୀ ଦଳ।

■ ମଠ, ଆଶ୍ରମକୁ ସରକାରଙ୍କ ଅଣଦେଖା

# ପୁନରୁଦ୍ଧାର ପାଇଁ ରିଜର୍ଭ ଫଣ୍ଡ ଗଠନ ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସଂଘର କର୍ମକର୍ତ୍ତାମାନେ।

**ପୁରୀ ଅଫିସ, ୧୨।୬**

ସନାତନ ସଂସ୍କୃତି, ବୈଦିକ ପରମ୍ପରା, ଆଧ୍ୟାତ୍ମିକ ଓ ଧାର୍ମିକ ତତ୍ତ୍ୱ ପ୍ରସାର ପ୍ରଚାର ଦିଗରେ ମଠ, ଆଶ୍ରମଗୁଡ଼ିକର ବିଶେଷ ଭୂମିକା ରହିଛି। ମାତ୍ର ସରକାର ଏଗୁଡ଼ିକୁ ଅଣଦେଖା କରୁଛନ୍ତି। ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ଅଧିକାଂଶ ମଠ ଏବେ ଦୟନୀୟ ଅବସ୍ଥାରେ ଗତି କରୁଛି। ବେଦ ପାଠଶାଳା, ଗୋଶାଳା, ଦୈନିକ ମଠ ପରିଚାଳନା ନେଇ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ବାତ୍ୟା ଫନୀରେ ପୁରୀ ଜିଲାର ବହୁ ମଠ, ମନ୍ଦିର, ଆଶ୍ରମ ଛାରଖାର ହୋଇଯାଇଛି। ଅଧିକାଂଶ ମଠ କ୍ଷତିଗ୍ରସ୍ତ ହୋଇଛନ୍ତି। ସବୁଜିମା ପରିବେଶ ନଷ୍ଟ ହେବା ସହ ଫୁଲ ବଗିଚା ଉଜୁଡ଼ିଯାଇଛି। ଗୋଶାଳା ବି ନଷ୍ଟ ହୋଇଛି। ଗୋରୁ ଖୋଲା ଆକାଶ ତଳେ ରହିଛନ୍ତି। ଏପରି ସ୍ଥଳେ ମଠ, ମନ୍ଦିର, ଆଶ୍ରମଗୁଡ଼ିକର ପୁନରୁଦ୍ଧାର ଜରୁରୀ ହୋଇପଡ଼ିଛି। ବୁଧବାର ବଳରାମ କୋଟ ମଠ ପରିସରରେ ନିଖିଳ ଉତ୍କଳ ମଠ ମନ୍ଦିରାଧୀଶ ସେବା ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦକ ତଥା କଟକୀ ମଠ ମଠାଧିଶ ଡ. ନାରାୟଣ ରାମାନୁଜ ଦାସ ଏହା କହିଛନ୍ତି। ସେ କହିଥିଲେ, ଗତ ୧୯୯୯ ମହାବାତ୍ୟାଠାରୁ ଦୀର୍ଘ ୨୦ବର୍ଷ ହେଲା ମଠ, ମନ୍ଦିର ଲାଗି ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା ଲାଗି ଦାବି ହୋଇ ଆସୁଛି। ଅଥଚ ସରକାର ଏଥିପ୍ରତି କୌଣସି କର୍ଣ୍ଣପାତ କରୁନାହାନ୍ତି। ପୁରୀ ସହରରେ ଶତାଧିକ ମଠ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବାତ୍ୟା ଫନୀରେ ଅନେକ ମଠ ଉଜୁଡି ଯାଇଛି। କ୍ଷତିଗ୍ରସ୍ତ ମଠ, ଆଶ୍ରମକୁ ଆର୍ଥିକ ସହାୟତା ଲାଗି ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ମାତ୍ର ସେ ଅକ୍ଷମତା ପ୍ରକାଶ କରିଥିଲେ। ରାଜ୍ୟ ସରକାର କ୍ଷତିଗ୍ରସ୍ତ ପରିବାର ଲାଗି ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ମଠ, ମନ୍ଦିର, ଆଶ୍ରମଗୁଡ଼ିକ ପାଇଁ କାହିଁକି ସହାୟତା ଘୋଷଣା କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ୬କୋଟି ଟଙ୍କା ଆବଶ୍ୟକ। ତେଣୁ ଏହି ପରିମାଣର ଏକ ରିଜର୍ଭ ଫଣ୍ଡ ଗଠନ ଲାଗି ସଂଘ ପକ୍ଷରୁ ଦାସ ଦାବି କରିଚନ୍ତି।

ସଂଘର ଅଧକ୍ଷ ତଥା ନେବଳଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ କହିଥିଲେ, ମଠ, ମନ୍ଦିର, ଆଶ୍ରମ ହେଉଛି ଆଧ୍ୟାତ୍ମିକ ଓ ପବିତ୍ର ସ୍ଥାନ। ଯେଉଁଠି ସର୍ବଦା ଶାସ୍ତ୍ର, ବେଦ ପୁରାଣ, ଉପନିଷେଦ ଆଦି ଆଲୋଚନା କରାଯାଏ। ପୂର୍ବରୁ ମଠ ମନ୍ଦିର ରହିଥିବା ଜମିଜମା ଏବେ ଶ୍ରୀମନ୍ଦିର ପ୍ରଶାସନ ହାତକୁ ଚାଲିଯାଇଛି। ଏବେ ମଠଗୁଡ଼ିକ ଭୂମିହୀନ। ଶିଷ୍ୟ ଓ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ମଠଗୁଡ଼ିକ ଚାଲିଛି। ମଠ ଗୁଡିକର ସ୍ୱତନ୍ତ୍ର ଆୟ କିଛି ନାହିଁ। ଏଭଳି ସ୍ଥିତି ସରକାର ସହଯୋଗର ହାତ ବଢାଇବା ଆବଶ୍ୟକ। ଏହି ଖବରଦାତା ସମ୍ମିଳନୀରେ ଉତ୍ତରପାର୍ଶ୍ୱ ମଠ ତଥା ଉପାଧକ୍ଷ ବିଜୟ ନାରାୟଣ ରାମାନୁଜ ଦାସ, ବଳରାମ କୋଟ ମହନ୍ତ ରଘୁବୀର ଦାସ, ସାନଛତା ମଠ ମହନ୍ତ ମନୋହର ଦାସ, ରାଧାକାନ୍ତ ମଠ ମହନ୍ତ କୃଷ୍ଣଗୋପାଳ ଦାସ, ବଡ ଆଖଡା ମଠ ମହନ୍ତ ହରି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ବାତ୍ୟାରେ ବେଦ ପାଠଶାଳା, ଗୋଶାଳା ଛାରଖାର

■ ଏସ୍‌ପିଙ୍କୁ ଦଇତାପତି ସେବକଙ୍କ ଅନୁରୋଧ

# ଭକ୍ତଙ୍କୁ ରଥ ସ୍ପର୍ଶ ସୁଯୋଗ ଦିଆଯାଉ

**ପୁରୀ ଅଫିସ, ୧୨।୬**

ଆସନ୍ତା ୧୭ତାରିଖରେ ସ୍ନାନଯାତ୍ରା। ଏହା ପରେ ପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ। ମହାପ୍ରଭୁଙ୍କ ଏହିସବୁ ଯାନିଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଦଇତାପତି ସେବକମାନଙ୍କ ସହିତ ବୁଧବାର ଏସ୍‌ପି ଉମାଶଙ୍କର ଦାଶ ଆଲୋଚନା କରିଛନ୍ତି। ଭକ୍ତଙ୍କୁ ରଥ ସ୍ପର୍ଶର ସୁଯୋଗ ଦେବା ପାଇଁ ଦଇତାପତି ସେବକମାନେ ଏହି ଆଲୋଚନା ବେଳେ ଏସ୍‌ପିଙ୍କୁ ଅନୁରୋଧ କରିଥିବା ଜଣାପଡ଼ିଛି ।

ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଲୋଚନାରେ ସ୍ନାନପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସବୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ନାନମଣ୍ଡପରେ ଯେପରି କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ ସେଥିପ୍ରତି ସମସ୍ତେ ଧ୍ୟାନ ଦେବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। ବିଶେଷକରି ଜଳ ଲାଗି ଏବଂ ହାତୀବେଶ ସମୟରେ ଶୃଙ୍ଖଳା ରକ୍ଷା କରିବା ସହ ଠାକୁରଙ୍କ ଆଗରେ ଠିଆ ନ ହେବାକୁ ସେବାୟତମାନଙ୍କୁ କୁହାଯାଇଛି। ଅନ୍ୟପକ୍ଷରେ ସେବାୟତମାନେ କହିଥିଲେ ଯେ, ପ୍ରାୟ ପ୍ରତିବର୍ଷ ଭକ୍ତଙ୍କୁ ରଥ ଛୁଇଁବାକୁ ସୁଯୋଗ ଦିଆଯିବା ପାଇଁ ନିଷ୍ପତ୍ତି ହେଉଛି। କିନ୍ତୁ ଏହା କାର୍ଯକାରୀ ହେଉନାହିଁ। ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ରଥ ଚାରିପଟେ ଲୁହା ବ୍ୟାରିକେଡ଼ ଘେରାଇ ଦିଆଯାଉଛି । ଫଳରେ ଭକ୍ତମାନେ ରଥକୁ ଛୁଇଁ ପାରୁନାହାନ୍ତି। ଏହାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ରହୁଛି। ତେଣୁ ସେମାନେ ଯେପରି ରଥକୁ ଛୁଇଁପାରିବେ ସେହିପରି ବ୍ୟାରିକେଡ଼ ପକାଇବାକୁ ସେବାୟତମାନେ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ରଥ ବାହାରେ ଯେଉଁ ଦାନବାକ୍ସ ବସୁଛି ତାହାକୁ ପୋଲିସ କର୍ମଚାରୀ ଯେପରି ଅବରୋଧ ନ କରିବେ ଏବଂ ଗୁଣ୍ଡିଚା ମନ୍ଦିର ଭିତରେ ବ୍ୟାରିକେଡ଼ ନ ପକାଇ ଦଉଡ଼ି ଦ୍ୱାରା ଗହଳିକୁ ନିୟନ୍ତ୍ରଣ କରିବା ଲାଗି ସେବାୟତମାନେ ପ୍ରସ୍ତାବ ରଖିଥିଲେ। ସବୁଠୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସ୍ନାନଯାତ୍ରା, ରଥଯାତ୍ରା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରିବିଜେ ସମୟରେ ପୋଲିସ ପକ୍ଷରୁ ଦୋଳମଣ୍ଡପ ସାହି, ବାଲି ସାହି ରାସ୍ତା ବନ୍ଦ କରିଦିଆଯାଉଛି। ଫଳରେ ସେବକମାନେ ସେବା କରିବାକୁ ଆସିବା ପାଇଁ ହଇରାଣ ହେଉଛନ୍ତି। ତେଣୁ ସେବକମାନଙ୍କୁ ଚିହ୍ନଟ ପାଇଁ ଜେଟିପିଙ୍କୁ ମୁତୟନ କରି ସେବାରେ ସହଯୋଗ କରିବାକୁ ସେବାୟତମାନେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସବୁ ଦିଗରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି କହିଥିବାବେଳେ ମହାପ୍ରଭୁଙ୍କ ସେବାରେ କୌଣସି ବିଶୃଙ୍ଖଳା କରିବେ ନାହିଁ ଏବଂ ପ୍ରଶାସନର ନୀତି ନିୟମକୁ ମାନି କାମ କରିବେ ବୋଲି ସେବାୟତମାନେ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ଦଇତାପତି ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର, ସମ୍ପାଦକ ଦୁର୍ଗାପ୍ରସାଦ ଦାସମହାପାତ୍ର, ଗଣପତି ଦାସମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର, କୀର୍ତ୍ତିପ୍ରକାଶ ଦାସମହାପାତ୍ର, ଅମିତ ଦାସମହାପାତ୍ର, ଦୀନବନ୍ଧୁ ଦାସମହାପାତ୍ର, ଚନ୍ଦ୍ରଶେଖର ଦାସମହାପାତ୍ର, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର, ପ୍ରେମାନନ୍ଦ ଦାସମହାପାତ୍ର, ବିନାୟକ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ପୁରୀ ଏସ୍‌ପି ଉମାଶଙ୍କର ଦାଶ ଓ ଅନ୍ୟମାନେ।

■ ମହାପ୍ରଭୁଙ୍କ ଯାନିଯାତ୍ରା ଆଲୋଚନା ବେଳେ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ